
# ଉତ୍କଳ ପ୍ରସଙ୍ଗ

ମଇ-୧୯୯୮





Licence No. C.R.N.P. 5—Licensed to post without Pre-payment





[illegible]



[illegible]

# ଉତ୍କଳ ପ୍ରସଙ୍ଗ

୫୪ ଭାଗ ୧୦ମ ସଂଖ୍ୟା ବୈଶାଖ–ଜ୍ୟେଷ୍ଠ ୧୯୨୦ ଶକାବ୍ଦ ମଇ ୧୯୯୮

**ଶ୍ରୀ ସଂଜୀବ ଚନ୍ଦ୍ର ହୋତା**
ପ୍ରମୁଖ ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ନରେନ୍ଦ୍ର କୁମାର ମିଶ୍ର**
ନିର୍ଦ୍ଦେଶକ

**<u>ସମ୍ପାଦନା ମଣ୍ଡଳୀ</u>**

**ଶ୍ରୀ ମହେଶ୍ୱର ମୁଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**

ଶ୍ରୀ ମାନସ ନାୟକ

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ଛଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ ରେ ମୁଦ୍ରିତ ।
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

# ସୂଚୀ


| | | |
|---|---|---|
| ଆଜିର ବାର୍ତ୍ତା : ଉନ୍ନତ ଓଡ଼ିଶା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଭୁବନେଶ୍ୱର : ଓଡ଼ିଶାର ନୂଆ ରାଜଧାନୀ | ଶ୍ରୀ ଶରତଚନ୍ଦ୍ର ଜେନା | ୫ |
| ସମୃଦ୍ଧ ସହର ଭୁବନେଶ୍ୱର | ମୁଖ୍ୟମନ୍ତ୍ରୀ | ୯ |
| କବିରାଜ ଶ୍ରୀଜୟଦେବ ଓ ଗୀତଗୋବିନ୍ଦ | ଶ୍ରୀ ରାଜକିଶୋର ମିଶ୍ର | ୧୧ |
| ଓଡ଼ିଆ ସମର ସାହିତ୍ୟ – ଏକ ଅଧ୍ୟୟନ | ଶ୍ରୀ ବ୍ରଜ ପାଇକରାୟ | ୧୩ |
| ବିପ୍ଳବୀ ସର୍ଦ୍ଦାର ସୁରେନ୍ଦ୍ରନାଥ ଦାସ | ଡକ୍ଟର ମନୀନ୍ଦ୍ର ମହାନ୍ତି | ୧୭ |
| ଭାରତ ଗୌରବ ରାଜୀବ ଗାନ୍ଧୀ | ଶ୍ରୀ ଗତିକୃଷ୍ଣ ଦାସ | ୧୯ |
| ଶହୀଦ ଭଗତ ସିଂହ | ଅଧ୍ୟାପିକା ମିନତୀ ପଣ୍ଡା | ୨୧ |
| ପୁଷ୍ପଗିରି | ଶ୍ରୀ ବାନାମ୍ବର ଆଚାର୍ଯ୍ୟ | ୨୩ |
| ବିପ୍ଳବୀ ବୀର ଧରଣୀଧର | ଶ୍ରୀ ହଳଧର ପଣ୍ଡା | ୨୭ |
| ଇତିହାସ ପୃଷ୍ଠାରେ ବଣାଇ ଛଉନାଚ | ଶ୍ରୀ କାଶୀନାଥ ବାରିକ | ୨୯ |
| ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବଳରାମ ମହାନ୍ତି | ଶ୍ରୀ ମହେଶ୍ୱର ମୁଳିଆ | ୩୧ |
| ପ୍ରାଚୀନ ଓଡ଼ିଶାର ସୀମା ସରହଦ | ଶ୍ରୀ ଅନନ୍ତରାମ କର | ୩୩ |
| ଦଣ୍ଡନାଟରେ ଲୋକ-ଜୀବନର ଚିତ୍ର | ଶ୍ରୀ ମୋତିଲାଲ୍ ପତି | ୩୬ |
| ବିଶ୍ୱ ନାରୀ ଆନ୍ଦୋଳନ – ଏକ ବିହଙ୍ଗାବଲୋକନ | ଶ୍ରୀମତୀ ଜ୍ୟୋତିର୍ମୟୀ ସାମନ୍ତରାୟ | ୩୯ |
| ସ୍ୱାଧୀନତା ଆନ୍ଦୋଳନରେ ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା | ଶ୍ରୀ ଶାନ୍ତନୁ କୁମାର ଷଡ଼ଙ୍ଗୀ | ୪୨ |
| ସମ୍ବାଦ ପରିକ୍ରମା | | ୪୩ |

# ଆଜିର ବାର୍ତ୍ତା : ଉନ୍ନତ ଓଡ଼ିଶା

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ଏଦିନଟି ଆମର ସ୍ମୃତିସ୍ମରଣ ଦିନ । ଏହିଦିନ ଓଡ଼ିଶାରେ ଏକ ଅନ୍ଧକାରମୟ ଯୁଗର ଅବସାନ ହେଲା । ପ୍ରାଚୀନ କଳିଙ୍ଗର ଗୌରବ ଦେଶବିଦେଶରେ କୀର୍ତ୍ତିତ ହେଉଥିଲା । ଭାରତରେ ଖୁବ୍ କମ୍ ଜାତି ଥିଲେ, ଯେଉଁମାନେ ନୌବାଣିଜ୍ୟ କ୍ଷେତ୍ରରେ ସାରାବିଶ୍ୱରେ ବିଶେଷଭାବରେ ଦକ୍ଷିଣ–ପୂର୍ବ ଏସିଆରେ ଏତେ ପରିଚିତ ଥିଲେ, ଯାହାକି କଳିଙ୍ଗର ଥିଲା । ଐତିହାସିକମାନେ କହନ୍ତି ଖ୍ରୀଷ୍ଟପୂର୍ବ ୭୮ ମସିହାରେ କଳିଙ୍ଗର ନାବିକମାନେ ଜାଭା, ସୁମାତ୍ରା ଯାତ୍ରା କରିଥିଲେ । କମାଣ୍ଡର ଶ୍ରୀଧରନ୍ ଭାରତର ନୌବାହିନୀ ବିଷୟରେ ଏକ ପୁସ୍ତକ ଲେଖି ସେଥିରେ ପ୍ରତିପାଦିତ କରିଛନ୍ତି ଯେ ଏହି ସମୟରେ ଭାରତର ପ୍ରଥମ ନୌବାଣିଜ୍ୟକାରୀ କଳିଙ୍ଗର ଅଧିବାସୀମାନେ ଜାଭା ଏବଂ ସୁମାତ୍ରାକୁ ଯାତ୍ରା କରିଥିଲେ । ଜାଭାର ଯେଉଁମାନେ ଅଧିବାସୀ ଅଛନ୍ତି ସେମାନେ ଆଜି ମଧ୍ୟ ନିଜକୁ କହନ୍ତି କଳିଙ୍ଗର ବଂଶଧର । ସେଠାର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣ ଭାରତବର୍ଷକୁ ଆସିଥିବା ବେଳେ କହିଥିଲେ, ଆମେ ହେଉଛୁ କଳିଙ୍ଗମାନଙ୍କର ବଂଶଧର । ସେଠାରେ କଳିଙ୍ଗ ସଂସ୍କୃତି ଏବେ ମଧ୍ୟ ଆମେ ଦେଖିବାକୁ ପାଇବା । ବାଲିଦ୍ୱୀପ ହେଉଛି ଉତ୍କଳୀୟ ସଂସ୍କୃତିର ଅନ୍ୟତମ ପ୍ରତୀକ । ସେମାନଙ୍କର ରୀତି–ନୀତି ଚଳଣିରୁ ଜଣାଯାଏ ଯେ ଓଡ଼ିଶାର କେତେ ପ୍ରଭାବ ସେଠି ପଡ଼ିଛି । ଯେଉଁ ପ୍ରକାର ବାନ୍ଧ ଲୁଗା ସବୁ ସମ୍ବଲପୁର, ମାଣିଆବନ୍ଧରେ ବୁଣାଯାଏ, ସେସବୁ ବାନ୍ଧଲୁଗା ସେମାନେ ଏବେ ମଧ୍ୟ ପିନ୍ଧୁଛନ୍ତି । ଏସବୁ ଆମକୁ ସ୍ମରଣ କରେଇ ଦେଉଛି ଯେ ଏକ ସମୟରେ ଓଡ଼ିଆଜାତି, କଳିଙ୍ଗଜାତି ଭାରତବର୍ଷରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲା । ଯେଉଁ ବ୍ରହ୍ମଦେଶ, ଯାହାର ଅନ୍ୟନାମ ହେଉଛି ସୁବର୍ଣ୍ଣ ଭୂମି, ସେ ଦେଶରେ ଏବେ ମଧ୍ୟ ଓଡ଼ିଆ ଜାତିର ପଦଚିହ୍ନ ଦେଖିବାକୁ ମିଳେ । କଳିଙ୍ଗର ଓଡ଼ିଆମାନେ ସେତେବେଳେ ଯାଉଥିଲେ ବ୍ୟବସାୟ ବାଣିଜ୍ୟ କରିବା ପାଇଁ, ଧର୍ମପ୍ରଚାର କରିବା ପାଇଁ, ହିନ୍ଦୁଧର୍ମ, ବୌଦ୍ଧଧର୍ମର ପ୍ରତିଷ୍ଠା କରିବା ପାଇଁ । ପ୍ରାଚୀନ ବ୍ରହ୍ମଦେଶର ସେଗୁ ସହରର ପ୍ରାଚୀନ ନାମ ହେଉଛି ଶ୍ରୀକ୍ଷେତ୍ର । ଯେମିତି ଆମ ବଡ଼ ଦେଉଳର ବାଇଶି ପାହାଚ ଅଛି ବୌଦ୍ଧମାନଙ୍କର ପ୍ରଧାନ ଉପାସନାସ୍ଥଳୀ ସୁଇଡ଼ାଗନ୍ ସ୍ତୂପ ମନ୍ଦିରରେ ସେହିପରି ବାଇଶି ପାହାଚ ଅଛି । ନାମ, ସ୍ଥାପତ୍ୟ, ଶିଳ୍ପକଳାର ଅନେକ ସାମଞ୍ଜସ୍ୟ । ଏସବୁ ଯଦି ଆମେ ଅନୁଧ୍ୟାନ କରିବା ଦେଖିବା ଯେ ଅତୀତରେ କିପରି ଭାବରେ ଆମର ପ୍ରଭାବ ସେ ସବୁ ଦେଶରେ ପଡ଼ିଥିଲା । 'ଶ୍ୟାମ ଦେଶ'ର ବର୍ତ୍ତମାନ ନାମ ହେଉଛି ଥାଇଲ୍ୟାଣ୍ଡ । ସେଠି ସେମାନେ କାର୍ତ୍ତିକ ପୂର୍ଣ୍ଣିମାଦିନ କଦଳୀ ଶ୍ୱେଟଲାରେ ନାହା କରି ଏବଂ ସେ ନାହାରେ ପାନ, ଗୁଆରଖି ସେଥିରେ ଦୀପ ବସେଇକରି ପାଣିରେ ଭସେଇ ଦିଅନ୍ତି । ଓଡ଼ିଶା ପରି ଭାରତର ଅନ୍ୟ କୌଣସି ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଏପରି ପାଳନ କରାଯାଏ ନାହିଁ ।

ମାଣିକ ପାଟଣାରେ ପ୍ରାଚୀନ ଚିଲିକା ବନ୍ଦର ଥିଲା । ସେ ବନ୍ଦରକୁ ବର୍ତ୍ତମାନ ଖୋଳା ଯାଉଛି । ସେଥିରୁ ଯେଉଁ ସବୁ ପ୍ରାଚୀନ ମୁଦ୍ରା, ହାଣ୍ଡି ମାଠିଆ ପ୍ରଭୃତି ବାହାରୁଛି ସେଥିରୁ ଦେଖାଯାଉଛି ସେସବୁ ଜିନିଷ ହେଉଛି ଚୀନ୍, ରୋମ୍, ଦକ୍ଷିଣପୂର୍ବ ଏସିଆର ବିଭିନ୍ନ ଦେଶର । ତା'ଅର୍ଥ ହେଉଛି ଓଡ଼ିଶାର ବନ୍ଦର ସହିତ ଏମାନଙ୍କର ବହୁଦିନଧରି ବାଣିଜ୍ୟିକ ସମ୍ପର୍କ ରହିଥିଲା । କୋଣାର୍କ ମନ୍ଦିର ନିର୍ମିତ ହେବା ପାଇଁ ୧୨ ବର୍ଷ ସମୟ ଲାଗିଥିଲା । ଓଡ଼ିଶା ରାଜକୋଷର ୧୨ ବର୍ଷର ଆୟ ଖର୍ଚ୍ଚ ହୋଇଥିଲା । ଏହା ସହିତ ତୁଳନୀୟ ହେଉଛି ତାଜମହଲ । ତାଜମହଲକୁ ନିର୍ମାଣ କରିବା ପାଇଁ ସାହାଜାହାନ ମୋଗଲ ସାମ୍ରାଜ୍ୟର ୨ ବର୍ଷର ଆୟ ଖର୍ଚ୍ଚ କରିଥିଲେ । ସେତେବେଳେ ଓଡ଼ିଶା କେତେ ସମୃଦ୍ଧିଶାଳୀ ଥିଲା ଯାହାଫଳରେ ଓଡ଼ିଶାର ୧୨ ବର୍ଷର ଆୟ କୋଣାର୍କ ମନ୍ଦିର ନିର୍ମାଣ କରିବା ପାଇଁ ଖର୍ଚ୍ଚ ହୋଇଥିଲା । ଭାରତରେ ୪/୫ଟି ପ୍ରଧାନକୀର୍ତ୍ତି ଅଛି । ତାହା ମଧ୍ୟରେ ତାଜମହଲ ଏବଂ କୋଣାର୍କ ଅନ୍ୟତମ । କୋଣାର୍କକୁ ଏତେ ଉଚ୍ଚସ୍ଥାନ ଦିଆଯାଉଛି । ତା'ପଛରେ ଯଦି ଗୋଟିଏ ବିରାଟ ସାମ୍ରାଜ୍ୟ ନଥାନ୍ତା ଏବଂ ଯଦି ନୌବାଣିଜ୍ୟର ସମୃଦ୍ଧି ନଥାନ୍ତା ତା'ହେଲେ ଏଭଳି ମନ୍ଦିର କେବେ ହେଲେ ନିର୍ମାଣ ହୋଇ ପାରି ନଥାନ୍ତା । କେତେ ଗୌରବମୟ ଥିଲା ଆମ କଳିଙ୍ଗର ଇତିହାସ । ଏହା ପରେ ୧୫୬୮ ମସିହା ପର୍ଯ୍ୟନ୍ତ ଓଡ଼ିଶାର ସୀମା ଓ ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଥିଲା ।

ଚୈତନ୍ୟ ଦେବଙ୍କ ସମୟ ପର୍ଯ୍ୟନ୍ତ ଓଡ଼ିଶାର ସୀମାଥିଲା ଉତ୍ତରରେ ଗଙ୍ଗା ଏବଂ ଦକ୍ଷିଣରେ ଗୋଦାବରୀ । ଦୀର୍ଘକାଳଧରି ଯେତେବେଳେ ଭାରତର ଅଧିକାଂଶ ରାଜ୍ୟ ମୋଗଲ, ପଠାଣ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇ ରହିଥିଲା, ଓଡ଼ିଶା ସେପର୍ଯ୍ୟନ୍ତ ନିଜର ସ୍ୱାଧୀନତାକୁ ରକ୍ଷା କରିପାରିଥିଲା । ଉତ୍ତର ଏବଂ ଦକ୍ଷିଣରେ ଆକ୍ରମଣକୁ ହଟେଇ ପାରିଥିଲା ପ୍ରତାପରୁଦ୍ର ଦେବଙ୍କ ପର୍ଯ୍ୟନ୍ତ ।

ଓଡ଼ିଶାର ଏ ଗୌରବମୟ ଇତିହାସ ଆଲୋଚନା କରିବାର ଉଦ୍ଦେଶ୍ୟ ହେଉଛି ଯେ ଇତିହାସ ଅନେକ ସମୟରେ ଆମକୁ ପ୍ରେରଣା ଦିଏ । ବର୍ତ୍ତମାନ ଭାରତବର୍ଷରେ କୌଣସି ରାଜ୍ୟ ସାମ୍ରାଜ୍ୟ ବିସ୍ତାର କରିବାର ପ୍ରଶ୍ନ ଉଠୁନାହିଁ । କାରଣ ଭାରତବର୍ଷ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଏହି ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଭିନ୍ନ ରାଜ୍ୟ ରହିଛି । ତାଙ୍କର ସୀମା ସରହଦ ନିରୂପିତ ହୋଇଛି ଏବଂ ସେହି ସୀମାସରହଦ୍ ଭିତରେ ଯେଉଁ ରାଜ୍ୟମାନେ ଅଛନ୍ତି ସେମାନେ ପ୍ରତିଯୋଗିତା କରୁଛନ୍ତି ନିଜକୁ ଉନ୍ନତ କରିବାପାଇଁ । ଅନେକ କହନ୍ତି ଯେ ଓଡ଼ିଶା ରାଜ୍ୟର ସୀମା ବହୁତ କମିଯାଇଛି । ଆମର ସିଂହଭୂମ ଖରସୁଆଁ ପୁଣି ଆସିବା ଦରକାର । ଦକ୍ଷିଣରେ ମଞ୍ଜୁଷା ପ୍ରଭୃତି ଅଞ୍ଚଳ ପୁଣି ଆସିବା ଦରକାର । ମଧ୍ୟପ୍ରଦେଶର ବହୁତ ଅଞ୍ଚଳ ଆସିବା ଦରକାର । ଏହା ନିଶ୍ଚିତ ସେସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ । ସେହିପରି ମଧ୍ୟ କର୍ଣ୍ଣାଟକ ରାଜ୍ୟର ଅନେକ ଅଂଶ ମହାରାଷ୍ଟ୍ରରେ ରହିଯାଇଛି । ମହାରାଷ୍ଟ୍ରର ଅନେକ ଅଂଶ କର୍ଣ୍ଣାଟକରେ ରହିଯାଇଛି । ତାମିଲନାଡୁର ଅଂଶ କର୍ଣ୍ଣାଟକରେ ରହିଛି, ଆନ୍ଧ୍ରପ୍ରଦେଶର ଅଂଶ କର୍ଣ୍ଣାଟକରେ ରହିଯାଇଛି । ଏହିପରି ଭାବରେ ବିଭିନ୍ନ ରାଜ୍ୟର ବିଭିନ୍ନ ଭାଷାଭାଷୀ ଲୋକେ ଭିନ୍ନଭିନ୍ନ ଜାଗାରେ ରହିବନ୍ତି । ଯଦି ଆମେ ସବୁ ରାଜ୍ୟରେ କିଏ କେଉଁ ଭାଷା କହୁଛନ୍ତି ତାଙ୍କୁ ଯଦି ଆମେ ଆଞ୍ଚଳିକ ପରିଧିକୁ ଆଣିବାକୁ ଚେଷ୍ଟା କରିବା ତା'ହେଲେ ଭାରତବର୍ଷରେ ବିପ୍ଳବ ସୃଷ୍ଟି ହେବ । ଏଭଳି ଅବସ୍ଥା ସୃଷ୍ଟି ହେବ, ଯେଉଁଥିରେ ଭାରତ ରାଷ୍ଟ୍ର ସବୁକୁ ରକ୍ଷାକରି ହେବନାହିଁ । ତେଣୁ ଏ ସମୟରେ ଆମର ଏକମାତ୍ର ଧ୍ୟେୟ ହେଉଛି ଯେ ଆମେ ଯେଉଁ ଭୌଗୋଳିକ ସୀମାଭିତରେ ବର୍ତ୍ତମାନ ରହିଛେ,' ସେହି ଭୌଗୋଳିକ ସୀମାଭିତରେ ନିଜକୁ କିପରି ଭାବରେ ଉନ୍ନତ କରିପାରିବା ।

ପଞ୍ଜାବ ଓଡ଼ିଶାଠାରୁ ଆୟତନରେ ବହୁତ କ୍ଷୁଦ୍ର କିନ୍ତୁ ଆଜି ପଞ୍ଜାବ କେତେ ସମୃଦ୍ଧିଶାଳୀ ହୋଇପାରିଛି । ପ୍ରଥମ ଶ୍ରେଣୀୟ ରାଜ୍ୟମାନଙ୍କ ମଧ୍ୟରେ ପଞ୍ଜାବକୁ ଅନ୍ୟତମ ବୋଲି ଧରାଯାଏ । ସେହିପରି ଭାବରେ ହରିୟାନା ତା'ଠୁ ଛୋଟ । ସେ ରାଜ୍ୟ ମଧ୍ୟ ଆଜି ଅତି ଉନ୍ନତ ଅବସ୍ଥାରେ ଅଛି । କୃଷିର କ୍ଷେତ୍ରରେ ପୁଞ୍ଜିପିଛା ଆୟ ଦୃଷ୍ଟିରୁ ବିଚାର କଲେ ତାହା ଗୋଟିଏ ଅତି ଉନ୍ନତ ରାଜ୍ୟ ହୋଇ ରହିଛି । ତେଣୁ ଭୌଗୋଳିକ ସୀମାପ୍ରଶ୍ନ ନୁହେଁ । ପ୍ରଶ୍ନ ହେଉଛି ଭୌଗୋଳିକ ଆୟତନ ଯେତିକି ରହିଛି ସେ ଆୟତନରେ ଯେତେ ଓଡ଼ିଆ ଭାଷାଭାଷୀ ଲୋକ ରହିଛନ୍ତି, ସେମାନଙ୍କୁ ଆମେ କିପରି ଭାବରେ ଉନ୍ନତ କରିପାରିବା ଏବଂ ଅନ୍ୟ ରାଜ୍ୟମାନଙ୍କ ସହିତ କିପରି ପ୍ରତିଯୋଗିତା କରିପାରିବା ।

୧୫୬୮ ମସିହାରେ ଓଡ଼ିଶାର ସ୍ୱାଧୀନତା ଲୁଚିଗଲା । ପ୍ରତାପରୁଦ୍ରଙ୍କ ପରେ ପରେ ଯେଉଁ ୨/୩ ଜଣ ରାଜା ରହିଲେ ସେମାନେ ଅତି ଦୁର୍ବଳ ଥିଲେ । ତା'ପରେ ମୁକୁନ୍ଦଦେବ ହେଲେ । ସେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା । ତାଙ୍କର ଯେତେବେଳେ ପତନ ହେଲା, ଓଡ଼ିଶାର ପତନହେଲା । ୧୫୬୮ ମସିହାଠାରୁ ଆରମ୍ଭକରି ୧୯୪୭ ମସିହା ପର୍ଯ୍ୟନ୍ତ ୪୦୦ ବର୍ଷ ଧରି ଭାରତରେ ଖୁବ୍ କମ୍ ରାଜ୍ୟଅଛି ଯିଏ ଏତେ ଦୀର୍ଘ କାଳ ପରାଧୀନ ଅବସ୍ଥାରେ ରହିଛି । ୧୮୦୩ ମସିହାରେ ବ୍ରିଟିଶମାନେ ଆସିଲେ । ସେମାନେ ୧୫୦ ବର୍ଷ କାଳ ଓଡ଼ିଶାକୁ ଶାସନ କଲେ । ଏହି ଶାସନ ଭିତରେ ସେମାନେ ଗୃହିତିବାକରି ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଆମାନଙ୍କୁ ଏଭଳି ଅବହେଳା କଲେ ଯାହା ଫଳରେ ନିଜ ଅଞ୍ଚଳରେ ରହି, ନିଜ ରାଜ୍ୟରେ ରହି ମଧ୍ୟ ଓଡ଼ିଆମାନେ ନିଜର ନ୍ୟାଯ୍ୟୋଚିତ ଦାବୀ ପାଇଲେ ନାହିଁ । ଏହି ଅବସ୍ଥା ଫଳରେ ଓଡ଼ିଆ ଜାତିର ଏକ ହୀନମନ୍ୟତା ଆସିଗଲା । ସେ ହୀନମନ୍ୟତାକୁ ଦୂରକରିବା ପାଇଁ ଯେଉଁମାନେ ପ୍ରବଳ ସଂଗ୍ରାମ କରିଥିଲେ ସେମାନଙ୍କୁ ଆମେ ବିଶେଷ ଭାବରେ ସ୍ମରଣ କରିବା କଥା । ଘୋର ଅନ୍ଧକାର ସମୟରେ ଓଡ଼ିଆ ଜାତିକୁ ଯେଉଁମାନେ ପ୍ରଜ୍ଞାର ଆଲୋକ ଦେଇଥିଲେ, ଯେଉଁମାନେ ସଂଗ୍ରାମର ବାଣୀଦେଇଥିଲେ, ଉତ୍ସାହ ଦେଇଥିଲେ ଆଜି ସେମାନେ ବିଶେଷ ଭାବରେ ସ୍ମରଣୀୟ । ମଧୁସୂଦନ ଦାସ ଯେତେବେଳେ ଓକିଲାତି କରିବାକୁ ଆସିଲେ, କହିଲେ ଏଠାରେ ଦେଖିଲି ଗୋଟିଏ ଶ୍ମଶାନ । ଓଡ଼ିଆଜାତିର କି ଅବସ୍ଥା ହୋଇଛି ? ଏଠି ଗୋଟିଏ ପ୍ରତିବାଦର ସ୍ୱର ମୁଁ ଶୁଣିବାକୁ ପାଇଲିନି । ନିଜର ନ୍ୟାଯ୍ୟ ପାଇଁ ଲଢ଼ିବାର ଶକ୍ତି ମଧ୍ୟ ଦେଖିଲିନି । ତେଣୁ ମୁଁ ଏଠି ଗୋଟିଏ ଶ୍ମଶାନର ସାଧକ ଭଳି କାର୍ଯ୍ୟ କଲି ; ଓଡ଼ିଆ ଜାତିକୁ ଏକାଠି କରିବା ପାଇଁ ଉଦ୍ୟମ ଆରମ୍ଭ କଲି ଯାହାଫଳରେ ଉତ୍କଳ ସମ୍ମିଳନୀର ଜନ୍ମ ହେଲା । ପଣ୍ଡିତ ଗୋପବନ୍ଧୁ ଦାସ ଯେତେବେଳେ ଭାରତରେ ସ୍ୱାଧୀନତା ସଂଗ୍ରାମର ସ୍ରୋତ ଓଡ଼ିଶାକୁ ଆଣିଲେ । ସେ ଅନୁଭବ କଲେ ଯେ ଯଦି ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶ ନହେବ ତାକୁ ଆଣିକରି କିଛି ଲାଭନାହିଁ । ତେଣୁ ଉତ୍କଳମଣି ଗୋପବନ୍ଧୁ ଏବଂ ଉତ୍କଳଗୌରବ ମଧୁସୂଦନଙ୍କୁ ବିଶେଷ ଭାବରେ ଆମର ସ୍ମରଣ କରିବାର କଥା ।

ସାହିତ୍ୟର କ୍ଷେତ୍ରରେ ଯେତେବେଳେ ଚକ୍ରାନ୍ତ ହେଲା ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷା ନୁହେଁ । ଓଡ଼ିଆ ମାଟିରେ ଏକଥା ପୁଣି କୁହାଯାଇ ପାରେ ? ଏ ବିଷୟରେ ପୁସ୍ତକ ଲେଖାଗଲା । ଜଣେ ବଙ୍ଗୀଳି ଭଦ୍ରଲୋକ ପ୍ରସ୍ତାବ କଲେ ଯେ ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷା ନୁହେଁ । ୨୦୦୦ ବର୍ଷ ଧରି ଓଡ଼ିଆ ଭାଷାର ଯେଉଁ ଇତିହାସ ସମ୍ପୂର୍ଣ୍ଣ ଭାବରେ ତ୍ରସମାନେ ଲୁପ୍ତ କରିଦେବାକୁ ବସିଲେ । ସେହି ଅବସ୍ଥାରେ ଆମେ ସ୍ମରଣ କରିବା କଥା ଫକୀରମୋହନ, ରାଧାନାଥ ଓ ମଧୁସୂଦନଙ୍କୁ । ମଧୁସୂଦନ ଓଡ଼ିଆଭାଷା ଶିକ୍ଷା କରିବାପାଇଁ ଗୋଟିଏ ରାତିଭିତରେ ବର୍ଣ୍ଣବୋଧ ଲେଖିଥିଲେ । ଫକୀରମୋହନ ଯେଉଁମାନେ ସବୁଠୁ ଗରିବ ଅତ୍ୟାଚାରିତ, ନିଷ୍ପେଷିତ ସେହିମାନଙ୍କର ଉପନ୍ୟାସ ସେ ଲେଖିଲେ । ଭାରତବର୍ଷର ସମକାଳୀନ କେହି ଉପନ୍ୟାସକାର ସେଭଳି ଉପନ୍ୟାସ ଲେଖିନାହାନ୍ତି । ରାଧାନାଥ ରାୟଙ୍କ ପୂର୍ବପୁରୁଷ ବଙ୍ଗଳାରୁ ଓଡ଼ିଶାକୁ ଆସିଥିଲେ । ଓଡ଼ିଶାକୁ ଆସି ସେ ଓଡ଼ିଆ ଜାତିପାଇଁ ଯେଉଁ ସବୁ କାବ୍ୟ ଲେଖିଗଲେ ସେଥିପାଇଁ ସେ

ଚିରଦିନ ଅମର ହୋଇ ରହିଗଲେ । ଏହିମାନଙ୍କର ଉଦ୍ୟମ ଯୋଗୁଁ ଆମର ଭାଷା ଏବଂ ସାହିତ୍ୟର ସମୃଦ୍ଧି ହୋଇଛି । ଆମର ସଂଗ୍ରାମ ରଜତମଣ୍ଡ ହୋଇଛି ୧୯୩୬ ମସିହାରେ ।

ଓଡ଼ିଆ ଜାତିକୁ ଗୋଟିଏ ଜାତି ବୋଲି ଖଡ଼ିଆଳଠାରୁ ଆରମ୍ଭକରି ଗଞ୍ଜାମ ପର୍ଯ୍ୟନ୍ତ, କୋରାପୁଟରୁ ଆରମ୍ଭକରି ବାଲେଶ୍ୱର ସୀମାନ୍ତ ପର୍ଯ୍ୟନ୍ତ କେତେ ଲେଖକ କବି ଆନ୍ଦୋଳନକାରୀ ସଂଗ୍ରାମ କରିଛନ୍ତି । ଓଡ଼ିଶାର ସ୍ୱାତନ୍ତ୍ର୍ୟ, ଓଡ଼ିଆର ସ୍ୱାଭିମାନକୁ ସେମାନେ ଅକ୍ଷୁଣ୍ଣ ରଖିଯାଇଛନ୍ତି ।

୧୯୪୮ ମସିହାରେ ଯେଉଁ ଓଡ଼ିଶା ଗଠିତ ହେଲା, ତାହା ଛଟିରୁ ୬ଟି ଜିଲ୍ଲା ମଧ୍ୟରେ ସୀମାବଦ୍ଧ ହୋଇ ରହିଲା । କିନ୍ତୁ ସବୁ ଗଡ଼ଜାତ ଅଞ୍ଚଳ ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇ ରହିଲା । ଏହି ଯେଉଁ ଅବସ୍ଥା ସୃଷ୍ଟିହେଲା ସେ ଅବସ୍ଥାର ଅବସାନ ହେଲା କେବଳ ହରେକୃଷ୍ଣ ମହତାବଙ୍କ ବିଚକ୍ଷଣତା ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦର୍ଶିତା ଯୋଗୁଁ । ଫଳରେ ୧୯୪୮ ମସିହାରେ ୨୬ଟି ଗଡ଼ଜାତ ରାଜ୍ୟ ଆସି ଓଡ଼ିଶାରେ ମିଶିଗଲା । ଆୟତନ ଦୃଷ୍ଟିରୁ ଓଡ଼ିଶା ପଞ୍ଜାବ, ହରିୟାନା କେରଳଠାରୁ ବଡ଼ । ଆମର ଯେଉଁ ପ୍ରାକୃତିକ ସମ୍ପଦ ଅଛି ତା'ର କିପରି ବିକାଶ କରିପାରିବା, ତାହାହିଁ ଆମର ଲକ୍ଷ୍ୟ ହେବା ଉଚିତ । ରାଜନୈତିକ କ୍ଷେତ୍ରରେ ଆମର ଯେତେ ମତଭେଦ ଥାଉନା କାହିଁକି ଓଡ଼ିଶାର ଉନ୍ନତି ସମ୍ପର୍କରେ ସମସ୍ତଙ୍କର ସମାନ ଧାରଣା ନରହିଲେ, ସମସ୍ତେ ଏକମତ ନହେଲେ ଓଡ଼ିଶା କେବେହେଲେ ଉଠିପାରିବ ନାହିଁ । ଏ ହେଉଛି ଆଜିର ବାର୍ତ୍ତା । ଯିଏ ଯେଉଁ କ୍ଷେତ୍ରରେ ରହିଛନ୍ତି ସମସ୍ତେ ଚିନ୍ତା କରିବା ଦରକାର ଯେ ଓଡ଼ିଶାର ଉନ୍ନତି ହେଉଛି ଆମର ଧ୍ୟେୟ । ଅଭାବ କିଛି ନାହିଁ ଆମର । ଆମର ଯେତେ କୋଇଲା ରହିଛି ସେଥିରେ ବିଦ୍ୟୁତ୍ କାରଖାନାମାନ କରି ସାରା ଭାରତବର୍ଷକୁ ଆଲୋକିତ କରିବାର ଶକ୍ତି ଆମର ଅଛି । ଓଡ଼ିଶା ଆଜି ବିଦ୍ୟୁତ୍‌ରେ ବଳକା ହୋଇଛି । ଆଗାମୀ ପାଞ୍ଚବର୍ଷରେ ମଧ୍ୟ ଏହିପରି ଭାବରେ ବଳକା ହୋଇ ରହିବ । ସାରା ଭାରତବର୍ଷ ମଧ୍ୟ ଅନୁଭବ କରିଛି ବିଦ୍ୟୁତ୍ କ୍ଷେତ୍ରରେ ଓଡ଼ିଶା ଗୋଟିଏ ଅଗ୍ରଗଣ୍ୟ ରାଜ୍ୟ । କିନ୍ତୁ ଜାତୀୟ ଗ୍ରୀଡ୍ ଯଦି ନସୁଧୁରିବ ତା'ହେଲେ ଓଡ଼ିଶାରୁ ଉତ୍ପାଦିତ ବିଦ୍ୟୁତ୍‌ଶକ୍ତି ବାହାରକୁ ଯାଇପାରିବନି । ୨୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଆମେ ହରିୟାନାକୁ ପଠେଇ ପାରିଲେନାହିଁ । କେବଳ ଜାତୀୟ ଗ୍ରୀଡ୍‌ର ଦୁର୍ବଳତା ଯୋଗୁଁ । ତେଣୁ ଜାତୀୟ ଗ୍ରୀଡ୍‌କୁ ସବଳ କରିବାର ଉଦ୍ୟମ ଆବଶ୍ୟକ । ଆଗରୁ ବିଦେଶୀ ପୁଞ୍ଜିର ପ୍ରଶ୍ନ ନଥିଲା । କାରଣ ଆମର ଅର୍ଥନୈତିକ ଅବସ୍ଥା ଯାହା ଥିଲା, ତା'ଫଳରେ ବିଦେଶୀ ପୁଞ୍ଜି ଆମର ଆସୁନଥିଲା । କାରଣ ଆମେ କହିଥିଲେ ବିଜୁଳି ଶକ୍ତି କେବଳ ରାଷ୍ଟ୍ର ଉତ୍ପାଦନ କରିବ । ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ବ୍ୟକ୍ତିଗତ ପୁଞ୍ଜିକୁ ପ୍ରଶ୍ରୟ ଦେବା ନାହିଁ । ସବୁ ରାଷ୍ଟ୍ରାୟତ୍ତ ହେବ । ଏହା ପରିବର୍ତ୍ତନ ହେଲା ୧୯୯୧ ମସିହାରେ ଯେତେବେଳେ ନୂଆ ଅର୍ଥନୀତି ହେଲା । ଏହି ନୂଆ ଅର୍ଥନୀତି ଫଳରେ ବିଜୁଳିଶକ୍ତି ଉତ୍ପାଦନ ଏବଂ ଇସ୍ପାତ୍ କ୍ଷେତ୍ରରେ ବ୍ୟକ୍ତିଗତ ପୁଞ୍ଜି ଆସିପାରିବ । ଆମର ଯେଉଁ ଖଣି ଖଦାନ୍ ସବୁ ରହିଛି ସେଥିପାଇଁ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବା ପାଇଁ ପୁଞ୍ଜି ବିନିଯୋଗକାରୀମାନେ ପ୍ରସ୍ତୁତ ଅଛନ୍ତି । ଯେଉଁମାନେ ପୁଞ୍ଜିବିନିଯୋଗ କରିବାକୁ ଏଠାକୁ ଆସିବେ ସେମାନେ ଦେଖିବେ ବଳକା ବିଜୁଳିଶକ୍ତି, ରାସ୍ତାଘାଟ, ରେଳପଥ, ବନ୍ଦରର ସୁବିଧା । ତା'ନହେଲେ କେବେ ବୈଦେଶିକ ପୁଞ୍ଜି ଓଡ଼ିଶାକୁ ଆସିବ ନାହିଁ । ସେହି ଦୃଷ୍ଟିରୁ ପାରାଦୀପ ବନ୍ଦରର ବିକାଶ ଦରକାର । ଗୋଟିଏ ବନ୍ଦର ହେଲେ ହେବନି । ଆମର ଯେଉଁ ବିଶାଳ ଉପକୂଳ ରହିଛି ସେଠି ଆଉ ଯୋଡ଼ିଏ ପ୍ରଧାନ ବନ୍ଦର ହୋଇପାରିବ । ଜାତୀୟ କ୍ଷେତ୍ରରେ ଯେଉଁ ସର୍ଭେ କରାଯାଇଛି ସେଥିରୁ ଦେଖାଯାଉଛି ଯେ ଗୋପାଳପୁରଠାରେ ଗୋଟିଏ ବିଶାଳ ବନ୍ଦର କରାଯାଇପାରିବ । ଏହି ବନ୍ଦର ସିଙ୍ଗାପୁର ସହିତ ତୁଳନୀୟ ହୋଇ ପାରିବ । ଧାମରା ପାଖରେ ଆଉ ଗୋଟିଏ ବନ୍ଦର ହୋଇପାରିବ । ଧାମରା ଓ ଗୋପାଳପୁର ଦୁଇଟି ପ୍ରାଚୀନ ବନ୍ଦର । ଐତିହାସିକମାନେ କହନ୍ତି କଳିଙ୍ଗର ରାଜଧାନୀ ଦନ୍ତପୁର ଥିଲା ଏହି ଗୋପାଳପୁର ପାଖରେ । ତେଣୁ ଗୋପାଳପୁର ବନ୍ଦରର ଅର୍ଥ ଆମର ଐତିହାସିକ ଗୌରବକୁ ଫେରାଇ ଆଣିବାର ଉଦ୍ୟମ । ୧୯୩୦ ମସିହା ପର୍ଯ୍ୟନ୍ତ ଧାମରା ବନ୍ଦରରୁ ଓଡ଼ିଶାରୁ ଚାଉଳ ରପ୍ତାନୀ ହେଉଥିଲା । ଆଜି ସେ ଧାମରା ବନ୍ଦର କରିବା ପାଇଁ ବୈଦେଶିକ ପୁଞ୍ଜି ଲଗାଣକାରୀମାନେ ପୁଞ୍ଜି ବିନିଯୋଗ କରିବାକୁ ଆଗ୍ରହୀ । ଚାରି ବର୍ଷ ଭିତରେ ସେମାନେ ଧାମରା ବନ୍ଦରକୁ ଏକ ବିଶାଳ ବନ୍ଦରରେ ପରିଣତ କରିବେ । ସେହିପରି ଭାବରେ ଚାରିବର୍ଷ ଭିତରେ ଗୋପାଳପୁର ବନ୍ଦର ନିର୍ମିତ ହେବ । ଏ ଦୁଇଟି ପ୍ରଧାନବନ୍ଦର ନିର୍ମିତ ହେବା ପରେ ବନ୍ଦରକୁ କେନ୍ଦ୍ରକରି ବହୁ କଳକାରଖାନା ଗଢ଼ି ଉଠିବ । ତେଣୁ ଆଜି ଓଡ଼ିଶାକୁ ଉନ୍ନତି ପଥରେ ଆଗେଇ ନେବାକୁ ହେଲେ ଆମର ବନ୍ଦର ଦରକାର, ରେଳପଥ ଦରକାର, ବଡ଼ବଡ଼ ସୁପରହାଇୱେ ଭଳି ରାସ୍ତା ଦରକାର । ଏସବୁ ଯଦି ହୋଇପାରିବ ତା'ହେଲେ ଆମେ ଓଡ଼ିଶାକୁ ପୁଞ୍ଜିପତିମାନଙ୍କୁ ନିମନ୍ତ୍ରଣ କରିପାରିବା । ତା'ସଙ୍ଗେ ସଙ୍ଗେ ଅତି ଉନ୍ନତଧରଣର କୃଷି କରିବା ଦରକାର । ଯଦି ଆମେ ଉନ୍ନତଧରଣର ବିହନ ଆଣିପାରିବା, ଉନ୍ନତ ଧରଣର ଖତ ପ୍ରୟୋଗ କରିପାରିବା, ତା'ହେଲେ କୃଷି କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ । କାରଣ ଓଡ଼ିଶା ହେଉଛି ଗୋଟିଏ ସଜଳା ରାଜ୍ୟ । ଜଳସେଚନ କ୍ଷେତ୍ରରେ ଆମେ ପଛରେ ପଡ଼ିଚେ ନାନା କାରଣରୁ । କିନ୍ତୁ ଆମର ଜଳର ଅଭାବ ନାହିଁ । ବିଭିନ୍ନ ବାଟରେ ଆମେ ଜଳକଷ୍ଟ ଦୂରୀଭୂତ କରିପାରିବା । ଯେଉଁ କଳାହାଣ୍ଡି ଜିଲ୍ଲାକୁ କୁହାଯାଉଥିଲା ଗୋଟିଏ ଦୁର୍ଭିକ୍ଷ ପୀଡ଼ିତ ଜିଲ୍ଲା, ଅନାହାର ମୃତ୍ୟୁଛଡ଼ା ଯେମିତି ସେଠାରେ ଆଉ କିଛି ନାହିଁ, ସେହି କଳାହାଣ୍ଡିରେ ବର୍ତ୍ତମାନ ୮୩୦୦୦ ଏକର ଜମିରେ ଜଳସେଚିତ ହେଉଛି । ଏବର୍ଷ ଏକ ଲକ୍ଷ ଟନ୍ ଚାଉଳ ବଳକା ହିସାବରେ ଆଦାୟ ହୋଇଛି । ତେଣୁ ଆମେ ଯଦି ଜଳସେଚନ ଉନ୍ନତ କୃଷିର ଯଦି ବିକାଶ କରିପାରିବା ତା'ହେଲେ ଆମେ ନିଶ୍ଚିତ ଭାବରେ ଉନ୍ନତ ହୋଇ ପାରିବା । ସେହିପରି

ପର୍ଯ୍ୟଟନ କ୍ଷେତ୍ରରେ ଗୋଟିଏ ଗୋଟିଏ ରାଜ୍ୟର ପର୍ଯ୍ୟଟନ ହେଉଛି ପ୍ରଧାନ ଆୟ । ସୁଇଜରଲ୍ୟାଣ୍ଡ, ହଙ୍ଗେରୀ, ଥାଇଲ୍ୟାଣ୍ଡ ଭଳି ରାଜ୍ୟର ପ୍ରଧାନ ଆୟ ହେଉଛି ପର୍ଯ୍ୟଟନ । ପର୍ଯ୍ୟଟନରେ ହଙ୍ଗେରୀ ହେଉଛି ଗୋଟିଏ ରାଜ୍ୟ ଯାହା ପ୍ରଧାନ ଆୟ ହେଉଛି ପର୍ଯ୍ୟଟନ । ହୋଟେଲ ଉପରେ ନିର୍ଭର କରି ବହୁ ଲୋକ ନିଯୁକ୍ତି ପାଇବେ । ଉନ୍ନତ ବିମାନବନ୍ଦର ଦରକାର । ତା'ନହେଲେ ବୈଦେଶିକ ପର୍ଯ୍ୟଟନକାରୀମାନେ ଆସି ପାରିବେ ନାହିଁ । ଭୁବନେଶ୍ୱରରେ ଗୋଟିଏ ବଡ଼ ବିମାନବନ୍ଦର ଆମେ ନିର୍ମାଣ କରିବା ପାଇଁ ଯାଉଚେ । ୨ ବର୍ଷ ଭିତରେ ଏହା ସମ୍ପୂର୍ଣ୍ଣ ହେବ । କୋଣାର୍କରୁ ପୁରୀ ପର୍ଯ୍ୟନ୍ତ ବିସ୍ତୃତ ଜଙ୍ଗଲକୁ କୃଷ୍ଣସାର ଅଭୟାରଣ୍ୟ ବୋଲି ଘୋଷଣା କରିଚେ । ପୁରୀଠୁ ଏପାଖରେ କୋଣାର୍କ ପର୍ଯ୍ୟନ୍ତ ସେପାଖରେ ଚିଲିକା ପର୍ଯ୍ୟନ୍ତ ଖାଲି ଝାଉଁବଣ ଓ ବେଳାଭୂମି । ଯଦି ଆମେ ସେ ଅଞ୍ଚଳଟାକୁ ପର୍ଯ୍ୟଟନ ଶିଳ୍ପ ପାଇଁ ବିକାଶ କରିପାରିବା ତା'ହେଲେ ଭାରତବର୍ଷରେ ଏ ଗୋଟିଏ ଶ୍ରେଷ୍ଠ ପର୍ଯ୍ୟଟନ କ୍ଷେତ୍ର ହୋଇପାରିବ । ସେଥିପାଇଁ ଉଦ୍ୟମ କରାଯାଉଛି । ଯେକୌଣସି କାର୍ଯ୍ୟ କରିବାକୁ ହେଲେ ତାହା ସମୟ ସାପେକ୍ଷ । ଏଥିପାଇଁ ଧୈର୍ଯ୍ୟ ଦରକାର । ଯାହାସବୁ ଅସୁବିଧା ଅଛି ଦୂରୀଭୂତ କରିବା ଦରକାର । ନିଜ ଗୋଡ଼ରେ ନିଜେ ଠିଆହେବାର ସମୟ ଆଜି ଆସିଛି । ଭିକ୍ଷାବୃତ୍ତି କରିବାର ପ୍ରଶ୍ନ ଉଠୁନାହିଁ । ଭାରତ ସରକାରଙ୍କର ଓଡ଼ିଶାକୁ ଯାହା ଦବା କଥା ଦବା ଦରକାର, ନଦେଲେ ବି ଆମେ ଦାବୀ କରି ତାକୁ ଆଦାୟ କରିବା ଦରକାର । ବର୍ତ୍ତମାନ ଆମର କର୍ତ୍ତବ୍ୟ ହେଉଛି ନିଜଗୋଡ଼ରେ ଠିଆହୋଇ, ନିଜ ନାଯ୍ୟ ଅଧିକାର ଆଦାୟକରି ଏବଂ ଓଡ଼ିଶାର ଯେଉଁ ସମ୍ପଦ ଅଛି ସେ ସମ୍ପଦକୁ ବିକାଶ କରି ଓଡ଼ିଶାକୁ ପୁଣି ଉଠେଇ ଭାରତବର୍ଷର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ।

ଉତ୍କଳ ଦିବସର ବାର୍ତ୍ତା ହେଉଛି ଅତୀତର ଚିନ୍ତା ଏବଂ ଏଥି ସହିତ ବର୍ତ୍ତମାନ ଯେଉଁ ସୁଯୋଗ ଆସିଛି ସେ ସୁଯୋଗର ସଦୁପଯୋଗ କରି ଏକ ଉନ୍ନତ ଭବିଷ୍ୟତ ଗଠନ କରିବା ।

(୧୯୯୮ ଏପ୍ରିଲ ୧ "ଉତ୍କଳ ଦିବସ" ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ ।)

## ଦେଶର ରପ୍ତାନୀ ବୃଦ୍ଧି ଦିଗରେ ସମ୍ମିଳିତ ଉଦ୍ୟମ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ରପ୍ତାନୀ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

କଳିଙ୍ଗର ହୋଟେଲ୍ ଓବେରାଇ ଗ୍ରାଣ୍ଡରେ ଅନୁଷ୍ଠିତ ପୂର୍ବାଞ୍ଚଳୀୟ କାଉନ୍‌ସିଲ ଅଫ୍ ଏକ୍ସପୋର୍ଟ ପ୍ରମୋସନ କାଉନ୍‌ସିଲ୍‌ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ, ୧୯୯୩-୯୬ ସମୟ ଭିତରେ ଉଦାରୀକରଣ ଯୋଗୁଁ ଆମେରିକୀୟ ଡଲାର ହିସାବରେ ଭାରତବର୍ଷରେ ବାର୍ଷିକ ୨୦ ପ୍ରତିଶତ ଅଭିବୃଦ୍ଧି ରପ୍ତାନୀ କ୍ଷେତ୍ରରେ ଦେଖାଦେଇଥିଲା । ମାତ୍ର ଏହା ୧୯୯୬-୯୭ ଓ ୧୯୯୭-୯୮ ମସିହାରେ ଯଥାକ୍ରମେ ଶତକଡ଼ା ୪ ଭାଗ ଓ ଶତକଡ଼ା ୨-୨ ଭାଗକୁ ଖସି ଆସିଛି । ଏଣୁ ରପ୍ତାନୀର ଅଭିବୃଦ୍ଧି ପାଇଁ ସମ୍ମିଳିତ ଉଦ୍ୟମ ହେବା ସଙ୍ଗେ ସଙ୍ଗେ ଏ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ଭାରତୀୟ ରପ୍ତାନୀ ଅଭିବୃଦ୍ଧି କ୍ଷେତ୍ରରେ ପ୍ରତିବନ୍ଧକ ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ ଯେ, ବିଶ୍ୱରେ ବାଣିଜ୍ୟ କାରବାରରେ ମାନ୍ଦା ଅବସ୍ଥା ଦେଖାଦେଇଛି । ଏହି ଅସୁବିଧା ଦୂର କରିବା ପାଇଁ ଆମଦାନୀ ଶୁଳ୍କ ହ୍ରାସ କରାଯିବା ଓ ଭିତ୍ତିଭୂମି ଅବସ୍ଥାରେ ପରିବର୍ତ୍ତନ ଆଣିବାର ବନ୍ଦର, ରେଳପଥ ଓ ରାସ୍ତାର ବିକାଶ ପାଇଁ ଅଧିକ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ରପ୍ତାନୀକାରୀ ଓ ଉତ୍ପାଦନକାରୀମାନେ ଅମଲାତାନ୍ତ୍ରିକ ଜଟିଳତା ଯୋଗୁଁ ହଇରାଣ ହରକତ ହେଉଥିବା ସମ୍ପର୍କରେ ଉଲ୍ଲେଖ କରି ଶୁଳ୍କବିଭାଗ କ୍ଷେତ୍ରରେ ନୂତନ ଆଭିମୁଖ୍ୟ ଆଣାଯିବା ଉଚିତ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ସରକାର ରପ୍ତାନୀର ଅଭିବୃଦ୍ଧି ଉପରେ ଯଥେଷ୍ଟ ଧ୍ୟାନ ଦେଉଛନ୍ତି । ରେଡିମେଡ୍ ପୋଷାକ, ଗ୍ରାନାଇଟ୍, ହସ୍ତତନ୍ତ, ହସ୍ତଶିଳ୍ପ, ସାମୁଦ୍ରିକ ଜିନିଷ, ରତ୍ନପଥର ଓ ଅଳଙ୍କାର ଆଦି ଓଡ଼ିଶାରୁ ରପ୍ତାନୀ ହୋଇପାରିବାର ବିଶେଷ ସୁବିଧା ରହିଛି । ରାଜ୍ୟ ସରକାରଙ୍କ ନୂତନ ଶିଳ୍ପନୀତିରେ ଶତପ୍ରତିଶତ ରପ୍ତାନୀକ୍ଷମ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇଛି ଓ ସେମାନଙ୍କୁ ଅଧିକ ପ୍ରୋତ୍ସାହନର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ୨୩୦୦ କୋଟି ଟଙ୍କା ବ୍ୟୟରେ ଧାମରାଠାରେ ସିଙ୍ଗାପୁରର ଏକ କମ୍ପାନୀ ଇଣ୍ଟରନ୍ୟାସନାଲ୍ ସି. ପୋର୍ଟସ୍ ଦ୍ୱାରା ଏକ ଅତ୍ୟାଧୁନିକ ବନ୍ଦର ନିର୍ମାଣ ଓ ଗୋପାଳପୁର ବନ୍ଦର ବିକାଶ ଦ୍ୱାରା ଓଡ଼ିଶାରେ ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହୋଇ ପାରିବ । ଇନ୍‌ଫୋସିସ୍ ଓ ସତ୍ୟମ୍ ଭଳି ପ୍ରସିଦ୍ଧ କମ୍ପ୍ୟୁଟର ସଂସ୍ଥା ଭୁବନେଶ୍ୱରରେ ସେମାନଙ୍କର ଶାଖା ଖୋଲିଥିବାର ସଫ୍‌ଟୱେର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବ ଏବଂ ଆଇସଲାଣ୍ଡର ଏକ ପ୍ରସିଦ୍ଧ କମ୍ପାନୀ ବ୍ୟାଙ୍କ୍ ପେଲଙ୍ଗ ପାରାଦ୍ୱୀପରେ ପ୍ରତିଷ୍ଠା କରୁଥିବା ଇଣ୍ଟରନ୍ୟାସନାଲ ପାର୍କ ଦ୍ୱାରା ଓଡ଼ିଶାରେ ରପ୍ତାନୀର ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ ।

# ଭୁବନେଶ୍ୱର : ଓଡ଼ିଶାର ନୂଆ ରାଜଧାନୀ

**ଶ୍ରୀ ଶରତ ଚନ୍ଦ୍ର ଜେନା**


ଓଡ଼ିଶାର ଇତିହାସ ପାଠ କଲେ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଭୁବନେଶ୍ୱର ବିଭିନ୍ନ ସମୟରେ ଓଡ଼ିଶାର ରାଜଧାନୀ ରୂପେ ପରିଚିତ ହୋଇଆସିଛି । କିନ୍ତୁ ବିଭିନ୍ନ ସମୟରେ ଏହାର ନାମ ଭିନ୍ନ ଭିନ୍ନ ଥିଲା । ଅଶୋକଙ୍କ ସମୟରେ ଏହାର ନାମ ଥିଲା ତୋଷାଳୀ । ଏହିଠାରେ ପ୍ରବଳପ୍ରତାପୀ ଅଶୋକ ନିଜକୁ ଚଣ୍ଡାଶୋକ ରୂପେ ଘୋଷଣା କରି ସନ୍ନ୍ୟାସ ବ୍ରତ ଗ୍ରହଣ କରିଥିଲେ ଏବଂ ଶାନ୍ତିର ବାଣୀ ପ୍ରଚାର କରିଥିଲେ । ତତ୍ ସଙ୍ଗେ ସଙ୍ଗେ କଳିଙ୍ଗ ଯୁଦ୍ଧରୁ ଉତ୍କଳୀୟମାନଙ୍କର ବୀରତ୍ୱର ପ୍ରମାଣ ମଧ୍ୟ ମିଳିଥିଲା । ଏହିଠାରେ ପରାକ୍ରମଶାଳୀ କଳିଙ୍ଗ ସମ୍ରାଟ ଖାରବେଳଙ୍କ ଶିଳାଲିପି ଅଦ୍ୟାବଧି ସୁରକ୍ଷିତ । ଉକ୍ତ ଶିଳାଲିପିରେ ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ଓ ତାଙ୍କ ରାଜ୍ୟଶାସନ ପ୍ରଣାଳୀ ଆଦି ବିଷୟରେ ଉଲ୍ଲେଖ ଅଛି । ସେହି ସମୟଠାରୁ ଉକ୍ତ ସ୍ଥାନ ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କ ପୀଠସ୍ଥଳ ହୋଇ ରହିଥିଲା । ତତ୍ପରେ କେଶରୀ ବଂଶ ରାଜତ୍ୱ ସମୟରେ ଏହା ଏକ ବିଖ୍ୟାତ ଶୈବ କ୍ଷେତ୍ରରେ ପରିଣତ ହେଲା । ଖାରବେଳଙ୍କଠାରୁ ଆରମ୍ଭ କରି କପିଳେନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ହଜାର ବର୍ଷ ଧରି ଉତ୍କଳର ଧର୍ମ, ଶିକ୍ଷା, ସଭ୍ୟତା, ଶାସନ, ସଂସ୍କୃତି, କଳା ଓ ସ୍ଥାପତ୍ୟର ପ୍ରାଣକେନ୍ଦ୍ର ରୂପେ ଭୁବନେଶ୍ୱର ପରିଚିତ ହୋଇ ଆସିଛି । ଇତିହାସରୁ ପ୍ରମାଣ ମିଳେ ଯେ ପ୍ରତାପରୁଦ୍ର ଦେବଙ୍କ ପରେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଲା ଓ ସମଗ୍ର ଉତ୍କଳ ଭୂଖଣ୍ଡ ବୈଦେଶିକମାନଙ୍କର କରାୟତ୍ତ ହେଲା ।



ସଚିବାଳୟ

ଦେଶ ସ୍ୱାଧୀନ ହେବାପରେ ପୁନର୍ବାର ଓଡ଼ିଶାର ନୂଆ ରାଜଧାନୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଗଲା । ଏଥିପାଇଁ ବିଭିନ୍ନ ସ୍ଥାନ ପ୍ରସ୍ତାବ କରାଗଲା । ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା ହେବା ପୂର୍ବରୁ ଓଡ଼ିଶା ପ୍ରଦେଶର ରାଜଧାନୀ କଟକରେ ଥିଲା । କଟକ ସହରର ଦୁଇପଟେ ଦୁଇଟି ବଡ଼ ନଦୀ ଥିବାରୁ ତାହାର ସମ୍ପ୍ରସାରଣ ସମ୍ଭବ ହେଲା ନାହିଁ । ତେଣୁ ଏହାର ସ୍ଥାନାନ୍ତରୀକରଣ ନିମନ୍ତେ ଉପଯୁକ୍ତ ସ୍ଥାନ ଖୋଜା ଚାଲିଲା । ଏଥିପୂର୍ବରୁ ୧୯୩୩ ମସିହାରେ ଓଡ଼ିଶା ପ୍ରଶାସନିକ କମିଟି ଓଡ଼ିଶାର ରାଜଧାନୀ ନିର୍ମାଣ ପାଇଁ କଟକର ଚୂଡ଼ଙ୍ଗଆଗଡ଼ ଓ ତୁଳସୀପୁର ସ୍ଥାନ ଦୁଇଟିର ପ୍ରସ୍ତାବ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ । ପୁନର୍ବାର ୧୯୩୬ ମସିହାରେ ଜୋନସ୍ କମିଟି (Jones Committee) ତାଙ୍କ ରିପୋର୍ଟରେ ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟରେ ଥିବା ରଙ୍ଗୀଲୁଣ୍ଡାକୁ ଉପଯୁକ୍ତ ସ୍ଥାନ ରୂପେ ସ୍ଥିର କରିଥିଲେ । ବିଭିନ୍ନ ଗୋଷ୍ଠୀ ଏ ପ୍ରସ୍ତାବିତ ସ୍ଥାନ ବିଷୟରେ ଆଲୋଚନା କଲାପରେ ୧୯୩୬ ମସିହାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ହେବାପରେ ପୁନର୍ବାର ଆଉ ଏକ ନୂତନ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ଏହାର ଅନୁସନ୍ଧାନ କରାଯାଇଥିଲା । ଉକ୍ତ କମିଟି ଜୋନ୍‌ସ କମିଟି ପ୍ରସ୍ତାବକୁ ଗ୍ରହଣ ନ କରିବାରୁ ନୂତନ ସ୍ଥାନ ନିରୂପଣ ପାଇଁ ଡ୍ୟାନ କମିଟି (Dain Committee) ଗଠନ କରାଗଲା । ଉକ୍ତ କମିଟି ୧୯୩୭ ମସିହାରେ ତାଙ୍କ ରିପୋର୍ଟରେ କଟକ ଜିଲ୍ଲାର ଚୌଦ୍ୱାରରେ ନୂତନ ରାଜଧାନୀ ନିର୍ମାଣ ପାଇଁ ସୁପାରିଶ୍ କରିଥିଲେ । କିନ୍ତୁ ଏଥିରେ ଅନେକ ପ୍ରତିବନ୍ଧକ ଦେଖାଦେବାରୁ ଏହାକୁ ମଧ୍ୟ ବାତିଲ କରାଯାଇଥିଲା । ଏହାର ମୁଖ୍ୟ ପ୍ରତିବନ୍ଧକ ଥିଲା ରାଜପଥ ନିର୍ମାଣ, ମହାନଦୀ ଓ କାଠଯୋଡ଼ିରେ ପୋଲ ନିର୍ମାଣ । ତତ୍ପରେ ଓଡ଼ିଶା ସରକାରଙ୍କର ଯୋଜନା ବିଭାଗ ଓ ଉକ୍ତ ବିଭାଗର ଉପଦେଷ୍ଟା ବୋର୍ଡ଼ର ମିଳିତ ଉଦ୍ୟମରେ ଭୁବନେଶ୍ୱର ଓ ମଞ୍ଚେଶ୍ୱର ମଧ୍ୟବର୍ତ୍ତୀ ସ୍ଥାନକୁ ରାଜଧାନୀ ନିର୍ମାଣ ପାଇଁ ସ୍ଥିର

କରାଗଲା । ପୂର୍ବରୁ କଟକ ଜିଲ୍ଲାର ଚାରଙ୍ଗ ଓ ଅବିଭକ୍ତ ପୁରୀ ଜିଲ୍ଲାର ଖୋର୍ଦ୍ଧାଠାରେ ଓଡ଼ିଶାର ନୂତନ ରାଜଧାନୀ ନିର୍ମାଣ ପାଇଁ ମଧ୍ୟ ସ୍ଥାନ ନିରୂପଣ କରାଯାଇଥିଲା । କିନ୍ତୁ ସର୍ବଶେଷରେ ହରେକୃଷ୍ଣ ମହତାବ୍ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବାବେଳେ ଭୁବନେଶ୍ୱରର ଐତିହ୍ୟ ଓ ପରମ୍ପରାକୁ ରକ୍ଷାକରି ପୁନର୍ବାର ଏଠାରେ ଓଡ଼ିଶାର ନୂଆରାଜଧାନୀ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବଟି ତାଙ୍କ ମନ୍ତ୍ରୀମଣ୍ଡଳରେ ଓ ଓଡ଼ିଶା ବିଧାନସଭାରେ ମଧ୍ୟ ଗୃହୀତ ହୋଇଥିଲା । ଏହାର କାରଣ ଭଲରୂପେ ଅନୁସନ୍ଧାନ କଲେ ଜଣାଯାଏ ଯେ ଗୋଟିଏ ସ୍ଥାନରେ ରାଜଧାନୀ ନିର୍ମାଣ କରିବା ପାଇଁ ଯାହାସବୁ ସ୍ୱାସ୍ଥ୍ୟକର ପରିବେଶ ବା ଜଳବାୟୁ, ପ୍ରାକୃତିକ ପରିବେଶ, ଐତିହାସିକ କୀର୍ତ୍ତି, ସ୍ୱଳ୍ପବ୍ୟୟରେ ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ କରିବାର ସୁବିଧା, ଭ୍ରମଣକାରୀ ବା ଆଗନ୍ତୁକ ଅତିଥିମାନଙ୍କ ପାଇଁ ପାର୍ଶ୍ୱବର୍ତ୍ତୀ ପୁରୀ, କୋଣାର୍କ ଓ ଭୁବନେଶ୍ୱରର ଦର୍ଶନୀୟ ସ୍ଥାନ (Golden Tringle)ମାନଙ୍କର ସୁବିଧା ଥିବାରୁ ଓଡ଼ିଶାର ରାଜଧାନୀ ନିର୍ମାଣ ପାଇଁ ଭୁବନେଶ୍ୱର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ସ୍ଥିର କରାଗଲା ।



ବିଧାନସଭା

ଓଡ଼ିଶା ପ୍ରଦେଶର ନୂଆ ରାଜଧାନୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହେବାପରେ ଆଜିକୁ ପଚାଶ ବର୍ଷତଳେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ସର୍ବଶ୍ରେଷ୍ଠ ଶାନ୍ତିକାମୀ ଗାନ୍ଧିବାଦୀ ନେତା ପଣ୍ଡିତ ଜବାହାରଲାଲ ନେହେରୁ ଉତ୍କଳୀୟମାନଙ୍କର ନୂତନବର୍ଷର ପ୍ରାରମ୍ଭରେ, ପବିତ୍ର ବିଷୁବ ସଂକ୍ରାନ୍ତି ଦିନ ଅର୍ଥାତ୍ ୧୯୪୮ ମସିହା ଏପ୍ରିଲ ମାସ ୧୩ ତାରିଖ ଦିନ ଏକ ଅପୂର୍ବ ସମାବେଶ ମଧ୍ୟରେ ନିର୍ଦ୍ଧାରିତ ସ୍ଥାନରେ ଏହାର ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ପୂର୍ବରୁ ନିଜେ ପ୍ରସ୍ତାବିତ ନୂଆରାଜଧାନୀର ନକ୍ସା ତନ୍ନତନ୍ନ କରି ଚିଫ୍ ଇଞ୍ଜିନିୟର ମିଷ୍ଟର ଦସ୍ତାକାଠାରୁ ବୁଝିଥିଲେ ଓ ମୁଖ୍ୟ ସ୍ଥାନଗୁଡ଼ିକ ବୁଲି ଦେଖିଥିଲେ । ଏହି ନୂଆ ରାଜଧାନୀର ଯୋଜନା ପ୍ରସ୍ତୁତ କରିଥିଲେ ମହୀଶୂରର ଟାଉନ ପ୍ଲାନିଂ ଇଞ୍ଜିନିୟର ମିଷ୍ଟର କୋନିସ୍‌ବର୍ଗ (Mr. Koenigsberger) । ଓଡ଼ିଶାର ରାଜଧାନୀ ପାଇଁ ପ୍ରଥମେ ୧୨ ବର୍ଗମାଇଲ ପରିମିତ ଅଞ୍ଚଳକୁ ନେଇ ଯେଉଁ ମାଷ୍ଟରପ୍ଲାନ କରାଯାଇଥିଲା (ଉତ୍କଳ ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ବ୍ୟତୀତ) ସେଥିରେ ପନ୍ଦର ଶହ କୋଠାବାଡ଼ି ନିର୍ମାଣ ପାଇଁ ସ୍ଥିର କରାଯାଇଥିଲା । ସେଗୁଡ଼ିକ ମଧ୍ୟରେ ରାଜ୍ୟପାଳଙ୍କ ଭବନ, ମନ୍ତ୍ରୀମଣ୍ଡଳ ସଦସ୍ୟମାନଙ୍କ ପାଇଁ ଘର, ବିଧାନ ସଭା ଓ ତାହାର ସଦସ୍ୟମାନଙ୍କର ରହିବାର ଘର, ସଚିବାଳୟ, ମୁଖ୍ୟକାର୍ଯ୍ୟାଳୟ, ସବୁଶ୍ରେଣୀର ଅଫିସର ଓ କର୍ମଚାରୀମାନଙ୍କ ନିମନ୍ତେ ଘର, ବିଭିନ୍ନ ସ୍ଥାନୀୟ କାର୍ଯ୍ୟାଳୟ, ଥାନା, ଡାକ୍ତରଖାନା, ଡାକଘର, ସ୍କୁଲ, ମ୍ୟୁନିସିପାଲିଟି, ଦୋକାନ ଓ ହାଟ ଆଦି ମୁଖ୍ୟ ଥିଲା । ନିର୍ମାଣ ବିଭାଗର ନଂ୪୦୮୬(୨୩)-ବି, ତା ୨୦-୩-୧୯୪୭ ଚିଠିରୁ ଆନୁମାନିକ ଅଟକଳରୁ ଜଣାଯାଏ ଯେ ଏଥିପାଇଁ ଦୁଇକୋଟି ୮୯ ଲକ୍ଷ ଟଙ୍କାର ପ୍ରାଥମିକ ହିସାବ କରାଯାଇଥିଲା, କିନ୍ତୁ ପ୍ରକୃତରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ବେଳକୁ ଏହାର ଖର୍ଚ୍ଚ ଯଥେଷ୍ଟ ବଢ଼ିଯାଇଥିଲା । ପ୍ରଥମେ ଏଠାରେ ୧୫ ହଜାର ଲୋକଙ୍କର ବସବାସ ନିମନ୍ତେ ଆନୁମାନିକ ବ୍ୟବସ୍ଥା କରାଯାଇଥିଲା । ଅବଶ୍ୟ ଆନୁମାନିକ ତଥ୍ୟଟି ପରେ ସଠିକ୍‌ଭାବେ ୧୯୫୧ ମସିହା ଜନଗଣନା ରିପୋର୍ଟରେ ପ୍ରତିଫଳିତ ହୋଇଥିଲା । ସେଥିରୁ ଜଣାଯାଏ ଯେ ଭୁବନେଶ୍ୱରରେ ଲୋକସଂଖ୍ୟା ୧୬,୫୧୨ ଥିଲା । ଭୁବନେଶ୍ୱରର ନୂଆ ରାଜଧାନୀକୁ ପ୍ରଥମେ ଛ'ଟି ୟୁନିଟ୍‌ରେ ବିଭକ୍ତ କରାଯାଇଥିଲା, ଯଥା—ୟୁନିଟ୍-୧ ବାପୁଜୀନଗର, ୟୁନିଟ୍-୨ ଅଶୋକ ନଗର, ୟୁନିଟ୍-୩ ଖାରବେଳ ନଗର, ୟୁନିଟ୍-୪ ଭୌମ ନଗର, ୟୁନିଟ୍-୫ କେଶରୀ ନଗର ଓ ୟୁନିଟ୍-୬ ଗଙ୍ଗନଗର ।

ଉପରୋକ୍ତ ଯୋଜନାଟି ଦେଖି ପଣ୍ଡିତ ନେହେରୁ ବଡ ଆନନ୍ଦ ପ୍ରକାଶ କରିଥିଲେ । ଓଡ଼ିଶାର ନୂଆ ରାଜଧାନୀ ନିର୍ମାଣ ପଛରେ ତାଙ୍କର ଯେଉଁ ବହୁମୁଖୀ ଚିନ୍ତାଧାରା ଥିଲା ତାହାକୁ ଏହି ଅବସରରେ ଆମ୍ଭେମାନେ ସ୍ମରଣ କରିବା ଉଚିତ୍ । ସେ କହିଥିଲେ, "ମୁଁ ବର୍ତ୍ତମାନ ଯେଉଁ ରାଜଧାନୀର ଗୁଡ ଦେଲି, ତା'ର ଯୋଜନା ପଛରେ ଯେଉଁ ଚିନ୍ତାଧାରା ରହିଛି ତାହା ଦେଖିବା ଉଚିତ୍ ।" ଏହି ପବିତ୍ର ମନ୍ଦିରମାଳିନୀ ପୁରାତନ ସହରରେ ଓଡ଼ିଶା

ପ୍ରଦେଶର ନୂଆ ରାଜଧାନୀର ଶିଳାନ୍ୟାସ କରି ପଣ୍ଡିତ ନେହେରୁ ନିଜକୁ ଅତି ଧନ୍ୟ ମନେ କରିଥିଲେ । ସେ କହିଥିଲେ ଯେ ଏହି ପୁଣ୍ୟ ଓ ପୁରାତନ ଭୂମି ଉପରେ ପୁନର୍ବାର ଉତ୍କଳୀୟମାନଙ୍କର ଅତୀତ ଗୌରବର ଇତିହାସକୁ ପୁନର୍ଜୀବିତ କରି ପୁଣି ଏକ ନୂତନ ନଗର ନିର୍ମାଣ କରାଯାଉଛି । ସ୍ୱଳ୍ପ ବ୍ୟୟ ମଧ୍ୟରେ ଭୁବନେଶ୍ୱରକୁ ସାରା ଭାରତରେ ଏକ ଆଦର୍ଶ ନଗର ରୂପେ ନିର୍ମାଣ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଓ ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼ ଏକ ସମୟରେ ନିର୍ମିତ ହୋଇଥିଲେ ମଧ୍ୟ ଭୁବନେଶ୍ୱରକୁ ସେ ଏକ ଆଦର୍ଶ ନଗର ରୂପେ କଳ୍ପନା କରୁଥିଲେ । ସେ କହିଥିଲେ ଯେ କୌଣସି ଏକ ନଗରରେ ବଡ଼ବଡ଼ ଅଫିସ ବା କୋଠାବାଡ଼ି ରହିଲେ ତାହା ସୁନ୍ଦର ହୁଏ ନାହିଁ । ଯେଉଁଠାରେ ଲୋକମାନେ ସୁନ୍ଦର ଜୀବନ ଯାପନ କରନ୍ତି ଓ ସୁନ୍ଦର କାର୍ଯ୍ୟ କରନ୍ତି ତାହା ହିଁ ବାସ୍ତବରେ ସୁନ୍ଦର । ଏହି କଥା କହିବାର ଉଦ୍ଦେଶ୍ୟ ହେଉଛି ପଣ୍ଡିତ ନେହେରୁଙ୍କ ଚିନ୍ତାଧାରା ସହିତ ନୂଆ ରାଜଧାନୀ ଯୋଜନାଟି ବେଶ୍ ମିଶିଯାଉଥିଲା । ଭୁବନେଶ୍ୱରଠାରୁ ବହୁ ଗୁଣ ଅର୍ଥ ବ୍ୟୟରେ ନିର୍ମାଣ ହେଉଥିବା ଚଣ୍ଡୀଗଡ଼କୁ ସେ କେବେହେଲେ ପ୍ରଶଂସା କରିନଥିଲେ । ଏହାର ଗଠନ ଶୈଳୀ ଲଣ୍ଡନ ସହର ପରି ପାଶ୍ଚାତ୍ୟ ଢାଞ୍ଚାରେ ନିର୍ମାଣ କରାଯିବାର ଯୋଜନା କରାଯାଇଥିଲା । ସାଧାରଣ ଜନତାଠାରୁ ଏହା ଦୂରରେ ଥିଲା । ଏ କଥା କହିବାର ଅର୍ଥ ନୁହେଁ ଯେ, ଓଡ଼ିଶାବାସୀଙ୍କୁ ସାନ୍ତ୍ୱନା ଦେବା ତାଙ୍କର ଉଦ୍ଦେଶ୍ୟ ଥିଲା । ସେ ଥିଲେ ଭାରତର ଜଣେ ବିଶିଷ୍ଟ ଐତିହାସିକ । ଏଣୁ ପୁରାତନ ଓ ନୂତନ ସଭ୍ୟତାର ସମ୍ମିଶ୍ରଣରେ ନୂତନ ଭାରତ ନିର୍ମାଣ କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା । ଚଣ୍ଡୀଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପାଞ୍ଚଶହ ବର୍ଷତଳର ଗୋଟିଏ ଚଣ୍ଡୀଙ୍କ ମନ୍ଦିର ବ୍ୟତୀତ ସେଠାରେ କୌଣସି ଐତିହାସିକ ପ୍ରାଚୀନ କୀର୍ତ୍ତି ଥିବାର ପ୍ରମାଣ ନାହିଁ । ନୂଆଦିଲ୍ଲୀ ଏକ ଐତିହାସିକ ସ୍ଥାନ ହେଲେ ମଧ୍ୟ ସେ ତାହାକୁ ପ୍ରାଧାନ୍ୟ ଦେଇ ନଥିଲେ । ନୂଆଦିଲ୍ଲୀ ସହିତ ଭୁବନେଶ୍ୱରକୁ ତୁଳନା କରି ନେହେରୁ କହିଥିଲେ, "ଦିଲ୍ଲୀ ମଧ୍ୟ ଏକ ଐତିହାସିକ ନଗର । କିନ୍ତୁ ବର୍ତ୍ତମାନ ସେଠାରେ ଲଢ଼ାଇ ଓ ଝଗଡ଼ାକୁ ନେଇ ବାୟୁମଣ୍ଡଳ ଏପରି ଦୂଷିତ ଯେ, ସେଠାରେ ମନ ବା ଶରୀର ଶାନ୍ତି ପାଉନାହିଁ । ସେହି ବାୟୁମଣ୍ଡଳରୁ ଏ ପ୍ରାନ୍ତକୁ ଆସି ମୁଁ ଶାନ୍ତିପୂର୍ଣ୍ଣ ବାୟୁମଣ୍ଡଳ ଦେଖି ଅତ୍ୟନ୍ତ ଆନନ୍ଦିତ ।" ଏଥିରୁ ସହଜରେ ବୁଝାଯାଇ ପାରେ ଯେ, ଓଡ଼ିଶାର ପରମ୍ପରାଗତ ସଂସ୍କୃତି ଓ ଐତିହ୍ୟପ୍ରତି ତାଙ୍କର ଯଥେଷ୍ଟ ଆଦର ଥିଲା । ନୂଆଦିଲ୍ଲୀ ପରି ଏହି ସହର ଏକ ସାମ୍ରାଜ୍ୟର ପରାକ୍ରମ ଦେଖାଇ ସାଧାରଣ ଜନତା ମନରେ ଭୟ ସଞ୍ଚାର କରିବା କିମ୍ବା ଦିଲ୍ଲୀ ଯେପରି ସାଧାରଣ ଜନତାଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଛି ସେପରି ଏହି ସହରଟି ନହେବା ପାଇଁ ଭବିଷ୍ୟବାଣୀ ଶୁଣାଇ ଥିଲେ । ବଡ଼ବଡ଼ ଅଫିସର ଓ ଅମୀରଙ୍କ ପାଇଁ ଏହି ସହର ନୁହେଁ । ସାଧାରଣ ଲୋକଙ୍କ ଜୀବନଯାତ୍ରା ସଙ୍ଗେ ସଙ୍ଗେ ଏହାର ସମ୍ପର୍କ ରହିବା କଥା ସେ ପ୍ରକାଶ କରିଥିଲେ । ଏହିପରି ଏକ ଆଧୁନିକ ପ୍ରସ୍ତାବିତ ଯୋଜନାରେ ସବୁଶ୍ରେଣୀର ଲୋକମାନଙ୍କର ବସବାସ କରିବାର ବ୍ୟବସ୍ଥା ଥିଲା । ବିଶେଷ କରି ନେହେରୁ ଶିଶୁମାନଙ୍କୁ ଅତି ଭଲ ପାଉଥିଲେ । ଅବସର ସମୟରେ କିମ୍ବା କର୍ମକ୍ଳାନ୍ତ ସମୟରେ କ୍ଳାନ୍ତି ମେଣ୍ଟାଇବା ପାଇଁ ସେ ପିଲାମାନଙ୍କ ମଧ୍ୟରେ ସମୟ କଟାଇ ଆନ୍ତି । ପ୍ରଥମରୁ ସେମାନଙ୍କ ପଢ଼ାପଢ଼ି ପାଇଁ ବିଦ୍ୟାଳୟ ଓ ପ୍ରମୋଦ ଉଦ୍ୟାନ ଥିବାର ଜାଣି ବିଶେଷ ଖୁସି ହୋଇଥିଲେ । ପିଲାମାନଙ୍କ ବ୍ୟତୀତ ମହିଳାମାନଙ୍କ ପାଇଁ ବଜାର ସଉଦା କରିବା ପାଇଁ ନିକଟରେ ଦୋକାନ ବଜାର, ଶ୍ରମିକ ଓ ସ୍ୱଳ୍ପବେତନ ଭୋଗୀ ସରକାରୀ କର୍ମଚାରୀମାନଙ୍କ ପାଇଁ ନୂଆ ରାଜଧାନୀରେ ବାସଗୃହର ବ୍ୟବସ୍ଥାଥିବାର ଦେଖି ସନ୍ତୁଷ୍ଟ ହୋଇଥିଲେ । ବାସଗୃହଗୁଡ଼ିକରେ ବିଶେଷ ପାର୍ଥକ୍ୟ ରହୁନଥିବା ଓ ନୂଆରାଜଧାନୀର କୋଠାବାଡ଼ିଗୁଡ଼ିକ ସାଧାରଣ ଜୀବନରେ ସୁଖ ସୁବିଧା ଲାଗି ଉଦ୍ଦିଷ୍ଟ ଥିବା କଥା ଜାଣି ଆନନ୍ଦିତ ହୋଇଥିଲେ । ସାମ୍ୟବାଦ ଭିତ୍ତିକ ସମାଜ ବା ରାଷ୍ଟ୍ରଗଠନ କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ନୂତନ ରାଜଧାନୀର ଶିଳାନ୍ୟାସ ପରେ ସେ ପ୍ରକାଶ କରିଥିଲେ, "ଲୋକେ ବଣ ଜଙ୍ଗଲରେ ଅତି ଦୟନୀୟ ଅବସ୍ଥାରେ ପଡ଼ିଥିବେ, ଅଥଚ ଏଠାରେ କେତେ ଅଫିସର ବଡ଼ବଡ଼ କୋଠାରେ ରହିଥିବେ, ସେ ଭଳି ରାଜଧାନୀର ଆବଶ୍ୟକତା ନାହିଁ । ଏହା ଏଭଳି ସହର ହେବା ଉଚିତ୍ ଯେଉଁଠାରେ ଉଚ୍ଚନୀଚ ପ୍ରଭେଦ ରହିବ ନାହିଁ ଓ ସହର–ମଫସଲ ମଧ୍ୟରେ ଯେଉଁ ପ୍ରଭେଦ ରହିଛି ତାହା ମଧ୍ୟ ରହିବ ନାହିଁ ।" ଜାତି–ଧର୍ମ ନିର୍ବିଶେଷରେ ସମସ୍ତ ଲୋକେ ଏଠାରେ ଶାନ୍ତିରେ ଜୀବନଯାପନ କରିବା ଓ ସମସ୍ତଙ୍କର ଉନ୍ନତିମୂଳକ କାର୍ଯ୍ୟ ହେବା କଥା ସେ ପ୍ରକାଶ କରିଥିଲେ । ସେ ଆଶା କରିଥିଲେ ଯେ, ନୂଆରାଜଧାନୀ ଭୁବନେଶ୍ୱର ଅତି ଶୀଘ୍ର ଭାରତର ଏକ ସମୃଦ୍ଧଶାଳୀ ନଗର ହେବ ଓ ସାଧାରଣଲୋକଙ୍କ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ଘଟିବ । ଏହାକୁ ସମର୍ଥନ ଜଣାଇ ତତ୍କାଳୀନ ରାଜ୍ୟପାଳ ମାନ୍ୟବର କୈଳାସନାଥ କାଟଜୁ ନିଜର ଅଭିଜ୍ଞତା ପ୍ରକାଶ କରି କହିଥିଲେ ଯେ, କୋଡ଼ିଏ ପଚିଶି ବର୍ଷ ମଧ୍ୟରେ ନୂତନ ରାଜଧାନୀ ସମ୍ପ୍ରସାରିତ ହୋଇ କଟକ ସହର ପର୍ଯ୍ୟନ୍ତ ବ୍ୟାପି ଯିବ । ତାଙ୍କ ଚିନ୍ତାଧାରା ଅନେକ ବିଷୟରେ ଏବେ ଫଳବତୀ ହେବାକୁ ଯାଉଛି । ଯାହା ଫଳରେ କି ହାଇଦ୍ରାବାଦ–ସିକନ୍ଦରାବାଦ୍ ପରି ଓଡ଼ିଶାରେ ଭୁବନେଶ୍ୱର–କଟକ ଏକ ଟ୍ୱିନ୍–ସିଟି (Twin City) ହେବାକୁ ଯାଉଛି । ପଣ୍ଡିତ ନେହେରୁଙ୍କ ଚିନ୍ତାଧାରାକୁ ସମର୍ଥନ କରି ସେ କହିଥିଲେ ଯେ, ସରଳତା ମଧ୍ୟରେ ସୌନ୍ଦର୍ଯ୍ୟ ଫୁଟାଇବା ଆମ ପୁରାତନ ସମାଜ ଓ ସଭ୍ୟତାର ନୀତି ଥିଲା ।

ଏହି ମର୍ମରେ ସେଠାରେ ସେ ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଜଣାଇ କହିଥିଲେ, "ଅଧିକ ପଇସା ଖର୍ଚ୍ଚରେ ଅଧିକ ସୁନ୍ଦର ଜିନିଷ ହୋଇପାରେ ବୋଲି ଭାବିବା ଠିକ୍ ନୁହେଁ ।" ଏଥିପାଇଁ ସମାଜର ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ସେ ବିଶେଷ ଗୁରୁତ୍ୱ ଦେଉଥିଲେ । ଏହି ପ୍ରସଙ୍ଗରେ ସ୍ୱଳ୍ପ ବ୍ୟୟରେ କିଭଳି ସୁନ୍ଦର ଓ ସରସ ଜୀବନ ଯାପନ କରିହେବ ତାହା ମାନ୍ୟବର ରାଜ୍ୟପାଳଙ୍କ ଅର୍ଥନୀତିର ଉଦ୍ଦେଶ୍ୟ ଥିଲା ।

ସମଗ୍ର ସମାଜର ବିକାଶ ଅଭ୍ୟୁଦୟ ହେବ, ଏହି ନୀତିକୁ ଦୃଷ୍ଟି ଦେଇ ଓଡ଼ିଶା ପ୍ରଦେଶରେ ଏକ ଆଦର୍ଶ ନୂଆ ରାଜଧାନୀ ନିର୍ମାଣ କରିବାକୁ ସେ ଚାହିଁଥିଲେ, ଯାହାକି ସମଗ୍ର ଭାରତ ପାଇଁ ଏକ ଦୃଷ୍ଟାନ୍ତ ଥିଲା ।

ସାରା ଭାରତରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଓଡ଼ିଶାର ନୂଆ ରାଜଧାନୀ ପ୍ରତିଷ୍ଠା ହେବାର ସୁବର୍ଣ୍ଣ ଜୟନ୍ତୀ ପାଳନ ଏକ ସମୟରେ ହେବା ଆମ୍ଭମାନଙ୍କ ପାଇଁ ଏକ ସୁଖ ଓ ସୌଭାଗ୍ୟର ବିଷୟ । ତେଣୁ ଏହି ଶୁଭ ଅବସରରେ, ଓଡ଼ିଶାବାସୀ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଆଦର୍ଶ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ତାଙ୍କର ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ କରି କାର୍ଯ୍ୟ କଲେ. ଏହି ନୂଆ ରାଜଧାନୀ ଭୁବନେଶ୍ୱର ପୂର୍ବ ଗୌରବର ଶୋଭାସମ୍ପନ୍ନ କରି, ଶାସନ ଓ ସଂସ୍କୃତିକୁ ଉଜ୍ଜୀବିତ କରି ଭାରତର ଏକ ମହାନ୍ ଆଦର୍ଶ ନଗରୀ ରୂପେ ଯୁଗ ଯୁଗକୁ ରହିଥିବ ।

---

ରାଜ୍ୟ ଅଭିଲେଖାଗାର,
ଭୁବନେଶ୍ୱର

## ଐତିହାସିକ ଧାମରା ବନ୍ଦର ପୁଣି ଗଢ଼ି ଉଠିବ

ସପ୍ତଦଶ ଶତାବ୍ଦୀରୁ ଓଡ଼ିଶାର ନୌବାଣିଜ୍ୟକୁ ସମୃଦ୍ଧ କରି ଆସୁଥିବା ଧାମରା–ଚାନ୍ଦବାଲି ବନ୍ଦର ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କିଛି ବର୍ଷ ପାଇଁ ଅଚଳ ହୋଇ ପଡ଼ିଥିଲେ ହେଁ ୧୯୪୬ରୁ ପୁନଶ୍ଚ ସକ୍ରିୟ ହୋଇ ଉଠିଥିଲା । କିନ୍ତୁ ଏହା ଏକ ନଦୀ ବନ୍ଦର ହୋଇଥିବାରୁ କାଳକ୍ରମେ ନଦୀ ଶଯ୍ୟାର ଗଭୀରତା ହ୍ରାସ ହେବା ଯୋଗୁ ଜାହାଜ ଚଳାଚଳର ବାଧା ସୃଷ୍ଟି ହୋଇଥିଲା । ତତ୍‌ସଙ୍ଗେ ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ସଡ଼କ ପଥ ଓ ରେଳପଥର ବିକାଶ ଫଳରେ ଏହି ବନ୍ଦର ଦେଇ ସାମୁଦ୍ରିକ ବାଣିଜ୍ୟ ନୈରାଶ୍ୟଜନକଭାବେ ହ୍ରାସ ପାଇଲା । ପରିଶେଷରେ ୧୯୬୦ ବେଳକୁ ଏହି ବନ୍ଦର ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା । କିନ୍ତୁ ରାଜ୍ୟ ସରକାର ଏହି ବନ୍ଦରର ଐତିହ୍ୟକୁ ବଜାୟ ରଖିବା ସକାଶେ ଧାମରାଠାରେ ଏକ ମାଛଧରା ବନ୍ଦର ୧୯୭୮ ମସିହାରେ ନିର୍ମାଣ କରି ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ସ୍ଥିତିର ଉନ୍ନତି ସାଧନ କରିଛନ୍ତି । ପୁନଶ୍ଚ ବିଦେଶୀ ପୁଞ୍ଜି ଲଗାଣ ସହାୟତାରେ ରାଜ୍ୟ ସରକାର ଧାମରା ମୁହାଣ ନିକଟରେ ଏକ ବିଶ୍ୱପ୍ରକାଣ୍ଡ ବନ୍ଦର ନିର୍ମାଣ କରିବାକୁ ଯାଉଛନ୍ତି । ଏଥିଲାଗି ସିଙ୍ଗାପୁରର ଇଣ୍ଟରନ୍ୟାସନାଲ ସି: ପୋର୍ଟସ୍ ନାମକ ବିଶ୍ୱ ବିଖ୍ୟାତ ବନ୍ଦର ନିର୍ମାଣକାରୀ ସଂସ୍ଥା ସହିତ ରାଜିନାମା ଗତ ୨–୪–୧୯୯୮ ତାରିଖରେ ସ୍ୱାକ୍ଷରିତ ହୋଇଛି । ବନ୍ଦରଠାରୁ ଭଦ୍ରକ ପର୍ଯ୍ୟନ୍ତ ସାଢ଼େ ୬୨ କି.ମି. ଦୈର୍ଘ୍ୟ ଦୁଇ ଲେନ୍ ବିଶିଷ୍ଟ ତ୍ୱରିତ ରାଜପଥ ଏବଂ ଓସାରିଆ ରେଳପଥ ଉକ୍ତ କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇ ବନ୍ଦରଟିକୁ ଜାତୀୟ ପରିବହନ ନେଟ୍‌ୱାର୍କ ସହିତ ସଂଯୋଗ କରାଯିବ । ବନ୍ଦରର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ପାଖାପାଖି ବାରଶହ କୋଟି ଟଙ୍କା ବ୍ୟୟରେ ୨୦୦୧ ମସିହା ସୁଦ୍ଧା ଶେଷ ହୋଇ ୧୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ କାରବାର ସୁବିଧା ସୃଷ୍ଟି କରିବ । ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପାଇଁ ପନ୍ଦର ଶହ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ବନ୍ଦର ପ୍ରକଳ୍ପ ପାଖାପାଖି ଦୁଇହଜାର ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁବିଧା ଦେଇ ପାରିବ ।

ଧାମରା ବନ୍ଦର ନିର୍ମାଣ ପାଇଁ ଓଡ଼ିଶା ସରକାର କିଛି ଅର୍ଥ ଖର୍ଚ୍ଚ କରୁନାହାନ୍ତି । ବନ୍ଦର, ରେଳପଥ ଓ ସଡ଼କପଥର ନିର୍ମାଣ ପାଇଁ ଖର୍ଚ୍ଚ ଚୁକ୍ତିବଦ୍ଧ ବନ୍ଦର ନିର୍ମାଣକାରୀ ସଂସ୍ଥା ବହନ କରିବ । ୩୦ ବର୍ଷ ପରେ ବନ୍ଦର ସମ୍ପର୍କୀୟ ଗଢ଼ି ଉଠିଥିବା ସମସ୍ତ ସମ୍ପତ୍ତି ଉକ୍ତ ବନ୍ଦର ନିର୍ମାଣକାରୀ ସଂସ୍ଥା ଓଡ଼ିଶା ସରକାରଙ୍କୁ ବିନା ମୂଲ୍ୟରେ ହସ୍ତାନ୍ତର କରିବ ।

ଏହି ଧାମରା ବନ୍ଦରରୁ ଓଡ଼ିଶା ସରକାର ବହୁତ ରାଜସ୍ୱ ପାଇବେ । ୨୦୦୧ ଠାରୁ ଆରମ୍ଭ କରି କ୍ରମାଗତଭାବେ ଓଡ଼ିଶା ସରକାର ଧାମରା ବନ୍ଦରରୁ ରାଜସ୍ୱ ବାବଦରେ ୧୭ କୋଟି ଟଙ୍କା ପାଇବେ । ୨୦୨୦ ମସିହା ସୁଦ୍ଧା ୧୨୨ କୋଟି ଟଙ୍କା ପାଇବାର ସମ୍ଭାବନା ଅଛି ।

ବନ୍ଦର ନିର୍ମାଣକାରୀ ସଂସ୍ଥା ସହିତ ଓଡ଼ିଶା ସରକାରଙ୍କର ବନ୍ଦରରୁ ଆସୁଥିବା ରାଜସ୍ୱ ବଣ୍ଟନ ଏକ ଅଭିନବ ପନ୍ଥା । ଭାରତର ଜୟଗଡ଼ରେ ବନ୍ଦର ନିର୍ମାଣ କରିବା ପାଇଁ ମହାରାଷ୍ଟ୍ର ସରକାର ଏକ ନିର୍ମାଣକାରୀ ସଂସ୍ଥା ସହିତ ଚୁକ୍ତିବଦ୍ଧ ହୋଇଛନ୍ତି । ଏଥିରେ ରାଜସ୍ୱ ବାବଦରେ ଟନ୍ ପିଛା ୩ ଟଙ୍କା ପାଇବାକୁ ଚୁକ୍ତିବଦ୍ଧ ହେଲାବେଳେ ଓଡ଼ିଶା ସରକାର ଟନ୍ ପିଛା ୧୭-୫୦ ଟଙ୍କା ପାଇବାକୁ ଚୁକ୍ତିବଦ୍ଧ ହୋଇଛନ୍ତି ଏବଂ ୨୦୨୦ ସୁଦ୍ଧା ଟନ୍ ପିଛା ୪୨ ଟଙ୍କା ପାଇବେ ।

# ସମୃଦ୍ଧ ସହର ଭୁବନେଶ୍ୱର

**ମୁଖ୍ୟମନ୍ତ୍ରୀ**

ଆଜି ନୂତନ ଭୁବନେଶ୍ୱର ସହର ପ୍ରତିଷ୍ଠାର ୫୦ ବର୍ଷ। ଯେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ସେହିଦିନଠାରୁ ଚେଷ୍ଟା ଚାଲିଥିଲା କେଉଁଠି ଆମର ରାଜଧାନୀ ହେବ। ଅନେକ ଚାହୁଁଥିଲେ କଟକରେ ରାଜଧାନୀ ହେଉ। କିଏ ଚାହୁଁଥିଲା ବ୍ରହ୍ମପୁରରେ ରାଜଧାନୀ ହେଉ, ଶେଷକୁ ମହତାବବାବୁ ଯେତେବେଳେ ମୁଖ୍ୟମନ୍ତ୍ରୀ ଥିଲେ ସେହି ସମୟରେ ସିଦ୍ଧାନ୍ତ ଗ୍ରହଣ କରାଗଲା ଯେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେବ। ନୂଆ ଭୁବନେଶ୍ୱର ପାଇଁ ଭିତ୍ତି ଦେଲେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ। ସେତେବେଳେ ସେ ଆଶାପ୍ରକାଶ କରିଥିଲେ ଯେ ଭୁବନେଶ୍ୱର ସହରରେ ସମସ୍ତଙ୍କ ଭିତରେ ସମାନ ଭାବ ରହିବ। କେହି ବଡ଼ କେହି ସାନ ଏଭଳି ଭାବ ରହିବ ନାହିଁ। ଗଣତନ୍ତ୍ରର ଯେଉଁ ମହତ୍ତ୍ୱ ଭୁବନେଶ୍ୱର ତାହା ପ୍ରତିପାଦିତ କରିବ। ସେ ଯାହା ଆଶା କରିଥିଲେ ତା' ସଫଳ ହୋଇଛି। ଏ ଭୁବନେଶ୍ୱର ସହର ବଡ଼ ଲୋକଙ୍କର ସହର ନୁହଁ ଏହା ହେଉଛି ସାଧାରଣ ଲୋକଙ୍କର ସହର। ସେହିପରି ଭାବରେ ଏ ସହର ଗଢ଼ି ଉଠିଛି ଗତ ୫୦ ବର୍ଷ ଭିତରେ। ଲୋକ ସଂଖ୍ୟା ଯେତେବେଳେ ବଢୁଛି ସେମାନଙ୍କ ପାଇଁ ରହିବା ଜାଗା ଦରକାର। ପାନୀୟଜଳ, ବିଜୁଳି ଶକ୍ତି, ଶିକ୍ଷା, ଡାକ୍ତରଖାନା ଇତ୍ୟାଦି ଦରକାର। ଏ ସବୁ ଯେପରି ସୁରୁଖୁରୁ ରୂପେ ଯୋଜନାବଦ୍ଧ ଭାବେ କରାଯିବ ତାହା ହେଉଛି ସହରର ଲକ୍ଷ୍ୟ। ଏଣୁ ୪୦, ୫୦ ହଜାର ଲୋକଙ୍କ ପାଇଁ ଯେଉଁ ସହର ହୋଇଥିଲା ତାହା ବର୍ତ୍ତମାନ ୫/୬ ଲକ୍ଷ ଲୋକଙ୍କର ବସତିରେ ପରିଣତ ହୋଇଛି ଏବଂ ଏହା ବଢ଼ିବଢ଼ି ଚାଲିଛି। ହୁଏତ ଆହୁରି ୨୦/୨୫ ବର୍ଷ ପରେ ଭୁବନେଶ୍ୱର ସହର ୧୫/୨୦ ଲକ୍ଷ ଲୋକଙ୍କର ବସତିରେ ପରିଣତ ହେବ। ସେଥିପାଇଁ ଭୁବନେଶ୍ୱର ବଢ଼ିବାରେ କୌଣସି ଅସୁବିଧା ନାହିଁ। ବିସ୍ତୀର୍ଣ୍ଣ ଜାଗା ପଡ଼ିଛି। ଭୁବନେଶ୍ୱର ବଢ଼ିପାରିବ ଖୋର୍ଦ୍ଧା ପର୍ଯ୍ୟନ୍ତ। ଖୋର୍ଦ୍ଧା ବାହାରକୁ ମଧ୍ୟ। କଟକ ସହର ଓ ଭୁବନେଶ୍ୱରକୁ ଦ୍ୱୈତ ସହର ରୂପରେ ଗଣାଯାଉଛି। କଟକ ଭୁବନେଶ୍ୱର କାଳକ୍ରମେ ମିଶିଯିବ। ରାସ୍ତାକୁ ପ୍ରଶସ୍ତ କରାଯାଉଛି। ଆଉ ଗୋଟିଏ ରାସ୍ତା ବାରଙ୍ଗ ପଟରେ ହେଉଛି। କାଠଯୋଡ଼ି ନଈ ଉପରେ ଆଉ ଗୋଟିଏ ପୋଲ ହେବ। ଏହା ଫଳରେ କଟକ ସହରରୁ ଭୁବନେଶ୍ୱର ଅଳ୍ପସମୟ ଭିତରେ ଲୋକେ ଯାଆସ କରିପାରିବେ। ରାସ୍ତାରେ ଗାଡ଼ିଭିଡ଼ କମାଇବା ପାଇଁ ବାରଙ୍ଗ ପଟରୁ ନରାଜ ଦେଇ ଆଉ ଗୋଟି ରାସ୍ତା ଆଠଗଡ଼ର ଖୁଣ୍ଟୁଣୀ ପାଖରେ ପହଞ୍ଚିବ। ପୁରୁଣା ସମ୍ବଲପୁର ରାସ୍ତାକୁ ମଧ୍ୟ ବଢ଼େଇ ଦିଆଯିବ, ଭୁବନେଶ୍ୱର ସହରକୁ ଲୋକଙ୍କର ଯାତାୟତ କରିବା ପାଇଁ ଯେପରି ବେଶୀ ଭିଡ଼ ନହୁଏ। ଏ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀମଣ୍ଡଳରେ ନିଷ୍ପତ୍ତି ନିଆଯାଇଛି। ଭୁବନେଶରରେ ଆସନ୍ତା ୨୦/୨୫ ବର୍ଷ ପାଇଁ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଇଛି। ରାସ୍ତାଘାଟ ଚଉଡ଼ା କରିବା ପାଇଁ ଉଦ୍ୟମ କରାଯାଉଛି। ଯେଉଁ ସବୁ ଅସ୍ୱାସ୍ଥ୍ୟକର ବସ୍ତି ଗଢ଼ି ଉଠିଛି ସହରରେ, ସେ ବସ୍ତିରେ ଯେଉଁ ଲୋକମାନେ ରହୁଛନ୍ତି ସେମାନେ ଅନୁଭବ କରିବା ଉଚିତ ଯେ ଯେଉଁଭଳି ଭାବରେ ସେମାନେ ରହୁଛନ୍ତି ସେଭଳି ରହିବା ଠିକ୍ ନୁହେଁ। ସେଥିପାଇଁ ସରକାର ସେମାନଙ୍କ ରହିବା ପାଇଁ ଅନ୍ୟ ଜାଗା ଦେଉଛନ୍ତି। ସେମାନଙ୍କୁ ଉଚ୍ଛେଦ କରିବା ସରକାରଙ୍କ ନୀତି ନୁହେଁ। ସେ ଦୃଷ୍ଟିରୁ ଭୁବନେଶ୍ୱର ସହରର ବିସ୍ତାର କରାଯାଉଛି। ଏ ସହରଭିତରେ ଇନ୍ଦିରା ପାର୍କ ଭଳି ଆଉ ଯୋଡ଼ିଏ ପାର୍କ ମଧ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗୋଟିଏ ଶିଶୁ ଭବନ ପାଖରେ ପ୍ରାୟ ୩୦/୩୫ ଏକର ଜମିରେ କରାହେଉଛି। ତାହା ଦିଲ୍ଲୀର ବୁଦ୍ଧପାର୍କ ଭଳି ବଡ଼ଧରଣର ପାର୍କ ହେବ। ଚନ୍ଦ୍ରଶେଖର ପୁରଠାରେ ମହାତ୍ମା ଗାନ୍ଧୀ ପାର୍କ କରାଯିବ। ସେଠାରେ ମହାତ୍ମାଗାନ୍ଧୀଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହେବ। ସାଧାରଣ ସଭା ଇତ୍ୟାଦି କରିବା ପାଇଁ ୧୪/୧୫ ଏକର ଜମି ରହିବ। ତା'ଛଡ଼ା ଜନବସତି ଅଞ୍ଚଳରେ ଯେଉଁ ଲେକ ଜଳପୂର୍ଣ୍ଣ ଓ ଅସ୍ୱାସ୍ଥ୍ୟକର ହୋଇ ପଡ଼ିଛି ତାକୁ ସଫା କରାଯାଇ ନିକୋ ପାର୍କ କରାଯାଉଛି। ସେଥିରେ ପାଣି ରହିବ। ତା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଖେଳକୌତୁକ ପାଇଁ ତାକୁ ଉନ୍ନତ କରାଯିବ। ଭୁବନେଶ୍ୱରରେ ଛୋଟ ମଧ୍ୟମ ଧରଣର ୫୦ଟି ପାର୍କ ହେବ। ଗୋଟିଏ ଷ୍ଟାଡ଼ିୟମ୍ ବର୍ତ୍ତମାନ କାର୍ଯ୍ୟକାରୀ ହୋଇଛି। ଆଉ ଗୋଟିଏ କ୍ରିକେଟ୍ ଷ୍ଟାଡ଼ିୟମ୍ କରାଯିବ। କ୍ରିକେଟ୍ ବୋର୍ଡ଼ର ସଭାପତି ସେଥିପାଇଁ ୨ କୋଟି ଟଙ୍କା ଦେବାକୁ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର କ୍ରିକେଟ୍ ଖେଳ ପାଇଁ ସାହାଯ୍ୟ କରିବେ। ବଡ଼ବଡ଼ ମ୍ୟାଚ ପାଇଁ କ୍ରିକେଟିୟରମାନେ ଚାହୁଁନାହାନ୍ତି କଟକ ଯିବା ପାଇଁ। ସେମାନେ ଚାହୁଁଛନ୍ତି ଯେଉଁଠି ଏରୋଡ୍ରମ୍ ସେଇଠି ରହିବେ। ସେଠି ପଞ୍ଚତାରକା ବିଶିଷ୍ଟ ହୋଟେଲ ରହିବା ଦରକାର। ସେଥିପାଇଁ ଏଠି ଗୋଟିଏ କ୍ରିକେଟ୍ ଫିଲ୍ଡ଼ ମଧ୍ୟ କରାଯିବ। ଏହାଛଡ଼ା ପିଲାମାନଙ୍କର ଫୁଟବଲ୍ ଓ ଅନ୍ୟାନ୍ୟ

ଶୋଇ ପାଇଁ ବିଭିନ୍ନ କଲୋନୀରେ ସୁବିଧା କରାଯିବ। ଭୁବନେଶ୍ୱରକୁ ଗୋଟିଏ ଆଦର୍ଶ ସହରରେ ପରିଣତ କରିବାପାଇଁ ସବୁ ପ୍ରକାର ଉଦ୍ୟମ ହେବ। ପୂର୍ବରୁ ୮୦ରୁ ୯୦ ଭିତରେ ଗୋଟିଏ ସ୍ୱାସ୍ଥ୍ୟକର ପରିବେଶ ଭୁବନେଶ୍ୱରରେ ସୃଷ୍ଟି ହୋଇଥିଲା, ସୁନ୍ଦର ସହର ଭିତରେ ଭୁବନେଶ୍ୱର ସୁନାମ ଅର୍ଜନ କରିଥିଲା। ସବୁଠାରୁ ବଡ଼କଥା ହେଉଛି ସହର ନାଗରିକମାନଙ୍କର ଅଭ୍ୟାସର ପରିବର୍ତ୍ତନ ହେବା ଦରକାର। ସହରର ପରିବେଶକୁ ସୁନ୍ଦର ପରିଚ୍ଛନ୍ନ ରଖିବା ପ୍ରତ୍ୟେକଙ୍କର ଦାୟିତ୍ୱ। ଯେଉଁମାନେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଅଛନ୍ତି ସରକାର ସେମାନଙ୍କୁ ଭଲଜାଗାରେ ରଖିବାକୁ ଚାହାନ୍ତି। ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେମାନଙ୍କୁ ଅନ୍ୟତ୍ର ଯିବାକୁ ହେବ। ଆମକୁ ଭୁବନେଶ୍ୱର ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ଓ ସୁନ୍ଦର ସହରରେ ପରିଣତ କରିବାକୁ ପଡ଼ିବ। ଭୁବନେଶ୍ୱରରେ ଯେଉଁ ଗଛ ଲଗାଯାଉଛି ସେଥିରେ ମୁଁ ସନ୍ତୁଷ୍ଟ ନୁହେଁ। ମୁଁ ଚାହେଁ ପ୍ରତି ବର୍ଷ ଅନ୍ତତଃ ପକ୍ଷେ ୫ ଲକ୍ଷ ଲେଖାଏଁ ବିଭିନ୍ନ ଗଛ ଲାଗୁ। ସବୁ ପରିବାରକୁ କୁହାଯାଉଛି ସେମାନେ ନିଜ ଘରେ ଯୋଡ଼ିଏ ଲେଖାଏଁ ନଡ଼ିଆଗଛ ଲଗାନ୍ତୁ। ଶସ୍ତାରେ ସେମାନଙ୍କୁ ନଡ଼ିଆ ଚାରା ଦିଆଯାଉଛି। ବିଭିନ୍ନ ଶ୍ରେଣୀର ଗଛ ଆମେ ଲଗେଇବା, ଯେମିତି ଗଛ ଭିତରେ ଗୋଟିଏ ସହର ଲୁଚିଗଲା ଭଳି ଜଣାପଡ଼ିବ। ସବୁବଡ଼ ବଡ଼ ସହରକୁ କୁହାଯାଉଛି କଂକ୍ରିଟ୍‌ର ଜଙ୍ଗଲ। ଖାଲି ବଡ଼ ବଡ଼ କୋଠା ୮ ମହଲା ୧୦ ମହଲା। ଏ କୋଠାଗୁଡ଼ାକ ଦେଖି ଆମେ ଭାବୁଛେ ଏଇଟା ହେଲା ଆମର ସଭ୍ୟତା। କିନ୍ତୁ ସେଇଟା ସଭ୍ୟତା ନୁହେଁ। ଏହା ଫଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ଡ୍ରେନେଜ୍ ସମସ୍ୟା, ସ୍ୱଏରେଜ ସମସ୍ୟା, ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା। ଭୁବନେଶ୍ୱର ସହରରେ କେତେ ଉତ୍ତାପ ଏହା ଭିତରେ ବଢ଼ିଗଲାଣି। ଖରାଦିନେ ଏତେ ଖରା ୧୦ ବର୍ଷ ତଳେ ହେଉନଥିଲା। ତାହାର ଏକମାତ୍ର କାରଣ ହେଉଛି ବହୁତ କଂକ୍ରିଟ୍ ଘର ବଢ଼ିଗଲାଣି, ତାହା ତୁଳନାରେ ଜଙ୍ଗଲ ସୃଷ୍ଟି ହେଉନାହିଁ। ତେଣୁ ଅଧିକ ଜଙ୍ଗଲ ସୃଷ୍ଟି କରିବା ଦରକାର। ତାହା କଂକ୍ରିଟ ଜଙ୍ଗଲ ନହୋଇ ପ୍ରକୃତ ଜଙ୍ଗଲ ହେବ। ତା'ଭିତରେ ରହିବ ଅତି ପ୍ରାଚୀନ ସହର ଭୁବନେଶ୍ୱର। ନୂଆରାଜଧାନୀ ସିନା ହେଲା କିନ୍ତୁ ଦିଲ୍ଲୀ ଯେମିତି ବହୁ ପ୍ରାଚୀନ କାଳରୁ ରହିଥିଲା, ଭୁବନେଶ୍ୱର ମଧ୍ୟ ସେମିତି ଅଶୋକଙ୍କ ସମୟରୁ ଅଛି। କାଶୀସହର ସବୁଠୁ ପ୍ରାଚୀନତମ ସହର। ସେମିତି ଭାରତର ପ୍ରାଚୀନତମ ସହର ଭିତରେ ଭୁବନେଶ୍ୱର ଅନ୍ୟତମ। ତା'ର ଗୋଟିଏ ନୂଆ ପ୍ରାନ୍ତ ହେଉଛି ନୂଆରାଜଧାନୀ। ଏଣୁ ଆମେ ଏତେ ବଡ଼ ପ୍ରାଚୀନ ପ୍ରଧାନ ସହର ଭୁବନେଶ୍ୱରକୁ ଯେମିତି ସବୁଜ ସରସ ସୁନ୍ଦର ସ୍ୱାସ୍ଥ୍ୟକର କରି ଗଢ଼ିବା, ଆଜି ଦିବସରେ ଏହା ହେଉଛି ତା'ର ବାର୍ତ୍ତା।

## ରାଜ୍ୟ ପର୍ଯ୍ୟଟନ ଅଧିକାରୀମାନଙ୍କ ସମ୍ମିଳନୀ

ଏକବିଂଶ ଶତାବ୍ଦୀ ବେଳକୁ ରାଜ୍ୟରେ ପର୍ଯ୍ୟଟନ ଯେପରି ସର୍ବପ୍ରଧାନ ଶିଳ୍ପର ମାନ୍ୟତା ପାଇପାରିବ, ସେ ଦିଗରେ ପର୍ଯ୍ୟଟନ ଅଧିକାରୀମାନେ ଅଧିକ ସକ୍ରିୟ ହେବା ସଙ୍ଗେ ସଙ୍ଗେ ଜିଲ୍ଲାରେ ସେମାନଙ୍କ ଗୁରୁତ୍ୱ ବୃଦ୍ଧି କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ଉଚିତ ବୋଲି ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ମତ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟ ପର୍ଯ୍ୟଟନ ଅଧିକାରୀମାନଙ୍କ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଲେ ଯେ ଓଡ଼ିଶାର ପର୍ଯ୍ୟଟନ ନୀତି ପ୍ରଣୟନ କରାଯାଉଛି। ଓଡ଼ିଶାର ପର୍ଯ୍ୟଟନ ବର୍ତ୍ତମାନ ଭାରତ ତଥା ଆନ୍ତର୍ଜାତିକ ସ୍ତରରେ ସମ୍ମାନର ସହ ଚର୍ଚ୍ଚାର ବିଷୟ ହୋଇଛି। ଏଥିନିମନ୍ତେ ଭିତିଭୂମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ପର୍ଯ୍ୟଟନ ଅଧିକାରୀମାନେ ଅନ୍ୟ ବିଭାଗଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଯୋଜନାବଦ୍ଧଭାବେ କାର୍ଯ୍ୟ କରିବା ଉଚିତ। ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇଥିବା ୨୭୩ଟି ପର୍ଯ୍ୟଟନ ସ୍ଥଳୀର ପ୍ରଚାର ଓ ପ୍ରସାର ପାଇଁ ପର୍ଯ୍ୟଟନ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ସିଂହ ପ୍ରକାଶ କରିଥିଲେ। କୌଣସି ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ବିବରଣୀ ସଂଗ୍ରହ, ମୁଦ୍ରଣ ଓ ବଣ୍ଟନ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ୱିଜ୍ ପ୍ରତିଯୋଗିତା, ପର୍ଯ୍ୟଟନ ସାମଗ୍ରୀର ବିଜ୍ଞାପନ ମାଧ୍ୟମରେ ପ୍ରଚାର ଆଦି ଦ୍ୱାରା ସର୍ବସାଧାରଣରେ ସୁପରିଚିତ ହୋଇପାରେ। ଫଳରେ ପର୍ଯ୍ୟଟନର ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହା ସହାୟକ ହୋଇପାରେ ବୋଲି ମନ୍ତ୍ରୀ ଶ୍ରୀ ସିଂହ ମତବ୍ୟକ୍ତ କରିଥିଲେ।

# କବିରାଜ ଶ୍ରୀଜୟଦେବ ଓ ଗୀତଗୋବିନ୍ଦ

ଶ୍ରୀ ରାଜକିଶୋର ମିଶ୍ର

ଆଜିକୁ ୮ ଶହ ବର୍ଷ ତଳେ, ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ୨୨ କିଲୋମିଟର ଦୂରରେ କେନ୍ଦୁଳୀ ଗ୍ରାମରେ ପୁଣ୍ୟ ଅକ୍ଷୟ ତୃତୀୟା ତିଥିରେ କବିରାଜ ଶ୍ରୀ ଜୟଦେବ ଜନ୍ମଲାଭ କରିଥିଲେ । ବର୍ତ୍ତମାନ କେନ୍ଦୁଳୀ ଗ୍ରାମଟି ତିନୋଟି କ୍ଷୁଦ୍ର ଗ୍ରାମ ବା ପଡ଼ାରେ ବିଭକ୍ତ ହୋଇଛି, ଯଥା–କେନ୍ଦୁଳୀ ଶାସନ, କେନ୍ଦୁଳୀ ଦେଉଳି ଓ ଉପର ସାହି । ଅତୀତରେ କବିଙ୍କର ଏହି ଜନ୍ମସ୍ଥାନ ବିଭିନ୍ନ ଧର୍ମ ଓ ସଂସ୍କୃତିର ଅନ୍ୟତମ ପୀଠ ଭାବରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲା । ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମର ଅନେକ ସଂକେତ ଏଠାରେ ଏବେ ମଧ୍ୟ ଉପଲବ୍ଧ ହୋଇରହିଛି । ଏଠାରେ ଥିବା ବିଷ୍ଣୁ, ଲକ୍ଷ୍ମୀ–ନୃସିଂହ, ଲକ୍ଷ୍ମୀ–ନାରାୟଣ, ଗୋପୀନାଥ, ଚଣ୍ଡୀ ଓ ଶୈବ ମୂର୍ତ୍ତିଗୁଡ଼ିକ ବୈଷ୍ଣବ ଓ ଶାକ୍ତ ସଂସ୍କୃତିର ସୂଚନା ଦିଅନ୍ତି । ପ୍ରାଚୀନଦୀ କୂଳରେ ଅବସ୍ଥିତ ଏହି କେନ୍ଦୁଳୀ ଗ୍ରାମ ଅତୀତରେ କେନ୍ଦୁବିଲ୍ୱ ନାମରେ ଖ୍ୟାତ । ଏହିଠାରେ ସାଧୁ ପ୍ରଧାନ ମହାକବି ଜୟଦେବ ପିତା ଭୋଜରାଜ ଓ ମାତା ରାଧା (ରମା ?) ଦେବୀଙ୍କର ସନ୍ତାନ ଭାବରେ ଭୂମିଷ୍ଠ ହୋଇଥିଲେ । ସେ ଗଙ୍ଗବଂଶୀୟ ରାଜା କାମାର୍ଣ୍ଣବ ଦେବ (୧୧୪୭–୧୧୫୬) ଖ୍ରୀଃଅଃ ଓ ରାଘବ ଦେବ (୧୧୫୬–୭୦)ଙ୍କର ସମସାମୟିକ ଥିଲେ । ମୈଥିଳୀ କବି ଚନ୍ଦ୍ରଦତ୍ତ ତାଙ୍କ ଭକ୍ତମାଳା ଗ୍ରନ୍ଥରେ ଜୟଦେବ ଉତ୍କଳର କେନ୍ଦୁବିଲ୍ୱ ନାମକ ବ୍ରାହ୍ମଣ ଶାସନରେ ଜନ୍ମଲାଭ କରିଥିବା କଥା ଉଲ୍ଲେଖ କରିଛନ୍ତି–

> ଜଗନ୍ନାଥପୁରୀପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ
> କେନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଂକୁଳଃ
> ତତ୍ରୋତ୍କଳେ ଦ୍ୱିଜୋ ଜାତୋ ଜୟଦେବ ଇତି ଶ୍ରୁତଃ
> ବିଦ୍ୟାଭ୍ୟାସରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ ।

ପରବର୍ତ୍ତୀ ସମୟରେ ଶ୍ରୀ ଜୟଦେବ ଦେବଶର୍ମାଙ୍କ କନ୍ୟା ନୃତ୍ୟବିଶାରଦା ପଦ୍ମାବତୀଙ୍କୁ ବିବାହ କରିଥିବା ଜଣାଯାଏ । ପଦ୍ମାବତୀ ରାହାସ ନୃତ୍ୟରେ ନିପୁଣା ଥିଲେ । 'ନର୍ତ୍ତକୀତିଳକାୟାଂ ପଦ୍ମାବତୀ' ବୋଲି ଶିଳାଲେଖରେ ଉଲ୍ଲେଖ ଅଛି । ଉଭୟ କବି ଓ କବିପତ୍ନୀ ଶ୍ରୀକ୍ଷେତ୍ରରେ ଦୀର୍ଘକାଳ ରହି ପୁରୁଷୋତ୍ତମ ଜଗନ୍ନାଥ ଶ୍ରୀ ଜଗଦୀଶଙ୍କର ସେବାରେ ନିଜକୁ ନିୟୋଜିତ କରିଥିଲେ । ଦ୍ୱାଦଶ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ଶ୍ରୀନୀଳଶୈଳାଧିପ ଶ୍ରୀଜଗନ୍ନାଥ 'ପୁରୁଷୋତ୍ତମ' ନାମରେ ହିଁ ସୁବିଦିତ ଥିଲେ । ସମାଲୋଚକମାନଙ୍କ ମତରେ ତ୍ରୟୋଦଶ ଶତାବ୍ଦୀରେ ଅର୍ଥାତ୍ ଜୟଦେବଙ୍କର ମୃତ୍ୟୁର ବହୁବର୍ଷ ପରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ନାମରେ ଖ୍ୟାତ ହୋଇଥିଲେ ।

ଗୀତଗୋବିନ୍ଦ ଜୟଦେବଙ୍କର ଏକ ଅନ୍ତିକାରୀ, ରସସିକ୍ତ, ଗୀତଧର୍ମୀ ସଙ୍ଗୀତକୃତି । ଏହା ଏକାଦିକ୍ରମେ ଗାନ, ନୃତ୍ୟ ଓ ଅଭିନୟ ପାଇଁ ଉଦ୍ଦିଷ୍ଟ । ଶ୍ରୀକୃଷ୍ଣ ବ୍ରଜଧାମରେ ରଚିଥିବା ଶୃଙ୍ଗାରଲୀଳାକୁ ଉପଜୀବ୍ୟ କରି, ଓଡ଼ିଶାର ସୁଷମାମଣ୍ଡିତ ପ୍ରାକୃତିକ ବୈଭବର ପଟ୍ଟଭୂମିରେ କବିତାକୁ ରସାଣିତ କରି ତନ୍ମୟତାରେ ଜୟଦେବ ଉକ୍ତ ଗ୍ରନ୍ଥ ରଚନା କରିଛନ୍ତି । ଶ୍ରୀକ୍ଷେତ୍ର ଅବସ୍ଥାନ କାଳରେ ପୁରୁଷୋତ୍ତମଙ୍କର ଶ୍ରୀମନ୍ଦିର ସଦ୍ୟ ପୁନଃ ନିର୍ମିତ ହୋଇଥାଏ । ମନ୍ଦିର ଗାତ୍ରରେ ବିଷ୍ଣୁଙ୍କର ଅବତାର ବିଗ୍ରହଗୁଡ଼ିକ ଅଧିକ ଆକର୍ଷଣୀୟ ହୋଇଥାନ୍ତି । କବି ଗୀତଗୋବିନ୍ଦର ପ୍ରଥମ ପ୍ରବନ୍ଧରେ ଶ୍ରୀକୃଷ୍ଣଙ୍କର ଦଶବିଧ ଅବତାର ବର୍ଣ୍ଣନା କରିଛନ୍ତି, ଯାହାକି ସର୍ବଭାରତୀୟ ମାନ୍ୟତା ଲାଭ କରିପାରିଛି । ବୋଧହୁଏ ଶ୍ରୀମନ୍ଦିର ଗାତ୍ରରେ ଶୋଭା ପାଉଥିବା ଅବତାର ମୂର୍ତ୍ତିଗୁଡ଼ିକ ଦଶାବତାର ସ୍ତୋତ୍ର ରଚନାରେ ଅଧିକ ପ୍ରେରଣା ଯୋଗାଇଛି ।

ଓଡ଼ିଆ ସଂସ୍କୃତି ତଥା ନୃତ୍ୟ, ଗୀତ, ଭାସ୍କର୍ଯ୍ୟ ଓ ଚିତ୍ରକଳା ଉପରେ ଗୀତଗୋବିନ୍ଦର ପ୍ରଭାବ ଅତ୍ୟନ୍ତ ନିବିଡ଼ । ଗୀତଗୋବିନ୍ଦର ବିଷୟବସ୍ତୁକୁ ଆଧାର କରି ଓଡ଼ିଶାରେ ଏ ପର୍ଯ୍ୟନ୍ତ ୩୦ଟି ଚିତ୍ର ପୋଥିର ସନ୍ଧାନ ମିଳିଛି । ଏହା ବ୍ୟତୀତ ଭାରତର ବିଭିନ୍ନ ସ୍ଥାନ ଯଥା ଅହମଦାବାଦ, ଚଣ୍ଡୀଗଡ଼, ସାଲାରଜଙ୍ଗ୍ ମ୍ୟୁଜିୟମ୍, ହାଇଦ୍ରାବାଦ, କଲିକତା, ସ୍ୱିଜରଲ୍ୟାଣ୍ଡ ଓ ବ୍ରିଟିଶ୍ ମ୍ୟୁଜିୟମ୍ ପ୍ରଭୃତିରେ ସଚିତ୍ର ଗୀତଗୋବିନ୍ଦ ମଧ୍ୟ ଦେଖିବାକୁ ମିଳୁଛି । ଦଶାବତାର ଚିତ୍ର ଓଡ଼ିଶାର ବିଭିନ୍ନ ପଟ୍ଟଚିତ୍ର, ଗଞ୍ଜପା ଓ ଭିତ୍ତିଚିତ୍ରରେ ମଧ୍ୟ ଦେଖିବାକୁ ମିଳେ । ଏ ପର୍ଯ୍ୟନ୍ତ ଗୀତଗୋବିନ୍ଦର ଅନ୍ୟୁନ ୫୯ଟି ଟୀକା ଓ ୧୩୨ଟି ଅନୁକୃତି ସମଗ୍ର ଭାରତରେ ଦେଖିବାକୁ ମିଳେ । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଓଡ଼ିଶାର କୃତବିଦ୍ୟ ଲେଖକମାନେ ରଚନା କରିଅଛନ୍ତି । ଏହା ବ୍ୟତୀତ ଗୀତଗୋବିନ୍ଦର ଅନୁବାଦ ଭାରତୀୟ ଭାଷା ଓ ୟୁରୋପୀୟ ଭାଷାରେ ମଧ୍ୟ ଦେଖିବାକୁ ମିଳେ ।

୧୨ଟି ସର୍ଗ ଓ ୨୪ଟି ପ୍ରବନ୍ଧରେ ସମଗ୍ର ଗୀତଗୋବିନ୍ଦ ବିଭାଜିତ । ୧୨ଟି ସର୍ଗରେ କବି ଯଥାକ୍ରମେ ସାମୋଦଦାମୋଦର, ଅକ୍ଲେଶକେଶବ, ମୁଗ୍ଧମଧୁସୂଦନ, ସ୍ନିଗ୍ଧମଧୁସୂଦନ, ସାକାଂକ୍ଷ ପୁଣ୍ଡରୀକାକ୍ଷ, ସତୃଷ୍ଣବୈକୁଣ୍ଠ, ନାଗରନାରାୟଣ, ବିଲକ୍ଷଲକ୍ଷ୍ମୀପତି, ମୁଗ୍ଧମୁକୁନ୍ଦ, ଚତୁରଚତୁର୍ଭୁଜ, ସାନନ୍ଦଦାମୋଦର ଓ ସୁପ୍ରୀତପୀତାମ୍ବରଙ୍କର ଶୃଙ୍ଗାରଲୀଳା ବର୍ଣ୍ଣନା କରିଛନ୍ତି । ଅଘଟନଘଟନପଟୀୟସୀ ଜଗତ୍‌କର୍ତ୍ତା ଶ୍ରୀବିଷ୍ଣୁଙ୍କର ପରାକ୍ରମ ଓ ଐଶ୍ୱର୍ଯ୍ୟାଦି ଲୀଳା ଦଶାବତାର ପ୍ରବନ୍ଧରେ ବର୍ଣ୍ଣନା କରି ତାଙ୍କ ମାନବୀୟ ଲୀଳାର ଚମତ୍କାରିତା ଦେଖାଇବା ପାଇଁ କବି ରାଗାନୁଗାଭକ୍ତିର ଆଶ୍ରୟ ନେଇଛନ୍ତି । ଏହାର ଅନୁପମ

ଆବେଗକୁ ଲକ୍ଷ୍ୟ କରି କବି ଭାବବିହ୍ୱଳିତ ହୋଇ ପାଠକ-ଦର୍ଶକ-ଶ୍ରୋତାମାନଙ୍କୁ ସମ୍ବୋଧନ କରି କହିଛନ୍ତି-

ଯଦ୍ ଗାନ୍ଧର୍ବକଳାସୁ କୌଶଳମନୁଧ୍ୟାନଂ ଚ ଯଦ୍ ବୈଷ୍ଣବଂ
ଯଚ୍ଛୃଙ୍ଗାରବିବେକତତ୍ତ୍ୱମପି ଯତ୍ କାବ୍ୟେଷୁ ଲୀଳାୟିତମ୍
ତତ୍ସର୍ବଂ ଜୟଦେବ ପଣ୍ଡିତକବେଃ କୃଷ୍ଣୈକତାନାତ୍ମନଃ
ସାନନ୍ଦାଃ ପରିଶୋଧୟନ୍ତୁ ସୁଧିୟଃ ଶ୍ରୀଗୀତଗୋବିନ୍ଦତଃ ॥

ଗୀତଗୋବିନ୍ଦର ସାଙ୍ଗୀତିକ ଶୃଙ୍ଖଳା ଅତି ଉଚ୍ଚକୋଟିର। ଗୀତିଧର୍ମିତାରେ ଏହା ଏକ ଅନବଦ୍ୟକୃତି। ଅନେକ ଏହାକୁ ଏକ ସଫଳ ଗୀତିନାଟ୍ୟ ରୂପେ ପ୍ରତିପାଦିତ କରିଅଛନ୍ତି। ଗୀତଗୋବିନ୍ଦକୁ 'ବସନ୍ତରାସ' କୁହାଯାଏ। ଏଥିରେ ସୂଚିତ ରାଗ ଯଥା-ମାଳବ, ବସନ୍ତ, ରାମକିରୀ, ଗୁଣ୍ଡକିରୀ, ଭୈରବ, ଗୁର୍ଜରୀ, କର୍ଣ୍ଣାଟ, ଦେଶବରାଡ଼ି, ବରାଡ଼ି ପ୍ରଭୃତି ଓଡ଼ିଆ ସଂଗୀତରେ ୧୬ଶ ଶତାବ୍ଦୀରୁ ସୁପ୍ରଚଳିତ। ଖ୍ରୀ: ୧୪୯୯-୧୫୦୦ ମସିହାରେ ରାଜା ପ୍ରତାପରୁଦ୍ରଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତ୍ୟହ ମାହାରୀମାନଙ୍କ ଦ୍ୱାରା ଗୀତଗୋବିନ୍ଦ ସେବା, ଗୀତଗୋବିନ୍ଦର ଗାନ ଓ ନୃତ୍ୟ ଉଭୟ ପ୍ରଚଳିତ ହୋଇଥିଲା। ଅବଶ୍ୟ ବର୍ତ୍ତମାନ ଏହା କେବଳ ଗାନରେ ସୀମିତ ଅଛି।

କବିଙ୍କର ଜନ୍ମସ୍ଥାନ କେନ୍ଦୁଲୀର ବୁଣାକାରମାନେ ଶ୍ରୀଜଗନ୍ନାଥଙ୍କ ଦେହଲାଗି ପାଇଁ ପ୍ରସ୍ତୁତ କରୁଥିବା ଖଣ୍ଡୁଆ, ପଟ୍ଟଲଣ ଓ ଶାଢ଼ୀମାନଙ୍କରେ ଗୀତଗୋବିନ୍ଦର କିୟଦଂଶ ସେଥିରେ ଅତି ସୁନ୍ଦରଭାବରେ ବୁଣୁଥିଲେ। ଦଶାବତାର ଖଣ୍ଡୁଆରେ-

"ପ୍ରିୟେ ଚାରୁଶୀଳେ ମୁଞ୍ଚ ମୟି ମାନମନିଦାନଂ
ସପଦି ମଦନାନଳୋ ଦହତି ମମ ମାନସମ୍
ଦେହି ମୁଖକମଳମଧୁପାନମ୍।"

ଅନ୍ୟତ୍ର-

ସ୍ମରଗରଳଖଣ୍ଡନଂ ମମ ଶିରସି ମଣ୍ଡନମ୍
ଦେହି ପଦପଲ୍ଲବମୁଦାରମ୍ ॥

ପଟ୍ଟଲଣରେ-

ଚନ୍ଦନ ଚର୍ଚ୍ଚିତନୀଳକଳେବର ପୀତବସନ ବନମାଳୀ
କେଳି ଚଳନ୍ ମଣିକୁଣ୍ଡଳମଣ୍ଡିତଗଣ୍ଡଯୁଗସ୍ମିତଶାଳୀ

ଶାଢ଼ୀରେ-

ଯମୁନାତୀର ବାନୀରନିକୁଞ୍ଜେ ମନ୍ଦମାସ୍ଥିତମ୍
ପ୍ରାହ ପ୍ରେମଭରୋଦ୍ଭ୍ରାନ୍ତଂ ମାଧବଂ ରାଧିକା ସଖୀ।

ଓଡ଼ିଶାରେ ପ୍ରଚଳିତ କାହାଣୀମାନଙ୍କରେ ଶ୍ରୀଗୀତଗୋବିନ୍ଦ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ଥିବା ଜଣାଯାଏ। ଗୀତଗୋବିନ୍ଦ ରଚନା କଲାବେଳେ ଦଶମସର୍ଗରେ ରାଧାଙ୍କର ମାନଭଞ୍ଜନ ପାଇଁ ଉପଯୁକ୍ତ ପଦଟିଏ ହଠାତ୍ ରଚନା କରି ନପାରି ଚିନ୍ତିତ ମନରେ ଜୟଦେବ ସ୍ନାନ କରିବା ପାଇଁ ଯାଉଥିବା ସମୟରେ ଶ୍ରୀକୃଷ୍ଣ ଛଦ୍ମ-ଜୟଦେବ ରୂପରେ ଗୃହରେ ଉପସ୍ଥିତ ହୋଇ ପଦ୍ମାବତୀଙ୍କୁ ତାଳି ପୋଥିରେ "ଦେହି ପଦପଲ୍ଲବମୁଦାରଂ" ଲେଖନୀରେ ଲେଖିଦେଇଥିବା ଜନଶ୍ରୁତିରେ ଜାଜ୍ୱଲ୍ୟ ରୂପ ନେଇଛି।

ତତ୍କାଳୀନ ରାଜା ପୁରୁଷୋତ୍ତମ ଦେବଙ୍କ ରଚିତ ଅଭିନବ ଗୀତଗୋବିନ୍ଦକୁ ଶ୍ରୀମନ୍ଦିରରେ ଗାନ କରିବାପାଇଁ ରାଜାଙ୍କର ଆଦେଶକୁ କିପରି ସ୍ୱୟଂ ଜଗନ୍ନାଥ ନାପସନ୍ଦ କରିଥିଲେ, ତାହା ଓଡ଼ିଶାରେ ବେଶ୍ ଜଣାଶୁଣା।

ଜନଶ୍ରୁତିରେ ଅଛି, ଜଣେ ଗ୍ରାମ୍ୟଲଳନା ନିଜ ବାଡ଼ିରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ଗାନ କରିବାରୁ ସେହି ଗାନର ମଧୁର ମୂର୍ଚ୍ଛନାରେ ମୁଗ୍ଧ ହୋଇ ସ୍ୱୟଂ ଜଗନ୍ନାଥ ଶ୍ରୀମନ୍ଦିର ପରିତ୍ୟାଗକରି ହଠାତ୍ ସେଠାରେ ଆବିର୍ଭୂତ ହୋଇଥିଲେ। ଶ୍ରୀଜୟଦେବ ଓ ତାଙ୍କର ପ୍ରିୟ ଗୀତଗୋବିନ୍ଦ ଓଡ଼ିଶାର ଜନମାନସକୁ ଏବେ ବି ଆଚ୍ଛନ୍ନ କରି ରଖିଛି।

ଷୋଡ଼ଶ ଶତାବ୍ଦୀର ପ୍ରଥମ ଦଶକରେ ନବଦ୍ୱୀପରୁ ଶ୍ରୀଚୈତନ୍ୟ ଓଡ଼ିଶାକୁ ଆସି ପ୍ରେମଭକ୍ତିରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଓଡ଼ିଶାର ସାଧୁସନ୍ଥ ଓ ବୈଷ୍ଣବମାନଙ୍କ ସହିତ ଶ୍ରୀଚୈତନ୍ୟଙ୍କର ଆନ୍ତରିକ ସମ୍ପର୍କ ଓ ପୁଣ୍ୟଭୂମି ଉତ୍କଳରେ ସେମାନଙ୍କର ତୀର୍ଥାଟନକୁ ବୈଷ୍ଣବ କବି ମାଧବ ପଟ୍ଟନାୟକ ୧୫୩୫ ମସିହାରେ ତାଙ୍କ ରଚିତ 'ବୈଷ୍ଣବଲୀଳାମୃତ' କାବ୍ୟରେ ଅତି ନିପୁଣ ଭାବରେ ବର୍ଣ୍ଣନା କରିଯାଇଛନ୍ତି। ଶ୍ରୀଚୈତନ୍ୟ ତାଙ୍କର ଦୀର୍ଘଦିନର ନୀଳାଚଳ ରହଣି ସମୟରେ ପ୍ରତିବର୍ଷ ପୌଷ ପୂର୍ଣ୍ଣମୀ ଦିନ ଭକ୍ତମାନଙ୍କ ସହିତ ଏକାମ୍ର କ୍ଷେତ୍ରକୁ ଆସି ହରିହର ରୂପୀ ଲିଙ୍ଗରାଜଙ୍କୁ ତୁଳସୀ ଓ ବେଲପତ୍ରରେ ଅର୍ଚ୍ଚନା କରି, ଗୌରୀକୁଣ୍ଡରେ ସ୍ନାନକରି କେଦାରେଶ୍ୱରଙ୍କୁ ପୂଜା କରୁଥିଲେ। ବିନ୍ଦୁସାଗରରେ ଅବଗାହନ ପୂର୍ବକ ଶ୍ରୀଅନନ୍ତ ବାସୁଦେବଙ୍କ ଦର୍ଶନ ତଥା ମନ୍ଦିର ବେଢ଼ାରେ କୀର୍ତ୍ତନ କରି, ମକରମେଳାରେ ନିଆଳି ମାଧବଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ନିଆଳି ଯିବାବାଟରେ ପରମବୈଷ୍ଣବ ଗୀତଗୋବିନ୍ଦର ରଚୟିତା ଶ୍ରୀ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀ ଗ୍ରାମକୁ ଯାଇ ସେଠାରେ ଗୀତଗୋବିନ୍ଦ ଗାନ କରୁଥିଲେ। ତାପରେ ସେମାନେ ତିଳସପ୍ତମୀରେ ଚନ୍ଦ୍ରଭାଗାତୀରରେ କୋଣାର୍କ ମନ୍ଦିରରେ ଆଦିତ୍ୟ ବିଷ୍ଣୁଙ୍କୁ ଅର୍ଚ୍ଚନାକରି ସେଠାରେ କ୍ଷୀରୀ, ଖିଚୁଡ଼ି ପ୍ରସାଦ ସେବନ କରି, କାକଟପୁରରେ ମଙ୍ଗଳାଙ୍କ ପୂଜାର୍ଚ୍ଚନା ପରେ ଶ୍ରୀକ୍ଷେତ୍ରକୁ ଆସୁଥିଲେ।

ଉପରୋକ୍ତ ବର୍ଣ୍ଣନାରୁ ଶ୍ରୀ ଜୟଦେବଙ୍କ ପ୍ରତି ଶ୍ରୀଚୈତନ୍ୟ ତଥା ଓଡ଼ିଶାବାସୀଙ୍କର ରହିଥିବା ପ୍ରଗାଢ଼ ଶ୍ରଦ୍ଧା ଓ ସମ୍ମାନ ବେଶ୍ ଅନୁମେୟ। ଅକ୍ଷୟ ତୃତୀୟାର ଏହି ପବିତ୍ର ଦିବସରେ ଶ୍ରୀ ଜୟଦେବଙ୍କର ଜୟନ୍ତୀ ପାଳନ ଅବସରରେ ତାଙ୍କ ଜନ୍ମପୀଠ କେନ୍ଦୁଳୀ ଏବେ ସୁପ୍ରତିଷ୍ଠିତ। ଆନ୍ତର୍ଜାତିକ ସ୍ତରରେ ଶ୍ରୀ ଜୟଦେବ ଓ ତାଙ୍କର ଅମରକୃତି ଶ୍ରୀ ଗୀତଗୋବିନ୍ଦ ବହୁ ମାନ୍ୟତାପ୍ରାପ୍ତ। ସଂକୀର୍ଣ୍ଣମନା ସମାଲୋଚକମାନେ ଶ୍ରୀ ଜୟଦେବଙ୍କର ଜନ୍ମସ୍ଥାନକୁ ନେଇ ଅତୀତରେ ବହୁ ବିସମ୍ବାଦ ସୃଷ୍ଟି କରିଥିଲେ। କ୍ରାନ୍ତଦର୍ଶୀ କବି ଭୌଗୋଳିକ ସ୍ଥିତିର ଊର୍ଦ୍ଧ୍ୱରେ। ଶ୍ରୀ ଜୟଦେବଙ୍କର ମଞ୍ଜୁଳ ପଦାବଳି ଶ୍ରୀକ୍ଷେତ୍ରର ଶ୍ରୀ ଜଗଦୀଶ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଯେ ସମର୍ପିତ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

ନିର୍ମାୟ ଗୀତଗୋବିନ୍ଦଂ କାବ୍ୟଂ ଶ୍ରୀ ପୁରୁଷୋତ୍ତମେ
ନିବେଦ୍ୟ କୃତକୃତ୍ୟୋଽସୌ ଜୟଦେବ ମହାସନା"

---

ସମ୍ପାଦକ, ଓଡ଼ିଶା ରିଭ୍ୟୁ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଓଡ଼ିଆ ସମର ସାହିତ୍ୟ – ଏକ ଅଧ୍ୟୟନ

ଶ୍ରୀ ବ୍ରଜ ପାଇକରାୟ

ଏକ ସାହସୀ ଏବଂ ସମରପ୍ରିୟ ଜାତି ଭାବେ ଓଡ଼ିଆମାନଙ୍କ ଖ୍ୟାତି ଥିଲା ସୁଦୂରପ୍ରସାରୀ। ତେଣୁ ମହାଭାରତ ଏବଂ ବହୁ ପ୍ରାଚୀନ ଭାରତୀୟ ଗ୍ରନ୍ଥରେ କଳିଙ୍ଗବାସୀଙ୍କ ଶୌର୍ଯ୍ୟ ଏବଂ ସାହସ ସମ୍ପର୍କରେ ଉଲ୍ଲେଖ କରାଯାଇ ଯଥାର୍ଥରେ କୁହାଯାଇଛି "କଳିଙ୍ଗ ସାହସିକାଃ"। କଳିଙ୍ଗ ସାମ୍ରାଜ୍ୟର ଅଦ୍ୱିତୀୟ ଯୋଦ୍ଧା ମହାମେଘ ବାହାନ ଐର ଖାରବେଳଙ୍କ ଦିଗ୍‌ବିଜୟର ଗୌରବମୟ କାହାଣୀ ଏବେ ବି ପ୍ରତି ଓଡ଼ିଆ ବୁକୁରେ ସୃଷ୍ଟି କରେ ଅତ୍ୟନ୍ତ ପୁଲକର ଶିହରଣ। ଓଡ଼ିଶାର ସୂର୍ଯ୍ୟବଂଶୀ ସମ୍ରାଟ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବିରାଧିବୀରବର କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଉତ୍କଳ ସାମ୍ରାଜ୍ୟର ପରିସୀମା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି ଇତିହାସ ସାକ୍ଷ୍ୟ ଦିଏ। ୧୫୬୮ ଖ୍ରୀଷ୍ଟାବ୍ଦରେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଗୋହିରାଟିକିରି ରଣକ୍ଷେତ୍ରରେ ପତନ ପରେ ଅତ୍ୟାଚାରୀ ମୋଗଲ ଓ ମରହଟ୍ଟା ବର୍ଗୀମାନଙ୍କ ଅଧୀନ ଶାସନ ତଳେ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇ ଯାଇଥିଲେ ମଧ୍ୟ ଓଡ଼ିଆ ଜାତିର ଜୀର୍ଣ୍ଣ କଙ୍କାଳ ତଳେ ତଥାପି ବିପ୍ଳବର ବହ୍ନି ନିର୍ବାପିତ ହୋଇ ନଥିଲା। ଓଡ଼ିଆଜାତିର ଅଦମ୍ୟ ସମର ଲିପ୍‌ସାର ଆଗ୍ନେୟ ସ୍ଫୁରଣ ଘଟିଥିଲା ପୁନର୍ବାର ୧୮୧୭ ମସିହା ଖୋର୍ଦ୍ଧା ପାଇକ ବିପ୍ଳବ ମାଧ୍ୟମ ଦେଇ। ଫିରିଙ୍ଗି ଶାସନଶକ୍ତିର ଅନ୍ୟାୟ ଓ ଜୁଲୁମ ବିରୁଦ୍ଧରେ ପାଇକମାନଙ୍କ ସଙ୍ଗଠିତ ସଶସ୍ତ୍ର ସଂଗ୍ରାମ ପୁଣି ଥରେ ପ୍ରମାଣ କରିଦେଲା ଓଡ଼ିଆଜାତିର ଅନନ୍ୟନୀୟ ସାମରିକ ଚରିତ୍ରକୁ। ଏପରି ଏକ ଦୁର୍ଦ୍ଧର୍ଷ ସାମରିକ ଜାତିର ଇତିହାସ ଏବଂ ପରମ୍ପରାକୁ ଲିପିବଦ୍ଧ କରିବା ପ୍ରଚେଷ୍ଟାରୁ ହିଁ ଓଡ଼ିଆ ସମର ସାହିତ୍ୟର ସୃଷ୍ଟି।

ପଞ୍ଚଦଶ ଶତାବ୍ଦୀରେ ରଚିତ ଆଦିକବି ସାରଳା ଦାସଙ୍କ ମହାଭାରତ ଗ୍ରନ୍ଥରୁ ଓଡ଼ିଆ ସମର କଳାର ସମ୍ୟକ ସୂଚନା ମିଳିଥାଏ। ମହାଭାରତ ରଚନା କରିବା ପୂର୍ବରୁ କବି ସାରଳା ଦାସ ନିଜେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସୈନ୍ୟବାହିନୀରେ ଜଣେ ସଫଳ ଯୋଦ୍ଧା ଥିବାର ଅନୁମାନ କରାଯାଏ। କାରଣ ଏକାଧିକ ସମର ଅଭିଯାନର ପ୍ରତ୍ୟକ୍ଷ ଅନୁଭୂତି ବିନା ମହାଭାରତ ଗ୍ରନ୍ଥରେ ବର୍ଣ୍ଣିତ ବିଭିନ୍ନ ରଣକୌଶଳ ଓ ବ୍ୟୂହ ରଚନା ଇତ୍ୟାଦି ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ସହଜସାଧ୍ୟ ବ୍ୟାପାର ନୁହେଁ। ଏଇ ପରିପ୍ରେକ୍ଷୀରେ ଓଡ଼ିଆ ସମରକଳା ଏବଂ ପ୍ରତ୍ୟକ୍ଷ ସଂଗ୍ରାମ ସମ୍ପର୍କରେ ରଚିତ ଓ ପ୍ରକାଶିତ କେତେକ କାବ୍ୟ ବ୍ୟତୀତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଆଉ କେତେକ ଅପ୍ରକାଶିତ ପାଣ୍ଡୁଲିପିରେ ଲିଖିତ ଥିବା ବିଷୟବସ୍ତୁର ସଂକ୍ଷିପ୍ତ ଅବତାରଣା ଏବଂ ଆଲୋଚନା ସମୀଚୀନ ମନେ ହୁଏ।

## (୧) ପାଇକ ଖେଦା :

ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଏବଂ ଭୋଇବଂଶୀୟ ଗଜପତି ନରସିଂହ ଦେବଙ୍କ ରାଜତ୍ୱ କାଳରେ "ପାଇକଖେଦା" ପୁସ୍ତକ କହ୍ନେଇ ଚମ୍ପତିରାୟଙ୍କ ଦ୍ୱାରା ରଚିତ ହୋଇଥିବାର ଜଣାଯାଏ। 'ପାଇକଖେଦା' ରଚନା ସମୟକୁ ଓଡ଼ିଶା ମୁସଲମାନ ଶାସନାଧୀନ ହୋଇ ସାରିଥିଲା। ଦେଶପ୍ରେମୀ ଏବଂ ସୈନିକ କବି ଶ୍ରୀ ଚମ୍ପତିରାୟ ପୁସ୍ତକର ଉପସଂହାରରେ ଉଲ୍ଲେଖ କରିଛନ୍ତି ଯେ ପାଇକ ସମ୍ପ୍ରଦାୟର ମହାନ୍ ସାମରିକ ପରମ୍ପରା ଯେପରି କାଳର ବିସ୍ମୃତି ଗର୍ଭରେ ଲୀନ ହୋଇ ନ ଯାଇ ଅକ୍ଷୁଣ୍ଣ ରହେ ସେଥିପ୍ରତି ଧ୍ୟାନ ଦେଇ ସେ ପୁସ୍ତକ ରଚନା କରିଛନ୍ତି। ଗଜପତି ସୈନ୍ୟ ବାହିନୀରେ ଜଣେ ଉତ୍ତମ ସୈନିକ ହେବା ପାଇଁ ଆବଶ୍ୟକୀୟ ଗୁଣ ସମ୍ପର୍କରେ "ପାଇକ ଖେଦା"ରେ ସୂଚନା ପ୍ରଦାନ କରାଯାଇଛି। ଉକ୍ତ ପୁସ୍ତକଟି ୧୨ଟି ଅଧ୍ୟାୟ ବା ଅନୁଚ୍ଛେଦରେ **(Chapter)** ବିଭକ୍ତ। କବି ଚମ୍ପତିରାୟ ତତ୍‌କାଳୀନ ସୈନ୍ୟ ବାହିନୀରେ ନିଯୁକ୍ତି ପ୍ରଣାଳୀ, ଯୋଦ୍ଧାମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରଣ କ୍ଷେତ୍ରରେ ସୈନ୍ୟ ପରିଚାଳନା, ଆହତ ସୈନିକମାନଙ୍କ ଚିକିତ୍ସା ବ୍ୟବସ୍ଥା, ନୌସେନା, ଜଳ ଯୁଦ୍ଧ ଏବଂ ଦୁର୍ଗ ନିର୍ମାଣ କୌଶଳ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରିଛନ୍ତି

ଏତଦ୍ ବ୍ୟତୀତ ଯୁଦ୍ଧଯାତ୍ରା ନିମିତ୍ତ ସ୍ୱତନ୍ତ୍ର ସାମରିକ ପୋଷାକ ପରିଧାନ, ଯୁଦ୍ଧ କ୍ଷେତ୍ରରେ ବିଭିନ୍ନ ବ୍ୟୂହ ରଚନା ଏବଂ ରଣ ସଙ୍ଗୀତ ଇତ୍ୟାଦି ସମ୍ପର୍କରେ "ପାଇକ ଖେଦା" ପୁସ୍ତକରେ ଉଲ୍ଲେଖ କରାଯାଇଛି।

"ପାଇକ ଖେଦା"ରେ ବର୍ଣ୍ଣିତ ଅସ୍ତ୍ରଶସ୍ତ୍ର ମଧ୍ୟରେ କଣ୍ଟିଆ, କ୍ଷୁର, କଟାରୀ, ବାଙ୍କଛୁରୀ, କଣ୍ଡା, ବର୍ଚ୍ଛା, ଯମଦାଢ଼, ବଲମ୍, ଜାଭେଲିନ୍, ଢାଲ, ଧନୁ ଏବଂ ଅର୍ଦ୍ଧ ଚନ୍ଦ୍ରାକୃତି ଶର ଇତ୍ୟାଦି ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ। ସମର କ୍ଷେତ୍ରରେ ମୁଖ୍ୟତଃ ଚକ୍ରବ୍ୟୂହ, ସୂଚୀ ବ୍ୟୂହ, ପଦ୍ମ ବ୍ୟୂହ, କଚ୍ଛୁରୀ ବ୍ୟୂହ ଏବଂ ଅର୍ଦ୍ଧଚନ୍ଦ୍ର ବ୍ୟୂହ ଇତ୍ୟାଦିର ସହାୟତା ନେଇ ଶତ୍ରୁ ସୈନ୍ୟମାନଙ୍କୁ ସାମ୍ନା କରାଯାଉଥିଲା। ନୌ–ସେନା ଦ୍ୱାରା ବ୍ୟବହୃତ ରଣତରୀ ମଧ୍ୟରେ ନନ୍ଦିଆ, ତାଜପୁରା, ଗଙ୍ଗାପ୍ରସାଦ, ଶତ୍ରୁରୀ ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ।

## (୨) ସମର ତରଙ୍ଗ :

ଓଡ଼ିଆ ସମର ସାହିତ୍ୟ ରଚନା କ୍ଷେତ୍ରରେ "ସମର ତରଙ୍ଗ" କାବ୍ୟ ଏକ ଅନବଦ୍ୟ ସୃଷ୍ଟି । "ସମର ତରଙ୍ଗ" କାବ୍ୟର ରଚୟିତା କବି ବ୍ରଜନାଥ ବଡ଼ଜେନା ତତ୍କାଳୀନ ଢେଙ୍କାନାଳ ରାଜା ମହୀନ୍ଦ୍ର ବାହାଦୁରଙ୍କ ସେନା ବାହିନୀ ଏବଂ ମରହଟ୍ଟା ସୈନ୍ୟମାନଙ୍କ ମଧ୍ୟରେ ସଙ୍ଘଟିତ ପ୍ରତ୍ୟକ୍ଷ ସଂଗ୍ରାମର କାହାଣୀକୁ ବେଶ୍ ସରଳ ଓ ସାବଲୀଳ ଭାଷାରେ ଉପସ୍ଥାପିତ କରିବାକୁ ସମର୍ଥ ହୋଇଛନ୍ତି । କବି ବଡ଼ଜେନା ନିଜର ସ୍ୱତଃସ୍ଫୂର୍ତ୍ତ ଭାବ ପ୍ରକାଶ ପାଇଁ ଆବଶ୍ୟକ ସ୍ଥଳେ ଓଡ଼ିଆ ଭାଷା ବ୍ୟତୀତ ହିନ୍ଦୁସ୍ଥାନୀ ଏବଂ ମରାଠୀ ଭାଷାର ସଫଳ ପ୍ରୟୋଗ ମଧ୍ୟ କରିଛନ୍ତି । କବି ବଡ଼ଜେନା ସୈନ୍ୟମାନଙ୍କର ରଣ ପ୍ରସ୍ତୁତି, ଘୋଡ଼ା ସବାର ବାହିନୀ ଏବଂ ପଦାତିକ ସୈନ୍ୟମାନଙ୍କ ସମର ଅଭିଯାନ, ରଣକ୍ଷେତ୍ରରେ ତୋପସ୍ଖଳନ, ଆହତ ସୈନ୍ୟମାନଙ୍କ ଆର୍ତ୍ତଚିତ୍କାର ଏବଂ ଜୀବନରକ୍ଷା ପାଇଁ ରଣକ୍ଷେତ୍ରରୁ ପଳାୟନ ଇତ୍ୟାଦି ସମ୍ପର୍କରେ ସୁସଂଯୋଜିତ ଶବ୍ଦ ମାଧ୍ୟମରେ ଭାବ ପ୍ରକାଶ କରିଛନ୍ତି । ନିଜ ସୈନ୍ୟବାହିନୀ ଉଦ୍ଦେଶ୍ୟରେ ଢେଙ୍କାନାଳ ରାଜାଙ୍କ ବୀରତ୍ୱ ବ୍ୟଞ୍ଜକ ଏବଂ ଉଦ୍ଦୀପନାମୂଳକ ଉଦ୍‌ବୋଧନ ଏବଂ ଆପରକ୍ଷା ଉଦ୍ଦେଶ୍ୟରେ ଦୁର୍ଗ ପରିତ୍ୟାଗ କରି ପଳାୟନ ନିମିତ୍ତ ରାଜାଙ୍କୁ ରାଜ ପାରିଷଦମାନଙ୍କ ଉପଦେଶ ପ୍ରଦାନ ଇତ୍ୟାଦିର ଜୀବନ୍ତ ଚିତ୍ରଣ "ସମର ତରଙ୍ଗ" କାବ୍ୟକୁ ବେଶ୍ ପ୍ରଭାବଶାଳୀ କରିବାରେ ସମର୍ଥ ହୋଇଛି ।

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ରଚିତ "ସମର ତରଙ୍ଗ" କାବ୍ୟରେ ମୋଟରେ ୭ଟି ଅଧ୍ୟାୟ ବା ଅନୁଚ୍ଛେଦ ରହିଛି । କବି ବ୍ରଜନାଥ ବଡ଼ଜେନା ତତ୍କାଳୀନ ରଣକ୍ଷେତ୍ରରେ ବ୍ୟବହୃତ ଅସ୍ତ୍ର ଶସ୍ତ୍ର ମଧ୍ୟରେ କୁନ୍ତ, ଗୁପ୍ତି, କଟାରି, ଫାଶା, ଚନ୍ଦ୍ର, ବାଙ୍କଛୁରୀ, ଭାଲା, ବଲମ୍, ବର୍ଚ୍ଛା, ଖଡ୍‌ଗ, ତଲୱାର ଏବଂ ଢାଲ ଇତ୍ୟାଦିର ଉଲ୍ଲେଖ କରିଛନ୍ତି ଏବଂ ବିଭିନ୍ନ ତୋପ ଯଥା—ଗଣେଶପ୍ରସାଦ, କାଳିକା ପ୍ରସାଦ, ଫିଲକ୍ ମୈଦାନ, ନିଶପଟି, ଘନଗର୍ଜନ, ଶତ୍ରୁ ମର୍ଦ୍ଦନ, ମଦନ ମୋହନ, ଠେଙ୍ଗା ସୁନ୍ଦରୀ, ମହାବଳ, ଚୈପାହାଲ, ଦୁର୍ଗା ଇତ୍ୟାଦି ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଛନ୍ତି । ଏତଦ୍ ବ୍ୟତୀତ ରଣ ସଙ୍ଗୀତ ପାଇଁ ବ୍ୟବହୃତ ବାଦ୍ୟଯନ୍ତ୍ର ଯଥା—ଢୋଲକି, ମହୁରି, ଘଣ୍ଟ, ଧମ୍ପା, ନାଗରା, ଡମ୍ଫା ନାଗରା, ନିଶାଣ ଓ ଡାଳମ୍ବୁକି ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି ।

## (୩) ରଣ ତରଙ୍ଗ :

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ "ରଣ ତରଙ୍ଗ" ପାଣ୍ଡୁଲିପିର ରଚୟିତାଙ୍କ ନାମ କବି ଭାଗିରଥି । ଉକ୍ତ ପାଣ୍ଡୁଲିପିଟି ଏକ କ୍ଷୁଦ୍ର କାବ୍ୟ ଆକାରରେ ରଚିତ ଏବଂ ଉକ୍ତ କାବ୍ୟରେ ମୋଟ ୫ଟି ଅଧ୍ୟାୟ ବା ଅନୁଚ୍ଛେଦ ରହିଛି । ଅନୁଗୋଳର ରାଜା ସୋମନାଥ ସିଂହ ଏବଂ ଢେଙ୍କାନାଳର ରାଜା ଶ୍ୟାମସୁନ୍ଦର ଦେବଙ୍କ ମଧ୍ୟରେ ଘଟିଥିବା ଲୋମହର୍ଷଣକାରୀ ସଂଗ୍ରାମର ଚିତ୍ର "ରଣ ତରଙ୍ଗ" କାବ୍ୟର ମୁଖ୍ୟ କଥାବସ୍ତୁ । ଉଭୟ ରାଜ୍ୟର ସୀମା ବିବାଦ ଯୁଦ୍ଧର ମୂଳକାରଣ ବୋଲି ଜଣାଯାଏ । ଯୁଦ୍ଧରେ ପଦାତିକ ବାହିନୀ, ଘୋଡ଼ା ସବାର ବାହିନୀ ଏବଂ ହସ୍ତୀବଳର ପ୍ରୟୋଗ ସମ୍ବନ୍ଧରେ ଉକ୍ତ କାବ୍ୟରେ ଉଲ୍ଲେଖ କରାଯାଇଛି । ଯୁଦ୍ଧରେ ଲଢୁଥିବା ସୈନିକମାନେ ଜଙ୍ଘିଆ, ଟୋପର, ପଣ୍ଡି, ପାଗୁଡ଼ି, ଖଣ୍ଡ ଲାଞ୍ଜ ପରିଧାନ କରିବା ସହ ଶରୀରରେ କାଇମାଟି ଲେପନ କରୁଥିବାର ଜଣାଯାଏ । ରଣକ୍ଷେତ୍ରରେ ବ୍ୟବହୃତ ଅସ୍ତ୍ର ଶସ୍ତ୍ର ମଧ୍ୟରେ ଧନୁଶର, ଫରିଖଣ୍ଡା, ଖଡ୍‌ଗ, ବର୍ଚ୍ଛା, କାତି, କଟାରି, ସାବେଲୀ, ଲଙ୍ଗିଆ, ଟେଣ୍ଟା, ତଲୱାର, ଭାଲା, ଛୁରୀ, ଏକମୁହାଁ, ଯମଦାଢ଼, ନଳି, ଜଞ୍ଜାଲ, ଜମ୍ବୁରା, ଗଣ୍ଡିଆ, ପେଟକଟା ଇତ୍ୟାଦିର ନାମ ବିଶେଷ ଉଲ୍ଲେଖଯୋଗ୍ୟ । ରଣ ସଙ୍ଗୀତ ନିମିତ୍ତ ଭେରୀ, ତୁରୀ, ସିଙ୍ଗା, ଶଙ୍ଖ, ମହୁରୀ, ମାଦଳ, ନାଗରା ଓ ଦମାଲୁ ଇତ୍ୟାଦି ବ୍ୟବହାର କରାଯାଉଥିବାର ଜଣାଯାଏ । ଏତଦ୍ ବ୍ୟତୀତ ମହାରଥି, ଇନ୍ଦ୍ରସିଂହ, ଦଳବେହେରା, ଉତ୍ତର କବାଟ ଏବଂ ସାମନ୍ତସିଂହାର ଇତ୍ୟାଦି ସାମରିକ ଉପାଧିଧାରୀ ଯୋଦ୍ଧାମାନେ ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ ।

## ୪ ଫିରିଙ୍ଗି କଳି ଭାରତ :

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗଡ଼ ତାପଙ୍ଗ ନିକଟବର୍ତ୍ତୀ ସାନପୁଟ ଗଡ଼ ଗ୍ରାମର ମଧୁସୂଦନ ବିପ୍ର "ଫିରିଙ୍ଗି କଳି ଭାରତ" କାବ୍ୟର ରଚୟିତା । କବି ମଧୁସୂଦନ ବିପ୍ର ତାପଙ୍ଗ ଦଳବେହେରାଙ୍କ ଓ ଇଂରେଜ ସୈନ୍ୟମାନଙ୍କ ଯୁଦ୍ଧର ପ୍ରତ୍ୟକ୍ଷଦର୍ଶୀ ଥିବା କଥା ଉକ୍ତ କାବ୍ୟରେ ଉଲ୍ଲେଖ କରିଛନ୍ତି । ୧୨୪୨ ସାଲ ମେଷ ପଚିଶ ଦିନ ଉକ୍ତ ଗ୍ରନ୍ଥ ଲେଖା ସମ୍ପୂର୍ଣ୍ଣ ହୋଇ ଥିବାର ଜଣାଯାଏ । ୧୮୩୫ ମସିହା ଏପ୍ରିଲ ମାସରେ "ଫିରିଙ୍ଗି କଳି ଭାରତ" ପାଣ୍ଡୁଲିପି ଲେଖା ସରିବା ପରେ ୧୯୮୬ ମସିହାରେ ଡଃ ଅର୍ଜ୍ଜୁନ ଯୋଶୀଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶିତ ହୋଇଛି । ଉକ୍ତ କାବ୍ୟରେ ମୋଟରେ ୧୨ଟି ଅଧ୍ୟାୟ ରହିଛି ।

"ଫିରିଙ୍ଗି କଳି ଭାରତ" ଗ୍ରନ୍ଥରେ ମୁଖ୍ୟତଃ ରଣପୁର ରାଜାଙ୍କ ବିରୁଦ୍ଧରେ ଖୋର୍ଦ୍ଧା ଗଜପତି ରାଜା ୨ୟ ମୁକୁନ୍ଦଦେବଙ୍କ ପାଇକ ବାହିନୀର ସମର ଅଭିଯାନ ଏବଂ ରଣପୁର, ନୟାଗଡ଼ ଏବଂ ଖଣ୍ଡପଡ଼ା ରାଜ୍ୟର ମିଳିତ ସୈନ୍ୟ ବାହିନୀକୁ ପରାସ୍ତ କରିବା ସମ୍ପର୍କୀୟ ବିବରଣୀ ଉଲ୍ଲେଖ କରାଯାଇଛି । ଏତଦ୍ ବ୍ୟତୀତ ବାଙ୍କି ଦମପଡ଼ା ଶାସକମାନଙ୍କ ବିରୁଦ୍ଧରେ ଖୋର୍ଦ୍ଧା ଗଜପତି ରାଜାଙ୍କ ଯୁଦ୍ଧ ଅଭିଯାନ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । "ଫିରିଙ୍ଗି କଳି ଭାରତ" କାବ୍ୟର ଦ୍ୱାଦଶ ବା ଶେଷ ଅଧ୍ୟାୟରେ ତାପଙ୍ଗଗଡ଼ର ଦଳବେହେରା ସାମନ୍ତ ମାଧବଚନ୍ଦ୍ର ରାଉତରାୟଙ୍କ ପାଇକ ବାହିନୀ ସହ ଇଂରେଜ ବା ଫିରିଙ୍ଗି ସୈନ୍ୟ ବାହିନୀର ଲୋମହର୍ଷଣକାରୀ ସଂଗ୍ରାମର କାହାଣୀ ଲିପିବଦ୍ଧ କରାଯାଇଛି । ୧୮୨୭ ମସିହାରେ ଘଟିଥିବା ଯୁଦ୍ଧରେ ପାଇକ ବାହିନୀର ସ୍ୱଦେଶପ୍ରୀତି ଏବଂ ଅସାମାନ୍ୟ ବୀରତ୍ୱ ଏବଂ ତାପଙ୍ଗ ଦଳବେହେରା ମାଧବଚନ୍ଦ୍ର

ଶାଗଡରାୟଙ୍କ ସ୍ୱାଭିମାନ ଏବଂ ଉଦାରତା ସମ୍ପର୍କରେ କବି ମଧୁସୂଦନ ବିପ୍ରଙ୍କ ବିଶଦ ବର୍ଣ୍ଣନା ପାଠକ ଅନ୍ତରକୁ ପ୍ରଭାବିତ କରିବାରେ ସମର୍ଥ ହୋଇଥାଏ । ତତ୍କାଳୀନ ରଣ କ୍ଷେତ୍ରରେ ଯୋଦ୍ଧାମାନେ ବ୍ୟବହାର କରୁଥିବା ଅସ୍ତ୍ର ଶସ୍ତ୍ର ମଧ୍ୟରେ ଶକ୍ତି, ମୁଦ୍‌ଗର, କଟାରି, ଯମଦାଢ଼, ଅସିବର, ଲଙ୍କିଆ, ସାବେଳୀ, ଭାଲି, ଖଣ୍ଡା, ଛୁରୀ, ନଳି, ଜଜାଲ ଓ ଜମ୍ବୁରୀ ଇତ୍ୟାଦି ପ୍ରଧାନ ଥିଲା । ରଣବାଦ୍ୟ ଉଦ୍ଦେଶ୍ୟରେ ନାଗରା, ମହୁରି, ତେଲିଙ୍ଗି, ଟମ୍‌କା, ଦୁନ୍ଦୁଭି, ପଖଉଜ, ଧମସା, ତୁରୀ, କାହାଳୀ, ଡମ୍ଫା ଇତ୍ୟାଦି ବ୍ୟବହୃତ ହେଉଥିବାର ଜଣାଯାଏ । ଘୋଡ଼ା ସବାର ବାହିନୀ ମୁଖ୍ୟତଃ ଖଣ୍ଡା ଓ ଢ଼ାଲ ସାହାଯ୍ୟରେ ଶତ୍ରୁ ବିରୁଦ୍ଧରେ ସଂଗ୍ରାମ କରୁଥିଲେ ।

## (୫) ଖଲ୍ଲିକୋଟ ରାଜାଙ୍କ ଯଶ :

ଉକ୍ତ ଗ୍ରନ୍ଥର ରଚୟିତା ଚୈତନ୍ୟ ଦାସ ଖଲ୍ଲିକୋଟ ରାଜ୍ୟର ତତ୍କାଳୀନ ରାଜା ନାରାୟଣ ମର୍ଦ୍ଦରାଜ ଦେଓଙ୍କ ସହ ଗଞ୍ଜାମଜିଲ୍ଲା ଅନ୍ତର୍ଗତ ଆଠଗଡ଼ ରାଜା ରାମଚନ୍ଦ୍ର ହରିଚନ୍ଦନ ଜଗଦେବଙ୍କ ସେନା ବାହିନୀର ସଂଗ୍ରାମର କାହାଣୀକୁ ଭିତ୍ତିକରି ଲିପିବଦ୍ଧ କରିଛନ୍ତି ।ଉପରୋକ୍ତ ଦୁଇ ରାଜ୍ୟର ସୀମା ବିବାଦ କାରଣରୁ ହିଁ ୧୮୫୦ ମସିହାରେ ଏକ ଭୟଙ୍କର ଯୁଦ୍ଧ ସଙ୍ଘଟିତ ହୋଇଥିଲା ଏବଂ ଶେଷରେ ବ୍ରିଟିଶ ସରକାରର ହସ୍ତକ୍ଷେପ ଯୋଗୁଁ ସଂଗ୍ରାମର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ଉକ୍ତ ଯୁଦ୍ଧରେ ଯୋଦ୍ଧାମାନେ ଖଣ୍ଡା, ଛୁରୀ, କଟାରି, ଧନୁଶର, ଫରିଖଣ୍ଡା, ତରବାରୀ, ନଳି, ବଡ଼କ ନଳି, ତୋପ ଇତ୍ୟାଦି ବ୍ୟବହାର କରିଥିବାର ଜଣାଯାଏ । ରଣ ସଙ୍ଗୀତ ନିମିତ୍ତ ଶଙ୍ଖ ଏବଂ ଟମ୍‌କ ବ୍ୟବହୃତ ହୋଇଥିବା ବିଷୟ ଗ୍ରନ୍ଥକାର ଚୈତନ୍ୟ ଦାସ ଉଲ୍ଲେଖ କରିଛନ୍ତି ।

## (୬) ବୀର ସର୍ବସ୍ୱ :

ଉକ୍ତ ଗ୍ରନ୍ଥର ରଚୟିତା ତତ୍କାଳୀନ ତିଗିରିଆ ରାଜ୍ୟର ରାଜା ଗୋପୀନାଥ ତୁଙ୍ଗ ଶକାବ୍ଦ ୧୭୧୦ରୁ ୧୭୮୮ ମଧ୍ୟରେ ବଞ୍ଚିଥିବା କଥା"ପାତଞ୍ଜଳେୟ ଯୋଗଶାସ୍ତ୍ର" ପାଣ୍ଡୁଲିପିରୁ ଜଣାଯାଏ । "ବୀର ସର୍ବସ୍ୱ" ଗ୍ରନ୍ଥରେ ସେ ସମୟର ରଣନୀତି, ବିଭିନ୍ନ କିସମ ଦୁର୍ଗ ଗଠନର ପ୍ରଣାଳୀ, ସମର କ୍ଷେତ୍ରରେ ସୈନ୍ୟ ସଜ୍ଜା ବା ବ୍ୟୂହ ରଚନା, ସୈନିକମାନଙ୍କ ବେଶ ପୋଷାକ ପରିଧାନ, ଯୁଦ୍ଧ ଅନୁକୂଳର ବିଶେଷ ମୁହୂର୍ତ୍ତ, ସେନାଧ୍ୟକ୍ଷଙ୍କ ଆଚରଣ, ଯୁଦ୍ଧରେ ଚତୁରଙ୍ଗ ବଳର ପ୍ରୟୋଗ, ରଣବାଦ୍ୟର ବ୍ୟବହାର ଏବଂ ଯୁଦ୍ଧରେ ବ୍ୟାପୃତ ହେବା ମୁହୂର୍ତ୍ତରେ ମନ୍ତ୍ରପାଠ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି । ସମର ସାହିତ୍ୟ କ୍ଷେତ୍ରରେ "ବୀର ସର୍ବସ୍ୱ" ଗ୍ରନ୍ଥ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

## (୭) ବୀର ପରାକ୍ରମ :

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ "ବୀର ପରାକ୍ରମ" ପାଣ୍ଡୁଲିପିର ରଚୟିତାଙ୍କ ନାମ ବାସୁଦେବ ଏବଂ ଉକ୍ତ ପାଣ୍ଡୁଲିପିରେ ଯୁଦ୍ଧର ନୀତି ନିୟମ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପାଣ୍ଡୁଲିପିଟି ପ୍ରସ୍ତୁତ ହୋଇଥିବାର ଅନୁମାନ କରାଯାଏ ।

## (୮) ବୀର ପ୍ରଭା :

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଉକ୍ତ ପାଣ୍ଡୁଲିପିର ରଚୟିତାଙ୍କ ନାମ "କାଶୀନାଥ" । ଉକ୍ତ ପାଣ୍ଡୁଲିପିଟି (Palm-leaf Manuscript) ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ତାପଙ୍ଗ ଅଞ୍ଚଳରୁ ସଂଗୃହୀତ ହୋଇଛି ।

## (୯) ବୁଢ଼ାପଙ୍କ ଯୁଦ୍ଧ :

"ବୁଢ଼ାପଙ୍କ ଯୁଦ୍ଧ" ଗ୍ରନ୍ଥର ରଚୟିତାଙ୍କ ନାମ ନୃସିଂହ ରାଜଗୁରୁ । ପୂର୍ବତନ ଗଡ଼ଜାତ ଢ଼େଙ୍କାନାଳ ଏବଂ ଇଂରେଜ ସେନା ସହ ଅନୁଗୋଳର ସ୍ୱାଭିମାନୀ ରାଜା ସୋମନାଥ ସିଂହଙ୍କ ସଂଗ୍ରାମର କାହାଣୀକୁ ଭିତ୍ତି କରି ଉକ୍ତ ଗ୍ରନ୍ଥଟି ରଚିତ । ଅନୁଗୋଳ ରାଜା ସୋମନାଥ ସିଂହଙ୍କ ଲଢୁଆ ମନୋବୃତ୍ତି, ଯୁଦ୍ଧରେ ଅସାମାନ୍ୟ ବୀରତ୍ୱ ପ୍ରଦର୍ଶନ ଏବଂ ପରିଶେଷରେ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇ କାରାଗାରରେ ମୃତ୍ୟୁ ବରଣ ଇତ୍ୟାଦି ସମ୍ପର୍କରେ ଗ୍ରନ୍ଥକାର ଉଲ୍ଲେଖ କରିଛନ୍ତି । ୧୮୫୩ ମସିହାରେ ରାଜା ସୋମନାଥ ସିଂହଙ୍କ ମୃତ୍ୟୁ ପରେ ଉକ୍ତ ପାଣ୍ଡୁଲିପିଟିର ଲେଖା ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଏ ।

## (୧୦) ବଡ଼ମ୍ବା ଯୁଦ୍ଧ ଚରିତ :

ଓଡ଼ିଶା ମରହଟ୍ଟା ଶାସନାଧୀନ ଥିବା ସମୟରେ ବଡ଼ମ୍ବା ଏବଂ ନରସିଂହପୁରର ରାଜାଙ୍କ ମଧ୍ୟରେ ସଙ୍ଘଟିତ ସଂଗ୍ରାମର କାହାଣୀକୁ ଭିତ୍ତି କରି ଉକ୍ତ ପାଣ୍ଡୁଲିପିଟି ରଚିତ ହୋଇଛି । ତତ୍କାଳୀନ ମରହଟ୍ଟା ଶାସକଙ୍କ ହସ୍ତକ୍ଷେପ ଫଳରେ ବଡ଼ମ୍ବା ଏବଂ ନରସିଂହପୁର ରାଜାଙ୍କ ମଧ୍ୟରେ ଥିବା ବିବାଦର ସମାଧାନ କରାଯାଇଥିଲା ।

ଉକ୍ତ ପାଣ୍ଡୁଲିପିରେ ବଡ଼ମ୍ବା ଓ ନରସିଂହପୁର ରାଜ୍ୟ ଦୁଇଟିର ସାମରିକ ଘାଟି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ରତାପାଟ, ଖାରୋଡ଼, ତାଗିଲ, ସାସଙ୍ଗ, ବେଲିଆପଲା, ବାସେଲୀହାଟ, ଯୋଡ଼ମ୍ବ, କୋମୁଣ୍ଡା, ପଦମାଳ, ତିମିରିଆ, ରୁସିପଡ଼ା, ବାଲିଝରି, ଚମ୍ପେଶ୍ୱର, ଅଟଣ୍ଡା, ଅଦ୍ଦେଇଗୁଣ୍ଡି ଇତ୍ୟାଦି ସ୍ଥାନରେ ପୁରାତନ ସାମରିକ ଘାଟି ବିଦ୍ୟମାନ ଥିଲା ବୋଲି "ବଡ଼ମ୍ବା ଯୁଦ୍ଧ ଚରିତ" ପାଣ୍ଡୁଲିପିରେ ଉଲ୍ଲେଖ କରାଯାଇଛି । ଏତଦ୍‌ବ୍ୟତୀତ ତିମିରିଆ, ଘୁମୁସର, ଖଣ୍ଡପଡ଼ା, ଡ଼ମପଡ଼ା, ବାଙ୍କୀ, ରଣପୁର, ଅନୁଗୋଳ ଏବଂ ତାପଙ୍ଗ ଇତ୍ୟାଦି ସ୍ଥାନରେ ସାମରିକ ଘାଟି (Military Strongholds) ଥିବା ବିଷୟରେ ଉକ୍ତ ପାଣ୍ଡୁଲିପିରୁ ଜଣାଯାଏ ।

ବଡ଼ମ୍ବା ଏବଂ ନରସିଂହପୁର ସେନା ମଧ୍ୟରେ ସଙ୍ଘଟିତ ଲଢ଼େଇରେ ଯୋଦ୍ଧାମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ

ହେଲ୍ଲା–ଖଣ୍ଡା, ଶେଲ, ବର୍ଚ୍ଛା, ତଲୱାର, ଖଡ୍‌ଗ, ଖୁରୁଜ, ନଳି, ପରିଘା ଏବଂ ଡମ୍ବୁରା ଇତ୍ୟାଦି । ରଣ ବାଦ୍ୟ ପାଇଁ ବ୍ୟବହୃତ ବାଦ୍ୟଯନ୍ତ୍ରଗୁଡ଼ିକ ହେଲା–ଟମ୍ବକ, ନିଶାଣ, ପଖଉଜ, ଦମାଲୁ, ବିଜିଘୋଷ, ତୁରୀ, ମହୁରି ଏବଂ ବୀରତୁରୀ । ପଦାତିକ, ଅଶ୍ୱାରୋହୀ ଏବଂ ଗଜାରୋହୀ ସୈନିକମାନେ ରଣକ୍ଷେତ୍ରରେ ଲଢୁଥିଲେ । ପଦାତିକ ସୈନ୍ୟମାନେ ବାଣୁଆ, ସିପାହୀ, ଫଡ଼ିକାର ଏବଂ ଖଣ୍ଡାୟତ ଇତ୍ୟାଦି ନାମରେ ପରିଚିତ ଥିଲେ ବୋଲି "ବଡ଼ସା ଯୁଦ୍ଧ ଚରିତ"ରେ କୁହାଯାଇଛି ।

### (୧୧) ଯୁଦ୍ଧ ଗୀତ :

ପୂର୍ବତନ ଗଡ଼ଜାତ ରାଜ୍ୟ ନୟାଗଡ଼ର ରାଜା ଏବଂ ଘୁମୁସର ରାଜାଙ୍କ ମଧ୍ୟରେ ଘଟିଥିବା ସାମରିକ ସଂଘର୍ଷର କାହାଣୀକୁ ଭିତ୍ତି କରି ରଚିତ "ଯୁଦ୍ଧ ଗୀତା" ପାଣ୍ଡୁଲିପିଟି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ରହିଛି । ବକ୍ରସିଂହ ମାନଧାତା, ରାମଚନ୍ଦ୍ର ସିଂହ ମାନଧାତା ଏବଂ ଶ୍ରୀକାନ୍ତ ଦାସ ଗୋସାଇଁ ପ୍ରଭୃତି ଶାସକମାନଙ୍କର ନାମ ଉକ୍ତ ପାଣ୍ଡୁଲିପିରେ ଉଲ୍ଲେଖ ହୋଇଥିବାର ଜଣାଯାଏ । ନୟାଗଡ଼ ଏବଂ ଘୁମୁସର ମଧ୍ୟରେ ହୋଇଥିବା ଯୁଦ୍ଧର ଯୋଦ୍ଧାଗଣ ମୁଖ୍ୟତଃ ଗାଣ୍ଡିଆ, ଚଦ୍ଦକ ଏବଂ ଢାଲ ଇତ୍ୟାଦି ଅସ୍ତ୍ରର ବ୍ୟବହାର କରିଥିଲେ । ରଣବାଦ୍ୟ ରୂପେ ଦମାଲୁ, ଭେରୀ, ତୁରୀ, ଶଙ୍ଖ, ଘୁଙ୍ଗୁ, ବଂଶୀ, ମଞ୍ଜିରା, ମାଦଳ, ଢୋଲ, କାହାଳୀ, ଡମ୍ଫା ନାଗରା ଇତ୍ୟାଦି ବ୍ୟବହୃତ ହୋଇଥିବା କଥା "ଯୁଦ୍ଧ ଗୀତା" ପାଣ୍ଡୁଲିପିରୁ ଜଣାପଡ଼େ ।

---

ଯୁଗ୍ମ–ସଭାପତି,
ଓଡ଼ିଶା ଯୁବ ଲେଖକ ସମ୍ମେଳନ,
୩୪୭, ଡାଗମରା (ବେଉବାରି),
ୟୁନିଟ୍–୨୦, ଭୁବନେଶ୍ୱର–୩୦

## ମଧୁବାବୁଙ୍କ ଜନ୍ମ ଦିବସକୁ "ସ୍ୱାଭିମାନ ଦିବସ" ରୂପେ ପାଳନ କରାଯିବ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଗତ ଏପ୍ରିଲ ୨୮ ତାରିଖରେ ସ୍ଥାନୀୟ ସୂଚନା ଭବନଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମଧୁବାବୁଙ୍କ ଜନ୍ମ ଦିବସକୁ "ସ୍ୱାଭିମାନ ଦିବସ" ରୂପେ ପାଳନ କରାଯିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ବୁଦ୍ଧି, ଜ୍ଞାନ, ଅସୀମ ଦକ୍ଷତା ଓ ନିର୍ଭୀକ ଭାବରେ ମଧୁବାବୁ ବ୍ରିଟିଶ ଶାସକମାନଙ୍କୁ କଠୋର ସମାଲୋଚନା କରୁଥିଲେ । ଭାଷାକୁ ଭିତ୍ତି କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ନିଜ ଜାତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ହିଁ ଥିଲା ତାଙ୍କ ଜୀବନର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ମଧୁବାବୁଙ୍କ ଯୋଗ୍ୟ ଦାୟାଦ ଭାବରେ ତାଙ୍କ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଦୃଢ଼ସଙ୍କଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ ।

ଏଥିରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ କହିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଶାର ଗର୍ବ ଓ ଗୌରବ । ତାଙ୍କର ଅସୀମ ଜ୍ଞାନ ଓ ଚେଷ୍ଟା ଫଳରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହୋଇପାରିଛି ।

ସମ୍ମାନିତ ଅତିଥି ଭାବେ ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ କହିଲେ ଯେ, ଓଡ଼ିଶା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ଅବିସ୍ମରଣୀୟ । ଏହି ପ୍ରଜ୍ଞା ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମନ୍ତ୍ରୀ ଶ୍ରୀ ରାଉତରାୟ ଆହ୍ୱାନ ଜଣାଇଥିଲେ ।

ମୁଖ୍ୟବକ୍ତା ପ୍ରଫେସର ଡଃ କରୁଣା ସାଗର ବେହେରା କହିଲେ ଯେ ମଧୁବାବୁଙ୍କ ଜୀବନ ଓଡ଼ିଶା ଇତିହାସରେ ଏକ ବିଶେଷ ଘଟଣା । ଉତ୍କଳ ସମ୍ମିଳନୀ ମାଧ୍ୟମରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସେ ବଳିଷ୍ଠ ପଦକ୍ଷେପ ନେଇଥିଲେ । କୃଷି ଓ ଶିଳ୍ପର ସମୃଦ୍ଧି ଥିଲା ତାଙ୍କ ଜୀବନର ସ୍ୱପ୍ନ ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ରବୀନ୍ଦ୍ର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପ୍ଳବୀ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ

**ଡକ୍ଟର ମନୀନ୍ଦ୍ର ମହାନ୍ତି**

**ଭା**ରତର ସ୍ୱାଧୀନତା ସଂଗ୍ରାମ ପାଇଁ ଓଡ଼ିଶାର ବହୁ ସ୍ୱାଧୀନତା ସଂଗ୍ରାମୀ ସେମାନଙ୍କ ଜୀବନକୁ ଜଳାଞ୍ଜଳି ଦେଇଛନ୍ତି । ଭାରତର ସ୍ୱାଧୀନତା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସେମାନଙ୍କୁ ସ୍ମରଣ କରିବାର ସମୟ ଆସିଛି । ବହୁ ନେତା ଓ ସଂଗ୍ରାମୀମାନଙ୍କର ଜୀବନ ସଂଗ୍ରହ କରାଯାଇ ପ୍ରକାଶ କରାଯାଇଛି, ପୁଣି କେତେଙ୍କ ନାମ ଲୋକମୁଖରେ କେବଳ ପ୍ରଚଳିତ ଅଛି । ସେମାନଙ୍କ ଗୌରବ–ଗାଥା ଆବଦ୍ଧ ହୋଇ ରହିଛି । ଏହି ପ୍ରକାରର ଜଣେ ବିପ୍ଳବୀ ହେଲେ ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ । ତାଙ୍କର ଦୁଃସାହସିକ ଜୀବନ, ଜନ୍ମଭୂମି ପ୍ରତି ପ୍ରଗାଢ଼ ମମତା ଏବେବି ତାଙ୍କ ସମ୍ପର୍କରେ ଆସିଥିବା ସାଧାରଣ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଦିଏ । ସେ ମହାତ୍ମାଗାନ୍ଧୀଙ୍କଠାରୁ ତାଙ୍କର ସାହସିକ କାର୍ଯ୍ୟ ପାଇଁ ସର୍ଦ୍ଦାର ଉପାଧି ପାଇଥିଲେ ।

ଏହି ଦୁଃସାହସିକ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ, ବାଲେଶ୍ୱର ଜିଲ୍ଲାର ବଙ୍ଗୋପସାଗର କୂଳବର୍ତ୍ତୀ ଅଞ୍ଚଳ ଭୀମପୁରରେ । ଶ୍ରୀ ରାଜକିଶୋର ଦାସଙ୍କର ପାଞ୍ଚପୁଅ ଥିଲେ, ଏମାନେ ହେଲେ, ବ୍ରହ୍ମାନନ୍ଦ, ଉପେନ୍ଦ୍ର, ସୁରେନ୍ଦ୍ର, ଭୋଳାନାଥ ଓ ଗୋବିନ୍ଦ । ତାଙ୍କର ଏକମାତ୍ର କନ୍ୟାର ନାମ–ମକରି । ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ଥିଲେ ରାଜକିଶୋରଙ୍କର ତୃତୀୟପୁତ୍ର ।

ସର୍ଦ୍ଦାର ସୁରେନ୍ଦ୍ର ୧୮୯୮ ମସିହା ମଇମାସ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ହାରାମଣି ଦେବୀ, ସର୍ଦ୍ଦାର ସୁରେନ୍ଦ୍ର ମେଟ୍ରିକ୍ ପଢ଼ିବାପରେ ପୋଲିସ୍ ଇନ୍‌ସପେକ୍ଟର ଭାବରେ ନିଯୁକ୍ତି ପାଇଥିଲେ ।

ସ୍ୱାଧୀନତା ପାଇଁ ଓଡ଼ିଶାରେ ସଂଗ୍ରାମ ଆରମ୍ଭ ହୋଇଗଲା । ପ୍ରତ୍ୟେକ ଜିଲ୍ଲା ପାଇଁ ଜଣେ ଲେଖାଏଁ ନେତା ଦାୟିତ୍ୱ ନେଲେ । ବାଲେଶ୍ୱର ଜିଲ୍ଲାର ନେତୃତ୍ୱ ନେଲେ ଡକ୍ଟର ହରେକୃଷ୍ଣ ମହତାବ । ଡକ୍ଟର ମହତାବ ବାଲେଶ୍ୱର ଆସି କଂଗ୍ରେସ୍ ଅଫିସ୍ ସ୍ଥାପନକରି ସ୍ୱାଧୀନତାର ବାର୍ତ୍ତା ସଭା ସମିତି ମାଧ୍ୟମରେ ପ୍ରଚାର କଲେ । ଏହି ସଭା ସମିତିରେ ଉଦ୍‌ବୁଦ୍ଧ ହୋଇ ୧୯୨୧ ମସିହା ଏପ୍ରିଲ୍ ୮ ତାରିଖରେ ସୁରେନ୍ଦ୍ର ଆସି ମହତାବଙ୍କୁ ସାକ୍ଷାତ କରିଥିଲେ । ତାଙ୍କର ପ୍ରଶ୍ନ ଥିଲା, "ମୁଁ ପୋଲିସ୍ ସବ୍‌ଇନ୍‌ସପେକ୍ଟର ଚାକିରୀ ଛାଡ଼ିବି କି ନାହିଁ"? ଡକ୍ଟର ମହତାବ ଉତ୍ତର ଦେଇଥିଲେ–"ନିଜ ମନକୁ ଏହି ପ୍ରଶ୍ନ ପଚାର ! ନିଜମନକୁ ବୁଝାଇ ଯାହା ସ୍ଥିର କର ।"

ସର୍ଦ୍ଦାର ସୁରେନ୍ଦ୍ର ସ୍ଥିର କଲେ, ସେ ଚାକିରୀ ଛାଡ଼ିଦେବେ । ସେ ଚାକିରିରୁ ଇସ୍ତଫା ଦେଇଦେଲେ । କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନରେ ସେ ଯୋଗଦେଇ ଡକ୍ଟର ମହତାବଙ୍କର ଦକ୍ଷିଣହସ୍ତ ରୂପେ କାର୍ଯ୍ୟ କଲେ ।

ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିବା ସହିତ ସମାଜ କଲ୍ୟାଣକର କାର୍ଯ୍ୟ–ଯଥା–ପୋଖରୀ ପରିଷ୍କାର କରିବା, ରୋଗୀକୁ ଔଷଧ ଦେବା ଆଦିକାର୍ଯ୍ୟରେ ସର୍ଦ୍ଦାର ନିଯୁକ୍ତ ହେଲେ । (ସାଧନାର ପଥେ ଡକ୍ଟର ହରେକୃଷ୍ଣ ମହତାବ–ପୃ ୧୨୮ ।

ବାଲେଶ୍ୱରର ଫରାସୀ ଡିଙ୍ଗା ସ୍ଥାନଟି ଫରାସୀ ସରକାରଙ୍କ ତତ୍ତ୍ୱାବଧାନରେ ଥିଲା । ଏଣୁ ସେଠାରେ ରହି ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢ଼ିଲେ ଆଉ ବ୍ରିଟିଶ୍ ସରକାର ତାଙ୍କର ଅନିଷ୍ଟ କରିପାରିବେ ନାହିଁ । ସୁରେନ୍ଦ୍ର କଂଗ୍ରେସ ଅଫିସ୍ ଦାୟିତ୍ୱରେ ଥିଲେ ।

୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ସୁରେନ୍ଦ୍ରଙ୍କ ଅବଦାନ ମଧ୍ୟ କମ୍ ନୁହେଁ । ସେ ଓ ଡକ୍ଟର ମହତାବ ନିଭୃତରେ ଆଲୋଚନା କରିଥିଲେ ଯେ "ଲୁଣ ମରାପାଇଁ ଆମେ ସ୍ୱାଧୀନ ଭାବରେ ଗଣଆନ୍ଦୋଳନ କରିପାରିବା କି ନାହିଁ । ୨୫ ଜଣ ଲୋକ ମୃତ୍ୟୁ ପାଇଁ ପ୍ରସ୍ତୁତ ହେବାକୁ ବାହାର କରି ପାରିଲେ ଗାନ୍ଧିଜୀ ଓଡ଼ିଶାର ଲୁଣ ମରାପାଇଁ ଗଣ ଆନ୍ଦୋଳନ କରନ୍ତେ ।" (ସାଧନାର ପଥେ–୧୨୬)

ଇଞ୍ଚୁଡ଼ିରେ ଲବଣ ସତ୍ୟାଗ୍ରହ ପାଇଁ ସୁରେନ୍ଦ୍ରଙ୍କ ଅବଦାନ ଅବିସ୍ମରଣୀୟ । ଏହି ଇଞ୍ଚୁଡ଼ିଗ୍ରାମଟି ବଙ୍ଗୋପସାଗର କୂଳରେ ଅବସ୍ଥିତ ଓ ଲୁଣ ମାରିବା ପାଇଁ ଉପଯୁକ୍ତ ବେଳାଭୂମି ଥିଲା । ୧୯୩୦ ଏପ୍ରିଲ୍ ୧୨ ତାରିଖରେ ଲବଣ ସତ୍ୟାଗ୍ରହର ଦିନକ ପୂର୍ବରୁ କଲ୍ୟାଣଜୀଙ୍କ ସହିତ ସେ ଗିରଫ୍ ହୋଇଥିଲେ । ସାଧାରଣ ଜନତାକୁ ସୁରେନ୍ଦ୍ର ଏପରି ଉତ୍ତେଜିତ କରି ରଖିଥିଲେ ଯେ ପୋଲିସ୍‌ବାଲାଙ୍କୁ କେହି ସାହାଯ୍ୟ କଲେ ନାହିଁ । ଏପରିକି ପାଣି ଗ୍ଲାସେ ମଧ୍ୟ ତାଙ୍କୁ ମିଳିଲା ନାହିଁ ।

ସୁରେନ୍ଦ୍ର ସେ ଅଞ୍ଚଳର ସର୍ଦ୍ଦାର ଥିଲେ । (ସମାଜ–୧୯୩୦–ଏପ୍ରିଲ୍–୧୬ ତାରିଖ) । ତେଣୁ, ସେ ପରେ ପରେ ସର୍ଦ୍ଦାର ସୁରେନ୍ଦ୍ର ନାମରେ ପରିଚିତ ହେଲେ । ତାଙ୍କର

K. M. Patra ତାଙ୍କର (Advanced History of Orissa ପୁସ୍ତକର Salt Satyagraha (Chapter—VII)ରେ ଲେଖିଛନ୍ତି— x x x Surendra Nath was papularly known as 'Sardar Surendra'—(ପୃ: ୨୪୫) ।

ମାତ୍ର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ସଫଳ ହୋଇଥିଲା । ଲବଣ ସତ୍ୟାଗ୍ରହ କ୍ଷେତ୍ରରେ ସର୍ବ ଭାରତୀୟ ସ୍ତରରେ 'ଦାଣ୍ଡି' ପରେ ଇଞ୍ଚୁଡ଼ିର ସ୍ଥାନ ରହିଲା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବର୍ଦ୍ଦୋଲିରେ ଯେପରି ନେତୃତ୍ୱ ଗ୍ରହଣ କରିଥିଲେ, ସେହିପରି ସୁରେନ୍ଦ୍ର ଇଞ୍ଚୁଡ଼ି–ଲବଣ ସତ୍ୟାଗ୍ରହରେ ନେତୃତ୍ୱ ନେଇଥିଲେ । ତେଣୁ ଐତିହାସିକ A. C. Pradhan ତାଙ୍କର A study of Histoy of Orissa ଗ୍ରନ୍ଥରେ ଲେଖିଛନ୍ତି—"The major credit for organising this styagraha goes to the local congress leader Balasore. Surendra Nath Das, who was spontaniusly accpaimed as the Sardar like Vallabhbhai Patel in Bardoli." (Panchasila– Bhubaneswar– Second Edition–1988–P–333).

ସେ ବିଭିନ୍ନ ସମୟରେ କାରାବରଣ ସହିତ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ ହୋଇଥିଲେ ।

୧୯୩୧ ଜାନୁଆରୀ ୨୫ ତାରିଖରେ ସେ ୬ ମାସ ପାଇଁ କାରାବରଣ କରିଥିଲେ ଏବଂ ଏକଶତଟଙ୍କା ତାଙ୍କୁ ଜୋରିମାନା ହୋଇଥିଲା । ମାତ୍ର ସେ ୧୯୩୧ ମାର୍ଚ୍ଚ ୧୦ ତାରିଖରେ ମୁକ୍ତିଲାଭ କରିଥିଲେ ।

ଦ୍ୱିତୀୟଥର ୧୯୪୦ ଡିସେମ୍ବର ୫ ତାରିଖରେ ୪ ମାସ ଜେଲ୍ ଓ ୩୦ ଟଙ୍କା ଜୋରିମାନା ତାଙ୍କୁ ହୋଇଥିଲା । କଟକଜେଲ୍‌କୁ ଡିସେମ୍ବର ୧୫ରେ ସ୍ଥାନାନ୍ତରିତ ହୋଇଥିଲେ ।

ତୃତୀୟଥର ୧୯୪୨ ମସିହା ମଇ ୭ ତାରିଖରେ ୭ ମାସ ଜେଲଦଣ୍ଡ ଭୋଗ କରିଥିଲେ । ମାତ୍ର ତାଙ୍କୁ ମଇ ୨୮ ତାରିଖରେ ମୁକ୍ତ କରି ଦିଆଯାଇଥିଲା ।

ଚତୁର୍ଥଥର ୧୯୪୨ ମସିହା ଅଗଷ୍ଟ ୧୨ ତାରିଖରେ ବାଲେଶ୍ୱରରେ ଜେଲବରଣ କରିଥିଲେ ଓ ତାଙ୍କୁ ଅକ୍ଟୋବର ମାସ ୧୦ ତାରିଖରେ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା । ପୁଣି ୧୯୪୪ ଅକ୍ଟୋବର ୨୦ ତାରିଖରେ ତାଙ୍କୁ ପୁଣି ବ୍ରହ୍ମପୁର ଜେଲରୁ କଟକ ଜେଲକୁ ସ୍ଥାନାନ୍ତର କରାଯାଇଥିବାର ପ୍ରମାଣ ମିଳେ ।

ସେ ଜଣେ ସମାଜ ସଂସ୍କାରକ ଥିଲେ । ତେଣୁ ଗୌରୀ ନାମ୍ନୀ ଜଣେ ବିଧବା ନାରୀଙ୍କୁ ପତ୍ନୀ ଭାବରେ ଗ୍ରହଣ କରିଥିଲେ ।

ସେ ୧୯୪୬ ଓ ୧୯୫୨ ମସିହାରେ ଓଡ଼ିଶାର ବିଧାନସଭାର ସଦସ୍ୟ ଥିଲେ । ଉତ୍କଳ ଖଦୀ ବୋର୍ଡ଼ର ଜଣେ ଆଜୀବନ ସଦସ୍ୟ ଥିଲେ । ସେ ରେମୁଣା ଓ ଦୁର୍ଗାବତୀ ଖଦୀ କେନ୍ଦ୍ର ସ୍ଥାପନ କରି ଖଦୀକାମ କରୁଥିଲେ । (ଧୂଳିମାଟିର ସନ୍ଥ : ଗୋପବନ୍ଧୁ ଚୌଧୁରୀ) ଗୋପୀନାଥ ମହାନ୍ତି–ବିଦ୍ୟାପୁରୀ–କଟକ-୨ ୧୯୮୫–ପୃ–୬୨୩) । ସେ ୧୯୭୨ ମସିହା ମଇ ମାସ ୨୨ ତାରିଖରେ ଇହଧାମ ତ୍ୟାଗ କରିଥିଲେ ।

---

ବିଭାଗୀୟ ମୁଖ୍ୟ, ଓଡ଼ିଆ ବିଭାଗ,
ଚନ୍ଦ୍ରଶେଖର ମହାବିଦ୍ୟାଳୟ, ଚମ୍ପୁଆ,
କେନ୍ଦୁଝର–୭୫୮୦୪୧

# ଭାରତ ଗୌରବ ରାଜୀବ ଗାନ୍ଧୀ

**ଶ୍ରୀ ଗତିକୃଷ୍ଣ ଦାସ**

ବିଶ୍ୱର ଅଗ୍ରଗଣ୍ୟ ନେତୃ ମଣ୍ଡଳୀଙ୍କ ମଧ୍ୟରେ ରାଜୀବ ଗାନ୍ଧୀ ଥିଲେ ଅନ୍ୟତମ । ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କର ଭୂମିକା ଓ ପଦକ୍ଷେପ ଥିଲା ଅପ୍ରତିଦ୍ୱନ୍ଦ୍ୱୀ । ମୃତ୍ୟୁ ବେଳକୁ ରାଜୀବ ଗାନ୍ଧୀ କ୍ଷମତାରେ ନ ଥିଲେ ସତ, ତଥାପି ଦଶନ୍ଧି ବ୍ୟାପୀ ନିଜର ରାଜନୈତିକ କର୍ମମୟ ଜୀବନରେ ସେ ଯେଉଁ ପ୍ରଭାବ ଓ ପ୍ରତିଷ୍ଠା ଅର୍ଜନ କରିଥିଲେ ତାହା ଥିଲା ବିଶ୍ୱବିଦିତ ।



ଭାରତର ସପ୍ତମ ଯୁବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୪୪ ମସିହା ଅଗଷ୍ଟ ୨୦ ତାରିଖରେ ବମ୍ବେଠାରେ ଜନ୍ମଗ୍ରହଣ କରିଥିଲେ । ପିତା ଫିରୋଜ ଗାନ୍ଧୀ ଓ ମାତା ଇନ୍ଦିରା ଗାନ୍ଧୀ । ଭାରତ ପ୍ରତି ଉଲ୍ଲେଖନୀୟ ଅବଦାନ ଥିବା ବିଶିଷ୍ଟ ନେହେରୁ ପରିବାରର ଦାୟାଦଭାବେ ଜନ୍ମ ହେବାର ଗୌରବ ମିଳିଥିଲା ରାଜୀବଙ୍କୁ । ନେହେରୁ ପରିବାରରେ ଜନ୍ମ ଗ୍ରହଣ କରିବା ସତ୍ତ୍ୱେ ପ୍ରାରମ୍ଭିକ ଅବସ୍ଥାରେ ସାଧାରଣ ଜୀବନ ପ୍ରତି ରାଜୀବ ବିଶେଷ ଆଗ୍ରହ ପ୍ରକାଶ କରି ନଥିଲେ । ରାଜୀବ ଗାନ୍ଧୀ ଡେରାଡୁନ୍‌ରେ ତାଙ୍କର ବାଲ୍ୟଶିକ୍ଷା ଲାଭ କରିଥିଲେ । ଛାତ୍ରାବସ୍ଥାରେ ସେ ବିଜ୍ଞାନ ଓ କାରିଗରୀ ଶିକ୍ଷାପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ସେ ସ୍ୱଭାବରେ ଅତ୍ୟନ୍ତ ଧୀରସ୍ଥିର ଓ ଶାନ୍ତ ଥିଲେ । ୧୯୬୦ ମସିହାରେ ସେ ଲଣ୍ଡନର Trinity Collegeରେ ମେକାନିକାଲ୍ ଇଞ୍ଜିନିୟରିଂ ବିଦ୍ୟା ଅଧ୍ୟୟନରେ ମନୋନିବେଶ କଲେ । Mechanical Engineeringରେ ଡିଗ୍ରୀ ହାସଲ କରିବା ପରେ ସେ ଭାରତୀୟ ବିମାନ ବାହିନୀରେ ଜଣେ ବୈମାନିକ (Pilot) ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ । ଇଟାଲୀୟ ଯୁବତୀ ସୋନିଆଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ସେ ପ୍ରିୟଙ୍କା ଓ ରାହୁଲ ନାମକ ଦୁଇଟି ସନ୍ତାନର ଜନକତ୍ୱ ଲାଭ କରିଥିଲେ । କିଛି ପରିସ୍ଥିତିରେ ପଡ଼ି ରାଜୀବ ଗାନ୍ଧୀ ବୈମାନିକ ଚାକିରି ଛାଡ଼ି ରାଜନୀତିରେ ପ୍ରବେଶ କଲେ । ତାଙ୍କର ସାନଭାଇ ସଞ୍ଜୟଙ୍କ ଅକାଳ ମୃତ୍ୟୁ ଫଳରେ କଂଗ୍ରେସ ଦଳରେ ଯେଉଁ ଯୁବ ନେତୃତ୍ୱର ଅଭାବ ସୃଷ୍ଟି ହେଲା, ତାହାକୁ ପୂରଣ କରିବା ପାଇଁ ସେ ରାଜନୀତିର ମହାସାଗର ମଧ୍ୟକୁ ଲମ୍ଫ ପ୍ରଦାନ କରିଥିଲେ ।

ସାଧାରଣ ଜୀବନରେ ପ୍ରବେଶ କରିବା ପରେ ପରେ ତାଙ୍କ ଉପରେ ଏକ ଗୁରୁଦାୟିତ୍ୱ ନ୍ୟସ୍ତ କରାଗଲା । ଦ୍ୱିତୀୟ ଏସୀୟ କ୍ରୀଡ଼ା ପ୍ରତିଯୋଗିତା (୧୯୮୨) ଆୟୋଜନର ଦାୟିତ୍ୱ ବହନ କରି ତାହାକୁ ସେ ସଫଳତାର ସହ ସଂପନ୍ନ କରାଇଥିଲେ । ଏହି ସଫଳତା ତାଙ୍କର ସାଂଗଠନିକ ଦକ୍ଷତାର ପରିଚୟ ପ୍ରଦାନ କରିଥିଲା ।

୧୯୮୪ ମସିହାରେ ବ୍ୟାପକ ହିଂସାକାଣ୍ଡ ଓ ଦଙ୍ଗାଗୋଳ ସମୟରେ ରାଜୀବ ଗାନ୍ଧୀ କଂଗ୍ରେସର ନେତୃତ୍ୱ ଗ୍ରହଣ କରିଥିଲେ । ତାଙ୍କର ମାତା ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବାର ଅଳ୍ପ କେତେ ଘଣ୍ଟାପରେ ରାଜୀବଙ୍କୁ ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଦାୟିତ୍ୱ ମଧ୍ୟ ବହନ କରିବାକୁ ପଡ଼ିଲା । ପରବର୍ତ୍ତୀ ସମୟରେ, ୧୯୮୪ ମସିହା ସାଧାରଣ ନିର୍ବାଚନରେ ସେ କଂଗ୍ରେସ ଦଳର ନେତୃତ୍ୱ ନେଇ ସମସ୍ତ ବିରୋଧୀଦଳଙ୍କୁ ବହୁ ଭୋଟରେ ପରାଜିତ କରି ବିପୁଳ ବିଜୟ ହାସଲ କରିଥିଲେ । ଲୋକସଭାରେ ତାଙ୍କ ଦଳ ତିନିଚତୁର୍ଥାଂଶ ସଭ୍ୟଙ୍କର ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଲାଭ କରି ଏକ ଅଭୂତପୂର୍ବ ସାଫଲ୍ୟ ହାସଲ କରିଥିଲା । ୧୯୮୪ ମସିହା ଡିସେମ୍ବର ୩୧ ତାରିଖରେ ମାତ୍ର ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ବହନ କରି ଏହି ପଦବୀ ହାସଲ କରିବାରେ ରାଜୀବ ଗାନ୍ଧୀ ଥିଲେ ଭାରତର ସର୍ବକନିଷ୍ଠ ନେତା ।

ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ସେ ଦେଶର

ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଥିଲେ । ୧୯୮୫ ମସିହା ଜୁଲାଇ ୨୪ ତାରିଖରେ ଅକାଳୀ ଦଳର ନେତା 'ସନ୍ଥ ହରଚ୍ଚନ୍ଦ ସିଂହ ଲଙ୍ଗୱାଲା'ଙ୍କ ସହ ପଞ୍ଜାବ ସମସ୍ୟାର ସମାଧାନ ପାଇଁ ରାଜୀବ ଗାନ୍ଧୀ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ । ଆସାମ ଗଣପରିଷଦ ସହ ମଧ୍ୟ ସେ ଏକ ରାଜିନାମାରେ ଉପନୀତ ହୋଇଥିଲେ । ଏହା ଫଳରେ ଏହି ଦୁଇ ଅଶାନ୍ତ ରାଜ୍ୟର ଅବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଘଟିଥିଲା । ୧୯୮୬ ଜୁନ୍ ୩୦ରେ ବିଦ୍ରୋହୀ ମିଜୋ ନେତା ଲାଲଡେଙ୍ଗାଙ୍କ ସହ ଓ ୧୯୮୮ ଜୁଲାଇ ୨୫ରେ ଗୁର୍ଖା ଜାତୀୟ ମୁକ୍ତି ବାହିନୀର ନେତା ସୁଭାଷ ଘିସିଂଙ୍କ ସହ ମଧ୍ୟ ରାଜୀବ ଗାନ୍ଧୀ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ଦେଶର ରାଜନୈତିକ ସଂସ୍କୃତିକୁ ସୁସଂହତ ତଥା ଶୃଙ୍ଖଳିତ କରିବା ନିମନ୍ତେ ୧୯୮୫ ଜାନୁଆରୀ ୩୦ ତାରିଖରେ ସେ ଐତିହାସିକ ଦଳବଦଳ ନିରୋଧ ଆଇନ ପ୍ରଣୟନ କରିଥିଲେ । ଏହା ଫଳରେ ପାର୍ଲାମେଣ୍ଟ ଓ ଆସେମ୍ବ୍ଲିରେ ଦଳବଦଳ ରାଜନୀତିର ଅବସାନ ଘଟିଲା । ଏହା ସହିତ ୧୯୮୮ରେ ରାଜୀବ ଆଉ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ କରି ଲୋକପ୍ରତିନିଧି ଆଇନରେ ସଂଶୋଧନ କରିଥିଲେ । ଯୋଉଁଥିଏ ଆଇନ ବଳରେ ସର୍ବନିମ୍ନ ଭୋଟଦାନ ବୟସ ସୀମା ୨୧ରୁ ୧୮କୁ ହ୍ରାସ ପାଇଲା ଏବଂ ଭୋଟ କେନ୍ଦ୍ର ଦଖଲକୁ ଏକ ବେଆଇନ କାର୍ଯ୍ୟଭାବେ ବିବେଚନା କରାଯାଇ ଏଥିରେ ସମ୍ପୃକ୍ତ ଲୋକଙ୍କୁ ନିର୍ବାଚନରେ ଅଂଶଗ୍ରହଣ ଅଧିକାରରୁ ବଞ୍ଚିତ କରାଯିବାର ବ୍ୟବସ୍ଥା ହେଲା ।

ଏତଦ୍ ବ୍ୟତୀତ ୧୯୮୯ରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ଓ ନଗରପାଳିକା ବିଧେୟକ ଉପସ୍ଥାପନ କରି ଗଣତନ୍ତ୍ରକୁ ସମାଜର ନିମ୍ନସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ । ରାଜୀବଙ୍କର ବିଶ୍ୱାସ ଥିଲା ଯେ, ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ଦ୍ୱାରା ଭାରତର ବିକାଶ ତ୍ୱରାନ୍ୱିତ ହୋଇପାରିବ । ଦେଶର ବୈଷୟିକ ଓ ବୈଜ୍ଞାନିକ ବିକାଶ କ୍ଷେତ୍ରରେ ମାନବ ସମ୍ବଳକୁ ବିନିଯୋଗ କରିବା ପାଇଁ ସେ ମାନବ ସମ୍ବଳ ବିକାଶ ବିଭାଗ ଗଠନ କରିଥିଲେ । ତାଙ୍କ ନେତୃତ୍ୱରେ ଆଇ.ଆର.ଡି.ପି. ଓ କାର୍ଯ୍ୟକ୍ରମକୁ ମିଶାଇ ଦେଇ ଏକ ବଡ଼ଧରଣର କର୍ମନିଯୁକ୍ତି ଯୋଜନା ଆରମ୍ଭ ହୋଇଥିଲା । ଏହାର ନାମ ରଖାଯାଇଥିଲା "ଜବାହର ରୋଜଗାର ଯୋଜନା" ଏବଂ ଏହା ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଉଦ୍ଦିଷ୍ଟ ଥିଲା । ସେହିଭଳି ସହରାଞ୍ଚଳ ଦରିଦ୍ର ଲୋକମାନଙ୍କ ଉନ୍ନତି ପାଇଁ 'ନେହେରୁ ରୋଜଗାର ଯୋଜନା' ନାମରେ ଆଉ ଏକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା ।

ବୈଦେଶିକ ସମ୍ପର୍କ କ୍ଷେତ୍ରରେ ସେ ମଧ୍ୟ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଶ୍ରୀଲଙ୍କାରେ ଚାଲିଥିବା ଜାତିଗତ ଦଙ୍ଗାଗୋଳର ଅବସାନ ପାଇଁ ୧୯୮୭ ଜୁଲାଇ ୨୯ ତାରିଖରେ ରାଜୀବ ଗାନ୍ଧୀ ଓ ଶ୍ରୀଲଙ୍କା ରାଷ୍ଟ୍ରପତି ଜୁଲିୟସ୍ ଜୟବର୍ଦ୍ଧନେଙ୍କ ମଧ୍ୟରେ ଏକ ରାଜିନାମା ହୋଇଥିଲା । ୧୯୮୮ ନଭେମ୍ବର ମାସରେ ବିଦ୍ରୋହୀଙ୍କ କବଳରୁ ମାଲଦ୍ୱୀପର ରାଷ୍ଟ୍ରପତି ମାମୁନ୍ ଅବଦୁଲ୍ ଗାୟୁମଙ୍କୁ ରକ୍ଷା କରିବା ପାଇଁ ରାଜୀବ ସେଠାକୁ ସୈନ୍ୟ ପଠାଇ ସଫଳ ହୋଇଥିଲେ । ବିଭିନ୍ନ ରାଷ୍ଟ୍ରରେ ଭାରତୀୟ ମହୋତ୍ସବମାନ ଆୟୋଜିତ କରି ସେ ସାଂସ୍କୃତିକ କୂଟନୀତିର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଥିଲେ । ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ରାଜୀବଙ୍କ ଅକ୍ଳାନ୍ତ ଉଦ୍ୟମ ମଧ୍ୟ ଉଲ୍ଲେଖନୀୟ । ୧୯୮୫ରେ ସେ ନୂଆଦିଲ୍ଲୀଠାରେ ଏକ ଷଡ଼ରାଷ୍ଟ୍ରୀୟ ନିରସ୍ତ୍ରୀକରଣ ଶିଖର ସମ୍ମିଳନୀର ଆୟୋଜନ କରିଥିଲେ ।

ଦେଶର ବିକାଶ ପାଇଁ ସ୍ୱପ୍ନ ଦେଖୁଥିବା ଭାରତଶ୍ରେଷ୍ଠ ରାଜୀବ ଗାନ୍ଧୀ ଆଜି ଆମ ମଧ୍ୟରେ ନାହାନ୍ତି । କିନ୍ତୁ ତାଙ୍କ ଅମ୍ଳାନ ପ୍ରତିଭା, ବଳିଷ୍ଠ ନେତୃତ୍ୱ ବିଶ୍ୱଜନମାନସରେ ଚିରସ୍ମରଣୀୟ ହୋଇ ରହିଛି ।

---

ହେରେଜ୍ ହଷ୍ଟେଲ, ରୁମ୍ ନଂ-୬,
ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ-୭୫୩୦୦୭

# ଶହୀଦ ଭଗତ ସିଂହ

ଅଧ୍ୟାପିକା ମିନତୀ ପଣ୍ଡା

ଫିରିଙ୍ଗୀ କଳର ବ୍ୟାପକ ଅପ–ବ୍ୟବହାର ଜନିତ ଗଣ ନିର୍ଯ୍ୟାତନା ଏବଂ ବହୁ କ୍ଷେତ୍ରରେ ନରମପନ୍ଥୀ କଂଗ୍ରେସ ନେତାମାନଙ୍କର ନିଷ୍କ୍ରିୟାତ୍ମକ ଭୂମିକା ଭାରତୀୟ ମୁକ୍ତି ସଂଗ୍ରାମରେ ବିପ୍ଳବାତ୍ମକ ସନ୍ତ୍ରାସବାଦକୁ ଜନ୍ମ ଦେଇଥିଲା । ସ୍ୱଦେଶୀ ଆନ୍ଦୋଳନର ଅଭିମୁଖ୍ୟ ପରାହତ ହେବା ପରେ ଏବଂ ବଙ୍ଗଭଙ୍ଗ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ସନ୍ଧିକ୍ଷଣରେ ବଙ୍ଗ ପ୍ରଦେଶର ଯୁବ ସମାଜ ନିରୁତ୍ସାହିତ ହୋଇ ବୋମାର ଆଶ୍ରା ନେଇ ନିଜର ଉଦ୍ଦେଶ୍ୟ ଚରିତାର୍ଥ କରିବାରେ ବ୍ରତୀ ହୋଇଥିଲେ । ସେମାନଙ୍କର ବିଶ୍ୱାସ ଜନ୍ମିଥିଲା ଯେ, ସହନଶୀଳ ପ୍ରତିରୋଧ ନୁହେଁ, ବରଂ ପର୍ଯ୍ୟାପ୍ତ ବଳ ପ୍ରୟୋଗ ଦ୍ୱାରା ଭାରତ ମାତାଙ୍କୁ ବ୍ରିଟିଶ୍ ସାମ୍ରାଜ୍ୟବାଦର ଶୃଙ୍ଖଳରୁ ମୁକ୍ତ କରାଯାଇ ପାରିବ । ସେଇ ଦୃଷ୍ଟେ, ସନ୍ତ୍ରାସବାଦୀର ଭୂମିକାକୁ ଆପଣେଇ ନେଇଥିଲେ ସେମାନେ ।

ଚେତନାରେ ଥିଲା ତାଙ୍କର ବିପ୍ଳବର ଅଗ୍ନି–ସ୍ଫୁଲିଙ୍ଗ, ଭୂମିକା ଥିଲା ସନ୍ତ୍ରାସବାଦୀର–କାରଣ ଏହି ଉଭୟ ଭାବାବେଶର ସ୍ଫୁରଣ ଭୂମି ଥିଲା ଦେଶମାତୃକା ପାଇଁ ପ୍ରଗାଢ଼ ଅନୁରକ୍ତି । ପଥଭ୍ରଷ୍ଟ ହୋଇ ଉଠିଲେ ସେଇ ଅଜଣା ଡାକରାରେ ଉଦ୍‌ବୁଦ୍ଧ ହୋଇଥିବା ସଂଗ୍ରାମୀଗଣ । ଗ୍ରୀକ୍, ଋଷୀୟ, ଆଇରଲାଣ୍ଡୀୟ ଏବଂ ଇଟାଲୀୟ ଯୁବ ଚେତନାରୁ ଶିକ୍ଷା କରିଥିଲେ ସେମାନେ ଦେଶ ପାଇଁ ଉତ୍ସର୍ଗୀତ ହେବାର ସମର୍ପଣ ଭାବ । ସ୍ଥାନ–କାଳ, ପାତ୍ରର ବିବେଚନାରୁ ମୁକ୍ତ ହୋଇ ଗଢ଼ିଥିଲେ ସେମାନେ କିଛି ଗୁପ୍ତ ସମିତି, ତିଆରି କରିଥିଲେ ବୋମା ଓ ମାରଣାସ୍ତ୍ର; ସ୍ଥଳ ବିଶେଷରେ କିଛି ବନ୍ଧୁ ଭାବାପନ୍ନ ଦେଶମାନଙ୍କରୁ ମଧ୍ୟ ଆମଦାନୀ କରିଥିଲେ ସେ ସବୁ । ବିଭିନ୍ନ ପୁସ୍ତକ, ଖବର କାଗଜ ଓ ପ୍ରଚାରପତ୍ର ମାଧ୍ୟମରେ ବିପ୍ଳବାତ୍ମକ ସନ୍ତ୍ରାସବାଦର ନୀତି ଓ କାର୍ଯ୍ୟ ପ୍ରଣାଳୀର ଧାରାକୁ ପରିଚିତ କରେଇଥିଲେ ସର୍ବସାଧାରଣଙ୍କର ସମକ୍ଷରେ । ଏପରିକି କିଛି ଅପରିଣାମଦର୍ଶୀ, ଇର୍ଷାପରାୟଣ ବ୍ରିଟିଶ୍ ପ୍ରଶାସକଙ୍କୁ ହତ୍ୟା କରି ସେମାନେ ସୃଷ୍ଟି କରିଥିଲେ ଆତଙ୍କରାଜ – ମୃତ୍ୟୁର ବିଭୀଷିକାମୟ ତାଣ୍ଡବ ।

ମହାରାଷ୍ଟ୍ରର 'ଅଭିନବ ଭାରତ' (ବି: ଡି: ସାଭରକର), ବଙ୍ଗ ପ୍ରଦେଶରେ 'ଅନୁଶୀଳନ ସମିତି' (ବେରୀନ୍ଦ୍ର କୁମାର ଘୋଷ), ଏପରିକି ସୁଦୂର ସାନ୍–ଫ୍ରାନସିସ୍‌କୋରେ 'ଗଦର ପାର୍ଟି' (ଲାଲା ହରିଦୟାଲ) ଆଦି ବହୁ ସଂସ୍ଥା ଯୁବ ଚେତନାର ଆଗ୍ନେୟ ଶପଥ ଉପରେ ଭରା ଦେଇ ଗଢ଼ି ଉଠିଲା । ରାମ ପ୍ରସାଦ ବିସ୍‌ମିଲ୍‌ଙ୍କ 'ହିନ୍ଦୁସ୍ଥାନ ରିପବ୍ଲିକାନ୍ ଆସୋସିଏସନ୍', ସୂର୍ଯ୍ୟ କୁମାର ସେନ୍‌ଙ୍କ 'ଇଣ୍ଡିଆନ୍ ରିପବ୍ଲିକାନ୍ ଆର୍ମି', ମାଡାମ୍ ଭିକାଜୀ କାମାଙ୍କ 'ଫ୍ରି ଇଣ୍ଡିଆ ସୋସାଇଟି', ଚମ୍ପକ ରମଣ ପିଲାଇଙ୍କ 'ଇଣ୍ଡିଆନ୍ ନ୍ୟାସନାଲ ଭଲେଣ୍ଟିଅର କର୍ପସ୍' ଏବଂ ସୁଭାଷ ବୋଷଙ୍କ 'ଜାତୀୟ ହିନ୍ଦ୍ ଫୌଜ୍' ଆପଣା ଲକ୍ଷ୍ୟରେ ଅଟଳ ରହିଲେ । "ହିଂସାର ଜବାବ କେବଳ ହିଂସାରେ" – ଏହି ତତ୍ତ୍ୱରେ ଭରସା ଥାପି ସେମାନେ କମାଣ ଓ ବୋମାକୁ ଆପଣେଇ ନେଇଥିଲେ ।

ଅର୍ଦ୍ଧସୁପ୍ତ, ଧର୍ମଭୀରୁ ଭାରତୀୟ ଜନଜୀବନ ଆନ୍ଦୋଳିତ ହେଲା । ମୁଜାଫରପୁରର ନ୍ୟାୟମୂର୍ତ୍ତି କିଙ୍ଗସ୍‌ଫୋର୍ଡଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ ବିପ୍ଳବୀ କ୍ଷୁଦୀରାମ ବୋଷ ଓ ପ୍ରଫୁଲ୍ଲ ଚାକି । ଅଲିପୁର ବୋମା କେଶର ବିଚାର ଚାଲିଥିଲା ବେଳେ ନ୍ୟାୟାଳୟ ପରିସରରେ ପୋଲିସ୍ ଉପ ଅଧୀକ୍ଷକ ଏବଂ ସରକାରୀ ଓକିଲଙ୍କୁ ହତ୍ୟା କରାଯାଇଥିଲା । ସେହିପରି ସୁଦୂର ଲଣ୍ଡନରେ କର୍ଜନ ଓ୍ୱାଲିଙ୍କୁ ହତ୍ୟା କରିଥିଲେ ମଦନଲାଲ ଧିଙ୍ଗରା । ତତ୍କାଳୀନ ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ହାର୍ଡ଼ିଞ୍ଜଙ୍କ ଉପରକୁ ବୋମା ନିକ୍ଷେପ କରିଥିଲେ ରାସ ବିହାରୀ ବୋଷ, ଯଦିଓ ଗଭର୍ଣ୍ଣର ଜେନେରାଲ ସାହେବ ଅଳ୍ପକେ ବର୍ତ୍ତି ଯାଇଥିଲେ । କାକୋରୀ ଷଡ଼ଯନ୍ତ୍ର, ଅଲିପୁର ବୋମା କେଶ୍, ଚିତ୍ତାଗଙ୍ଗ ରେଳ ଡକାୟତି ଏବଂ ଅସ୍ତ୍ରାଗାର ଲୁଣ୍ଠନ, ଲାହୋର ଷଡ଼ଯନ୍ତ୍ର ଆଦି ହିଂସା ପ୍ରଣୋଦିତ କାର୍ଯ୍ୟକଳାପ ଦ୍ୱାରା ବ୍ରିଟିଶ୍ ସରକାର କ୍ଷଣକ ପାଇଁ ହେଉନା କାହିଁକି, ଆତଙ୍କିତ ହୋଇଥିଲେ । ସରକାରୀ ତଥ୍ୟ ଅନୁଯାୟୀ ୧୯୦୭ରୁ ୧୯୧୭ – ଏହି ସ୍ୱଳ୍ପକାଳ ଭିତରେ ବିପ୍ଳବୀ ସନ୍ତ୍ରାସବାଦୀମାନେ ୬୪ଟି ହତ୍ୟା (ମୁଖ୍ୟତଃ ବିଦେଶୀ ସାହେବ) ଓ ୧୧୬ଟି ଡକାୟତିରେ ଜଡ଼ିତ ଥିଲେ ।

ଅବଶ୍ୟ ବିପ୍ଳବର ଏହି ରଣ ଝଙ୍କାର ଅବନମିତ ହୋଇଥିଲା ସ୍ୱଳ୍ପକ୍ଷଣ ପାଇଁ । ସରକାରଙ୍କର ସଶସ୍ତ୍ର ବଳ ପ୍ରୟୋଗ ଅଚିରେ ଧ୍ୱଂସ କରି ଦେଇଥିଲା ସନ୍ତ୍ରାସବାଦୀମାନଙ୍କ

ଦ୍ୱାରା ସଂଘଟିତ ହତ୍ୟା ଓ ଡକାୟତିର ବିଭୀଷିକାକୁ । ମାତ୍ର ଏହା ସତ୍ୟ ଯେ ସେ ଦିନର ଦେଶପ୍ରେମୀ ସନ୍ତ୍ରାସବାଦୀଗଣ ସୁପ୍ତ ଭାରତୀୟମାନଙ୍କୁ ଜାଗ୍ରତ କରେଇ ଦେଶପ୍ରେମର ନିଛକ ନମୁନା ପେଶ୍ କରିଥିଲେ ।

ସେଇ ଯୁବ ବିପ୍ଳବୀମାନଙ୍କ ଭିତରେ ଅନନ୍ୟ ଏକ ବ୍ୟକ୍ତିତ୍ୱ ଶହୀଦ ଭଗତ ସିଂହ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଫାଶୀଖୁଣ୍ଟରେ ଝୁଲାଇ ଦିଆ ଯାଇଥିଲା ତାଙ୍କୁ । ଶହୀଦ ହୋଇଗଲେ ସିଏ ଚିରକାଳ । ସେଇ ଫାଶୀଖୁଣ୍ଟର ଆଲୋକ ବର୍ତ୍ତିକାକୁ ଆଜି ପ୍ରତ୍ୟେକ ଚେତନଶୀଳ ଭାରତୀୟର ବିନମ୍ର ପ୍ରଣତି ।

ପଞ୍ଜାବ ପ୍ରଦେଶର ଲାୟଲପୁର ଜିଲ୍ଲାର ଏକ ଶିଖ୍ ଜାଠ ପରିବାରରେ ଜନ୍ମଗ୍ରହଣ କରିଥିଲେ ସେ ୧୯୦୭ ମସିହାରେ । ସେଦିନର ସେଇ ଅପ୍ରତିହତ ଲଗ୍ନରେ ସତେ ଯେମିତି ଆବିର୍ଭୂତ ହୋଇଥିଲା ବ୍ରିଟିଶ୍ ସରକାରଙ୍କୁ ଦୋହଲେଇ ଦେବାର ସଫଳ ପ୍ରତିଶ୍ରୁତିଟିଏ । ଲାଲା ଲଜପତ୍ ରାୟଙ୍କର ଉଚ୍ଚାଙ୍ଗ ଦେଶପ୍ରୀତି ଉଜ୍ଜୀବିତ କରିଥିଲା ଭଗତ ସିଂଙ୍କୁ, ତାଙ୍କର ଶୈଶବରେ । ୧୯୨୪ ଅକ୍ଟୋବର ମାସରେ ସଶସ୍ତ୍ର ସଂଗ୍ରାମୀମାନଙ୍କ କାନପୁର ଅଧିବେଶନର ସିଦ୍ଧାନ୍ତ ଅଭିମନ୍ତ୍ରିତ କରିଥିଲା ତାଙ୍କୁ । ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ୍‌ର ଏକ ସୁଯୋଗ୍ୟ ସଦସ୍ୟ ରୂପେ ଆପଣାର ବିଶ୍ୱାସ ରଖିଥିଲେ ସିଏ ।

କାକେରୀ ଷଡ଼ଯନ୍ତ୍ରର ଭିତିଭୂମି ଉପରେ ଯେତେବେଳେ ରାମପ୍ରସାଦ ବିସମିଲ୍, ରୋଶନ୍ ଲାଲ ଓ ଆଶ୍‌ଫୁଲ୍ଲାଙ୍କ ବିରୁଦ୍ଧରେ ମୃତ୍ୟୁ ଦଣ୍ଡାଦେଶ କାର୍ଯ୍ୟକାରୀ ହେଲା, ସେତେବେଳେ ନେତୃତ୍ୱ ଆସିଥିଲା ଭଗତ ସିଂ ଓ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତକୁ । ସଂଗ୍ରାମକୁ ବ୍ୟାପକ ରୂପରେଖ ଦେବାକୁ ଯାଇ ସେ 'ସୋସିଆଲିଷ୍ଟ' ଶବ୍ଦଟିକୁ ସଂଯୋଗିତ କରିଥିଲେ ସଂସ୍ଥାର ନାମକରଣରେ ଏବଂ ନୂତନ ନାମକରଣ ହେଲା ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ୍ ।

ଭଗତ ସିଂ ମୁଖ୍ୟତଃ ବାମପନ୍ଥୀ ଚେତନା ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ ଚାହିଁଥିଲେ ବ୍ରିଟିଶ୍ ଉପନିବେଶବାଦର ପତନ ଓ ତଦୁପରେ ଶ୍ରମିକ ଓ କୃଷକମାନଙ୍କର ଶାସନ– ଖଟିଖିଆ ମଣିଷର ଏକଛତ୍ର ଆଧିପତ୍ୟ (Dictatorship of the proletariate) । ଏକ ଶୋଷଣରହିତ ସମାଜ ବ୍ୟବସ୍ଥା ଥିଲା ତାଙ୍କର କାମ୍ୟ । ତାଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା ଲାହୋରର 'ନବଜୀବନ ଭାରତ ସଭା' । ନିଜର ସହକର୍ମୀମାନଙ୍କୁ ସୁସଙ୍ଗଠିତ କରି ସାରିଲା ପରେ ତାଙ୍କର ଦୃଷ୍ଟି ପଡ଼ିଥିଲା ଲାହୋରର ତତ୍କାଳୀନ ପୋଲିସ୍ ସହ–ଅଧୀକ୍ଷକ ସଣ୍ଡରସ୍ ସାହେବଙ୍କ ଉପରେ । ସେତେବେଳେ ସେ ଏକ ବିତର୍କିତ ବ୍ୟକ୍ତିତ୍ୱ ଥିଲେ । କାରଣ ଯେତେବେଳେ ସାଇମନ୍ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇ ଲାଲା ଲଜପତ୍ ରାୟ ଏକ ବିଶାଳ ଜନ ସମୁଦ୍ରକୁ ଆଗେଇ ନେଉଥିଲେ, ସେତେବେଳେ ତାଙ୍କ ଉପରେ ଲାଠି ଚାଳନା କରାଯାଇଥିଲା ସଣ୍ଡରସ୍‌ଙ୍କ ନିର୍ଦ୍ଦେଶରେ । ସେହି ଲାଠିମାଡ଼ରେ ଆଘାତ୍ ପ୍ରାପ୍ତ ହୋଇ ଲାଲାଜୀ ଇହଲୀଳା ସମ୍ବରଣ କରିଥିଲେ । ତେଣୁ ସର୍ବସାଧାରଣରେ ଧାରଣା ଜନ୍ମିଥିଲା ଯେ ସଣ୍ଡରସ୍ ହେଉଛନ୍ତି ଲାଲାଜୀଙ୍କର ହତ୍ୟାକାରୀ । ନିଜର ଗୁରୁଜୀଙ୍କର ଅକାଳମୃତ୍ୟୁର ପ୍ରତିଶୋଧ ନେବା ଦୃଷ୍ଟେ ଭଗତ ସିଂ ଚନ୍ଦ୍ରଶେଖର ଆଜାଦଙ୍କ ସହ ମିଶି ସଣ୍ଡରସ୍‌ଙ୍କୁ ଗୁଳିକରି ହତ୍ୟା କରିଥିଲେ ଏବଂ ଛଦ୍ମବେଶରେ ଲାହୋରରୁ ପ୍ରସ୍ଥାନ କରିଥିଲେ ।

ମାତ୍ର ପରିସ୍ଥିତି ଥିଲା ଭିନ୍ନ ଧରଣର । କର୍ମବୀର ଭଗତ ସିଂ ବା ଲୁଚି ବୁଲିବେ କିପରି ? ମାର୍ଚ୍ଚ ୨୦, ୧୯୨୯ ମସିହାରେ ବ୍ରିଟିଶ୍ ସରକାର ଷଡ଼ଯନ୍ତ୍ରରେ କମ୍ୟୁନିଷ୍ଟମାନଙ୍କୁ ଗିରଫ କରି ମୀରଟ୍ ଜେଲ୍‌ରେ ବନ୍ଦୀ କଲେ । ପୁଣି ଟ୍ରେଡ୍ ଡିସ୍‌ପ୍ୟୁଟସ୍ ବିଲ୍ ଏବଂ ପବ୍ଲିକ୍ ସେଫ୍‌ଟି ବିଲ୍ ପେଶ୍ କରି ଶ୍ରମିକ ଶ୍ରେଣୀ ଉପରେ ହସ୍ତକ୍ଷେପ କରିବାର ମସୁଧା କଲେ । ଭଗତ ସିଂଙ୍କର ସଂଗ୍ରାମୀ ମନ ସହଜ ଭାବେ ଗ୍ରହଣ କରି ପାରିଲାନି ସାମ୍ରାଜ୍ୟବାଦର ଏହି ମୁହାଣୀକୁ । ଅପ୍ରେଲ ୮, ୧୯୨୯ରେ ବଟକେଶ୍ୱର ଦତ୍ତଙ୍କୁ ସାଙ୍ଗରେ ନେଇ ସେ ସେଣ୍ଟ୍ରାଲ୍ ଆସେମ୍ବ୍ଲିର ପରିଦର୍ଶନ ଗ୍ୟାଲେରୀରେ ଉପସ୍ଥିତ ରହି ଦୁଇଟି ଅଣ–ବିଷାକ୍ତ, ସଙ୍କଟ–ରହିତ ବୋମା ନିକ୍ଷେପ କରିଥିଲେ ସଂସଦମଧ୍ୟକୁ ।

ବିଲ୍ ଦୁଇଟି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଥିଲା ତାଙ୍କର ଲକ୍ଷ୍ୟ, କାହାରି କୌଣସି ଅନିଷ୍ଟ ସାଧନ କରିବାର ଲକ୍ଷ୍ୟ ନଥିଲା କେବେ । 'ଇନକିଲାବ ଜିନ୍ଦାବାଦ' ଯୋଉ ପ୍ରଥମଥର ପାଇଁ ଉଚ୍ଚାରିତ ହୋଇଥିଲା କେବଳ ତାଙ୍କ ଦ୍ୱାରା ନାରା ଦେଇ ସେ ଗିରଫ ବରଣ କଲେ ।

ପରେ ଅବଶ୍ୟ ଲାହୋର ଷଡ଼ଯନ୍ତ୍ର ମାମଲା ଓ ସଣ୍ଡରସ୍ ହତ୍ୟାରେ ଅଭିଯୁକ୍ତ ହୋଇ, ତାଙ୍କୁ ମାର୍ଚ୍ଚ ୨୩, ୧୯୩୧ରେ ସୁଖଦେବ ଓ ରାଜଗୁରୁଙ୍କୁ ସହ ଫାଶୀଖୁଣ୍ଟରେ ଝୁଲିବାକୁ ହେଲା । ତାଙ୍କର ଶାରୀରିକ ସତ୍ତାର ବିଲୋପ ହେଲା ସତ, ମାତ୍ର ଚୈତନ୍ୟର ଉତ୍ତରିତ ଭାବ ପରବର୍ତ୍ତୀ ସମୟରେ ଉଧମ ସିଂହ ଓ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଗଲା ।

ଆଜିର ଏ ଶହୀଦ ଦିବସରେ ସେଇ ଅମ୍ଳାନ ପ୍ରତିଭାଙ୍କ ନିକଟରେ ଭାରତୀୟ ଯୁବ ସମାଜର ବିନମ୍ର ପ୍ରଣତି :


"ହେ ଫାଶୀଖୁଣ୍ଟର ଦୀପଶିଖା ! ତୁମର ଆଲୋକରେ ଆଜିର କଳୁଷିତ ଜୀବନଚର୍ଯ୍ୟାରେ ବସା ବାନ୍ଧିଥିବା ଯାବତୀୟ ଅନ୍ଧାର ଦୂରୀଭୂତ ହେଉ–ଏହା ହିଁ କାମନା" ।

ଅଧ୍ୟାପିକା, ଇତିହାସ ବିଭାଗ,
ପ୍ରାଚୀ ମହାବିଦ୍ୟାଳୟ, ଭୁବନେଶ୍ୱର

# ପୁଷ୍ପଗିରି

ଗଦାଧର ଆଚାର୍ଯ୍ୟ

୧୯୩୮ ମସିହା 'ମଡର୍ଣ୍ଣରିଭ୍ୟୁ' ପତ୍ରିକାରେ 'An Exploration to Dengaposi' ('ଡେଙ୍ଗାପୋସି–ଦର୍ଶନ'–ପ୍ରକୃତ ନାମ, ଡାଙ୍ଗୁଆପଶି) ନାମରେ ଗୋଟିଏ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ସେହିଦିନୁ ଅନେକ ପ୍ରତ୍ନତାତ୍ତ୍ୱିକ କେନ୍ଦୁଝରର ସଦର ସବ୍‌ଡିଭିଜନ୍‌ର ଅରଣ୍ୟ ମଧ୍ୟରେ ଥିବା ଏହି ସ୍ଥାନକୁ ଆସି ଅନୁସନ୍ଧାନ କରିଯାଇଛନ୍ତି । କିନ୍ତୁ ଏଇ ସ୍ଥାନର ପ୍ରାଚୀନ ନାମ କଅଣ ଥିଲା ବା କି ହେତୁ ଏହା ପ୍ରସିଦ୍ଧ ଥିଲା–ଏ ବିଷୟରେ କେହି ନିର୍ଦ୍ଦିଷ୍ଟ ଅଭିମତ ପ୍ରଦାନ କରି ନାହାନ୍ତି । ଏ ପର୍ଯ୍ୟନ୍ତ ଏଠାକୁ ଆସିଥିବା ଅନୁସନ୍ଧିତ୍ସୁ ଦର୍ଶକମାନେ ଡାଙ୍ଗୁଆପଶି ଗ୍ରାମ ନିକଟରେ ଥିବା ଚିତ୍ର (Fresco painting) ଓ ତନ୍ନିକଟବର୍ତ୍ତୀ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତରମାନଙ୍କ ଉପରେ ଥିବା ଲିପିମାନ ଦେଖି ଯାଇଛନ୍ତି । ଏଇ ଡାଙ୍ଗୁଆପଶି, ସୀତାନାମ୍ନୀ ପୂର୍ବପଶ୍ଚିମ ବାହିନୀ ଗୋଟିଏ କ୍ଷୁଦ୍ର ଗିରିନଦୀର ଉତ୍ତର ଦିଗରେ ଅବସ୍ଥିତ ।




ଲେଖକ କେନ୍ଦୁଝରର ଛୋଟ୍‌ରାଜା ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଭଞ୍ଜ ଦେଓ ଓ ଦେୱାନ ଶ୍ରୀଯୁକ୍ତ ଲାଲ୍ ଦୋଙ୍ଗର ସିଂହଙ୍କ ପ୍ରେରଣାରେ ଉକ୍ତ ସ୍ଥାନକୁ ଅନୁସନ୍ଧାନ ପାଇଁ ଯାଇଥିଲା । ଅନୁସନ୍ଧାନ ପ୍ରସଙ୍ଗରେ ଯାଇ ନଦୀର ଅପର (ଦକ୍ଷିଣ) ତୀରରେ ଯାହା ଦେଖିଚି ତାହା ନିମ୍ନରେ ବିବୃତ ହେଲା–

ଡାଙ୍ଗୁଆପଶି ଗ୍ରାମର ପ୍ରାନ୍ତଭାଗରେ ଥିବା ଠାକୁରାଣୀଶାଳର ସଳଖରେ ସୀତାକୁ ପାର ହେଲେ ଗୋଟିଏ ଉଚ୍ଚଭୂମି ପଡ଼େ ।

(କ) ଡାଙ୍ଗୁଆପଶି ଗ୍ରାମ ।
(ଖ) ଖଣ୍ଡଳସ୍ତମ୍ଭ ଓ ମୃନ୍ମୂର୍ତ୍ତି ପ୍ରଭୃତ ସ୍ତୂପର ଧ୍ୱଂସାବଶେଷ ।
(ଗ) ଠାକୁରାଣୀଶାଳ (ପ୍ରସ୍ତରସ୍ତୂପ) ।
(ଘ) ସୀତାବୃକ୍ଷଗ୍ରାମ ।
(ଙ) ବିହାରର ଧ୍ୱଂସାବଶେଷ ।
(ଚ) ଫୁଲସ୍ପୁଙ୍ଗଡ଼ୀ ବା ଫୁଲପାହାଡ଼ୀ, ୧୯୩୪' ଫୁଟ ଉଚ୍ଚ ।

ଏହାର ଚତୁର୍ଦ୍ଦିଗ ଇତସ୍ତତଃ ବିକ୍ଷିପ୍ତ ଇଷ୍ଟକ ଖଣ୍ଡରେ ପୂର୍ଣ୍ଣ । ଏହି ଉଚ୍ଚଭୂମି ଉପରେ ଈଷତ୍ ଦକ୍ଷିଣପୂର୍ବ ଅଭିମୁଖରେ ଗମନ କଲେ ପରିଖା ପରି ପ୍ରତୀୟମାନ ହେଉଥିବା ଗୋଟିଏ ନାଳ ପଡ଼େ । ଏଇ ନାଳକୁ ଅବତରଣ କରିବା ସ୍ଥାନରେ ଗୋଟିଏ ଭଗ୍ନ ପ୍ରାଚୀରର ବିସ୍ତୃତ ଧ୍ୱଂସାବଶେଷ ଦୃଷ୍ଟିଗୋଚର ହୁଏ । ପୂର୍ବପରି ଈଷତ୍ ଦକ୍ଷିଣ ପୂର୍ବାଭିମୁଖରେ ଏହି ନାଳକୁ ଅତିକ୍ରମ କଲେ ଆଉ ଗୋଟିଏ ଉତ୍ତର ଦକ୍ଷିଣଭାବେ ବିସ୍ତୃତ ଆୟତକାର ଉଚ୍ଚଭୂମି ପଡ଼େ । ଏହାର କେତେକାଂଶ କ୍ଷୁଦ୍ର ଜଙ୍ଗଲରେ ଆବୃତ ଓ ଅନ୍ୟ ଅଂଶ ଶୁଷ୍କ ଜମିରେ ପରିଣତ ହୋଇଅଛି । ଏହି ଭୂମିଟି ପୂର୍ବପଶ୍ଚିମଗାମୀ ତିନିଗୋଟି ପ୍ରାଚୀର ଦ୍ୱାରା ଚାରିଭାଗରେ ବିଭକ୍ତ ହୋଇଛି । ଏଥି ମଧ୍ୟରୁ ଦକ୍ଷିଣ ଦିଗରେ ଥିବା ଭାଗଟି ଦକ୍ଷିଣ ପୂର୍ବ ଆଡ଼କୁ କ୍ରମଶଃ ସୂକ୍ଷ୍ମ ହୋଇ ଆସିଛି । ଏହି ଦିଗରେ ଫୁଲସ୍ପୁଙ୍ଗୁଡ଼ି ନାମକ ପର୍ବତ ବିଦ୍ୟମାନ । ଏହାର ଲୋକ ପ୍ରଚଳିତ ଅନ୍ୟ ନାମ, ଫୁଲପାହାଡ଼ୀ । ଏହାର ଉଚ୍ଚତା ୧୯୩୦ ଫୁଟ । ଏତନ୍ନିହିତ ଭାଗଟିର ଚତୁର୍ଦ୍ଦିଗରେ ମାତ୍ର ୩ ଫୁଟ ବ୍ୟବଧାନରେ ସମାନ୍ତରାଳଭାବେ ଅବସ୍ଥିତ ଦୁଇଗୋଟି ପ୍ରାଚୀରର ଚିହ୍ନ ବିଦ୍ୟମାନ । ତାହାର ଉତ୍ତରରେ ସ୍ଥିତ ଅନ୍ୟ ଭାଗଟି ମଧ୍ୟ

ସେହିପରି ଯାମଳ ପ୍ରାଚୀର ଦ୍ୱାରା ପରିବେଷ୍ଟିତ । ଏହି ଭାଗଟିର ଉତ୍ତର ସୀମାରେ ଗୋଟିଏ କ୍ଷୁଦ୍ର ନାଳ ପ୍ରବାହିତ ହୋଇ ଶେଷଭାଗଟିକୁ ଏଥିରୁ ବିଚ୍ଛିନ୍ନ କରି ରଖିଛି । ଶେଷ ଭାଗଟିର ଦକ୍ଷିଣପୂର୍ବ କୋଣରେ ପ୍ରାୟ ୬° ଫୁଟ ପର୍ଯ୍ୟନ୍ତ ପ୍ରାଚୀରର ଚିହ୍ନ ଦେଖାଯାଏ । ଏହି କୋଣରେ ୩°'x୩°' ପ୍ରମାଣ ଗୋଟିଏ ଅକ୍ଷୋଭ ସ୍ତୂପ ଅଛି । ଅନ୍ୟ ଅଂଶରେ ପ୍ରାଚୀରର ଚିହ୍ନ ନାହିଁ; କିନ୍ତୁ ଭଙ୍ଗା ଇଟା ଖଣ୍ଡ ଓ ଖପରା ପ୍ରଚୁର ପରିମାଣରେ ପଡ଼ି ରହିଚି ।

ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଦକ୍ଷିଣପାଖୁ ଗଣନା କଲେ ତୃତୀୟ ଭାଗର ଦକ୍ଷିଣ–ପଶ୍ଚିମ କୋଣରେ ମଧ୍ୟ ଗୋଟିଏ ଅନୁଚ୍ଚ ସ୍ତୂପ ଅଛି ।

ଉଲ୍ଲିଖିତ ବର୍ଣ୍ଣନାରୁ ପ୍ରତୀତ ହେଉଛି ଯେ, ଫୁଲଗୁଣ୍ଡି ବା ଫୁଲପାହାଡ଼ୀ ନାମରେ ପ୍ରସିଦ୍ଧ ପର୍ବତର ଉତ୍ତର–ପଶ୍ଚିମରେ ତାକୁଆପଶିର ନିକଟବର୍ତ୍ତୀ ଚିତ୍ର (Fresco painting) ଓ ଅନ୍ୟ ପ୍ରସ୍ତର ଲେଖାମାନ ବିଦ୍ୟମାନ । ଏହାକୁ ପଣ୍ଡିତ ବିନାୟକ ମିଶ୍ର କୌଣସି ବୌଦ୍ଧ ସ୍ତୂପ ଅବଶେଷ ବୋଲି ସ୍ଥିର କରିଛନ୍ତି । ତେଣୁ ଫୁଲଗୁଣ୍ଡି ବା ଫୁଲପାହାଡ଼ିକୁ ହୁଏନ୍‌ସାଂ–ବର୍ଣ୍ଣିତ ପୁଷ୍ପଗିରି ରୂପେ ଓ ତାକୁଆପଶି ନିକଟବର୍ତ୍ତୀ ସ୍ତୂପଦ୍ୱୟକୁ ପୁଷ୍ପଗିରିର ଉତ୍ତର ଓ ଉତ୍ତର ପଶ୍ଚିମସ୍ଥିତ ଆଶ୍ଚର୍ଯ୍ୟଜନକ ସ୍ତୂପ ରୂପେ ଗ୍ରହଣ କରିବା କେତେ ପରିମାଣରେ ଯୁକ୍ତିଯୁକ୍ତ, ତାହା ନିମ୍ନରେ ଆଲୋଚିତ ହେଉଛି ।

ସନ ୧୩୪୧ ସାଲ ଶ୍ରାବଣ ମାସର 'ସହକାର' ପତ୍ରିକାରେ ଐତିହାସିକ ଶ୍ରୀମାନ୍ କେଦାରନାଥ ମହାପାତ୍ର ପୁଷ୍ପଗିରି ବର୍ଣ୍ଣନା ପ୍ରସଙ୍ଗରେ Watterଙ୍କ Huintsang ପୁସ୍ତକରୁ ନିମ୍ନଲିଖିତ କେତେକ ପଂକ୍ତି ଉଦ୍ଧାର କରିଅଛନ୍ତି–

In a great mountain on the south-west frontier of the Country is a Sangharam called Puspagiri (Puse-po-kili)the stone stupa belonging to it exhibits very many spiritual wonders (mirades). On past days it emits a bright light. For this cause believers from far and near, flock together here and present as offerings beautifully embroidered (flower) camopus (umbrellas). They place these underneath the VASE (dew vessel) at the top of the cupola and let them stand there fixed as needles in the stone. To the northwest of this is a current, on the mountain is a stupa, where the same wonders occut as in the former case. The two stupas were built by the demons, (spiritual or devine beings) and hence are derived the extraordinary miracles.

ହୁଏନ୍‌ସାଂଙ୍କ ଏହି ବିବରଣୀ ପାଠ କଲେ ଜଣାଯାଏ ଯେ :–(୧) ଓଡ୍ର ଦେଶର ଦକ୍ଷିଣ ପଶ୍ଚିମ ଦିଗରେ ପୁଷ୍ପଗିରି ନାମରେ ପର୍ବତଟିଏ ଥିଲା ।

(୨) ସେଠାରେ ଗୋଟିଏ ପ୍ରସ୍ତରର ସଙ୍ଘାରାମ ଥିଲା ଏବଂ ତାହା ଦେବତା ବା ମାନବ ନିର୍ମିତ; ମନୁଷ୍ୟର କୃତି ନୁହେଁ ।

(୩) ପୁଷ୍ପଗିରି ସଂଘାରାମର ଗମ୍ବୁଜ ଉପରିଭାଗରେ ଗୋଟିଏ ପାତ୍ର (Vessel) ଅର୍ଥାତ୍ ଶିଶିର ସମ୍ପ୍ରଦାର୍ଥ ସ୍ଥାପିତ ଆଧାର ବିଶେଷ (dew vessel) ଅବସ୍ଥିତ ଥିଲା ।

ଏହି ବିବରଣୀ ସଙ୍ଗେ ଫୁଲଗୁଣ୍ଡି ବା ଫୁଲପାହାଡ଼ି ନାମରେ ପରିଚିତ ପର୍ବତର ଅବସ୍ଥିତି, ଆକୃତି ଓ ପ୍ରକୃତିର କି ପ୍ରକାର ସୌସାଦୃଶ୍ୟ ଅଛି, ଅଧୁନା ତାହା ବିଚାରଣୀୟ ।

ଫୁଲଗୁଣ୍ଡି ବା ଫୁଲ ପାହାଡ଼ି ଏହି ନାମ ସଂସ୍କୃତ ପୁଷ୍ପଗିରିର ଓଡ଼ିଆ ନାମ । ଫୁଲଗୁଣ୍ଡି ବୋଲି ଯେଉଁ ନାମାନ୍ତର ଏହି ପାହାଡ଼ର ଅଛି, ତାହାର ମଧ୍ୟ ପୁଷ୍ପଗିରି ଶବ୍ଦ ସହିତ ଧ୍ୱନିଗତ ଓ ଅର୍ଥଗତ ସାଦୃଶ୍ୟ ସ୍ପଷ୍ଟ । ପୁଣି ହୁଏନସାଂଙ୍କ ପୁଷ୍ପଗିରିର ବର୍ଣ୍ଣନା ସଙ୍ଗେ Vase ବା ଗୁଣ୍ଡିର ସମ୍ପର୍କ ଥାଇପାରେ ।

ହୁଏନ୍‌ସାଂଙ୍କ ବର୍ଣ୍ଣନାନୁସାରେ ଗମ୍ବୁଜର ଉପରି ଭାଗରେ ଗୋଟିଏ ପାତ୍ର (ପୋଖରୀକାର ପ୍ରସ୍ତର) ଥିଲା । ଫୁଲଗୁଣ୍ଡି ପାହାଡ଼ରେ ଗୋଟିଏ ଗୁଣ୍ଡି (ପୁଷ୍ପାଧାର) ସଦୃଶ୍ୟ ବିଶାଳ ପଥର ସର୍ବାପେକ୍ଷା ଉଚ୍ଚ ଓ ସମତୁଳାୟମାଣ ଅଂଶରେ ଅବସ୍ଥିତ ରହିଛି । ଏହାକୁ ଏଠା ଲୋକେ ଗୁଣ୍ଡି ପଥର ବୋଲି କହି ଥାଆନ୍ତି । ଅତଏବ Watterଙ୍କ ଅନୁବାଦରେ ଯେଉଁ Vase ବା dew vessel ଶବ୍ଦ ବ୍ୟବହୃତ ହୋଇଛି, ତାହାର ଏହି ଗୁଣ୍ଡି ଶବ୍ଦ ସଙ୍ଗେ ତୁଲ୍ୟାର୍ଥକତା ଅଛି । ଏହି ପଥର ତଳେ ଗୁରିଗୋଟି ଦ୍ୱାର ବିଶିଷ୍ଟ ଗୋଟିଏ ଗୁମ୍ଫା ଅଛି । ପାହାଡ଼ଟିର ଅଧିକାଂଶ ଭାଗ ମୃତ୍ତିକାମୟ । ତେଣୁ ଅଧୁନା ଏହି ଗୁମ୍ଫା ଗୋଟିଏ ପ୍ରାକୃତିକ ଗହ୍ୱର ପରି ପ୍ରତୀତ ହେଉଛି ।

ହୁଏନସାଂ କହିଛନ୍ତି ଯେ ପୁଷ୍ପଗିରି ଓଡ୍ର ଦେଶର ଦକ୍ଷିଣ–ପଶ୍ଚିମରେ ଅବସ୍ଥିତ । ଓଡ୍ର ଦେଶର ସୀମା ହୁଏନସାଂଙ୍କ ଆଗମନ ବେଳେ (ସପ୍ତମ ଶତାବ୍ଦୀରେ) କି ପ୍ରକାର ଥିଲା, ତାହା ସ୍ଥିର ସିଦ୍ଧାନ୍ତିତ ହୋଇ ନାହିଁ । ତେବେ B. C. Mazumderଙ୍କ "Orissa in the making" ପୁସ୍ତକରେ କେନ୍ଦୁଝର, ମୟୁରଭଞ୍ଜ ପ୍ରଭୃତି ଗଡ଼ଜାତର ପାର୍ବତୀୟ ଅଞ୍ଚଳ, ଓଡ୍ର ଦେଶ ନାମରେ ଅଭିହିତ ହେଉ ଥିବାର ଲେଖାଅଛି । କେନ୍ଦୁଝରର ଆନନ୍ଦପୁର ସବ୍‌ଡ଼ିଭିଜନ (Lower

Kendujher) ଷୋଡ଼ଶ ଶତାବ୍ଦୀରେ କେନ୍ଦୁଝର ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ପ୍ରବାଦ ଅଛି ଯେ କେନ୍ଦୁଝରର ତତ୍କାଳୀନ ରାଜା ଭକ୍ତକବି ଗୋବିନ୍ଦ ଭଞ୍ଜ ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଯୁଦ୍ଧରେ ସହାୟତା କରିଥିବାରୁ ପ୍ରୋକ୍ତ ରାଜ୍ୟାଂଶ ଲାଭ କରିଥିଲେ । ଅତଏବ ଷୋଡ଼ଶ ଶତାବ୍ଦୀର ପୂର୍ବକାଳରେ କେନ୍ଦୁଝରର ପାର୍ବତୀୟ ଅଞ୍ଚଳ ଅର୍ଥାତ୍ ସଦର ଓ ଚମ୍ପୁଆ ସବ୍‌ଡ଼ିଭିଜନ ଏକ ପ୍ରଦେଶର ଓ ସମତଳ ଅଞ୍ଚଳ ଅନ୍ୟ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା ବୋଲି ଜଣାଯାଉଛି ।

ଭଞ୍ଜ ବଂଶୀୟ ପ୍ରଥମ ଶୁଭାକର ଦେବଙ୍କ ତାମ୍ର ଶାସନରୁ ଜଣାଯାଏ ଯେ, ବାଲେଶ୍ୱର ଜିଲ୍ଲାର ଆଧୁନିକ କୁପାରି ଗ୍ରାମ ସେତେବେଳେ ଉତ୍ତର / ତୋଷଳର ଅନ୍ତର୍ଭୁକ୍ତ ଥିଲା ଓ ଦଣ୍ଡଭୁକ୍ତି ଦ୍ରୋଣୀସ୍ଥିତ କୋମ୍ପାରକ ନାମରେ ପରିଚିତ ହେଉଥିଲା । ଏଠାରେ ଅନେକ ବୌଦ୍ଧ କୀର୍ତ୍ତିଅଛି (ସେହକାର ୧୩୪୧ ଶ୍ରାବଣ) । ଏହି ଗ୍ରାମ Lower Kendujher ବା ଅଧୁନାତନ ଆନନ୍ଦପୁର ସବ୍‌ଡ଼ିଭିଜନର ନିକଟବର୍ତ୍ତୀ ହୋଇ ଥିବାରୁ ସମଗ୍ର ଆନନ୍ଦପୁର ସବ୍‌ଡ଼ିଭିଜନଟି ମଧ୍ୟ ତତ୍‌କାଳରେ ଉତ୍ତର ତୋଷଳର ଅନ୍ତର୍ଭୁକ୍ତ ଥିବାର ଅନୁମିତ ହୁଏ । ଅତଏବ ହୁଏନସାଂଙ୍କ ଆଗମନ ବେଳେ ସପ୍ତମ ଶତାବ୍ଦୀରେ କେନ୍ଦୁଝରର ସଦର ସବ୍‌ଡ଼ିଭିଜନ୍ ଓଡ୍ର ଦେଶର ଦକ୍ଷିଣ ସୀମା ରୂପେ ଅବସ୍ଥିତ ଥିଲା । ପ୍ରାଚୀନ କେନ୍ଦୁଝର (ସଦର ଓ ଚମ୍ପୁଆ ସବ୍‌ଡ଼ିଭିଜନ) ଯେ ଓଡ୍ର ଦେଶର ଅନ୍ତର୍ଭୁକ୍ତ ଥିଲା, ଏ ବିଷୟରେ ଯଯାତି–କର୍ତ୍ତୃକ ତୋଷଳରୁ ପ୍ରଦତ୍ତ ଦାନ ପତ୍ରରୁ ଜଣାଯାଏ । ସେଥିରେ ମଧ୍ୟଦେଶରୁ ଆସି ଓଡ୍ର ଦେଶସ୍ଥ ଶିଳାଭଞ୍ଜ ପାଟିରେ ବାସ କରୁଥିବା ଶଙ୍ଖପାଣି ନାମକ ବ୍ରାହ୍ମଣଙ୍କୁ ସେ ଦାନ କରିଥିବାର ଲେଖାଅଛି । ଭଞ୍ଜ ବଂଶୀୟ ତାମ୍ର ଶାସନମାନଙ୍କରେ ଶିଳାଭଞ୍ଜ ନାମକ ଜଣେ ରାଜାଙ୍କର ନାମ ଦେଖାଯାଏ । କେନ୍ଦୁଝରରେ ସଙ୍ଖେଇ ଭଞ୍ଜ ନାମରେ ଦୁଇଟି ସ୍ଥାନ ଅଛି । ଫୁଲଗୁଣ୍ଡି ପାହାଡ଼ ଯେଉଁ ସ୍ଥାନରେ ଅବସ୍ଥିତ, ତାହାର ନାମ ସୀତାଭଞ୍ଜ । ଏହି ନାମର ଶିଳାଭଞ୍ଜ ସହିତ ସୌସାଦୃଶ ଥିବାରୁ ଏହି ସ୍ଥାନ ପୂର୍ବେ ଶିଳାଭଞ୍ଜପାଟୀ ନାମରେ ଅଭିହିତ ହୋଇଥିବ ବୋଲି ଅନୁମାନ କରାଯାଇ ପାରେ । ତଥାପି ଏହା ପ୍ରତ୍ନତତ୍ତ୍ୱାନୁସନ୍ଧିତ୍ସୁମାନଙ୍କର ଗବେଷଣୀୟ । ସେ ଯାହା ହେଉ, ଭଞ୍ଜ ନାମ ବିଶିଷ୍ଟ ଗ୍ରାମ କେବଳ କେନ୍ଦୁଝରରେ ଏବେ ସୁଦ୍ଧା ଦୃଷ୍ଟ ହେଉଥିବାରୁ ଶିଳାଭଞ୍ଜପାଟୀ ଆଧୁନିକ କେନ୍ଦୁଝର ମଧ୍ୟରେ ଅବସ୍ଥିତ ଥିଲା ଓ କେନ୍ଦୁଝର ଓଡ୍ର ଦେଶର ଅନ୍ତର୍ଭୁକ୍ତ ଥିଲା, ଏହା କହିବା ସମୀଚୀନ । ଅତଏବ ଆଧୁନିକ କେନ୍ଦୁଝରର ଫୁଲ-ପାହାଡ଼ ଓଡ୍ର ଦେଶରେ ଥିଲା । ହୁଏନ୍‌ସାଂ ବର୍ଣ୍ଣିତ ପୁଷ୍ପଗିରି ମଧ୍ୟ ଓଡ୍ର ଦେଶରେ ଅବସ୍ଥିତ ଥିଲା । ଅନ୍ୟତ୍ର ପୁଷ୍ପଗିରି ବା ତତ୍‌ସଂଜ୍ଞାତୀୟ ପଦ ଦ୍ୱାରା ଅଭିହିତ କୌଣସି ପର୍ବତ ଥିବାର ପ୍ରମାଣ ନ ମିଳିଥିବାରୁ ଗୁମ୍ଫାମଣ୍ଡିତ ଏହି ଫୁଲଗୁଣ୍ଡିକୁ ପୁଷ୍ପଗିରି ବୋଲି ନିର୍ଦ୍ଦେଶ କରିବାରେ କୌଣସି ବାଧା ନାହିଁ ।

ହୁଏନ୍‌ସାଂ ଲେଖିଅଛନ୍ତି ଯେ ପୁଷ୍ପଗିରିରେ ପ୍ରସ୍ତରର ସଂଘାରାମ ଥିଲା । ତାହା ଦେବ ବା ଦାନବ ନିର୍ମିତ ।

ଏଠାରେ ପ୍ରସ୍ତର ନିର୍ମିତ ଅର୍ଥରେ କାରୁକାର୍ଯ୍ୟ ମଣ୍ଡିତ ବୋଲି କେହି କେହି କହିଥାନ୍ତି । ତାହା ଭ୍ରମାତ୍ମକ, କାରଣ ସପ୍ତମ ଶତାବ୍ଦୀରେ ଯାହା ଦାନବ ବା ଦେବତା ଦ୍ୱାରା ନିର୍ମିତ ବୋଲି କଥିତ ହେଉଥିଲା, ତାହା ଯେ ତତ୍‌କାଳରେ ମଧ୍ୟ ଅତି ପୁରାତନ ବୋଲି ଗୃହୀତ ହେଉଥିଲା, ଏଥିରେ ସନ୍ଦେହ ନାହିଁ । ଯେଉଁ କାର୍ଯ୍ୟ ଦେଖିଲେ ମନୁଷ୍ୟର ସାମର୍ଥ୍ୟର ଅତିରିକ୍ତ ବୋଲି ଧାରଣା ଜାତ ହୁଏ, ତାହାକୁ ଦେବ ବା ଦାନବ କାର୍ଯ୍ୟ ବୋଲି କୁହାଯାଇଥାଏ । ଏଠାରେ ଫୁଲପାହାଡ଼ ଅଞ୍ଚଳରେ ସୁବିଶାଳ ଗଣ୍ଡଶୈଳମାନଙ୍କ ଉପରେ ତାଦୃଶ ଗଣ୍ଡଶୈଳମାନ ଅବସ୍ଥିତ ହୋଇଅଛି । ଦେଖିଲେ ମନେ ହୁଏ, ସତେ ଯେପରି କେହି ଏଗୁଡ଼ିକ ସଜାଡ଼ି ଗୃହ ରଚନା କରିଛି । ଗୋଟିଏ ଗୋଟିଏ ପଥର ତଳେ ଶତ ଶତ ଲୋକ ସ୍ୱଚ୍ଛନ୍ଦରେ ବସି ଉଠି ପାରିବେ । ଏହି ପ୍ରକାରେ ସଜ୍ଜିତ ବିଶାଳ ଗଣ୍ଡଶୈଳମାନ ଯେଉଁ ଗୁମ୍ଫା ସବୁ ସୃଷ୍ଟି କରିଥିଲେ, ତାହାକୁ ନାଗାର୍ଜ୍ଜୁନ ପ୍ରଭୃତି ଯୋଗୀମାନେ ଯୋଗ ସାଧନାର୍ଥ ବ୍ୟବହାର କରୁଥିଲେ । ଛଅ ସାତଶ ବର୍ଷ ପରେ ତାହା ଦାନବ ନିର୍ମିତ ବୋଲି ଅଭିହିତ ହେବା କିଛି ବିଚିତ୍ର ନୁହେଁ ।

ଆହୁରି ମଧ୍ୟ ପଣ୍ଡିତ କୁମୁଦାକରମତି ସ୍ୱପ୍ରଣୀତ ଦ୍ୱିସମୟରାଜ ସାଧନ ନାମକ ବୌଦ୍ଧ ତନ୍ତ୍ର ଗ୍ରନ୍ଥରେ ପର୍ବତ, ଅରଣ୍ୟ, ଗୁହା ପ୍ରାକୃତିକ ଗହ୍ୱର ଗୃହ, ଆରାମ, ପ୍ରଭୃତିକୁ ଯୋଗସାଧନା ପକ୍ଷେ ପ୍ରଶସ୍ତ ବୋଲି ଲେଖିଅଛନ୍ତି । ମନେହୁଏ, ହୁଏନ୍‌ସାଂଙ୍କ ଆଗମନ ପୂର୍ବରୁ ବୌଦ୍ଧଯୋଗୀମାନେ ଅରଣ୍ୟ ମଧ୍ୟସ୍ଥିତ ଏହି ବିବିକ୍ତ ଗୁହାକୁ ଯୋଗସାଧନର ଅନୁକୂଳ ଜାଣି ଏଠାରେ ବାସ କରୁଥିଲେ । ତେଣୁ ପ୍ରସ୍ତର ସ୍ତୂପ ଅର୍ଥରେ କାରୁକାର୍ଯ୍ୟମଣ୍ଡିତ ବୋଲି ବୁଝିବା ଅସମୀଚୀନ ।

ଏହି ଫୁଲପାହାଡ଼ର ପ୍ରାୟ ଉତ୍ତରରେ ତାଙ୍ଗିଆପଶି ଗ୍ରାମଠାରୁ ଅଳ୍ପ ପୂର୍ବରେ ରାବଣଛାୟା ବୋଲି ଗୋଟିଏ ବିଶାଳ ଗଣ୍ଡଶୈଳ ଅଛି । ପ୍ରାୟ ୧୫ ଫୁଟ ଉଚ୍ଚ ଗୋଟିଏ ପଥର ଉପରେ ଆଉ ଗୋଟିଏ ବିଶାଳ ପଥର ଥୁଆ ହୋଇଛି । ସେହି ଥୁଆ ହୋଇଥିବା ଯଥରଟି ଅଧାର ରୂପେ ଅବସ୍ଥିତ ପଥରର ଊର୍ଦ୍ଧ୍ୱତନ ସମତଳ ଅଂଶକୁ ନିଜର ଅର୍ଦ୍ଧାଂଶ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଆବୃତ କରିଅଛି । ଏହାର ଅପରଅର୍ଦ୍ଧାଂଶ ସଦାକୁ ବାହାରି ପଡ଼ିଛି । ବହିର୍ଗତ ଅଂଶର ତଳ ଭାଗ ସମତଳ ଓ ମସୃଣ । ଏହା ଲମ୍ବାରେ ପ୍ରାୟ ବାର ଫୁଟ ଓ ଚଉଡ଼ାରେ ଛଅ ବା ସାତ ଫୁଟ ହେବ । ଏହି ଅଂଶରେ ଗୋଟିଏ ଯୁଦ୍ଧଯାତ୍ରାର ଚିତ୍ର ଅଙ୍କିତ ହୋଇଛି ଏବଂ ତାହା ତଳେ ଧାଡ଼ିଏ ବ୍ରାହ୍ମୀ ଲିପିରେ ଲେଖା ରହିଛି । ଏହା ନିକଟରେ ଇଟାସ୍ତୂପ ଦ୍ୱାରା ପରିବେଷ୍ଟିତ ମୁନି ଗୁମ୍ଫା ନାମକ ଆଉ ଗୋଟିଏ ଗୁମ୍ଫାଯୁକ୍ତ ପର୍ବତ ଅଛି । ଏହାଠାରୁ ପଶ୍ଚିମ ଦିଗରେ ଠାକୁରାଣୀଶାଳ ବୋଲି ଅଭିହିତ ହେଉଥିବା ଗଣ୍ଡଶୈଳ ସମଷ୍ଟିରେ ରଚିତ ଗୋଟିଏ ଦେବାୟତନ ଅଛି । ଏହାହିଁ ହୁଏନ୍‌ସାଂଙ୍କ ବିବରଣୀରେ ବର୍ଣ୍ଣିତ ହୋଇଥିବା ଦ୍ୱିତୀୟ ସ୍ତୂପ । ଏଠାରେ ମଧ୍ୟ

ଆଶ୍ଚର୍ଯଜନକ କୁତୁହଳମୟ ଘଟନା ସଙ୍ଘଟିତ ହେଉଥିଲା ବୋଲି ସେ ଲେଖିଅଛନ୍ତି ।

"ରାବଣ ଛାୟା" ନାମରୁ ଏହା ସ୍ପଷ୍ଟଭାବେ ପ୍ରତୀତ ହେଉଛି ଯେ, ଏହା ଦାନବ-ନିର୍ମିତ ବୋଲି ବହୁକାଳରୁ ପ୍ରବାଦ ଚଳି ଆସୁଛି । ହୁଏନ୍‌ସାଂ ଦାନବ ନିର୍ମିତ ବୋଲି ଯାହା କହିଅଛନ୍ତି, ତାହା ସହିତ ଏହି ନାମର ଦୃଢ଼ ସଂବନ୍ଧ ବିଦ୍ୟମାନ ।

ଏହି ସ୍ଥାନ ଅତି ପ୍ରାଚୀନ । ୧୯୩୮ ମସିହାରେ ଏଠାରୁ ୩୬ଟି କୁଶାଣ ତାମ୍ର ମୁଦ୍ରା ଆବିଷ୍କୃତ ହୋଇଥିଲା । ନାନା ଆକାର ଓ ବର୍ଣ୍ଣର ଅସଂଖ୍ୟ ପଥର ମାଳି, ଏହିଠାରୁ ଏଠା ଲୋକଙ୍କ ଦ୍ୱାରା ସଂଗୃହୀତ ହୋଇ ବ୍ୟବହୃତ ହେଉଅଛି । ଏ ସ୍ଥାନର ପୂର୍ବ ପ୍ରାପ୍ତ ମୁଦ୍ରା ଅପେକ୍ଷା ବୃହଦାକାରତାମ୍ର ମୁଦ୍ରାଟିଏ (ସେସବତଃ ହବିଷ୍କଙ୍କର) ଲେଖକଙ୍କଦ୍ୱାରା ସଂଗୃହୀତ ହୋଇଛି । କୁଶାଣ ବଂଶୀୟ ପ୍ରଧାନ ବୌଦ୍ଧ ସମ୍ରାଟମାନଙ୍କ ମୁଦ୍ରା ମିଳୁ ଥିବାରୁ ଏହା ବୌଦ୍ଧ ପୀଠ ଥିଲା ବୋଲି ଧାରଣା ଜାତ ହେବା ସ୍ୱାଭାବିକ । ଏଠାରେ ଗୋଟିଏ ପଥର-ନିର୍ମିତ ଭଗ୍ନ ସିଂହ ମୂର୍ତ୍ତି ସୀତା ନଦୀର ଦକ୍ଷିଣ ତୀରରେ ଗ୍ରାମଦେବତା ରୂପେ ପୂଜିତ ହେଉଛି । ଏହା ଠିଆ ଭାବରେ ଦୁଇ ଫାଳ ହୋଇ ଯାଇଛି । ଏହାର ଗଠନ ଠିକ୍ ସାରନାଥର ତୋରଣ ସ୍ଥିତ ସିଂହର ଗଠନ ପରି ।

ସ୍ଥାନ ଓ ଲିପିର ପ୍ରାଚୀନତା, ନାମର ସାମ୍ୟ, ପ୍ରାଚୀନ ମୁଦ୍ରା, ଚତୁର୍ଦ୍ଦିଗରେ ଅସଂଖ୍ୟ ଇଷ୍ଟକ ଓ ପ୍ରସ୍ତର ନିର୍ମିତ ସ୍ତୂପର ଧ୍ୱଂସାବଶେଷ ପ୍ରଭୃତି ଦେଖି ଏହା ଯେ ଦିନେ ପ୍ରାଚୀନ ଭାରତରେ ବୌଦ୍ଧ ଯୁଗରେ ପ୍ରସିଦ୍ଧ ସ୍ଥାନରୂପେ ପୂଜା ପାଉଥିଲା, ଏହା ସ୍ପ... ସ୍ୱତଃ ଉଦିତ ହୁଏ ।

କନିଂହାମ୍ ଓ ରାଖାଲଦାସ ବାନାର୍ଜିଙ୍କ ମତକୁ ଖଣ୍ଡନ କରି... ଯାଇ ଶ୍ରୀମାନ୍ କେଦାରନାଥ ମହାପାତ୍ର ଯେଉଁ ପ୍ରମାଣର ... ପ୍ରଦର୍ଶନ କରିଅଛନ୍ତି, ତାହା ଅଭିନନ୍ଦନୀୟ । କନିଂହାମ ଖଣ୍ଡ... ଓ ଉଦୟଗିରିକୁ ପୁଷ୍ପଗିରି ରୂପେ ନିର୍ଦ୍ଦିଷ୍ଟ କରିଥିଲେ । ... ଖାରବେଳଙ୍କ ହାତୀ ଗୁମ୍ଫା ଲିପିରେ ତାହାର ନାମ କୁମାର ପର୍ବ... କୁମାରୀ ପର୍ବତ ଥିବାର କେଦାର ବାବୁ ପ୍ରମାଣ ସହ ଦେ... ଅଛନ୍ତି ।

ରାଖାଲଦାସ ବାନାର୍ଜି କଟକ ଜିଲ୍ଲାର ଉଦୟଗିରିରେ ଏପର୍ଯ୍ୟ... ଅପଠିତ ଓ ଅନନୁଦିତ ଅବସ୍ଥାରେ ଥିବା ପର୍ବତ ଗାତ୍ରାଙ୍କିତ ଲେଖ... ନିକଟବର୍ତ୍ତୀ ଧ୍ୱଂସାବଶେଷକୁ ପୁଷ୍ପଗିରି ବୋଲି ଓ ରତ୍ନଗିରି... ଧ୍ୱଂସାବଶେଷକୁ ପୁଷ୍ପଗିରିର ଉତ୍ତର ପଶ୍ଚିମରେ ସ୍ଥିତ ଆଶ୍ଚର୍ଯ୍ୟ... ସ୍ତୂପ ବୋଲି ଅନୁମାନ କରିଅଛନ୍ତି । ପ୍ରାଚୀନ ତିବ୍ବତ ଇତିହାସ... ରତ୍ନଗିରି ନାମ ର ଉଲ୍ଲେଖ ଥିବାରୁ ଓ ଉଦୟଗିରି ନାମର ପୁଷ୍ପ... ନାମ ସଙ୍ଗେ ଧ୍ୱନିଗତ ବା ଅର୍ଥଗତ ସାମ୍ୟ ନ ଥିବାରୁ ଏ ପ୍ରକା... ଅଭିମତ ଗ୍ରାହ୍ୟ ନୁହେଁ ।

ତେଣୁ ଲେଖକ ଫୁଲଗୁଡ଼ିହିଁ ପୁଷ୍ପଗିରି, ଏହି ମତ ଦୃଢ଼ ଭା... ପୋଷଣ କରୁଚି । ଉତ୍କଳର ଜିଜ୍ଞାସୁ ଐତିହାସିକମାନେ ଏ... ବିଷୟରେ ଗବେଷଣା କରି ନିଜ ମତ ପ୍ରକାଶ କରିବେ ବୋ... ଆଶା କରାଯାଏ ।

—

ନବଭାରତ ନଭେମ୍ବର ୧୯୪୬

# ବିପ୍ଳବୀ ବୀର ଧରଣୀଧର

**ଶ୍ରୀ ହଳଧର ପଣ୍ଡା**

ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଓଡ଼ିଶାର ଯେଉଁ କେତେଜଣ ଧୂରୀଣ ବ୍ୟକ୍ତିତ୍ୱ ଓ ନିରବଚ୍ଛିନ୍ନ ସଂଗ୍ରାମୀ ନିଜର ଲୁହ ଓ ଲହୁ ଦେଇ ପୁଷ୍ଟ କରିଥିଲେ, ସେମାନଙ୍କ ମଧ୍ୟରୁ କେନ୍ଦୁଝରର ଚିର ବିପ୍ଳବୀ, ଆଜନ୍ମ ବ୍ରହ୍ମଚାରୀ, ସନ୍ଥ, ଭୂମିପୁତ୍ର, ଭୂୟାଁକୁଳ ସମ୍ଭୂତ ଆଦିବାସୀ ନେତା ଧରଣୀଧର ନାୟକ ଅନ୍ୟତମ ।

୧୮୬୫ ମସିହା ମେ ମାସ ୬ ତାରିଖରେ କେନ୍ଦୁଝର ସହରର ଅନତିଦୂରରେ କୁସୁମିତା ନାମକ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଲଇଛଣ ନାଏକ, ମାତାଙ୍କ ନାମ ବାଇଗଣୀ ଦେବୀ । ପିଲାଟି ଦିନରୁ ଧରଣୀଧରଙ୍କ ନେତୃତ୍ୱ ନେବାର ଗୁଣ ଧରାପଡ଼ି ଯାଇଥିଲା । ଜନ୍‌ସନ୍ ସାହେବଙ୍କ ଦ୍ୱାରା ପ୍ରତିଷ୍ଠିତ ଗାଁ ସ୍କୁଲରେ ପଢୁଥିଲା ବେଳେ ସାଙ୍ଗ ସାଥୀମାନଙ୍କର କଳିଝଗଡ଼ା ମେଣ୍ଟାଇବା, ଖେଳକୁଦରେ ନେତୃତ୍ୱ ନେବା ଇତ୍ୟାଦି ଦ୍ୱାରା ସେ ସାଠ ସାଥୀମାନଙ୍କଠାରେ ପ୍ରିୟପାତ୍ର ହୋଇ ପାରିଥିଲେ ।

ଗାଁରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ଧରଣୀଧର ରାଜଦତ୍ତ ବୃତ୍ତିରେ କଟକ ସର୍ଭେ ସ୍କୁଲରେ ସର୍ଭେୟର ଟ୍ରେନିଂ ପଢ଼ିବାକୁ ପାଇଥିଲେ । ସଫଳତାର ସହ ଟ୍ରେନିଂ ପାଶ୍ କଲାପରେ ସେ କେନ୍ଦୁଝର ଫେରି କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣଙ୍କ ଅଧୀନରେ ବିନା ବେତନରେ ସର୍ଭେୟର ରୂପେ ନିଯୁକ୍ତି ପ୍ରାପ୍ତ ହେଲେ । ଧରଣୀଧର ଥିଲେ ଅତ୍ୟନ୍ତ ସ୍ୱାଭିମାନୀ ।

ନିଜ ମାତୃଭୂମିକୁ ସେ ମା'ଠାରୁ ଅଧିକ ଭଲ ପାଉଥିଲେ । ମାତୃଭୂମିର ସେବା କରିବା ଥିଲା ତାଙ୍କ ଜୀବନର ବ୍ରତ । କେନ୍ଦୁଝର ଗଡ଼ରାଜ୍ୟର ପ୍ରକୃତ ଉନ୍ନତି କରିବା ଥିଲା ଚିର ଆକାଙ୍କ୍ଷା । ପ୍ରଥମରୁ ତାଙ୍କର ଏହି ଭାବନା ଦଳେ ସ୍ୱାର୍ଥାନ୍ୱେଷୀ କର୍ମଚାରୀଙ୍କ ମନରେ ସନ୍ଦେହ ସୃଷ୍ଟି କଲା । ତେଣୁ ସେମାନେ ତାଙ୍କୁ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ହେଲେହେଁ ଆଦିବାସୀ କହି ଉପଯୁକ୍ତ ସମ୍ମାନ ଦେଲେ ନାହିଁ । ଏପରିକି ବସିବା ପାଇଁ ଚଉକି ଓ ଟେବୁଲ ଯୋଗାଇ ଦିଆ ଗଲା ନାହିଁ । ତଥାପି ସ୍ଥିତପ୍ରଜ୍ଞ ଧରଣୀ ଏଥିରେ ବିଚଳିତ ନହୋଇ ନିଜ କାମରେ ମନଦେଲେ । ଏହି ସମୟରେ କେନ୍ଦୁଝରରେ ଦେୱାନ ଥାନ୍ତି ଫକୀର ମୋହନ ସେନାପତି । କେନ୍ଦୁଝର ସହରକୁ ଅସ୍ୱାସ୍ଥ୍ୟକର ଜଳବାୟୁରୁ ରକ୍ଷା କରିବା ପାଇଁ ବନ୍ଧ ଦ୍ୱାରା ଗୋଟିଏ ଜଳଭଣ୍ଡାର ସୃଷ୍ଟି କରି ପାଣି ଯୋଗାଇବାକୁ ସେ ଗୋଟିଏ ଯୋଜନା କରିଥିଲେ । ଏହି ଯୋଜନା ଫଳରେ କେନ୍ଦୁଝର ସହର ନିକଟରେ ଥିବା ମାଛ କାନ୍ଦଣା ଝରକୁ ବନ୍ଧାଇ ସହର ଆଡ଼କୁ କେନାଲ କରିବା ଦରକାର ପଡ଼ିଲା ।

ଫକୀର ମୋହନଙ୍କ ଯୋଜନାକୁ ରାଜା ଗ୍ରହଣ କଲେ ସତ, ମାତ୍ର ସେଥି ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ମନାକଲେ । ବେଠି ଓ ବେଗାରୀରେ ଏ କାମ କରାଇବାକୁ ସ୍ଥିର କରି ଆଦିବାସୀମାନଙ୍କୁ ଏଥିରେ ବିନା ମଜୁରୀରେ କାମ କରିବାକୁ ବାଧ୍ୟ କରାଗଲା । ଏହି କାମକୁ ତଦାରଖ କରିବା ପାଇଁ ଜଣେ ଅତ୍ୟାଚାରୀ କର୍ମଚାରୀ ବିଚିତ୍ରାନନ୍ଦ ଦାସଙ୍କୁ ଦାୟିତ୍ୱ ଦିଆଗଲା ।

ବିଚିତ୍ରାନନ୍ଦ ମୂଳରୁ ଜଣେ ସ୍ୱାର୍ଥପର, ଅନ୍ୟାୟୀ ଓ ଶୋଷକ ଶୋଷୀର ଲୋକ । ତାଙ୍କର ବ୍ୟବହାର ଓ ଅତ୍ୟାଚାର ଆଦିବାସୀ ପ୍ରଜାଙ୍କୁ ଉତ୍ୟକ୍ତ କଲା । ସେମାନେ ବିଚିତ୍ରାନନ୍ଦଙ୍କ ବିରୁଦ୍ଧରେ ରାଜାଙ୍କ ପାଖରେ ଆପତ୍ତି କଲେ । ମାତ୍ର ରାଜା ଏ ଅଭିଯୋଗ ପ୍ରତି କର୍ଣ୍ଣପାତ ନ କରିବାରୁ ପ୍ରଜାମାନେ ବିଦ୍ରୋହ କରି ଉଠିଲେ ।

ଧରଣୀଧର ଏହି ସମୟରେ କେନ୍ଦୁଝର ସୀମାନ୍ତରେ ସିଂହଭୂମି ରାଜ୍ୟ ସହିତ ଲାଗି ରହିଥିବା ଜମିଜମା ସଂକ୍ରାନ୍ତୀୟ ମାମଲା ବୁଝିବାକୁ ସରଜମିନ୍ ତଦନ୍ତରେ ଥିଲେ । ସେଠାରୁ ଫେରି ସେ ଶୁଣିଲେ ଯେ, ବିଚିତ୍ରାନନ୍ଦଙ୍କ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ କରି ତାଙ୍କ ଭାଇ ଓ ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବଙ୍କୁ ଜେଲ୍‌ରେ ରଖାଯାଇଛି । ତାଙ୍କ ମନ ବିଷେଇ ଉଠିଲା ।

ସେ ରାଜା, ରାଜକର୍ମଚାରୀ ଓ ପ୍ରଚଳିତ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଲେ । ପ୍ରଜାମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ଜନମତ ସଂଗଠିତ କରିବାପାଇଁ ଠାଆକୁ ଠାଆ ସଭାସମିତି ହେଲା । କେନ୍ଦୁଝର ଗଡ଼ରାଜ୍ୟର ସବୁ ଆଦିବାସୀ ଯଥା—ଭୂୟାଁ, ଜୁଆଙ୍ଗ, କୋହ୍ଲ, ବାଥୁଆମାନେ ଏ ବିପ୍ଳବରେ ଯୋଗ ଦେବା ପାଇଁ ସମ୍ମତି ଦେଲେ । ରାଜାଙ୍କୁ ସଶସ୍ତ୍ର ବିଦ୍ରୋହରେ ଗାଦିଚ୍ୟୁତ କରି ନୂତନ ପ୍ରଜାତନ୍ତ୍ର ସରକାର ପ୍ରତିଷ୍ଠା କରିବା, ବେଠି ବେଗାରୀ ଉଚ୍ଛେଦ କରି ଏକ ଜନପ୍ରିୟ ସରକାର ଗଢ଼ିବା ଥିଲା ଧରଣୀଙ୍କ ଉଦ୍ଦେଶ୍ୟ । ସେଥିପାଇଁ ୧୮୯୧ ମସିହା ମେ ମାସ ୮ ତାରିଖରେ ସେ ଦଶହଜାର ବିଦ୍ରୋହୀଙ୍କୁ ଧରି ରାଜବାଟି ଆକ୍ରମଣ କଲେ । ବିଦ୍ରୋହୀମାନଙ୍କ ଆକ୍ରମଣ ପୂର୍ବରୁ କୌଶଳକ୍ରମେ କେତେକ କର୍ମଚାରୀ ସହ ରାଜା ଧନୁର୍ଜୟନାରାୟଣ ଲୁଚି ପଳାଇଗଲେ ।

ବିଦ୍ରୋହୀମାନେ ରାଜବାଟି ଅକ୍ତିଆର କରି ରାଜତନ୍ତ୍ର ସରକାରର ପତନ ଘଟିଛି ଓ ନୂଆ ପ୍ରଜାତନ୍ତ୍ର ସରକାର ଗଠିତ ହୋଇଛି ବୋଲି ଘୋଷଣା କଲେ । କେନ୍ଦୁଝର ଗଡ଼ଠାରୁ କିଛି ଦୂରରେ ରାଇସୁଆଁ ଗଡ଼ଠାରେ ନୂଆ ପ୍ରଜାତନ୍ତ୍ର ସରକାରର ରାଜଧାନୀ ପ୍ରତିଷ୍ଠା ହେଲା । ଧରଣୀଧର ଏହି ସରକାରରେ ମୁଖ୍ୟ ଓ ଅନ୍ୟ ୧୩ଜଣ ଆଦିବାସୀ ନେତା ତାଙ୍କର ପରାମର୍ଶଦାତା ହିସାବରେ ରହିଲେ ।

କିନ୍ତୁ ଏତିକିରେ ଏ ବିପ୍ଳବ ସରି ନଥିଲା । ରାଜତନ୍ତ୍ରର ବିନାଶ ପାଇଁ ତତ୍କାଳୀନ ରାଜା ଓ ଇଂରେଜ ସରକାର ଆଦୌ ଆଗ୍ରହୀ ନଥିବାରୁ ସେମାନେ ଧରଣୀଙ୍କୁ ରାଜ୍ୟର ରାଜଦ୍ରୋହୀ ହିସାବରେ ଘୋଷିତ କଲେ । ଇଂରେଜ ସରକାର ଏଥିପାଇଁ କଟକ, ଭଦ୍ରଖ ଓ ସୁନ୍ଦରଗଡ଼ ଆଦି ତିନି ପ୍ଲାଟୁନ୍ ସୈନ୍ୟ ସାମନ୍ତ ଗୁଳି ଗୋଳା ପଠାଇଲେ । ଇଂରେଜ ସୈନ୍ୟମାନଙ୍କ ସହ ରାଇସୁଆଁଠାରେ ଆଦିବାସୀ ପାଇକମାନଙ୍କର ଘମାଘୋଟ ଲଢ଼େଇ ଚାଲିଲା ।

ଭୂୟାଁମାନେ ବିଶେଷ ଶିକ୍ଷିତ ଓ କୌଶଳୀ ନଥିଲେ ହେଁ ବୀରତ୍ୱର ସହ ଇଂରେଜ ସେନାଙ୍କୁ ପରାଭୂତ କରି ନିଜର ଦେଶପ୍ରେମର ଓ ସ୍ୱାଧୀନ ଚିନ୍ତାଧାରାର ପରିଚୟ ଦେଇଥିଲେ । ଶେଷରେ ଧରଣୀଙ୍କ ପରିଚାଳିତ ପ୍ରଜାତନ୍ତ୍ର ସରକାରର ପତନ ହେଲା । ଧରଣୀଧର ବନ୍ଦୀ ଅବସ୍ଥାରେ ଆନନ୍ଦପୁର ଚାଲାଣ ହେଲେ । ସେଠାରେ ତାଙ୍କର ଓ ତାଙ୍କର କେତେକ ସହଯୋଗୀଙ୍କ ବିଚାର ହୋଇ ସେମାନଙ୍କୁ ଜେଲ ଦଣ୍ଡ ହେଲା । ଧରଣୀଧରଙ୍କୁ ୭ ବର୍ଷ ଜେଲ ଦଣ୍ଡ ଦିଆଯାଇ କଟକ ସେଣ୍ଟ୍ରାଲ ଜେଲ ଚାଲାଣ କରାଗଲା ।

ଧରଣୀଙ୍କ ଅମାୟିକ ବ୍ୟବହାର, ବିଦ୍‌ବତ୍ତା ଓ ଚିନ୍ତାଚେତନାର ସ୍ୱଚ୍ଛତା ଦେଖି ଇଂରେଜ ସରକାର ୫ ବର୍ଷ ପରେ ତାଙ୍କୁ ଜେଲରୁ ମୁକ୍ତି ଦେଲେ । କିନ୍ତୁ ଧରଣୀ ନିଜ ଜନ୍ମଭୂମିକୁ ଆଉ ଫେରିଲେ ନାହିଁ । ମାତୃଭୂମିର ଶୃଙ୍ଖଳ ନ ଫିଟିବା ଯାଏ କେନ୍ଦୁଝର ଫେରିବେ ନାହିଁ ବୋଲି ସେ ଶପଥ ନେଇଥିଲେ ।

ସେ କେନ୍ଦୁଝର ନ ଫେରି ଆଳି ରାଜ୍ୟର ଚନ୍ଦନ ପୁଷ୍କରିଣୀଠାରେ ଏକ ଆଶ୍ରମ ସ୍ଥାପନ କରି ସେଠାରେ ତାଙ୍କର ଅବଶିଷ୍ଟ ଜୀବନ କଟାଇଥିଲେ । ସାଧୁ, ସନ୍ଥ ଭଳି ଜୀବନ ବିତାଇବା ସମୟରେ ତାଙ୍କର ଆଶ୍ରମ ସ୍ୱାଧୀନତା ସଂଗ୍ରାମୀମାନଙ୍କର କାର୍ଯ୍ୟକ୍ଷେତ୍ର ପୀଠସ୍ଥଳୀ ହୋଇ ଯାଇଥିଲା । ଶେଷଜୀବନରେ ସେ ମୌନବ୍ରତ ଅବଲମ୍ବନ କରିଥିଲେ । ଏହି ସମୟରେ ଥରେ ତାଙ୍କ ଆଶ୍ରମକୁ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଦାସ ଆସିଥିଲେ । ସେମାନେ ଧରଣୀଙ୍କୁ ଦେଶରେ ସ୍ୱରାଜ ଆସିବ କି ନାହିଁ ପଚାରିଲେ । ଉତ୍ତରରେ ଧରଣୀଧର କିଛି ନକହି ଏକ ପ୍ରସ୍ଥ ବିଧା ଭୂମି ଉପରେ କଷି ଦେଇଥିଲେ । ଏହି ବିଧା ମାଡ଼ରେ ଚତୁର୍ଦ୍ଦିଗ କମ୍ପି ଉଠିଥିଲା । ତାହା ଯେମିତି କହି ଦେଉଥିଲା—ସ୍ୱରାଜ ନିଶ୍ଚୟ ଆସିବ ।

ଏହି ମହାନ୍ ବିପ୍ଳବୀ, ଆଜନ୍ମ ବ୍ରହ୍ମଚାରୀଙ୍କ ବିୟୋଗ ୧୯୬୦ ମସିହା ବୈଶାଖ ପୂର୍ଣ୍ଣିମା ଦିନ ଆଳିଠାରେ ଘଟିଥିଲା । ତାଙ୍କ ଶେଷ ଇଚ୍ଛା ଅନୁଯାୟୀ ଆଳି ଚନ୍ଦନ ପୁଷ୍କରିଣୀଠାରେ ନିରାଡ଼ମ୍ବର ଭାବେ ତାଙ୍କୁ ସମାଧିସ୍ଥ କରାଯାଇଥିଲା । ଏବେ ମଧ୍ୟ ସେ ମାଟିକୁଦ ସମ୍ବଳିତ ସମାଧିର କିୟଦଂଶ ସେଠାରେ ଦୃଷ୍ଟିଗୋଚର ହୁଏ । ସେହି ଦିନଠାରୁ ତାଙ୍କର ମରଶରୀର ମାଟିରେ ମିଶିଯାଇଛି ସତ, କିନ୍ତୁ ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ବିପ୍ଳବ କଥା ପଡ଼ିଲେ ତାଙ୍କ ନାମ ମନକୁ ଆସିଯାଏ ।

ସେ ପ୍ରକୃତରେ ଥିଲେ ଜନମାନସର ନେତା । ତାଙ୍କର ଦେଶ ପ୍ରେମ ଓ ବିପ୍ଳବ ପାଇଁ ପ୍ରତିଟି ହୃଦୟରେ ସେ ଆସନ ଜମାଇ ବସିଛନ୍ତି । ଆଜି ତାଙ୍କର ଜନ୍ମଜୟନ୍ତୀ ଉପଲକ୍ଷେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଦେବାର ବେଳ ଆସିଛି ।

---

ସୁଆଁପଦା, କେନ୍ଦୁଝର

# ଇତିହାସ ପୃଷ୍ଠାରେ ବଣାଇଁ ଛଉନାଚ

ଶ୍ରୀ କାଶୀନାଥ ବାରିକ

ଓଡ଼ିଶାର ମାନଚିତ୍ରରେ ପୂର୍ବତନ ବଣାଇଁ ଗଡ଼ଜାତ ରାଜ୍ୟ ଏବେ ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଉପଖଣ୍ଡର ରୂପ ନେଇଛି । ଏହାର ପୂର୍ବ ଦିଗରେ କେନ୍ଦୁଝର ଜିଲ୍ଲା, ପୂର୍ବ ଦକ୍ଷିଣ କୋଣରେ ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା, ଦକ୍ଷିଣରେ ଦେଓଗଡ଼ ଜିଲ୍ଲା, ପଶ୍ଚିମରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ଉତ୍ତର ଦିଗରେ ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ ଉପଖଣ୍ଡ ଓ ଉତ୍ତର–ପୂର୍ବ ଦିଗକୁ ବିହାର ରାଜ୍ୟର ସିଂହଭୂମ୍ ଅବସ୍ଥିତ । ଏହାର ଆୟତନ ୧୨୯୬ ବର୍ଗ ମାଇଲ ।

ଇତିହାସରୁ ଜଣାଯାଇଛି ଯେ, ଏକାଦଶ ଶତାବ୍ଦୀର ଶେଷଭାଗରେ ଏହି ରାଜ୍ୟରେ କାଦମ୍ବବଂଶ ପ୍ରତିଷ୍ଠିତ ଥିଲା । ସେହି ବଂଶର ୪୮ ଜଣ ରାଜା ଖ୍ରୀ ୧୦୮୧ ଖ୍ରାବ୍ଦ ଠାରୁ ଗଡ଼ଜାତ ରାଜ୍ୟଗୁଡ଼ିକୁ ଓଡ଼ିଶା ସହ ମିଶ୍ରଣ ପର୍ଯ୍ୟନ୍ତ ରାଜତ୍ୱ କରି ଆସିଥିଲେ । ସେମାନେ ସମସ୍ତେ "ମୟୂର"କୁ ରାଜବଂଶର ସଙ୍କେତ ହିସାବରେ ରଖିଥିଲେ ।

ଏହି ରାଜ୍ୟଟି ଖ୍ରୀ ୧୭୪୨ ଖ୍ରାବ୍ଦ ପର୍ଯ୍ୟନ୍ତ ସମ୍ବଲପୁର ହିରାଖଣ୍ଡ ବାଦଶାହ କର୍ତ୍ତୃତ୍ୱାଧୀନରେ ଥିଲା । ଖ୍ରୀ ୧୭୪୨ରୁ ୧୮୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନାଗପୁରର ଭୋନ୍‌ସଲା ଏହାର ପରିଚାଳକ ହୋଇ ଚୌଥ ଓସରି ଦେଶମୁଖୀ ଆଦାୟ କରୁଥିଲେ । ୧୮୨୬ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୬ ତାରିଖରେ ଏହି ରାଜ୍ୟ ଇଷ୍ଟ ଇଣ୍ଡିଆ କମ୍ପାନୀ ଇଂରେଜ ଶାସନାଧୀନ ହୋଇ ବଙ୍ଗଳା ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ଆମହଷ୍ଟଙ୍କ ଅଧୀନରେ ରହିଲା । ୧୯୧୨ରୁ ୧୯୩୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହା ବିହାର ପ୍ରଦେଶ ଅଧୀନରେ ଏବଂ ୧୯୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶ ଗଭର୍ଣ୍ଣରଙ୍କ ଶାସନାଧୀନ ଥିଲା । ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଯେତେବେଳେ ଭାରତ ସ୍ୱାଧୀନତା ଲାଭ କରେ ସେତେବେଳେ ସମସ୍ତ ଗଡ଼ଜାତ ରାଜ୍ୟ ସ୍ୱତନ୍ତ୍ର ରାଜ୍ୟ ରୂପେ ପରିଗଣିତ ହେଲେ । ତଦାନିନ୍ତନ ରାଜା ଶ୍ରୀ ଧରଣୀଧର ଇନ୍ଦ୍ରଦେବ ଦେଓ ସ୍ୱାଧୀନତା ଲାଭ କରିଥିବା ବଣେଇ ରାଜ୍ୟର ପ୍ରଥମ ଓ ଶେଷ ରାଜା ଥିଲେ । ବଣେଇ ରାଜ୍ୟ ୧୯୪୮ ମସିହା ଅପ୍ରେଲ ମାସ ଏକ ତାରିଖରେ ଓଡ଼ିଶା ରାଜ୍ୟ ସହ ମିଶ୍ରିତ ହୋଇ ସରକାରଭୁକ୍ତ ହେବା ସଙ୍ଗେ ସଙ୍ଗେ ଗଡ଼ଜାତ ରାଜ୍ୟର ମାନ୍ୟତା ଚିରଦିନ ପାଇଁ ହରାଇଲା ।

ପୁରାଣ ଅନୁସାରେ ପୂର୍ବ କାଳରେ ବଣାଇଁ ମୁଲକକୁ କୋଦଳକ ମଣ୍ଡଳ କୁହାଯାଉ ଥିଲା । ପୁରାଣ ପ୍ରସିଦ୍ଧ ବାଣାସୁର ଏହି ରାଜ୍ୟର ରାଜାଥିଲା । ଏହା ଶୋଣିତ ନଗର ବା ବାଣଦୁର୍ଗ ନାମରେ ଖ୍ୟାତଥିଲା । କିମ୍ବଦନ୍ତୀ ପ୍ରଚଳିତ କାଶୀବାସୀ ଦେବ ଦେବ ମହାଦେବ ବାଣାସୁର ଉପରେ ସନ୍ତୁଷ୍ଟ ହୋଇ କାଶୀ ଛାଡ଼ି ବଣାଇଗଡ଼ ନିକଟସ୍ଥ ଦେଓଗାଁ ଗ୍ରାମରେ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳରେ ସ୍ୱୟଂ ଅବସ୍ଥାନ କରିଥିଲେ । ଏକଦା ସେହି ମହା-ଦେବଙ୍କୁ ବାଣାସୁର ପୂଜା ଓ ଉପାସନା କରିଥିବାରୁ ଏବେ ସେ ବାଣେଶ୍ୱର ମହାଦେବ ନାମରେ ଖ୍ୟାତିଲାଭ କରିଅଛନ୍ତି ।

ଏହି ମହାଦେବଙ୍କ ଉପାସନା କଲେ ଉଭୟ "ହର ଓ ପାର୍ବତୀ"ଙ୍କର ଆଶୀର୍ବାଦ ମିଳୁଥିବାର ବିଶ୍ୱାସ ରହିଛି ।ସେଥିପାଇଁ ବାଣେଶ୍ୱର ମହାଦେବଙ୍କଠାରେ ଯୁଗଳ ଲିଙ୍ଗ ମୂର୍ତ୍ତି ବିରାଜମାନ । କିମ୍ବଦନ୍ତୀ ଅନୁସାରେ "ଅଦ୍ୟା ମୋତିକୁ" ମନ୍ଦିର ନିକଟରେ ଏଯାବତ୍ ବିଦ୍ୟମାନ ।

ବଣାଇଗଡ଼ର ରାଜପୁରୋହିତ ବିଶିଷ୍ଟ ଐତିହାସିକ ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ର ବଣାଇ ରାଜବଂଶର ମାଦଳା ଅନୁଧ୍ୟାନ କରି କହିଅଛନ୍ତି ଯେ, ବାଣାସୁର ଏହି ରାଜ୍ୟ ସ୍ଥାପନ କରିଥିଲା ଓ ତା'ର ବଂଶଧରମାନେ ପ୍ରାୟ ୧୪ ଶହ ବର୍ଷ ବଣାଇ ମୁଲକକୁ ଶାସନ କରିଥିଲେ । ତାଙ୍କପରେ ବରାହଭୂମିର ବରାହବଂଶୀ ୭ ଜଣ ରାଜା ରାଜତ୍ୱ କଲାପରେ ତୁଙ୍ଗ ବଂଶର ୬ ଜଣ ରାଜା ୧୧୧ ବର୍ଷ ରାଜୁତି କରିଥିଲେ । ତୁଙ୍ଗ ବଂଶୀ ପରେ ବଣାଇଁରେ କାଦମ୍ବବଂଶ ସ୍ଥାପିତ ହୋଇଅଛି ।

ପ୍ରଖ୍ୟାତ ଐତିହାସିକ ଡ଼ଃ ନବୀନ କୁମାର ସାହୁଙ୍କ ମତରେ ଏହି ଅଞ୍ଚଳକୁ ବଣେଇଁ ମଣ୍ଡଳ କୁହାଯାଉଥିଲା । ବଣାଇଁ ମଣ୍ଡଳର ବରାହବଂଶୀ ରାଜା ଓ ଖିଚିଙ୍ଗକୋଟ୍ଟର ଭଞ୍ଜବଂଶୀ ରାଜା ସେଠାରେ ରାଜତ୍ୱ କରୁଥିଲେ । ସେମାନେ ମୟୂରବଂଶୀ ବୋଲି ପରିଚିତ ଥିଲେ । ସେମାନଙ୍କର ସଙ୍କେତ ବାମଦିଗକୁ ମୁଖ କରିଥିବା ମୟୂରଚିହ୍ନ ଥିଲା । ବରାହବଂଶୀ ରାଜାମାନଙ୍କର ରାଜତନ୍ତ୍ରର ସଙ୍କେତ ରୂପେ "ବାମଦିଗକୁ ମୁଖ କରିଥିବା ମୟୂର" ଚିହ୍ନ ଥିଲା । ବର୍ତ୍ତମାନ ରାଜସ୍ଥାନର ଚିତୋରଗଡ଼ ବୋଲି ଚିହ୍ନଟ କରାଯାଉ ଥିବା "ଚିତ୍ରକୁଟ"ରୁ ବଣାଇଁ ମଣ୍ଡଳକୁ ଆସିଥିଲେ । ମୟୂର ପରିବାରର ଗୋଟିଏ ଶାଖା ଚିତୋରରେ ବସତି ସ୍ଥାପନ କରିଥିଲେ । ଖୁବ୍ ସମ୍ଭବତଃ ବଣାଇଁର ରାଜବଂଶୀ ଯିଏକି

ବିଭୋରକୁ ଆସିଥିଲେ ସେମାନେ ତାଙ୍କ ପରିବାର (ବଂଶଧର) ହୋଇପାରନ୍ତି ।

ପଣ୍ଡିତ ବିନାୟକ ମିଶ୍ର ଓ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ ବଣାଇ ମଣ୍ଡଳର ମୟୂର ବଂଶୀ ଓ ଖିଚିଙ୍ଗକୋଟର ଭଞ୍ଜବଂଶୀ ସମ୍ଭବତଃ ଗୋଟିଏ ବଂଶର ଦୁଇଟି ଶାଖା । ହରପ୍ରସାଦ ଶାସ୍ତ୍ରୀ ମଧ୍ୟ ସେହିମତ ବ୍ୟକ୍ତ କରିଛନ୍ତି । ଏମାନଙ୍କ ମତରେ ଭଞ୍ଜବଂଶ ତିନୋଟି ନାମରେ ପରିଚିତ ଥିଲେ ଯଥା—ବରାହ, ମୟୂର ଏବଂ ଭଞ୍ଜ ।

ବରାହବଂଶୀ ରାଜା ଧରଣୀଧର ବରାହ ଏବଂ ତାଙ୍କ ସ୍ତ୍ରୀ ରାଣୀ କୀର୍ତ୍ତି ଦେବୀ ଖିଚିଙ୍ଗକୋଟର ଅବଲୋକିତେଶ୍ୱର ବା ଅବଲକାର୍ତ୍ତିଶ୍ୱର ମନ୍ଦିରରେ ଠାକୁରଙ୍କୁ ପ୍ରତିଷ୍ଠା କରିଥିଲେ । ଖିଚିଙ୍ଗକୋଟର ରାଜା ମୟୂରଭଞ୍ଜ ଓରଫ୍ ରାଜବଂଶ ଧରଣୀ ବରାହ ଓ ରାଣୀ କୀର୍ତ୍ତି ଦେବୀଙ୍କୁ ଖିଚିଙ୍ଗକୋଟର ମନ୍ଦିର ନିର୍ମାଣ ଓ ଠାକୁର ପ୍ରତିଷ୍ଠା ନିମନ୍ତେ ଅନୁମତି ଦେଇଥିଲେ । ତ୍ରେତୟା ଯୁଗରେ ଭଗବାନ ରାମଚନ୍ଦ୍ର ଯେତେବେଳେ ବନବାସରେ ଥିଲେ ସେହି ସମୟରେ ଏହି ଅଞ୍ଚଳରେ ବାଟବଣା ହୋଇ ଯାଇଥିବାର ଘଟଣାକୁ କେନ୍ଦ୍ର କରି ବଣେଇ ନାମରେ ନାମିତ ହୋଇଅଛି । କଥିତ ଅଛି ଯେ, ସୀତାଦେବୀଙ୍କୁ ଅନ୍ୱେଷଣ କରୁଥିବାବେଳେ ଏହି ଅଞ୍ଚଳରେ ଥିବା ଏକ ପାହାଡ଼ ପାଖରେ ମାଙ୍କଡ଼ମାନେ ରାମଚନ୍ଦ୍ରଙ୍କୁ ଦର୍ଶନ କରି ଆନନ୍ଦରେ ନୃତ୍ୟ କରିଥିଲେ । ସେହି ପାହାଡ଼ଟି ଏବେ "ମାଙ୍କଡ଼ନଚ୍ଚା" ପାହାଡ଼ ନାମରେ ନାମିତ ହୋଇଅଛି । ଏହି ରୂପେ ପୁରାଣ ଯୁଗରୁ ଐତିହାସିକ ଯୁଗ ପର୍ଯ୍ୟନ୍ତ ବଣାଇରେ ବିଭିନ୍ନ ରାଜାମାନେ ଶାସନ କରି ଆସିଥିଲେ ଓ ସେହିଅନୁସାରେ ଓଡ଼ିଶାରେ ଗଙ୍ଗବଂଶ ୧୦୭୬ ଖ୍ରୀଷ୍ଟାବ୍ଦ ଓ ବଣାଇରେ କାଦମ୍ବବଂଶ ୧୦୮୧ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ହୋଇଥିଲା । ଗଙ୍ଗବଂଶୀ ଓ କାଦମ୍ବବଂଶ ସମସାମୟିକ ଥିବା କଥା ଲିପିବଦ୍ଧ ହୋଇଛି । ଉଭୟ ରାଜ୍ୟର କଳା ଓ ସଂସ୍କୃତିରେ କେତେକ ସାମ୍ୟତା ଦେଖିବାକୁ ପରିଲକ୍ଷିତ ହୁଏ ।

ବଣାଇ ରାଜ୍ୟର ବିଭିନ୍ନ ପର୍ବ ପର୍ବାଣୀ ମଧ୍ୟରେ ଚୈତ୍ର ପର୍ବ ଓ ଛଉନାଚ ପ୍ରଧାନ । ଚୈତ୍ର ପର୍ବ ବେଳେ ନବଦିନଯାତ୍ରା ହୁଏ । ଏହି ସମୟରେ ମା ବାସୁଳି ଦେବୀ ପୂଜା କରାଯାଏ । ନବଦିନ ମଧ୍ୟରୁ ପ୍ରଥମ ଓ ଶେଷ ଦିନକୁ ଛାଡ଼ି ମଧ୍ୟଭାଗର ସାତଦିନ ପର୍ବ ଉତ୍ସବରେ ଛଉନାଚ ଅନୁଷ୍ଠିତ ହୁଏ । ଏହି ନାଚ ଦେବୀଙ୍କ ସମ୍ମୁଖରେ କରାଯାଏ । ମେଳା ପଡ଼ିଆରେ ଛଉନାଚ କରିବାର ପରମ୍ପରା ଏଯାବତ୍ ପ୍ରଚଳିତ । ପଣାସଂକ୍ରାନ୍ତି ଦିନ ନୀତିଗତ ଭାବରେ ଯାତ୍ରା ଓ ଛଉନାଚ ସମାପିତ ହୋଇଥାଏ । ମେଳାଭିଡ଼ ଭାଙ୍ଗିବା ପାଇଁ ଅଧିକ ପନ୍ଦର ଦିନ ଲାଗିଯାଏ ।

ବଣାଇଗଡ଼ର ଚୈତ୍ର ପର୍ବ ଅଷ୍ଟାଦଶ ଶତାବ୍ଦୀରେ ଆରମ୍ଭ ହୋଇଥିବାର କେତେକ ଆକଳନ କରିଥାନ୍ତି । କାଦମ୍ବବଂଶର ୦୯ ତମ ରାଜା ସ୍ୱର୍ଗତ ଭିକାରୀ ଚନ୍ଦ୍ରଦେବ ଦେଓ ସର୍ବ ପ୍ରଥମେ ବଣାଇରେ ଚୈତ୍ରପର୍ବ ଆରମ୍ଭ କରିଥିଲେ ବୋଲି ରାଜମାଳରୁ ଜଣାଯାଇଛି । ସେହି ରାଜା ୧୭୬୦ ଖ୍ରୀଷ୍ଟାବ୍ଦରେ ବଣାଇ ରାଜସିଂହାସନରେ ଅଧିଷ୍ଠିତ ହୋଇଥିଲେ । ତାଙ୍କ ପରବର୍ତ୍ତୀ ରାଜାମାନେ ଏହି ପାରମ୍ପରିକ ଚୈତ୍ର ପର୍ବ ଓ ଛଉନାଚକୁ ଗଡ଼ଜାତ ରାଜ୍ୟ ମିଶ୍ରଣ ପର୍ଯ୍ୟନ୍ତ ମହା ଆଡ଼ମ୍ବର ସହକାରେ ପାଳନ କରି ଆସୁଥିଲେ । ସ୍ୱାଧୀନତା ପରେ ଏହି ଅଞ୍ଚଳର ପର୍ବ ଓ ଛଉନାଚ ରାଜ ପୃଷ୍ଠପୋଷକତା ଅଭାବରେ ଘୋର କ୍ଷତିଗ୍ରସ୍ତ ହେଲା । ଚୈତ୍ରପର୍ବ ବେଳେ ଛଉନାଚ କରିବାପାଇଁ ଏହି ଅଞ୍ଚଳର ଶିଳ୍ପୀ, ସଙ୍ଗଠକ କଳାପ୍ରେମୀମାନେ ଗ୍ରାମ୍ୟଭେଦାକରି ଯଥାକଥା ବଞ୍ଚାଇ ରଖିବାକୁ ଉଦ୍ୟମ କଲେ । ବର୍ତ୍ତମାନ ଏହି କଳାର ସ୍ଥିତି ଓ ଗତି ସନ୍ଦେହଜନକ ହୋଇପଡ଼ିଛି । ଏବେ, କେତେକ କଳାକାର ଯଥାକଥା ପଡ଼ୋଶୀ ଅଞ୍ଚଳର ନୃତ୍ୟଶିଳ୍ପୀ ଓ ବାଦ୍ୟକାରମାନଙ୍କ ସାହାଯ୍ୟରେ ଯେଉଁ ଛଉ କଳାମାନ ପ୍ରଦର୍ଶନ କରୁଛନ୍ତି; ସେ ସମସ୍ତ ଅତୀତର ଗୌରବମୟ ପରମ୍ପରାର ବାସ୍ତବ ରୂପରେଖ ପ୍ରତିଫଳନ କରାଇ ପାରୁନାହିଁ । ଏହି କ୍ଷୟିଷ୍ଣୁ କଳାର ପୁନରୁଦ୍ଧାର ପାଇଁ ସ୍ଥାନୀୟ କଳାକାରମାନଙ୍କ ପ୍ରତି ଶ୍ରଦ୍ଧା ଓ ସଦିଚ୍ଛା ଲୋଡ଼ା ।

ଆଃ- ଏମ୍ ଏ., ଛଉ ଗବେଷକ,
ବାରିପଦା

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବଳରାମ ମହାନ୍ତି



ଶ୍ରୀ ମହେଶ୍ୱର ମୂଳିଆ

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବଳରାମ ମହାନ୍ତି ସ୍ୱାଧୀନତା ପୂର୍ବର ୨୫ ବର୍ଷ ଓ ସ୍ୱାଧୀନତା ପରବର୍ତ୍ତୀ ଅର୍ଦ୍ଧ ଶତାବ୍ଦୀର ଇତିହାସର ଜଣେ ପ୍ରତ୍ୟକ୍ଷ ସାକ୍ଷୀ ।

ଶ୍ରୀମହାନ୍ତି ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାସନ୍ଦରା ଗ୍ରାମରେ ୧୯୧୪ ମସିହାରେ ଗମ୍ଭାପୂର୍ଣ୍ଣମୀ ଦିନ ଜନ୍ମ ଗ୍ରହଣ କରିଥିଲେ ଏକ ଶିକ୍ଷକ ପରିବାରରେ । ତାଙ୍କ ପିତା ଓ ପିତାମହ ସେତେବେଳେ ଗଞ୍ଜାମ ଜିଲ୍ଲାରେ ଶିକ୍ଷକ ଥିଲେ । ୧୯୩୧ ମସିହାରେ ସେ ତାଙ୍କ ଗ୍ରାମ ନିକଟବର୍ତ୍ତୀ ବାଗଲପୁର ମାଇନର ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇଥିଲେ । ସେତେବେଳକୁ ବାଗଲପୁର ଗ୍ରାମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଏକ ପୀଠ ଥିଲା । ଏହି ଗ୍ରାମର ବିପ୍ଳବୀ କର୍ମୀ ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ୬୦ ଜଣ ପର୍ଯ୍ୟନ୍ତ ଯୁବକ ଯୁବତୀ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ କାରାବରଣ କରିଥିଲେ । ନିକଟରେ ଅଣଖିଆ ଗ୍ରାମରେ ଉନ ନାୟକ ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ ନିଜେ ଗୋଟିଏ କୃଷି ଫାର୍ମ କରି କୃଷକମାନଙ୍କୁ ଉନ୍ନତ ଧରଣର ଧାନ ଓ ପନିପରିବା ଚାଷ ଶିଖାଉଥିଲେ । ଏହାର ଟିକିଏ ଦୂରରେ ଅଳକାଶ୍ରମ । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏଠାରେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଓ ଶ୍ରୀମତୀ ରମାଦେବୀ ଗଠନ ମୂଳକ କାର୍ଯ୍ୟକ୍ରମ ଶିକ୍ଷା ଦେଉଥିଲେ । ସେମାନେ ବାଗଲପୁର ଓ ନିକଟବର୍ତ୍ତୀ ଗ୍ରାମମାନଙ୍କୁ ଆସି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରୁଥିଲେ ।

ସେ ଏହି ବାଗଲପୁର ସ୍କୁଲରେ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଲା ବେଳେ ସ୍ୱାଧୀନତା ସଂଗ୍ରାମ ଗାନ୍ଧି-ଇରୱେଇନ୍ ଚୁକ୍ତି ଯୋଗୁ ବନ୍ଦ ରଖା ଯାଇଥିଲା ଓ ସ୍ୱାଧୀନତା ସଂଗ୍ରାମୀମାନେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ରଚନାତ୍ମକ କାର୍ଯ୍ୟ କରୁଥିଲେ । ଶ୍ରୀ ମହାନ୍ତି ବାଗଲପୁର ମାଇନର ସ୍କୁଲରେ ଅଧ୍ୟୟନ କରିବା ସାଙ୍ଗେ ସାଙ୍ଗେ ତାକୁଡ଼ିରେ ସୂତା କାଟୁଥିଲେ, ଖଦି ପିନ୍ଧୁ ଥିଲେ ଏବଂ ହରିଜନ ବସ୍ତି ସଫେଇ ଓ ହରିଜନ ପିଲାଙ୍କୁ ପଢ଼ାଇବାରେ ସାହାଯ୍ୟ କରୁଥିଲେ । ୧୯୩୪ ମସିହାରେ ସେ ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ କଟକ ଯିବା ବେଳକୁ ଜଣେ ତାଲିମ୍‌ପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀ ହୋଇ ସାରିଥିଲେ । ସେ କଟକ ହାଇସ୍କୁଲରେ ନାମ ଲେଖାଇବା ପରେ ଛାତ୍ର ଆନ୍ଦୋଳନରେ ସକ୍ରିୟ ଯୋଗଦାନ କରି କାର୍ଯ୍ୟ କରୁଥିଲେ । ୧୯୩୮ ମସିହାରେ ରେଭେନ୍‌ସା କଲେଜରେ ଅଧ୍ୟୟନ କଲାବେଳେ ରାଜନୀତି କ୍ଷେତ୍ରରେ ସେ ନୂତନ ଆଦର୍ଶର ସନ୍ଧାନ ପାଇଥିଲେ । ସେତେବେଳେ ସେ କେନ୍ଦ୍ରାପଡ଼ାଠାରେ ତାଙ୍କ ନିଜ ବାସଭବନରେ ଅନ୍ତରୀଣ ବନ୍ଦୀ ଭାବରେ ରହିଥିବା "ବେଙ୍ଗଲ ଭଲୁଣ୍ଟିଅର୍ସ" ବିପ୍ଳବୀ ଯୁବ ଅନୁଷ୍ଠାନର ବିଶିଷ୍ଟ ସଭ୍ୟ ଶ୍ରୀ ଅମରନାଥ ଚଟ୍ଟୋପାଧ୍ୟାୟଙ୍କ ସଂସ୍ପର୍ଶରେ ଆସିଥିଲେ । ଏହି ବିପ୍ଳବୀ ଅନୁଷ୍ଠାନ ସହିତ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କର ସମ୍ପର୍କ ରହିଥିଲା । ସେ ବିପ୍ଳବୀ ଅମର ବାବୁଙ୍କଠାରୁ ପୃଥିବୀର ସ୍ୱାଧୀନତା ସଂଗ୍ରାମର ସେନାପତିମାନଙ୍କର ଜୀବନ କାହାଣୀ ଭିତରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ କାହାଣୀ ଶୁଣି ତାଙ୍କ ମନରେ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି ହୋଇଥିଲା ଓ ସେ ନେତାଜୀଙ୍କ ଅନୁଗାମୀ ହେବା ପାଇଁ ସେତେବେଳେକୁ ମନସ୍ଥ କରିଥିଲେ । ପରେ ନେତାଜୀ ଯେତେବେଳେ କଂଗ୍ରେସ ଛାଡ଼ି ଫରୱାର୍ଡ଼ ବ୍ଲକ ଦଳ ଗଠନ କଲେ, ସେ ଏହି ଦଳର ଓଡ଼ିଶା ଶାଖାର ଜଣେ ସକ୍ରିୟ କର୍ମକର୍ତ୍ତା ହୋଇଥିଲେ ।

୧୯୪୧ ମସିହା ଜାନୁଆରୀ ମାସରେ ନେତାଜୀ ସୁଭାଷ ହଠାତ୍ ଭାରତରୁ ଅନ୍ତର୍ଦ୍ଧାନ ହୋଇଯାଇ ତିନି ମାସ ପରେ ବର୍ଲିନ୍‌ରେ ରହି କାର୍ଯ୍ୟ କଲେ । ସେତେବେଳେ ସେ ତାଙ୍କ କାର୍ଯ୍ୟକଳାପ ଓ ଭାରତବାସୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ଲେଖାମାନ କାବୁଲ ଦୂତାବାସ ଜରିଆରେ ଭାରତକୁ ପଠାଉଥିଲେ । ଭାରତର ବିଭିନ୍ନ ଅଞ୍ଚଳକୁ ତାହା କଲିକତାଠାରୁ ଯାଉଥିଲା । ଓଡ଼ିଶାର ନେତାଜୀଙ୍କ ଅନୁଗାମୀମାନଙ୍କ ନିକଟକୁ ସେସବୁ ଆସୁଥିଲା । ଶ୍ରୀମହାନ୍ତି ସେଗୁଡ଼ିକ ଅନ୍ୟ ବନ୍ଧୁଙ୍କ ସହିତ ଛାତ୍ର ଓ ଯୁବକମାନଙ୍କ ଭିତରେ ବଣ୍ଟନ କରୁଥିଲେ । ଏହି ସମୟରେ ଓଡ଼ିଶାର ଛାତ୍ର ଓ ଯୁବକମାନେ ନେତାଜୀଙ୍କ ଜୀବନୀ ଓ କାର୍ଯ୍ୟକଳାପ ବିଷୟରେ ଅଧିକ ଜାଣିବାକୁ ଚାହିଁବାରୁ ବଳରାମ ବାବୁ "ବିପ୍ଳବୀ ସୁଭାଷ" ନାମରେ ଏକ ପୁସ୍ତକ ଲେଖି ନବଭାରତ ପ୍ରେସରୁ ତାହା ପ୍ରକାଶ କରିଥିଲେ । ଏହି ପୁସ୍ତକଟି ବହୁ ସଂଖ୍ୟାରେ ବିକ୍ରି ହୋଇଯିବା

ପରେ ତାହା ସେତେବେଳେର ଗୋରା ଲାଟ୍‌ଙ୍କ ଦୃଷ୍ଟିକୁ ଆସିଥିଲା ଏବଂ ବ୍ରିଟିଶ ସରକାର ଏହି ପୁସ୍ତକଟିର ପ୍ରକାଶନ ଓ ବିକ୍ରି ନିଷେଧ କରି ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଶ୍ରୀମହାନ୍ତି ଅଗଷ୍ଟ ବିପ୍ଳବ ଆରମ୍ଭ ହେବା ପରେ ଗିରଫ ହୋଇ ନିରାପତ୍ତା ବନ୍ଦୀ ଭାବରେ ବ୍ରହ୍ମପୁର ଜେଲରେ ରହିଥିଲେ । ସେ ଜେଲରେ ରହିଥିବା ବେଳେ ତାଙ୍କ ପ୍ରଣୀତ ସରକାରଙ୍କ ଦ୍ୱାରା ନିଷିଦ୍ଧ "ବିପ୍ଳବୀ ସୁଭାଷ ପୁସ୍ତକ" ପାଇଁ ବିଶ୍ଳେଷ ହୋଇ ତାଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଓ ଏକହଜାର ଟଙ୍କା ଜୋରିମାନା କରାଯାଇଥିଲା । ସେ ତିନି ବର୍ଷରୁ ଅଧିକ କାଳ କାରାବରଣ କରିବା ପରେ ଜେଲରୁ ଖଲାସ ହୋଇଥିଲେ ।


ଜେଲରୁ ଖଲାସ ହେବା ପରେ ସେ ଦୈନିକ 'ସମାଜ' ପତ୍ରିକାର ସହକାରୀ ସଂପାଦକ ଭାବରେ ନିଯୁକ୍ତ ହୋଇଥିଲେ । ସେ ଏହା ପୂର୍ବରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂପାଦନାରେ ପ୍ରକାଶିତ "ନବଭାରତ" ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସଂପାଦନାରେ ପ୍ରକାଶିତ ଦୈନିକ 'ଜନତା' ପତ୍ରିକାର ସହକାରୀ ସଂପାଦକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । 'ଦୈନିକ ସମାଜ'ରେ ସହକାରୀ ସଂପାଦକ ଭାବରେ ପାଞ୍ଚ ବର୍ଷରୁ ଅଧିକ କାଳ ରହିବା ପରେ ଜନନାୟକ ନବକୃଷ୍ଣଚୌଧୁରୀ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କର ପର୍ସନାଲ ସେକ୍ରେଟେରୀ ତଥା ଲୋକ ସମ୍ପର୍କ ଅଫିସର ଭାବରେ ତାଙ୍କୁ ନିଯୁକ୍ତି କରିବାକୁ ଚାହିଁବାରୁ ସେ 'ସମାଜ' ଛାଡ଼ି ସେହି ପଦବୀରେ ରହିଲେ । ତାପରେ ସେ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ପ୍ରଚାର୍‌ସନ ଅଫିସର ଓ "ଉତ୍କଳ ପ୍ରସଙ୍ଗ" ପତ୍ରିକାର ସଂପାଦକ ତଥା ଲୁଚିଜଣ ମୁଖ୍ୟମନ୍ତ୍ରୀଙ୍କର ଲୋକ ସମ୍ପର୍କ ଅଫିସର ରୂପେ କାର୍ଯ୍ୟ କରିଥିଲେ । ଏହାଫଳରେ ଶ୍ରୀମହାନ୍ତି ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଇତିହାସ ସମ୍ପର୍କରେ ସରକାରୀ ସ୍ତରରେ ମିଳୁଥିବା ନିର୍ଭରଯୋଗ୍ୟ ତଥ୍ୟଗୁଡ଼ିକ ପାଇବା ପାଇଁ ସମର୍ଥ ହୋଇଥିଲେ । ତେଣୁ ସେହିସବୁ ତଥ୍ୟଗୁଡ଼ିକ ସାହାଯ୍ୟରେ ସେ "ଓଡ଼ିଶା ପରିଚୟ", "ଓଡ଼ିଶା ଶାସନ", "ଓଡ଼ିଶା ରାଜନୈତିକ ଇତିହାସ", "ଓଡ଼ିଶା ଆନ୍ଦୋଳନର ଇତିହାସ" ଓ "ଓଡ଼ିଶାରେ ନିର୍ବାଚନ" ପରି ଓଡ଼ିଶା ସମ୍ବନ୍ଧରେ ଜ୍ଞାନ ଲାଭ କରିବା ଭଳି ନିର୍ଭରଯୋଗ୍ୟ ପୁସ୍ତକମାନ ପ୍ରଣୟନ କରିଥିଲେ । ଏହି ପୁସ୍ତକଗୁଡ଼ିକ ରାଜନୀତି ବିଜ୍ଞାନ ଛାତ୍ର ତଥା ସାଧାରଣ ପାଠକମାନଙ୍କୁ ଓଡ଼ିଶା ସମ୍ବନ୍ଧରେ ଜ୍ଞାନ ଲାଭ କରିବା ପାଇଁ ଯଥେଷ୍ଟ ସାହାଯ୍ୟ କରିଛି । ଏହାଛଡ଼ା ମହାତ୍ମାଗାନ୍ଧି ଓ ପଣ୍ଡିତ ନେହେରୁଙ୍କ ଚିନ୍ତାଧାରାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ୮ ଖଣ୍ଡି ପୁସ୍ତକ ପ୍ରଣୟନ କରିଛନ୍ତି । ଶ୍ରୀମହାନ୍ତି ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ୧୫ ଖଣ୍ଡ ପୁସ୍ତକ ସଙ୍କଳନ କରିଛନ୍ତି ଓ ସେଥିମଧ୍ୟରୁ "ମହାକାଶ ଭ୍ରମଣ କାହାଣୀ" ପୁସ୍ତକ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱର୍ଣ୍ଣପଦକ ଲାଭ କରିଛି । ସେ ତାଙ୍କର ଏହି ସାହିତ୍ୟିକ କୃତି ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ, ଡକ୍ଟର ବଂଶୀଧର ପଣ୍ଡାଙ୍କ ପ୍ରତିଷ୍ଠିତ 'ସାରଳା ପୁରସ୍କାର' ଅନୁଷ୍ଠାନ ତଥା ଅନ୍ୟ କେତେକ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଭାରତ ସରକାରଙ୍କଠାରୁ ତାମ୍ରଫଳକ ଲାଭ କରିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ଶ୍ରୀମହାନ୍ତି ନିଖିଳଭାରତ ସ୍ୱାଧୀନତା ସଂଗ୍ରାମୀ ସଂଗଠନ ଓଡ଼ିଶା ଶାଖାର ସାଧାରଣ ସଂପାଦକ, ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ମୁଖପତ୍ର "Service Experience" "ପତ୍ରିକାର ମୁଖ୍ୟ ସଂପାଦକ ଓ ଉତ୍କଳ ସମ୍ମିଳନୀ" ଅନୁଷ୍ଠାନର କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ । ଶେଷ ଜୀବନରେ ସେ "କୋଣାର୍କ ଜ୍ଞାନ-ବିଜ୍ଞାନ ପରିଚୟ" ନାମରେ ଓଡ଼ିଆ ଭାଷାରେ ଏକ ବାର୍ଷିକ ସଂକଳନ, ନିଜର ଆତ୍ମଜୀବନୀ ଓ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସ ପ୍ରଣୟନ କାର୍ଯ୍ୟରେ ଆତ୍ମନିୟୋଗ କରିଥିଲେ ।

# ପ୍ରାଚୀନ ଓଡ଼ିଶାର ସୀମା ସରହଦ

ଶ୍ରୀ ଅନନ୍ତରାମ କର

ଆଜି ଯେଉଁ ଅଞ୍ଚଳକୁ ଆମେ ଓଡିଶା କହୁ, ଅତୀତରେ ଏ ଭୂଖଣ୍ଡ ଓଡ୍ର, ଉତ୍କଳ, କଳିଙ୍ଗ, କୋଙ୍ଗୋଦ, କୋଶଳ ତଥା ମଣ୍ଡଳ ରାଜ୍ୟ ପ୍ରଭୃତି ନାମରେ ଭିନ୍ନ ଭିନ୍ନ ଅଞ୍ଚଳ ରୂପେ ଶାସିତ ହେଉଥିଲା । ଏହି ଭିନ୍ନ ଭିନ୍ନ ଅଞ୍ଚଳଗୁଡ଼ିକର ସ୍ଥିତି ସହ ତୋଷାଳି ନାମକ ଏକ ଅଞ୍ଚଳ ମଧ୍ୟ ସାମ୍ପ୍ରତିକ ଓଡ଼ିଶାର ଇତିହାସ ଗର୍ଭରେ ପ୍ରତୀୟମାନ । ଏହିସବୁ ଭିନ୍ନଭିନ୍ନ ରାଜ୍ୟର ମିଶ୍ରିତ ସାଂସ୍କୃତିକ ଉପଧା ହିଁ ଆଜିର ମହାନ୍ ଉତ୍କଳୀୟ ସଂସ୍କୃତି ।ଉତ୍କଳ ତଥା ଓଡିଶାର ପ୍ରାଚୀନ ଐତିହ୍ୟ ତଥା ତତ୍କାଳୀନ ଭାରତରେ ଏହାର ସ୍ୱତନ୍ତ୍ର ସ୍ଥିତି ସମ୍ପର୍କରେ ଇତିହାସ ବ୍ୟତୀତ ରାମାୟଣ, ମହାଭାରତ ତଥା ବୌଦ୍ଧଗ୍ରନ୍ଥମାନଙ୍କରେ ଆଲୋଚିତ ହୋଇଛି ।



ବାରବାଟି ଦୁର୍ଗ

ପୁରାଣ ପ୍ରକାରେ–ବୈବସ୍ୱତ ମନୁଙ୍କ ପୁତ୍ର ସୁଦ୍ୟୁମ୍ନ ଏବଂ ସୁଦ୍ୟୁମ୍ନଙ୍କ ପୁତ୍ରଙ୍କ ନାମ ଉତ୍କଳ । ଉତ୍କଳ ପୂର୍ବଖଣ୍ଡରେ ଶାସକ ହେଲେ । ଅନ୍ୟ ଏକ ଆଖ୍ୟାନ ପ୍ରକାରେ ବଳିରାଜାଙ୍କ ପତ୍ନୀ ସୁଦେଷ୍ଣାଙ୍କ ଗର୍ଭରୁ ତଥା ଦୀର୍ଘତମ ଋଷିଙ୍କ ଔରସରୁ କ୍ଷେତ୍ରଜ ପୁତ୍ର ରୂପେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର, ସୁହ୍ମ ଆଦି ପାଞ୍ଚଜଣ ପୁତ୍ର ଜନ୍ମଲାଭ କରିଥିଲେ । ଏହି ପାଞ୍ଚ ପୁତ୍ର ପାଞ୍ଚ ଗୋଟି ରାଜ୍ୟ ପ୍ରତିଷ୍ଠା କଲେ । ସେହିପରି ଭାଗବତ ପୁରାଣରେ ଉଲ୍ଲେଖ ଅଛି ରାଣୀ ସୁଦେଷ୍ଣାଙ୍କ ଗର୍ଭରୁ ଛଅଜଣ ପୁତ୍ର ଜନ୍ମଗ୍ରହଣ କଲେ । ଶେଷ ସନ୍ତାନଟିର ନାମ ଥିଲା 'ଓଡ୍ର' ।

**ଉତ୍କଳ :**

ପୁରାଣ ପ୍ରକାରେ ଉତ୍କଳ ରାଜ୍ୟ କଳିଙ୍ଗ, ଓଡ୍ର, କୋଶଳ ଅପେକ୍ଷା ପ୍ରାଚୀନ । ଦ୍ରାବିଡ଼ ଭାଷାର ଓକ୍କଳ ଶବ୍ଦରୁ ଉତ୍କଳ ଶବ୍ଦ ସୃଷ୍ଟି ହୋଇଛି । ଓକ୍କଳ ଶବ୍ଦର ଅର୍ଥ କୃଷି କ୍ଷେତ୍ର ବା ଅଞ୍ଚଳ । ଉତ୍କଳର ଅଧିବାସୀ ପ୍ରତିବେଶୀମାନଙ୍କ ଅପେକ୍ଷା ମାର୍ଜିତ ।

ପ୍ରାଚୀନ ଭୂଗୋଳ ପ୍ରକାରେ ଉତ୍କଳର ସୀମା ବର୍ତ୍ତମାନର ମୟୂରଭଞ୍ଜ, ନୀଳଗିରି, କେନ୍ଦୁଝର ଓ ପଶ୍ଚିମ ବଙ୍ଗର ରାଙ୍ଗପୁର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଉତ୍କଳ ସୀମାରେ ତୋଷାଳୀ ଅବସ୍ଥିତ ଥିଲା । ଅଧିକାଂଶ ସମୟରେ ଉତ୍କଳ ଓ ତୋଷାଳୀ ଏକ ଶାସନାଧୀନ ଥିଲା । ବୌଦ୍ଧଜାତକ ପ୍ରକାରେ ତୋଷାଳୀର ସୀମା ବର୍ତ୍ତମାନର ଖୋରଧା ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ।

ଜାତକ ଗ୍ରନ୍ଥ ବିନୟ ପିଟକର 'ମହାଭାରତ' କଥା ପ୍ରକାରେ ଉତ୍କଳର ତପସୁ, ଭଲ୍ଲିକ ନାମକ ଦୁଇଜଣ ବଣିକ ଭ୍ରାତାଙ୍କ କଥା ଜଣାଯାଏ । ବୌଦ୍ଧଜାତକ ଗ୍ରନ୍ଥ "ମଝିମ୍‌ନିକାୟ"ରେ ଉକ୍‌କଳ (ଉତ୍କଳ) ଜନପଦର ବସ୍ତ୍ର ଓ ଭଞ୍ଜ ଜାତିଙ୍କ ନାମ ଉଲ୍ଲେଖ ଅଛି । ବିଶେଷ କରି କଟକ, ପୁରୀ ଓ ବାଲେଶ୍ୱର ପ୍ରଭୃତି ଅଞ୍ଚଳ ପ୍ରାଚୀନ ଉତ୍କଳ ରାଜ୍ୟ ।

**ଓଡ୍ର :**

ପ୍ରଥମ ଶତାବ୍ଦୀ ବେଳକୁ ଓଡ୍ରମାନେ ଏକ ଶକ୍ତିଶାଳୀ ଜାତି ଥିବାର ପ୍ରମାଣ ମିଳେ । ଓଡ୍ରରାଜ୍ୟ ବର୍ତ୍ତମାନର ମୟୂରଭଞ୍ଜ, କେନ୍ଦୁଝର ଅଞ୍ଚଳର ଦକ୍ଷିଣ ସୀମାରୁ ଆରମ୍ଭ ହୋଇ ମହାନଦୀର ଉତ୍ତର ଅର୍ଥାତ୍ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମହାଭାରତ ଯୁଦ୍ଧରେ ଓଡ୍ରମାନେ ପାଣ୍ଡବମାନଙ୍କ ସପକ୍ଷରେ ଯୋଗ ଦେଇ ଥିଲେ । କ୍ରମେ କଳିଙ୍ଗ ସଭ୍ୟତା ପ୍ରସାରିତ ହେବା ଫଳରେ ଓଡ୍ରମାନଙ୍କ ବ୍ୟାପ୍ତି ସଙ୍କୁଚିତ ହୋଇ ପଡ଼ିଲା । ସପ୍ତମ ଶତାବ୍ଦୀ ବେଳକୁ "ଓଡ୍ର ବିଷୟ" ନାମକ ଏକ ସ୍ୱତନ୍ତ୍ର ଅଞ୍ଚଳ ଥିଲା । "ହୁଏନ୍‌ସାଂ" ବଙ୍ଗଳାର କର୍ଣ୍ଣସୁବର୍ଣ୍ଣରୁ ଦକ୍ଷିଣକୁ ଯାତ୍ରା କଲା କାଳରେ ଓଡ୍ର ରାଜ୍ୟ ଅତିକ୍ରମ କରିଥିଲେ । ହୁଏନ୍‌ସାଙ୍କ ବର୍ଣ୍ଣନା ପ୍ରକାରେ ଏ ରାଜ୍ୟର ଆୟତନ ସାତହଜାର–ଲୀ ଓ ରାଜଧାନୀର ଆୟତନ ୨୦–ଲୀ । ଏଠାକା ଜଳବାୟୁ ଉତ୍ତପ୍ତ । ଅଧିବାସୀ

ଅମାର୍ଜିତ । ଆକାରରେ ଉଚ୍ଚ । ଦେହର ରଙ୍ଗ କଳା । ଭାଷାର ଉଚ୍ଚାରଣ ସ୍ୱତନ୍ତ୍ର । ସେହିପରି ପରିବ୍ରାଜକ ଆଲ୍‌ବେରୁଣୀ ତାଙ୍କ ଭ୍ରମଣ ବୃତ୍ତାନ୍ତରେ "ଉର୍ଦ୍ଦବିଶୁ" ବୋଲି ଲେଖିଛନ୍ତି । ଆଲବେରୁଣୀଙ୍କ ସମୟ ଅର୍ଥାତ୍ ଦଶମ ଶତାବ୍ଦୀ ବେଳକୁ 'ଉର୍ଦ୍ଦବିଶୁ' ଅଞ୍ଚଳର ଏକ ସ୍ୱତନ୍ତ୍ର ସତ୍ତା ରହିଥିଲା । ଓଡ୍ରମାନେ ସମ୍ଭବତଃ ଆଦିବାସୀ କିମ୍ବା ପ୍ରାଚୀନ ଅଧିବାସୀ ହୋଇ ପାରନ୍ତି ।

### କଳିଙ୍ଗ :

ଓଡ଼ିଶା ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ କଳିଙ୍ଗ । କଳିଙ୍ଗ, କୁଳିଙ୍ଗ, କ୍ଲୀଙ୍ଗ ପ୍ରଭୃତି ଅନେକ ଶବ୍ଦ ଇତିହାସରୁ ମିଳେ । ମହାଭାରତ ସଭାପର୍ବରେ କଳିଙ୍ଗ ସମ୍ପର୍କରେ ସୂଚନା ମିଳେ । କଳିଙ୍ଗ ହୃଷ୍ଟପୁଷ୍ଟ ହାତୀ ଓ ବସ୍ତ୍ର ପାଇଁ ପ୍ରସିଦ୍ଧ ଥିବା ବିଷୟ କୌଟିଲ୍ୟଙ୍କ ରଚନାରୁ ମିଳେ । ପ୍ରାଚୀନ କଳିଙ୍ଗ ରାଜ୍ୟ ଏକଦା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣର ଗୋଦାବରୀ ଯାଏଁ ବ୍ୟାପ୍ତ ଥିଲା । କିନ୍ତୁ ଏହାର ଉତ୍ତର ସୀମା ବୈତରଣୀ ବୋଲି ମଧ୍ୟ ଜଣାଯାଏ । ବିଭିନ୍ନ ସମୟରେ କଳିଙ୍ଗର ସୀମା ସଙ୍କୁଚିତ ଓ ପ୍ରସାରିତ ହୋଇଛି । ପ୍ଲିନିଙ୍କ ବର୍ଣ୍ଣନା ପ୍ରକାରେ କଳିଙ୍ଗ ତିନିଭାଗ ଯଥା–ଗଙ୍ଗାରିଡ଼ାହ କଳିଙ୍ଗ, ମେକ୍‌କୋ କଳିଙ୍ଗ ଏବଂ କଳିଙ୍ଗ । ଏହି ବର୍ଣ୍ଣନା ପ୍ରକାରେ ପ୍ରକୃତ କଳିଙ୍ଗ ଗଞ୍ଜାମର ଋଷିକୁଲ୍ୟାଠାରୁ କୋରାପୁଟର ଇନ୍ଦ୍ରାବତୀ ପର୍ଯ୍ୟନ୍ତ । ହୁଏନ୍‌ସାଙ୍କ ବର୍ଣ୍ଣନା ପ୍ରକାରେ–କଳିଙ୍ଗର ଆୟତନ ପାଞ୍ଚହଜାର ଲିଟା । ଏହାର ଭୂମି ଅତ୍ୟନ୍ତ ଉର୍ବର ଓ ଶସ୍ୟଶ୍ୟାମଳ । ଏଠାରେ ବିରାଟକାୟ ହସ୍ତୀ ମିଳନ୍ତି । ଭାଷା ଉଚ୍ଚାରଣ ସ୍ୱତନ୍ତ୍ର । ଏଠାରେ ଦଶ ଗୋଟି ସଙ୍ଘାରାମ ଅଛି । ଏହାର ଅନ୍ତେବାସୀ ଭିକ୍ଷୁକମାନେ ସ୍ଥବିର ବା ହୀନଯାନ ପନ୍ଥୀ ।

ଏତଦ୍ ବ୍ୟତୀତ ଶହେଗୋଟି ସଙ୍ଘାରାମ ଓ ଦେବମନ୍ଦିର ଅଛି । ମହାଭାରତ ଯୁଦ୍ଧ କାଳରେ କଳିଙ୍ଗ ରାଜା ଶ୍ରୁତାୟୁଧ କୌରବଙ୍କ ପକ୍ଷରେ ଯୋଗ ଦେଇଥିଲେ । ଶ୍ରୁତାୟୁଧ ସହଦେବଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ଅଶୋକଙ୍କ କଳିଙ୍ଗ ଯୁଦ୍ଧ କାଳକୁ କଳିଙ୍ଗ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଚିତ ଥିଲା । କଳିଙ୍ଗର ଅଧିବାସୀମାନଙ୍କୁ କଳିଙ୍ଗୀ କୁହାଯାଉଥିଲା । କଳିଙ୍ଗର କାଳିଙ୍ଗୀ ହୋଇଛି । କଳିଙ୍ଗୀ ଶବ୍ଦ ପରେ ବର୍ତ୍ତମାନ୍ ସୁଦ୍ଧା ଗଞ୍ଜାମ ଓ ଆନ୍ଧ୍ର ବିଭିନ୍ନାଞ୍ଚଳରେ କାଳିଙ୍ଗୀ ନାମକ ଜାତିର ଲୋକ ବାସ କରନ୍ତି ଏବଂ କଳିଙ୍ଗର ସ୍ମୃତିବହନ କରି ଗଞ୍ଜାମରେ କଳିଙ୍ଗପାଟି, କଳିଙ୍ଗଦଳ, କଳିଙ୍ଗପାଟଣା ପ୍ରଭୃତି ସ୍ଥାନ, ଗ୍ରାମ ଅଛି ।

### କଙ୍ଗୋଦ :

ଉତ୍କଳ ଓ କଳିଙ୍ଗର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକଦା କଙ୍ଗୋଦ ନାମକ କ୍ଷୁଦ୍ର ଓ ସଂସ୍କୃତି ସମ୍ପନ୍ନ ସାମ୍ରାଜ୍ୟ ଗଢ଼ି ଉଠିଥିଲା । ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର, ପୁରୁଷୋତ୍ତମପୁର, ଗଞ୍ଜାମ ଏବଂ ଅବିଭକ୍ତ ପୁରୀ ଜିଲ୍ଲାର ଗଞ୍ଜାମ ସୀମାନ୍ତ ଅଞ୍ଚଳକୁ ନେଇ କଙ୍ଗୋଦ ପ୍ରତିଷ୍ଠା ହୋଇଥିଲା । କଙ୍ଗୋଦ ଶବ୍ଦକୁ ହୁଏନ୍‌ସାଂ–କଙ୍ଗ–ଉ–ତୋ ବୋଲି ବର୍ଣ୍ଣନା କରିଛନ୍ତି । ଏହି କଙ୍ଗୁତୋ ଶବ୍ଦ ଅନେକଗଣ୍ଡୁତୋ ହୋଇ ଗଞ୍ଜାମ ହୋଇଛି । ତାଙ୍କ ବର୍ଣ୍ଣନା ପ୍ରକାରେ–"ଏ ରାଜ୍ୟର ଆୟତନ ଏକହଜାର ଲୀଟା । ଏହାର ଏକ ପାଖରେ ସମୁଦ୍ର ଅନ୍ୟ ପାଖରେ ପର୍ବତ । ଏଠାକା ଅଧିବାସୀ ଅବୌଦ୍ଧ । ଏ ଅଞ୍ଚଳରେ ଶତ ଶତ ଦେବୀ ମନ୍ଦିର ଅଛି । ଏଠିକା ଲୋକେ ବାଣିଜ୍ୟ ବ୍ୟବସାୟରେ କଉଡ଼ି ଓ ମୁକ୍ତାକୁ ମୁଦ୍ରା ରୂପେ ବ୍ୟବହାର କରନ୍ତି । ଏ ଅଞ୍ଚଳ ଗଜ ବା ହସ୍ତୀ ପାଇଁ ପ୍ରସିଦ୍ଧ । ହସ୍ତୀମାନଙ୍କୁ ରଥରେ ଯୋଡ଼ି ଲୋକମାନେ ବହୁଦୂର ପଥ ଅତିକ୍ରମ କରିଥାନ୍ତି ।" ଆଧୁନିକ ଗଞ୍ଜାମ ସହର ଆଲୋଚ୍ୟ କଙ୍ଗୋଦର ରାଜଧାନୀ ଥିଲା । ଗଞ୍ଜାମ ସମ୍ପର୍କରେ ହୁଏନ୍‌ସାଂ ପୁନଶ୍ଚ କହିଛନ୍ତି–ରାଜଧାନୀର ତିନି ପାଖରେ ସମୁଦ୍ର ଥିଲା । ସେଠାରେ ଅନେକ ଦେବମନ୍ଦିର ଥିଲା ଓ ସେଠାରୁ କଳିଙ୍ଗକୁ ଯିବା ବାଟରେ ବାଟକାଇରେ କେତେଗୁଡ଼ିଏ ଛୋଟଛୋଟ ସହର ଦେଖା ଯାଉଥିଲା ।

### କୋଶଳ :

ପ୍ରବାଦ ଅଛି ଐକ୍ଷାକୁ ବଂଶର ରାଜା ରାମଚନ୍ଦ୍ର ତାଙ୍କ ପୁତ୍ର ଲବ ଓ କୁଶଙ୍କ ମଧ୍ୟରେ କୋଶଳ ସାମ୍ରାଜ୍ୟକୁ ବିଭକ୍ତ କରିଥିଲେ । ବର୍ତ୍ତମାନର ଛତିଶଗଡ଼, ରାୟପୁର, ବିଳାସପୁରଠାରୁ ଆରମ୍ଭ କରି ସମ୍ବଲପୁର, ସୋନପୁର, ପାଟଣା, ରେଢ଼ାଖୋଲ, କଳାହାଣ୍ଡି ପ୍ରଭୃତି ଅଞ୍ଚଳ ପର୍ଯ୍ୟନ୍ତ ଏହା ବ୍ୟାପ୍ତ ଥିଲା ।।

### ମଣ୍ଡଳ ରାଜ୍ୟ :

ଓଡ୍ର, ଉତ୍କଳ, କଳିଙ୍ଗ, କୋଶଳ ବ୍ୟତୀତ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଞ୍ଚଳକୁ ନେଇ କେତେକ ଦେଶୀୟ ରାଜ୍ୟ ସ୍ଥାପନ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ଭଞ୍ଜମାନଙ୍କ ଖିଞ୍ଜିଳୀମଣ୍ଡଳ, ଖେଜିଙ୍ଗୀ ମଣ୍ଡଳ ବର୍ତ୍ତମାନର ସୋନପୁର, ବଉଦ, ଫୁଲବାଣୀ, ଘୁମୁସର ପ୍ରଭୃତି ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼ ପ୍ରଭୃତି ଅଞ୍ଚଳରେ କୋଦାଳକ ମଣ୍ଡଳ, ନାମପର୍ଣ୍ଣ ମଣ୍ଡଳ, ଐରାବଟ୍ଟ ମଣ୍ଡଳ, ବଣାଇ ମଣ୍ଡଳ ପ୍ରଭୃତି ସ୍ୱାଧୀନ ମଣ୍ଡଳ ରାଜ୍ୟମାନ ଗଢ଼ି ଉଠିଥିଲା । ସେହିପରି ଦକ୍ଷିଣର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବଡ଼ଖେମୁଣ୍ଡି, ଟିକିଟି ପ୍ରଭୃତି ଅଞ୍ଚଳରେ ଶ୍ୱେତକ ମଣ୍ଡଳ, ଧରାକୋଟ, ବଡ଼ଗଡ଼, ସେରଗଡ଼, ସୋରଡ଼ା ଆଦି ଅଞ୍ଚଳରେ ଖିଣ୍ଡିରଶୃଙ୍ଗ ମଣ୍ଡଳ, କୋରାପୁଟ ଅଞ୍ଚଳରେ ବଦ୍ରିକୋଟ ମଣ୍ଡଳ, କଳାହାଣ୍ଡିରେ କମଳ ମଣ୍ଡଳ ଏବଂ ସମ୍ବଲପୁର–ବଲାଙ୍ଗୀର ସୀମାରେ କୋଲେଡ଼ା ମଣ୍ଡଳ ନାମକ ଅଞ୍ଚଳମାନ ଗଢ଼ି ଉଠିଥିଲା ।

### ଓଡ଼ିଶା ଶବ୍ଦର ଉତ୍ପତ୍ତି–

ଓଡ଼ିଶା ଶବ୍ଦର ଉତ୍ପତ୍ତି ସମ୍ପର୍କରେ ଆଲୋଚନା କଲାବେଳେ ଉଭୟ ଇତିହାସ ଓ ଭାଷାତତ୍ତ୍ୱ ଉପରେ ଗୁରୁତ୍ୱ ଦିଆଯାଏ । ସପ୍ତମ ଶତାବ୍ଦୀ ବେଳେ "ଓଡ୍ର ବିଷୟ" ନାମରେ ଏକ ଅଞ୍ଚଳ ପ୍ରତିଷ୍ଠିତ ଥିଲା । "ସୋମଦତ୍ତ"ଙ୍କ ସୋର ତାମ୍ର ଶାସନରେ ଓଡ୍ର ବିଷୟ, ଆଲ୍‌ବେରୁଣୀଙ୍କ ବର୍ଣ୍ଣନାର "ଓଡ଼ ବିଶୁ" ଏବଂ ସୀମାଞ୍ଚଳ ମନ୍ଦିର ଅଭିଲେଖରେ ଉଡ୍ର୍ୟ ଦେଶ ପ୍ରଭୃତି ଶବ୍ଦରୁ ଓଡ଼ିଶା ସୃଷ୍ଟି । ସମ୍ଭବତଃ ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ରାଜାମାନେ ଏ

ରାଜ୍ୟରେ ରାଜତ୍ୱ କରିବା ପରେ ଓଡ଼ିଶା ଶବ୍ଦ ପ୍ରଚଳନ କରିଥିଲେ । ଗଜପତି ପୁରୁଷୋତ୍ତମ ଦେବଙ୍କ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ଦକ୍ଷିଣପାର୍ଶ୍ୱରେ ଖୋଦିତ ଚତୁର୍ଥ ଶିଳାଲେଖରେ ପ୍ରଥମଥର ପାଇଁ ଓଡ଼ିଶା ଶବ୍ଦ ବ୍ୟବହାର ହୋଇଥିଲା । ସେଥିର ଚତୁର୍ଥ ଧାଡ଼ିରେ ଉଲ୍ଲେଖ ଅଛି××××ଥାଇ ତେତେକାଳ- ଏ ଓଡ଼ିଶା ରାଜ୍ୟର ସବୁ ରାଜାମାନେ ବ୍ରାହ୍ମଣମାନଙ୍କୁ ଦାନ ଦେବା ଶାନ୍ତିପୂର୍ବକ ମନଜୋଗ କରି ଧନ-ସ୍ତ୍ରୀ-ପ୍ରାଣ-ରାଜ୍ୟ ଏହି ଗୁରି ଚଥାର କେବେ ହେଂ×××××!!

ଏହି ଶିଳାଲିପିଟି ଗଜପତି ପୁରୁଷୋତ୍ତମ ଦେବଙ୍କ ୧୯ ଅଙ୍କ ଅର୍ଥାତ୍ ୧୪୭୪ ମସିହାରେ ପଡ଼ିଥିଲା ।

ଏକାଦଶ ଶତାବ୍ଦୀର ପ୍ରାରମ୍ଭରେ କଳିଙ୍ଗ ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ ଉଭୟ ଉତ୍କଳ ଓ ଉଡ୍ରଦେଶ ଜୟ କରି କଳିଙ୍ଗ ସଙ୍ଗେ ମିଶାଇ ଥିଲେ । ଗୋଦାବରୀଠାରୁ ଗଙ୍ଗା ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡର ଶାସନ ପରିଚାଳନା ନିମନ୍ତେ କଳିଙ୍ଗର ରାଜଧାନୀ ବର୍ତ୍ତମାନ୍‌ର ପାରଳାଖେମୁଣ୍ଡି ନିକଟ ମୁଖଲିଙ୍ଗମ୍‌ଠାରୁ ନେଇ ବର୍ତ୍ତମାନର କଟକଠାରେ ସ୍ଥାପନା କଲେ । ଏ ସମୟରେ ଉଡ୍ର, ଉତ୍କଳ, କଳିଙ୍ଗ ଆଦି ସ୍ୱତନ୍ତ୍ର ସ୍ୱତନ୍ତ୍ର ଅଞ୍ଚଳ ଏକ ଭୂମି, ଭାଷା ଓ ଶାସନର ଅନ୍ତର୍ଗତ ହେଲା । ଏ ଭୂଖଣ୍ଡର ଜାତୀୟ ଭାଷା ଓଡ଼ିଆ ଓ ଜାତୀୟ ଦେବତା ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥ । ସେହି କାଳରୁ କପିଳେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶା ଏକ ଶାସନାଧୀନ ଥିଲା । ଶ୍ରୀ ୧୪୩୫ରେ କପିଳେନ୍ଦ୍ର ଦେବ ଗଙ୍ଗ ସିଂହାସନ ଆରୋହଣ କରିବା ପରେ ସେ ବଙ୍ଗ ଅଭିଯାନ କରି ବଙ୍ଗ ବା ପ୍ରାଚୀନ ଗୌଡ଼ଦେଶର ନାମ ଅନୁସାରେ ନିଜକୁ ଗୌଡ଼େଶ୍ୱର ଉପାଧିରେ ଭୂଷିତ କଲେ । ଏହାପରେ ୧୪୪୭ରେ କର୍ଣ୍ଣାଟ, ୧୪୪୮ରେ ଦାକ୍ଷିଣାତ୍ୟର କଲମ କୋଣ୍ଡା, ବିନୁକୋଣ୍ଡା, ବିରୁକୋଣ୍ଡା, ନାଗାର୍ଜ୍ଜୁନକୋଣ୍ଡା, ରାଜମହେନ୍ଦ୍ରୀ, ବଲ୍ଲୁବଲ ପଲ୍ଲୀ, ଉଦ୍ଧାଡ଼ି, ପନ୍ତୁଲ୍ଲୁ ପ୍ରଭୃତି ନଅ ଗୋଟି ଦୁର୍ଗ ବା କୋଟ ଅଧିକାର କଲେ । ଏଣୁ କପିଳେନ୍ଦ୍ରଦେବ ନିଜର ସାର୍ବଭୌମ ଉପାଧି ସ୍ୱରୂପ-ବୀରଶ୍ରୀ ଗଜପତି ଗୌଡ଼େଶ୍ୱର, ନବକୋଟି, କର୍ଣ୍ଣାଟ କଲବର୍ଗେଶ୍ୱର ପ୍ରତାପ ଶ୍ରୀ କପିଳେନ୍ଦ୍ର ଦେବ ମହାରାଜା ବୋଲି ଘୋଷଣା କଲେ । ସମ୍ରାଟ ଖାରବେଳଙ୍କ ପରେ କପିଳେନ୍ଦ୍ର ଦେବ ହିଁ ବିରାଟ ଉତ୍କଳ ସାମ୍ରାଜ୍ୟର ଅଧିପତି ହୋଇଥିଲେ । ୧୫୬୮ରେ ଉତ୍କଳର ଗୌରବ ରବି ଅସ୍ତମିତ ହେଲା । ପରେ ପରେ ଆଫ୍‌ଗାନ୍, ମୋଗଲ, ମରହଟ୍ଟା ଆଦି ଓଡ଼ିଶା ଆକ୍ରମଣ କଲେ । ୧୭୬୬ ବେଳକୁ ଦକ୍ଷିଣ ଓଡ଼ିଶା ତଥା ଗଞ୍ଜାମରେ ବ୍ରିଟିଶ ସେନା ପ୍ରବେଶ କରି ଏହାକୁ କରାୟତ୍ତ କରିବା ପରେ ୧୮୦୩ ବେଳକୁ ସମଗ୍ର ଓଡ଼ିଶା ବ୍ରିଟିଶ୍‌ମାନଙ୍କ ଅଧିକାରକୁ ଚାଲିଗଲା ।

ଓଡ଼ିଆଭାଷା କହୁଥିବା ଅଞ୍ଚଳକୁ ଯଦି ଓଡ଼ିଶା କହିବା, ତେବେ ଏହାର ପରିସୀମା ୮୮ ହଜାର ବର୍ଗ ମାଇଲ । ଇଂରେଜମାନଙ୍କ ବିଖଣ୍ଡିତ ନୀତି ବଳରେ ଗଞ୍ଜାମ ଓ ମଞ୍ଜୁଷା, ଟିକାଲି ପ୍ରଭୃତି ୨୨ ଗୋଟି ଜମିଦାରୀ ଏବଂ କୋରାପୁଟ, ଜୟପୁର ଆଦି ମାନ୍ଦ୍ରାଜ ଓ ବିଶାଖାପାଟଣା ଶାସନାଧୀନ ହେଲା । ଖରସୁଆଁ, ଷଢ଼େଇ କଳା ପ୍ରଭୃତି ବିହାରରେ ରହିଲା । ଏହିପରି ୨୭ ହଜାର ବର୍ଗମାଇଲ ଅଞ୍ଚଳ ଓଡ଼ିଶାର ରାଜନୈତିକ ସୀମା ବାହାରେ ରହିଲା ।

୨୯ ହଜାର ବର୍ଗମାଇଲ ଅଞ୍ଚଳକୁ ନେଇ ୨୬ ଗୋଟି ଗଡ଼ଜାତ ଯଥା-ଆଠଗଡ଼, ଆଠମଲ୍ଲିକ, ବାମଣ୍ଡା, ବଡ଼ମ୍ବା, ବୌଦ, ବଣାଇ, ଦଶପଲ୍ଲା, ଢେଙ୍କାନାଳ, ଗାଙ୍ଗପୁର, ହିନ୍ଦୋଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ନରସିଂହପୁର, ନୟାଗଡ଼, ନୀଳଗିରି, ପାଲଲହଡ଼ା, ପାଟଣା, ରେଢ଼ାଖୋଲ, ରଣପୁର, ସୋନପୁର, ତାଳଚେର, ତିଗିରିଆ ଇତ୍ୟାଦି ସୃଷ୍ଟି ହେଲା । ମାତ୍ର ୩୨ ହଜାର ବର୍ଗମାଇଲ ଅଞ୍ଚଳକୁ ନେଇ କଟକ, ପୁରୀ ଓ ବାଲେଶ୍ୱର ଏ ତିନୋଟି ଜିଲ୍ଲା ଓଡ଼ିଶା ନାମରେ ରହିଲା ।

---

ଗବେଷକ,
ନିମଖଣ୍ଡି ପେଣ୍ଠ-ଗଞ୍ଜାମ

# ଦଣ୍ଡନାଟରେ ଲୋକ-ଜୀବନର ଚିତ୍ର

ଶ୍ରୀ ମୋତିଲାଲ୍ ପତି

ଦୈନନ୍ଦିନ ଜୀବନରେ ମନୋରଞ୍ଜନ ପାଇଁ ସମାଜରେ ବିଭିନ୍ନ ଚିତ୍ତବିନୋଦନର ମାଧ୍ୟମ ସ୍ୱରୂପ ନାଟକ, ସୁଆଙ୍ଗାଦିର ସୃଷ୍ଟି ହୋଇଥାଏ । କେଉଁ ଆବାହମାନକାଳରୁ ଚିତ୍ତବିନୋଦନ ପାଇଁ ସୃଷ୍ଟି ହୋଇଥିବା କଳାତ୍ମକ ଅନୁଷ୍ଠାନମାନଙ୍କୁ ଲୋକକଳା ବା ଲୋକ ସଂସ୍କୃତିର ଦ୍ୟୋତକ ରୂପେ ମାନ୍ୟତା ପ୍ରଦାନ କରାଯାଏ । ଲୋକ ନାଟକ ବସ୍ତୁତଃ ଦୁଇଶ୍ରେଣୀର । ପ୍ରଥମତଃ, ପୌରାଣିକ କଥାବସ୍ତୁକୁ ଉପଜୀବ୍ୟ କରି ନାଟ୍ୟକୀୟ ଅଭିବ୍ୟକ୍ତି ଦ୍ୱାରା କଳାତ୍ମକ-ମାନର ପରିପ୍ରକାଶ ଏବଂ ଦ୍ୱିତୀୟତଃ ଆଧ୍ୟାତ୍ମିକ ଚେତନା ଓ ଏକନିଷ୍ଠ ଭକ୍ତିମତ୍ତାକୁ ଆଧାର କରି ଚିତ୍ତବିନୋଦନର ମାଧ୍ୟମ ସ୍ୱରୂପ କଳାବ୍ୟଞ୍ଜନାକୁ ଉପସ୍ଥାପନ କରିବା । ଈଶ୍ୱର ସତ୍ତାକୁ ଅନୁଭବ କରିବା ପାଇଁ ଶରୀରକୁ କଷ୍ଟଦେଇ ସାଧନା ଓ ଆରାଧନା ରତ ରହିବା ଏବଂ ଜୀବନରେ ବ୍ରତ ରୂପେ ବରଣ କରି ନିର୍ଦ୍ଦିଷ୍ଟ ନିୟମାବଳୀକୁ ମାନ୍ୟତା ପ୍ରଦାନ କରି ପ୍ରଚଳିତ ହୋଇ ଆସୁଥିବା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନଙ୍କ ମଧ୍ୟରୁ ଦଣ୍ଡନାଟ ଅନ୍ୟତମ ।

ଦଣ୍ଡନାଟ ଓଡ଼ିଶାର ଅନେକ ଅଞ୍ଚଳରେ କେଉଁ ଆବାହମାନ କାଳରୁ ପାରମ୍ପରିକ ଭାବେ ପ୍ରଚଳିତ ହୋଇ ଆସୁଅଛି । ଦଣ୍ଡନାଟରେ ଦଣ୍ଡଚରିତ, ଭଗତା ଏବଂ ଭଗତାଙ୍କ ଦ୍ୱାରା ଉଚ୍ଚାରିତ ବାଣୀର ପ୍ରାଧାନ୍ୟ ରହିଛି । "ଶୈବକଳ୍ପ" ଗ୍ରନ୍ଥରୁ ଦଣ୍ଡ କାହାଣୀ, ଲିଙ୍ଗପୁରାଣରୁ ଦଣ୍ଡନାଟର ଭଗତାଙ୍କ ଉଚ୍ଚାରିତ ବାଣୀ ଏବଂ ଲକ୍ଷ୍ମୀପୁରାଣରୁ ଭଗତା ଇତ୍ୟାଦି ବିଷୟକୁ ଏକତ୍ରିତ କରି ଦଣ୍ଡ ନାଟର ସୃଷ୍ଟି ବୋଲି ପ୍ରସିଦ୍ଧ ଜ୍ୟୋତିର୍ବିତ୍ ସାମନ୍ତ ଚନ୍ଦ୍ର ଶେଖର କବିତା ମାଧ୍ୟମରେ "ନୃତ୍ୟ ଗୀତିକା" ବହିରେ ଦଶମଖଣ୍ଡ ପୃଷ୍ଠା-୬, ଦଣ୍ଡଚକ୍ର ପର୍ଯ୍ୟାୟରେ ବର୍ଣ୍ଣନା କରିଛନ୍ତି ।

ଦଣ୍ଡନାଟରେ ଯେଉଁପ୍ରକାର ନୀତି ନିୟମ ଓ ପଦ୍ଧତି ପରିଲକ୍ଷିତ ହୁଏ ତାହା ଆଦିବାସୀ ଗିରିଜନମାନଙ୍କର ଆଧ୍ୟାତ୍ମିକ ଧାରଣା ଓ ଦେବାନୁଭୂତିର ପରିଚାୟକ ପରି ମନେହୁଏ । ଏହି ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ଲେଖକ ଓ ସଂଗ୍ରାହକ ବଳରାମ ପଣ୍ଡା ତାଙ୍କର ପ୍ରଣୀତ ଗ୍ରନ୍ଥ "ଦଣ୍ଡଯାତ୍ରା ବିଧିବିଧାନ"ରେ ଅନେକ କିମ୍ବଦନ୍ତୀ ଉଲ୍ଲେଖ କରିଛନ୍ତି । ଦଣ୍ଡନାଟ ପ୍ରସଙ୍ଗରେ ଜଙ୍ଗଲ ଚଢ଼େଇ ଗଳ୍ପ, ଆଦିବାସୀ ଗାଉଁଲୀ ଗପ, ଗୋପାଳ ଗୋପାଳୁଣୀ ଗପ ପ୍ରଧାନ ଅଟେ । ତେବେ ଦଣ୍ଡନାଟର ଉତ୍ପତ୍ତି ସମ୍ପର୍କରେ ଅନେକ ପୌରାଣିକ ଏବଂ ଐତିହାସିକ କଥନିକା ମଧ୍ୟ ଦୃଷ୍ଟିଗୋଚର ହୁଏ । ସାମନ୍ତ ଚନ୍ଦ୍ର ଶେଖର ଲିଖିତ "ନୃତ୍ୟ ଗୀତିକା" ଗ୍ରନ୍ଥରେ ଉଲ୍ଲେଖ ଅଛି :-

ଶୁଣିଶ ହର ହେଲେ ମହେଶ
	ମନେ ସୁମରିଲେ ବେଦବ୍ୟାସ
		ଦଣ୍ଡକେ ହେଲେ ପ୍ରବେଶ
କାଳିଞ୍ଜନ, କଣ୍ଠ, ଭୃଗୁ, ସ୍ୱରୋଚିଷ ଯେ
	ମାରିଚ, ଯୁଞ୍ଜୁ, ଲୋମେଶ-ଟିଏ
ଗୌତମ, ଅଗ୍ନୀଧ୍ୱଜ, ପରାଶର,
	ମୃକଣ୍ଡୁ, ମଣିଭଦ୍ର ମିଶିତେର
ଏମାନଙ୍କୁ ଦେଖି ଭାଷେ ଈଶ୍ୱର
	ପାର୍ବତୀ କଲେ କାମନା ଯାତ୍ରାର ।

ଦଣ୍ଡଚକ୍ର ପ୍ରସଙ୍ଗରେ ସାମନ୍ତ ଚନ୍ଦ୍ର ଶେଖରଙ୍କ ଲିଖିତ କବିତାରୁ ଜଣାଯାଏ ଯେ ଦଣ୍ଡଯାତ୍ରାରେ ଉପରୋକ୍ତ ତେର ଜଣ ଭଗତା ଭାଗ ନିଅନ୍ତି ଏବଂ ମାତା ପାର୍ବତୀଙ୍କ ଇଚ୍ଛାରୁ ଦଣ୍ଡଯାତ୍ରାର ଶୁଭାରମ୍ଭ ।

ଅନ୍ୟତ୍ର ଦଣ୍ଡଯାତ୍ରାର ଉତ୍ପତ୍ତି ବିଷୟରେ ଅନ୍ୟାନ୍ୟ ପୌରାଣିକ ପ୍ରବାଦମାନ ଶୁଣିବାକୁ ମିଳେ । ମୁରା ଓ ଦାରୁଣ ନାମକ ଦୁଇ ରାକ୍ଷସ ସ୍ୱର୍ଗଜୟ ପାଇଁ ଅଭିଳାଷୀ ହୋଇ ଦେବତାଙ୍କ ହାତରେ ମୃତ୍ୟୁ ବରଣ କରନ୍ତି । ମୁରାସୁରର ସ୍ତ୍ରୀ ଜନ୍ମଦିଏ ଏକ ପୁତ୍ର ସନ୍ତାନ ଏବଂ ତା'ର ନାମ ଦଣ୍ଡଦାନବ । ସେ ଅତି କଷ୍ଟ ଓ ଦଣ୍ଡ ଦେବତାମାନଙ୍କଠାରୁ ପାଇ ପ୍ରତିକୁ ଜାତ କରିଥିବାରୁ ତା'ର ନାମ ଥିଲା ଦଣ୍ଡଦାନବ । ଦଣ୍ଡଦାନବ କାଳକ୍ରମେ ଦେବତାମାନଙ୍କୁ ନିହତ କରିବା ପାଇଁ ଯୁଦ୍ଧ ଆରମ୍ଭ କଲା କିନ୍ତୁ ବ୍ରହ୍ମାଙ୍କ ବରଯୋଗେ ହସିହସି ପ୍ରାଣତ୍ୟାଗ କଲା । ସେ ଯେଉଁଠାରେ ପଡ଼ି ପ୍ରାଣ ହାରିଲା ସେହିଠାରେ ଗୋଟିଏ କୁଣ୍ଡ ଖୋଳି ହୋଇଗଲା ଓ ସେହି କୁଣ୍ଡର ନାମ ଦଣ୍ଡ କୁଣ୍ଡ ହେଲା । ଶିବଙ୍କ କୋପାଗ୍ନିରେ ସେହି କୁଣ୍ଡରେ ଅଗ୍ନି ପ୍ରଜ୍ୱଳିତ ହେଲା । ଏହି ସ୍ମୃତିକୁ ଜାଗ୍ରତ ରଖିବା ପାଇଁ ତେର ଜଣ ଭଗତା ଦଣ୍ଡଯାତ ଆରମ୍ଭ କଲେ । ଏଥିରୁ ଲୋକ ଜୀବନକୁ ପୁରାଣ କଥା କେତେ ପରିମାଣରେ ପ୍ରଭାବିତ କରିଛି ତାହା ଅନୁମେୟ । ଦଣ୍ଡଯାତ୍ରା ପ୍ରଥମେ କାଶୀକ୍ଷେତ୍ରରେ ଆରମ୍ଭ ହୋଇଥିଲା ବୋଲି ପୁରାଣମାନଙ୍କରେ ଦେଖିବାକୁ ମିଳେ । ବ୍ରହ୍ମବୈବର୍ତ୍ତ ପୁରାଣ, ସ୍କନ୍ଦପୁରାଣ ଓ କାଳିପୁରାଣରେ ଦଣ୍ଡଯାତ୍ରା ବିଷୟକ ପ୍ରସଙ୍ଗ ଉଲ୍ଲେଖିତ । ଯାନି, ଯାତ୍ରାଦି ପାଳନ

ଓଡ଼ିଶା ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ । ଦୋଳଯାତ୍ରା, ଧନୁଯାତ୍ରା, ରଥଯାତ୍ରା ପରି ଦଣ୍ଡଯାତ୍ରା ଓଡ଼ିଶାର ଲୋକଜୀବନର ଏକ ପ୍ରତୀକଧର୍ମୀ ଉତ୍ସବ ଅଟେ । ଦଣ୍ଡଯାତ୍ରା ପରମ୍ପରାକ୍ରମେ ଏବଂ ଶକ୍ତିମତେ ତିନି ଦିନ, ପାଞ୍ଚ ଦିନ, ସାତ ଦିନ, ତେର ଦିନ ଏବଂ ଏକୋଇଶ ଦିନ ଧରି ପାଳନ କରାଯାଏ । ଦଣ୍ଡଯାତ୍ରାରେ ବିଭିନ୍ନ ଜାତିର ଲୋକ ଦଣ୍ଡୁଆ ଭାବେ ଯୋଗ ଦିଅନ୍ତି, ତେଣୁ ବିଭିନ୍ନ ଜାତିର ଲୋକଙ୍କର ଶୈଳି, ଚଳନ ଓ ସଂସ୍କୃତିର ପ୍ରତିଫଳନ ଘଟେ ଦଣ୍ଡନାଟ ମାଧ୍ୟମରେ..... ।

ଦଣ୍ଡନାଟରେ ନୃତ୍ୟର ପୁରାତନ ଶୈଳୀ ଦେଖିବାକୁ ମିଳେ । ପାଟଭୁକ୍ତା ଏବଂ ଅନ୍ୟଜଣେ ଭୁକ୍ତା ଦୁଇ ହାତରେ ଦୁଇଟି ଜଳନ୍ତା ଦଣ୍ଡ ବା ମସାଲ ଧରି ବିଭିନ୍ନ ଅଙ୍ଗଭଙ୍ଗୀରେ ନୃତ୍ୟ କରନ୍ତି । ଢୋଲ, ତାଳ, ମହୁରୀ ନୃତ୍ୟ ଛନ୍ଦକୁ ବେଶ ସରଗରମ କରୁଥାଏ । ଏହା ଅତି ପୁରାତନ ଲୋକ ନୃତ୍ୟର ସାଙ୍ଗୀତିକ ବାଦ୍ୟ ଯନ୍ତ୍ର ଅଟେ । ଲୋକ ସଂସ୍କୃତିର ପ୍ରତୀକଭାବେ ଦଣ୍ଡନାଟ ଆଧୁନିକ ସମାଜରେ ଅତି ଲୋକପ୍ରିୟ ହୋଇପାରିଛି । ଲୋକ ଜୀବନକୁ ଆହ୍ଲାଦମୟ, ସରଗରମ ସୁନ୍ଦର କରିବା ପାଇଁ କିପରି ବିଭିନ୍ନ ଉତ୍ସବାଦିର ସୃଷ୍ଟି କରାଯାଇଥିଲା ତାହା ଦଣ୍ଡନାଟରୁ ଅନୁମାନ କରିହୁଏ ।

ସୂର୍ଯ୍ୟ, ଅଗ୍ନି ଏବଂ ପ୍ରକୃତିକୁ ଦଣ୍ଡନାଟରେ ପୂଜା କରାଯାଉଥିଲେ ମଧ୍ୟ ଶିବ ଓ ପାର୍ବତୀ ହେଉଛନ୍ତି ଦଣ୍ଡଯାତର ମୁଖ୍ୟ ଆରାଧ୍ୟ ଦେବତା । ପ୍ରସ୍ତର ଯୁଗରୁ ପୂଜା ପାଇ ଆସୁଥିବା ଶିବ ଏହି ଯାତରେ ମୁଖ୍ୟ ଦେବତା ରୂପେ ପୂଜା ପାଉଛନ୍ତି । ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଏବଂ ଭାସ୍କର ଏହି ପଞ୍ଚ ଦେବତାଙ୍କୁ ଦଣ୍ଡଯାତରେ ମଧ୍ୟ ପୂଜା କରାଯାଏ । ଗଣେଶଙ୍କ ପ୍ରତୀକ ହେଉଛନ୍ତି ଦଣ୍ଡରେ ଯୋଗ ଦେଉଥିବା ଦଣ୍ଡୁଆମାନେ । ନାରାୟଣଙ୍କ ପ୍ରତୀକ ମୟୂର ପୁଚ୍ଛ, ରୁଦ୍ର ସ୍ୱୟଂ ଉପସ୍ଥିତ, ଅମ୍ବିକାଙ୍କ ଯୋଗୁଁ ଦଣ୍ଡଯାତର ଉଦ୍ଭବ ଏବଂ ସୂର୍ଯ୍ୟ ଉପାସନା ଦଣ୍ଡଯାତର ମୁଖ୍ୟ ପ୍ରସଙ୍ଗ, ଯାହା ଧୂଳିଦଣ୍ଡ ସମୟରେ ଦେଖିବାକୁ ମିଳେ । ଲୋକଜୀବନରେ ଆଧ୍ୟାତ୍ମିକତା ମଧ୍ୟରେ ପଞ୍ଚଦେବ ଆରାଧନା ଅତିସୁନ୍ଦର ଭାବେ ପାଳନ କରା ଯାଉଅଛି ।

ଦଣ୍ଡନାଟରେ ଜାତି ଭେଦଭାବ ଧରାଯାଏ ନାହିଁ । ଭଗତା ହେବାକୁ ହେଲେ ଉପବୀତ ଧାରଣ ପରେ ସମସ୍ତେ ଋଷିକୁମାର ଭାବେ ଜୀବନ ଯାପନ କରନ୍ତି । ଜାତିଗତ ସଂକୀର୍ଣ୍ଣତାକୁ ଦୂରକରି ସମସ୍ତେ ଶିବ କାମନାରେ ବ୍ରତୀ ହୋଇ ପ୍ରଭୁଙ୍କର ସେବାରେ ନିୟୋଜିତ ରହନ୍ତି । ବର୍ଣ୍ଣବୈଷମ୍ୟ ଦୂର କରି ଏକାକାର ଭାବେ ବିଭୁ ସେବାରେ କେତେଦିନ ଅତିବାହିତ କରିବା ପରେ ଜନଜୀବନରେ ଏକତା ଏବଂ ଭ୍ରାତୃଭାବ ନିଶ୍ଚିତ ଜାତ ହେବ, ଏଥିରେ ଆନମନା ହେବାର ନାହିଁ । ସୁତରାଂ ଦଣ୍ଡନାଟ ମାଧ୍ୟମରେ ଜନଜୀବନରେ ସାମାଜିକତା ଏବଂ ଏକତାର ସୂତ୍ରପାତ ଘଟୁଥିଲା, ଏହା ଅତି ସତ୍ୟ ।

ଦଣ୍ଡଯାତରେ ନିର୍ଦ୍ଦିଷ୍ଟ କେତେକ ନୀତି ନିୟମ ଏବଂ ଦ୍ରବ୍ୟର ବ୍ୟବହାର ଅନିବାର୍ଯ୍ୟ । ସେଗୁଡ଼ିକ ଆସଡ଼ାଳ, ଝୁଣା, ମୟୂର ପୁଚ୍ଛ ଇତ୍ୟାଦି ଏବଂ ଏହାବ୍ୟତୀତ କେତେକ ସାଧାରଣ ପଦାର୍ଥର ବ୍ୟବହାର ମଧ୍ୟ ଦଣ୍ଡଯାତରେ କରାଯାଏ । ଆସଡ଼ାଳ, ଝୁଣା, ନବାତ ଆଦିର ଔଷଧଗୁଣ ଯଥେଷ୍ଟ ରହିବା କଥା ବୈଦ୍ୟ ବାଚସ୍ପତି ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଶର୍ମା ତାଙ୍କର ସଂକଳିତ "ଦ୍ରବ୍ୟଗୁଣ କଳ୍ପଦ୍ରୁମ" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଆସଡ଼ାଳ ଦ୍ୱାରା ଦନ୍ତ ଧାବନ କଲେ ଦନ୍ତ ରୋଗ ଦୂର ହୁଏ ଏବଂ ଦନ୍ତମୂଳର ମାଂସ ଟାଣ ହୁଏ । 'ଝୁଣା' ଏକ ବିଶିଷ୍ଟ ପ୍ରକାରର ବିଶୋଧକ ଅଟେ । ଏହା ଦ୍ୱାରା କୁଷ୍ଠ, କ୍ରିମି, ବ୍ରଣ, ବାତ ଆଦି ରୋଗର ଜୀବାଣୁ ନଷ୍ଟ ହୁଏ । ନବାତ ଭକ୍ଷଣ ଦ୍ୱାରା ମୂର୍ଚ୍ଛା, ମୁଖଶୋଷ, ଜ୍ୱର, ଶ୍ୱାସ, ବାନ୍ତି, ଅଗ୍ନିମାନ୍ଦ୍ୟ, ଦୌର୍ବଲ୍ୟ, ଧାତୁକ୍ଷୟ, କାମଳା, ଶିରଘୂର୍ଣ୍ଣନ ଇତ୍ୟାଦି ରୋଗ ଅତିରେ ଦୂର ହୁଏ । ତେବେ ଆସପଦ୍, ଝୁଣା, ନବାତର ବ୍ୟବହାର ଯୋଗୁଁ ଅନେକ ଦୂରାରୋଗ୍ୟ ରୋଗର ବିନାଶ ଘଟେ । ଜନଜୀବନକୁ ରୋଗମୁକ୍ତ କରିବା ପାଇଁ ଆମର ପୁରାତନ ସଂସ୍କୃତି ଧର୍ମ ଏବଂ ଭକ୍ତିଭାବର ଦୁହାଇ ଦେଇ ଅନେକ ପ୍ରକାର ଉପକାରୀ ଦ୍ରବ୍ୟର ବ୍ୟବହାର ପାଇଁ ଚେଷ୍ଟା କରି ଆସିଅଛି । ଲୋକ ଜୀବନକୁ ରୋଗମୁକ୍ତ ସୁସ୍ଥ ସବଳ କରିବା ପାଇଁ ଅନେକ ପ୍ରକାର ଔଷଧୀୟ ଦ୍ରବ୍ୟକୁ ବ୍ରତ, ଓଷା, ଯାତନାନଙ୍କରେ ବ୍ୟବହାର କରାଯାଉଥିଲା । ଦଣ୍ଡନାଟ ଅନ୍ତର୍ଭୁକ୍ତ ଭଗତାମାନେ ରୋଗମୁକ୍ତ ହେବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ମଧ୍ୟ ହୋଇ ପାରୁଥିଲା, ନିର୍ଦ୍ଦିଷ୍ଟ କେତେକ ଦ୍ରବ୍ୟର ବ୍ୟବହାର ଯୋଗୁଁ..... ।

ପୁରାତନ ଲୋକ ସଂସ୍କୃତି ଯେ କେତେ ଅମାୟିକ ଏବଂ ସରଳ ଥିଲା ତାହା ଦଣ୍ଡନାଟକୁ ଅନୁଧ୍ୟାନ କଲେ ଜଣାଯାଏ । ଦଣ୍ଡଦେବା ଯେତିକି ନିଷ୍ଠୁରତା, ଦଣ୍ଡ ପାଇବା ସେତିକି ଭୟାବହ କିନ୍ତୁ ଦଣ୍ଡନାଟର ଦଣ୍ଡୁଆମାନେ ନିଜେ ନିଜର ଇଚ୍ଛାନୁସାରରେ ବିଭିନ୍ନ ପ୍ରକାର ଦଣ୍ଡଭୋଗ କରିବାକୁ ସ୍ୱତପ୍ରବୃତ୍ତ ଭାବେ ଦଣ୍ଡରେ ଯୋଗ ଦିଅନ୍ତି । ଭଗବଦ୍ ସତ୍ତାକୁ ଅନୁଭବ କରିବା ପାଇଁ ଶରୀରକୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିବା ଜୈନଧର୍ମଗତ ପ୍ରଥା ହେଲେ ସୁଦ୍ଧା ଦଣ୍ଡନାଟ ଜୈନଧର୍ମ ସମ୍ପର୍କିତ ଆଧ୍ୟାତ୍ମିକ ଅନୁଷ୍ଠାନ ନୁହେ ଏହି କଥା ଦଣ୍ଡନାଟର ଅନ୍ୟାନ୍ୟ ନୀତି ନିୟମକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ।

ଦଣ୍ଡନାଟରେ ଆଦିବାସୀ ସଂସ୍କୃତିର ପ୍ରତିଫଳନ ଯେ ପୂର୍ଣ୍ଣମାତ୍ରାରେ ହୁଏ, ଏଥିରେ ଦ୍ୱିଧା ନାହିଁ । ଦଣ୍ଡଚରିତ ମଧ୍ୟରେ ଯେଉଁ କେତେଗୋଟି ଚରିତ୍ରର ଅବତାରଣା ହୁଏ ସେମାନଙ୍କ ମଧ୍ୟରୁ ଚଢ଼େୟାର ଭୂମିକା ଅତ୍ୟନ୍ତ ଆକର୍ଷଣୀୟ ଏବଂ ମୁଖ୍ୟ ମଧ୍ୟ । ହାତରେ ଚଢ଼େଇ ଧରିବା ପାଶ, ମୁଣ୍ଡରେ ମୟୂର ଝାଲି ଖୋସି ବୀର ବେଶରେ ପ୍ରବେଶକରେ ଚଢ଼େୟା । ନାଟ୍ୟଅବଧାରଣା ଅନୁସାରେ ସର୍ପଦଂଶନରେ ସେ ପ୍ରାଣତ୍ୟାଗ କରେ କିନ୍ତୁ ଇତିମଧ୍ୟରେ ସେ ତା'ର କୌଳିକ ବୃତ୍ତି ଚଢ଼େଇ ଶିକାର କରି ଉଦର ପୋଷଣ କରିବା ବୃତାନ୍ତ ଗୀତ ମାଧ୍ୟମରେ ପ୍ରକାଶ କରିଥାଏ ।

ଏଥିରୁ ଆଦିବାସୀ ଜୀବନର ସଂସ୍କୃତି ଏବଂ କାର୍ଯ୍ୟକଳାପ ସୁନ୍ଦର ଭାବେ ପରିସ୍ଫୁଟ ହୁଏ । ପରେ ପରେ ମୃତ ଚଢ଼େୟାର ମୃତ୍ୟୁ ମାମଲାର ଖାନ୍‌ତଲାସ୍ ପାଇଁ ଇଂରେଜ ସରକାର ଦ୍ୱାରା ନିଯୁକ୍ତ ଜମାଦାର ଆସେ ମଞ୍ଚ ଉପରକୁ ଏବଂ ଗାଁ ବାଦି ମୃତ୍ୟୁ ମାମଲାର ପରିସମାପ୍ତି ପାଇଁ ଜମାଦାରଙ୍କୁ କିଛି ଘୁସ୍ ଦିଅନ୍ତି । ଏଥିରୁ ଇଂରେଜ ରାଜତ୍ୱ ଅମଳରେ ସାମାଜିକ ଅବ୍ୟବସ୍ଥା ଏବଂ ସରକାରୀ ମହଲ ସହିତ କାରିଙ୍କର ମାମଲତକାର କଥା ସ୍ପଷ୍ଟ ଜାଣି ହୁଏ । ବାସ୍ତବରେ ଚଢ଼େୟା ନୃତ୍ୟ ଅତି ମନରମଣୀୟ । ଏହା ଦେଶ ବିଦେଶରେ ସୁନାମ ଅର୍ଜନ କରି ଅଛି । ଭାରତର ଲୋକନୃତ୍ୟ ଭାବେ ଚଢ଼େୟା ନାଚ ଲଣ୍ଡନ ସହରରେ ମଧ୍ୟ ପରିବେଷଣ କରାଯାଇଥିଲା । ଏହି ଚଢ଼େୟା ନୃତ୍ୟ ସମ୍ପର୍କରେ ବିଶିଷ୍ଟ ହିନ୍ଦିଚଳଚ୍ଚିତ୍ର ଅଭିନେତା ଶଶୀକପୁରଙ୍କ ଦ୍ୱାରା ସମ୍ପାଦିତ "ଭାରତ" ପତ୍ରିକାରେ ଉଲ୍ଲେଖ ହୋଇ ଅଛି ଯେ – "One of the India's finest drum dances of the chadheya comes from the representation of "Danda Nach" which is associated with Orissa's religious life. The dance tells us the restoratism of life of a bird catcher following his death by a snake bite, by the couple Siva & Parvati"

'ଭାରତ' ପତ୍ରିକାରେ ପ୍ରକାଶିତ ଏହି ଲେଖାରୁ ଜଣାଯାଏ ଯେ "ଚଢ଼େୟା ନୃତ୍ୟ" ଓଡ଼ିଶାର ଧର୍ମପ୍ରାଣତା ଏବଂ ଚଢ଼େୟା ଜାତିର ଲୌକିକ ବୃତ୍ତି ସହିତ ସେ ସମୟର ଲୋକ ଜୀବନର ଚିତ୍ରକୁ ପ୍ରତିପାଦନ କରି ପାରିଛି ।

ଚଢ଼େୟା ବ୍ୟତୀତ ସଉରା ଏବଂ ସଉରୁଣୀଙ୍କ ଅଭିନୟ ମଧ୍ୟ ଦଣ୍ଡନାଚରେ ପ୍ରଦର୍ଶନ କରାଯାଏ । ସେମାନଙ୍କ ନାଚ ଗୀତର ତାଳେତାଳେ ପାହାଡ଼ି ସଂସ୍କୃତିର ପରିଚୟ ଅନୁମାନ କରିହୁଏ । ଲୋକଜୀବନର ନିଛକ ପ୍ରତିଛବି ସଉରା ସଉରୁଣୀଙ୍କ ନୃତ୍ୟ ଗୀତରୁ ଆକଳନ କରିହୁଏ । ଦଣ୍ଡନାଚ ପୂଜା ଦିନ ଧରି ନୂଆଁ ନୂଆଁ ଗ୍ରାମମାନଙ୍କୁ ସ୍ଥାନାନ୍ତରିତ ହୁଅନ୍ତି ବରଣ ଅନୁଯାୟୀ କିନ୍ତୁ ବରଣ ନଥିଲେ ମଧ୍ୟ ଦଣ୍ଡପୂଜା ଠାକୁରଙ୍କୁ ନେଇ ନିର୍ଦ୍ଦିଷ୍ଟ ଗ୍ରାମରେ ପ୍ରବେଶ କରିବା ମାତ୍ରେ ଗ୍ରାମର ଲୋକମାନେ ଦଣ୍ଡପ୍ରଭୁଙ୍କୁ ଅଟକାଇ ରଖି ଟଙ୍କା ସଂଗ୍ରହର ଆୟୋଜନ କରନ୍ତି । ଦଣ୍ଡପ୍ରଭୁଙ୍କ ସେବା ଠିକ ନୀତିପ୍ରକାରେ ପାଳନ କରିଥାଆନ୍ତି । ଏଥିରୁ ଦଣ୍ଡନାଚ ପ୍ରତି ଲୋକଜୀବନର ଅନୁରକ୍ତି କଥା ଅନୁମାନ କରିହୁଏ । ଆତ୍ମ ଧର୍ମ ହେବାର ବିଷୟ ଏହିଯେ ସାଧାରଣ ଭାବେ ଦଣ୍ଡଭୋଗ କରିବା ପାଇଁ ସମକ୍ଷେପରୀମୁଖ ହେଲେ ମଧ୍ୟ ଆମର ପୁରାତନ ସଂସ୍କୃତି କି ଆଧାତ୍ମିକ ଉପାଦାନରେ ଗଢ଼ା ଯେ ଉକ୍ତ ଦଣ୍ଡକୁ ବରଣ କରିବାକୁ ହୁଏ ଏବଂ କାମିନିକମାନେ ସ୍ୱତଃ ପ୍ରବୃତ୍ତ ଭାବେ ଦଣ୍ଡଭୋଗ ପାଇଁ ଆଗଭର ହୋଇ ଆସନ୍ତି । ଏଥିରୁ ଲୋକ ଜୀବନର ବିଶ୍ୱାସ ଏବଂ ସରଳତାର ପରିଚୟ ଅନୁମାନ କରିହୁଏ ।

ଧୂଳିଦଣ୍ଡ ପରିବେଷଣ ବେଳେ ଲୋକଜୀବନର ଅନେକ ଆନୁଷଙ୍ଗିକ କାର୍ଯ୍ୟ କଳାପକୁ ନାଟ୍ୟରୂପ ପ୍ରଦାନ କରି ପ୍ରଦର୍ଶିତ କରାଯାଏ । ସେଥିମଧ୍ୟରୁ ମଣିମାଙ୍କ ଗୃହପାଇଁ ବଳଦକିଣା, କୃଷି, ମହନ୍ତର ଅର୍ଥାତ୍ ପ୍ରଥମ ବୀଜ ବପନର ଶୁଭବେଳା ଇତ୍ୟାଦି । କୃଷକ କ୍ଷେତରେ କୃଷି କାର୍ଯ୍ୟ କଲାବେଳେ ତା'ର ଘରଣୀ ଘୋଟଣା ଧରି କ୍ଷେତକୁ ଆସେ । ଏହିପରି କୃଷକ ଜୀବନର ଅନେକ କର୍ମ ପ୍ରସଙ୍ଗ ଧୂଳିଦଣ୍ଡ ସମୟରେ ପରିବେଷିତ କରାଯାଏ । ଧୂଳିଦଣ୍ଡରେ କୃଷକ ଜୀବନର ପାରିବାରିକ ଚିତ୍ରକୁ ଏପରି ଭାବେ ଆଙ୍କି ଦିଆଯାଏ ଯେ ସେଥିରୁ ସେମାନଙ୍କର ଜୀବନଯାତ୍ରା, ଚଳଣି ଏବଂ ସଂସ୍କୃତି ସମ୍ବନ୍ଧରେ ସମ୍ୟକ ଧାରଣା ପାଇ ହୁଏ । ଧୂଳିଦଣ୍ଡ, ବ୍ୟଙ୍ଗ କଳାର ଏକ ରୁଚିକର ଅଧ୍ୟାୟ । ପ୍ରକୃତରେ ଧୂଳିଦଣ୍ଡ କୃଷକ ଜୀବନର ଦୈନନ୍ଦିନ କାର୍ଯ୍ୟକଳାପକୁ ପ୍ରତିବିମ୍ବିତ କରିବାରେ ବେଶ୍ ନିପୁଣ ଏବଂ ଆନନ୍ଦଦାୟକ ମଧ୍ୟ ।

ବର୍ତ୍ତମାନ ଯାହାକୁ ଉଭଟ ନାଟକ କୁହାଯାଏ ତାହା ଦଣ୍ଡନାଟରେ ମଧ୍ୟ ଦେଖିବାକୁ ମିଳେ । ଉଭଟ ନାଟକରେ 'ହାଁ' ଅଭିନୟ ପ୍ରଧାନ ଅଟେ । ତେବେ ଧୂଳି ଦଣ୍ଡରେ କିପରି ଉଭଟତାର ପରିବେଷଣ କରାଯାଏ ଦେଖନ୍ତୁ । ପ୍ରଭୁ ଶିବଙ୍କର କ୍ଷେତ ଭାବେ ଦଣ୍ଡୁଆମାନେ ଗୁରିଜଣ ଲେଖାଏଁ କ୍ଷେତ ସାଜିଲା ପରି ତଳେ ପଡ଼ିରହନ୍ତି, ସତେ ଯେପରି ସେମାନେ ଜଣେ ଜଣେ ହିଡ଼ । ସେହି କ୍ଷେତ ମଧ୍ୟରେ ବାବଲ ଗଛର ଖୁଣ୍ଟପରି ଜଣେ ଦଣ୍ଡୁଆ ବସି ରହେ ଏବଂ ଖମାରୀ ଭୂମିକାରେ ଅଭିନୟ କରୁଥିବା ଦଣ୍ଡୁଆ ସେହି ବାବଲଖୁଣ୍ଟକୁ ସାବଳ ଦ୍ୱାରା ଉପାଡୁ ଥାଏ । ଦୁଇଜଣ ଦଣ୍ଡୁଆ ହଳବଳଦ ହୁଅନ୍ତି । ଅର୍ଥାତ୍ ସେମାନେ ବଳଦ 'ହାଁ'ରେ ଅଭିନୟ କରନ୍ତି । ଏଥିରୁ ଜଣାଯାଏ ଯେ ଆମର ପୁରାତନ ନାଟ୍ୟ ସଂସ୍କୃତି ଉଭଟ ନାଟ୍ୟ କଳାର ପରିବେଷଣରେ ପରିପୂର୍ଣ୍ଣ ଥିଲା ।

ମଧୁଋତୁ ବସନ୍ତର ବିଦାୟ ଏବଂ ଗ୍ରୀଷ୍ମଋତୁର ଆଗମନ ଅବକାଶରେ ପାଳିତ ହେଉଥିବା ଦଣ୍ଡଯାତ ବେଳକୁ ଗାଁ ଗହଳର ଜନସାଧାରଣ ପ୍ରାୟ କୃଷିକର୍ମ ପାଇଁ ତତ୍ପର ହୋଇ ନଥାଆନ୍ତି ବରଂ ଋତୁରାଜ ବସନ୍ତକୁ ଶୁଭ ବିଦାୟ ଦେବା ବେଳରେ ଦଣ୍ଡନାଟକୁ ଉପଭୋଗ କରିବାର ସୁଯୋଗ ପାଇ ଥାଆନ୍ତି । ବାସ୍ତବରେ ଦଣ୍ଡନାଟ ଓଡ଼ିଶାର ଚିରାଚରିତ ନାଟ୍ୟ ସଂସ୍କୃତି ଭାବରେ ଲୋକ ଜୀବନର ଏକ ସ୍ୱଚ୍ଛ ଚିତ୍ର ପ୍ରଦାନ କରି ଆସିଛି ।

ବେଲଗୁଣ୍ଠା, ଗଞ୍ଜାମ-୭୬୧୧୧୯

# ବିଶ୍ୱ ନାରୀ ଆନ୍ଦୋଳନ – ଏକ ବିହଙ୍ଗାବଲୋକନ

ଶ୍ରୀମତୀ ଜ୍ୟୋତିର୍ମୟୀ ସାମନ୍ତରାୟ

ପ୍ରତ୍ୟେକ ରାଷ୍ଟ୍ରରେ ଆନ୍ଦୋଳନ ସଦା ସର୍ବଦା ଅନ୍ୟାୟ ବିରୁଦ୍ଧରେ ଆରମ୍ଭ ହୋଇଛି । ସେହିପରି ନାରୀ ଆନ୍ଦୋଳନ ବିଶ୍ୱରେ ଗଣତାନ୍ତ୍ରିକ ଅଧିକାର, ଜନତାର ଅଧିକାର, ମାନବିକ ଅଧିକାର ଓ ସମାନତା ଅଧିକାର ପାଇବା ନିମନ୍ତେ ଆରମ୍ଭ ହୋଇଛି । ନାରୀ ଆନ୍ଦୋଳନ ନାରୀ ସଂଘର୍ଷର ଭିନ୍ନ ଭିନ୍ନ ବୈଶିଷ୍ଟ୍ୟ କୁ ବୁଝାଇ ଥାଏ ।

ବିଶ୍ୱର ବିଭିନ୍ନ ଦେଶରେ ନାରୀ ଆନ୍ଦୋଳନ ଭିନ୍ନ ଭିନ୍ନ ପରିସ୍ଥିତିକୁ ନେଇ ଆରମ୍ଭ ହୋଇଛି । ୧୮୪୦ ମସିହାରୁ ୧୮୭୦ ମସିହା ମଧ୍ୟରେ ବ୍ରିଟେନ୍‌ରେ ମଧ୍ୟବିତ୍ତ ଶ୍ରେଣୀର ମହିଳାମାନେ କର୍ମନିଯୋଜନ, ଦାନ, ଆଇନ ଏବଂ ନୈତିକ ସଂସ୍କାର ନିମନ୍ତେ ଆନ୍ଦୋଳନ ଆରମ୍ଭ କରିଥିଲେ । ସେହିପରି ଆଲଜେରିଆରେ ବହୁ ସଂଖ୍ୟକ ମହିଳା ସନ୍ତ୍ରାସବାଦୀମାନେ ଦେଶର ବିପ୍ଳବରେ ଅଂଶ ଗ୍ରହଣ କରିଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସେଠାରେ ନାରୀମାନଙ୍କର ଭୂମିକାକୁ ଅଧିକ ଗୁରୁତ୍ୱ ଦିଆ ଯାଇ ନ ଥିଲା । ୧୯୬୦ ମସିହାରୁ ୧୯୭୦ ମସିହା ମଧ୍ୟରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶର ନାରୀ ଆନ୍ଦୋଳନ ସାମାଜିକ ଆନ୍ଦୋଳନଭାବେ ଗଢ଼ି ଉଠିଥିଲା । ପ୍ରତ୍ୟେକ ଦେଶର ଆନ୍ଦୋଳନରେ ସେମାନଙ୍କର ସମାଜର ଇତିହାସ, ସଂସ୍କୃତି ଓ ରାଜନୀତି ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହୋଇଥିଲା ।

ଆମେରିକାରେ ନାରୀ ଆନ୍ଦୋଳନର ଇତିହାସକୁ ୪ଟି ଐତିହାସିକ ପର୍ଯ୍ୟାୟରେ ବିଭକ୍ତ କରାଯାଇ ପାରେ । ପ୍ରଥମ ପର୍ଯ୍ୟାୟ (୧୮୨୦–୧୮୬୯) ମସିହା ମଧ୍ୟରେ ନାରୀମାନଙ୍କର ଅଧିକାର ପାଇଁ କୌଣସି ସ୍ଥାୟୀ ସଂସ୍ଥା ନ ଥିଲା । ଦ୍ୱିତୀୟ ପର୍ଯ୍ୟାୟ (୧୮୬୯–୧୮୯୦) ମସିହାରେ ନାରୀ ସଂସ୍ଥାମାନ ଗଠନ କରା ଯାଇଥିଲା । ତୃତୀୟ ପର୍ଯ୍ୟାୟ (୧୮୯୦–୧୯୨୦) ମସିହା ଅପେକ୍ଷା ୪ର୍ଥ ପର୍ଯ୍ୟାୟ (୧୯୨୦–୧୯୩୦)ରେ ନାରୀ ଆନ୍ଦୋଳନ ସର୍ବସାଧାରଣର ସମର୍ଥନ ପାଇବାରେ ସଫଳକାମ ହୋଇ ପାରିଥିଲା । ପରେ ପରେ ଗଠିତ ହୋଇଥିବା 'ସଚେତନତା ଜାଗ୍ରତକାରୀ ଦଳ' ନାରୀ ଆନ୍ଦୋଳନ ଜରିଆରେ ମହିଳାମାନଙ୍କ ନିମନ୍ତେ ସମାନ ସୁଯୋଗ ନିମନ୍ତେ ଦାବୀ କରିଥିଲା । ଆମେରିକାରେ ସ୍ନାତକ ପଢ଼ିଥିବା ମହିଳାମାନେ ଏହି ସମୟରେ ଏକ 'ସଚେତନ ସୃଷ୍ଟିକାରୀ ଗୋଷ୍ଠୀ' ଭାବେ ନିଜକୁ ସଙ୍ଗଠିତ କରିଥିଲେ । ଏହି ସଙ୍ଗଠନଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ଥିଲା, ନାରୀମାନଙ୍କର ଜୀବନ ଯାପନ ମାନର ଗୁଣାତ୍ମକ ବିକାଶ । ଆମେରିକା ଓ ବ୍ରିଟେନରେ ସଙ୍ଗଠିତ ହୋଇଥିବା ନାରୀ ଆନ୍ଦୋଳନ ଦୁଇଟି ଭିନ୍ନ ଭିନ୍ନ ଭାବଧାରା ଉପରେ ପର୍ଯ୍ୟବସିତ ହୋଇଥିଲା । ପ୍ରଥମଟି, ରାଜନୀତିରେ ନାରୀମାନଙ୍କୁ ଅଧିକ ଭୂମିକା ଦେବା ନିମନ୍ତେ ଦାବି କରୁଥିବା ବେଳେ ଦ୍ୱିତୀୟଟି, ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ଦେବା ନିମନ୍ତେ ଦାବି କରିଥିଲା । ସେହିପରି ପୂର୍ବ ଜର୍ମାନୀରେ ଜର୍ମାନ୍ ସୋସିଆଲିଷ୍ଟ ପାର୍ଟିର ସାଧାରଣ କର୍ମୀ ଓ 'ଇକ୍ୱାଲିଟି' ପତ୍ରିକାର ସମ୍ପାଦିକା କ୍ଲାରା ଜେଟ୍‌କିନ୍, ନାରୀ–ମୁକ୍ତି ଆନ୍ଦୋଳନ ପାଇଁ ସାରା ଜୀବନ ସଂଗ୍ରାମ କରିଥିଲେ ଓ ହିଟ୍‌ଲରୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।

ସମାଜତତ୍ତ୍ୱବିତ୍‌ମାନେ ଭାରତୀୟ ନାରୀ ଆନ୍ଦୋଳନକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମତଃ, ସମାନତା ଅଧିକାର, ଦ୍ୱିତୀୟତଃ ସ୍ୱାଧୀନତା ଓ ମୁକ୍ତି ପାଇଁ ଆନ୍ଦୋଳନ । ସମାନତା ଅର୍ଥ ହେଉଛି, ସମାଜର ପ୍ରତ୍ୟେକ କ୍ଷେତ୍ରରେ ନାରୀ ଓ ପୁରୁଷଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ଦ୍ୱିତୀୟତଃ ନାରୀମାନଙ୍କୁ ମୁକ୍ତି ବା ସ୍ୱାଧୀନତା ଆଣିଦେବା ।

ଭାରତୀୟ ନାରୀ ଆନ୍ଦୋଳନ ୬ଟି ମୁଖ୍ୟ ଉପାଦାନ ଦ୍ୱାରା ପ୍ରଭାବିତ ହୋଇଥିଲା । (୧) ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ (୨) ଶିକ୍ଷିତ ମହିଳାମାନଙ୍କ ଦ୍ୱାରା ନେତୃତ୍ୱ ଗ୍ରହଣ (୩) ଧର୍ମ ଦ୍ୱାରା ପ୍ରତିଷ୍ଠିତ ସାମାଜିକ ରୀତିନୀତିର ପରିବର୍ତ୍ତନ ନିମନ୍ତେ ସମାଜ ସଂସ୍କାରକମାନଙ୍କର ଆଗ୍ରହ (୪) ନାରୀ ସଙ୍ଗଠନ ପ୍ରତି ପୁରୁଷମାନଙ୍କର ଭାବଧାରାରେ ପରିବର୍ତ୍ତନ (୫) ନାରୀ ଆନ୍ଦୋଳନ ପ୍ରତି ରାଜନୈତିକ ତଥା ଜାତୀୟ ନେତାମାନଙ୍କର ଉଦାରବାଦୀ ମନୋବୃତ୍ତି ଏବଂ ସମାଜର ସାଙ୍ଗଠନିକ ପରିବର୍ତ୍ତନ ଯୋଗୁଁ ମଧ୍ୟ ଭାରତରେ ନାରୀ ଆନ୍ଦୋଳନ ଜନ୍ମ ନେଇଥିଲା ।

ଭାରତୀୟ ନାରୀ ଆନ୍ଦୋଳନ ଭିନ୍ନ ଧରଣର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରଥମତଃ, ଏହା ଦେଶ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଆରମ୍ଭ ହୋଇଥିଲା । ଦ୍ୱିତୀୟତଃ, ଭାରତୀୟ ସମାଜ ସଂସ୍କାରକ ଓ ରାଜନୈତିକ ନେତାମାନେ ଭାରତୀୟ ମହିଳାମାନଙ୍କର ନୀଚ ଅବସ୍ଥା ପ୍ରତି ଗୁରୁତ୍ୱ ଦେଉଥିଲେ । ଦ୍ୱିତୀୟତଃ, ଭାରତୀୟ ନାରୀ ଆନ୍ଦୋଳନର ଦୃଷ୍ଟିକୋଣ ଥିଲା ପ୍ରଗତିଶୀଳ । ଭାରତରେ ନାରୀ

ଆନ୍ଦୋଳନ ସମ୍ଭବତଃ ୧୮୮୦ ମସିହାରେ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ ସେମାନେ ମୁଖ୍ୟତଃ ସହରର ମଧ୍ୟବିତ୍ତ ପରିବାରରୁ ଆସିଥିଲେ । ପଣ୍ଡିତ ରମାବାଈ, ରମାବାଈ ରାନାଡ଼େ, ଆନନ୍ଦୀବାଈ ଯୋଶୀ, ସାରଳା ଦେବୀ ଚୌଧୁରାନୀ, ମୁଥୁଲକ୍ଷ୍ମୀ ରେଡ୍ଡୀ, ହୀରାବାଈ ଟାଟା, କମଳା ଦେବୀ ଚଟ୍ଟୋପାଧ୍ୟାୟ, ରାମେଶ୍ୱରୀ ନେହେରୁ ଓ କମଳା ନେହେରୁ ଭାରତୀୟ ନାରୀ ଆନ୍ଦୋଳନର ମୁଖ୍ୟ ପଥ ପ୍ରଦର୍ଶକ ଥିଲେ । ଅରୁଣା ଆସଫ୍ ଅଲ୍ଲୀ ନାରୀ ଆନ୍ଦୋଳନ ନିମନ୍ତେ କାର୍ଯ୍ୟ କରୁଥିଲେ । ନାରୀ ଲେଖିକାମାନେ ବିଭିନ୍ନ ପତ୍ରପତ୍ରିକାରେ ନାରୀ ସମ୍ବନ୍ଧୀୟ ଲେଖା ଲେଖୁଥିଲେ । ନାରୀ ଆନ୍ଦୋଳନ ନିମନ୍ତେ ଲେଡିଜ୍ ଆସୋସିଏସନ, ଶାରଦା ସଦନ, ସ୍ତ୍ରୀ ସମିତି, ମହିଳା ସେବା ସମାଜ ଆଦି ଗଠନ କରା ଯାଇଥିଲା । ଊନବିଂଶ ଶତାବ୍ଦୀରେ କେତେକ ସଂସ୍କାରବାଦୀ ସାମାଜିକ କଳଙ୍କ ଦୂରୀଭୂତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇଥିଲେ । ସରକାର ମଧ୍ୟ ଏଥି ନିମନ୍ତେ ଆଇନ ପ୍ରଣୟନ କରିଥିଲେ । ରାଜା ରାମ ମୋହନ ରାୟଙ୍କର 'ବ୍ରାହ୍ମ ସମାଜ'ର ନୀତି ଥିଲା, ନାରୀ ସ୍ୱାଧୀନତା ଓ ନାରୀ ଏବଂ ପୁରୁଷ ମଧ୍ୟରେ ସମାନତା । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କର ପ୍ରଚେଷ୍ଟାରେ ବିଧବା ପୁନଃବିବାହ ଆଇନ ପ୍ରବର୍ତ୍ତିତ ହୋଇଥିଲା । ୧୮୨୪ ମସିହାରେ ଆମେରିକା ମିଶନ ପକ୍ଷରୁ ସର୍ବ ପ୍ରଥମ ଥର ପାଇଁ ବମ୍ବେଠାରେ କନ୍ୟାସନ୍ତାନମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଏକ ସ୍କୁଲ ସ୍ଥାପନ କରା ଯାଇଥିଲା । ସମ୍ଭବତଃ ଝାନ୍ସୀର ରାଣୀ ଲକ୍ଷ୍ମୀବାଈ (୧୮୩୫–୧୮୫୮) ଭାରତର ପୁରୁଷ ଓ ମହିଳାମାନଙ୍କୁ ନାରୀମାନଙ୍କ ନିକଟରେ ରହିଥିବା ପ୍ରଚ୍ଛନ୍ନ ଶକ୍ତି ସମ୍ପର୍କରେ ଅବହିତ କରିଥିଲେ ।

ଭାରତୀୟ ନାରୀ ଆନ୍ଦୋଳନକୁ ଆଉ ଅଧିକ ଅଗ୍ରସର କରିବା ପାଇଁ ମହାତ୍ମାଗାନ୍ଧୀ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାର ହଜାର ସଂଖ୍ୟାରେ ମହିଳା ଗୃହ କୋଣରୁ ବାହାରି ଆସି ଦେଶ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ମହିଳାମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କର ଉତ୍ଥାନ ଦିଗରେ କାର୍ଯ୍ୟ କରିବା ଗାନ୍ଧିଜୀଙ୍କର ବିଚାରଧାରା ଥିଲା ।

ସେହିପରି ରାଜନୈତିକ କ୍ଷେତ୍ରରେ ସମାନତା ଲାଭ କରିବା ପାଇଁ ମହିଳାମାନେ ଆନ୍ଦୋଳନ କରିଥିଲେ । ଫ୍ରାନ୍ସ, ଇଂଲଣ୍ଡ ଓ ଜର୍ମାନର ସମାଜବାଦୀ ନାରୀ ଆନ୍ଦୋଳନ ମହିଳାମାନଙ୍କର ଭୋଟ୍ ଦାନ ଅଧିକାର ନିମନ୍ତେ ଦାବୀ କରିଥିଲା । ୧୯୧୮ ମସିହାରେ ଇଂଲଣ୍ଡରେ ମହିଳାମାନେ ଭୋଟ୍ ଦାନ ଅଧିକାର ପାଇଥିଲେ । ୧୯୨୮ ମସିହାରେ ଯୁକ୍ତରାଜ୍ୟର ମହିଳାମାନଙ୍କୁ ଭୋଟ୍‌ଦାନ ଅଧିକାର ମିଳିଥିଲା । ୧୯୭୫ରୁ ୧୯୯୫ ଏହି ୨୦ ବର୍ଷ ମଧ୍ୟରେ ବିଶ୍ୱରେ ମେକ୍ସିକୋ (୧୯୭୫) କୋପେନ୍ ହେଗେନ୍ (୧୯୮୦), ନାଇରୋବି (୧୯୮୫) ଓ ବେଜିଂରେ ୧୯୯୫ରେ ସମୁଦାୟ ୪ଟି ବିଶ୍ୱ ନାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ବିଶ୍ୱ ନାରୀ ସମ୍ମିଳନୀରେ ପୁରୁଷ ପ୍ରଧାନ ସମାଜରେ ନାରୀର ଅସ୍ମିତା, ସମ୍ମାନ ଓ ନିର୍ଯ୍ୟାତନା ସମ୍ପର୍କରେ ବହୁ ତଥ୍ୟ ଉପରେ ଆଲୋକପାତ କରା ଯାଇଛି ଓ ନାରୀମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ ଦେବା ନିମନ୍ତେ ଅଧିକ ଗୁରୁତ୍ୱ ଦିଆ ଯାଇଛି ।

ଭାରତରେ ନାରୀମାନଙ୍କର ରାଜନୈତିକ ଅଧିକାର ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ଆନ୍ଦୋଳନ ପରେ ମହିଳା ଭୋଟ୍ ଦାନ ଅଧିକାର, ସମୟ ସୀମା ବୃଦ୍ଧି ଓ ବିଧାନସଭାରେ ଅଧିକ ସଂଖ୍ୟକ ମହିଳା ପ୍ରତିନିଧିତ୍ୱକୁ ସମସ୍ତ ପ୍ରଧାନ ରାଜନୈତିକ ଦଳଗୁଡ଼ିକ ସମର୍ଥନ କରିଥିଲେ ଏବଂ ନାରୀମାନଙ୍କୁ ସମାନ ଦରମା ଦେବା ଆଇନର ମଧ୍ୟ କାର୍ଯ୍ୟକାରିତା ହୋଇଥିଲା ।

ଆଜିକାଲି ଭାରତୀୟ ନାରୀ ଆନ୍ଦୋଳନ ମୁଖ୍ୟତଃ ତୃଣମୂଳ ସ୍ତରରେ ନାରୀକୁ କ୍ଷମତା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦେଇଛି । ଏବେ ରାଜ୍ୟ ତଥା ଦେଶ ଗଠନ ଆଡ଼କୁ ସମସ୍ତଙ୍କ ଦୃଷ୍ଟିକୋଣ ନିବଦ୍ଧ ହୋଇଥିବା ବେଳେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାର ନିମନ୍ତେ ସାମ୍ବିଧାନିକ ନୀତି ନିୟମ କରା ଯାଇଛି । ବାସ୍ତବରେ ନାରୀଗୋଷ୍ଠୀ ସର୍ବପ୍ରଥମେ ବଳାତ୍କାର ଉପରେ ସେମାନଙ୍କର ସଂଘର୍ଷ ଆରମ୍ଭ କରିଥିଲେ । ମହାରାଷ୍ଟ୍ରର ଏକ ଅପ୍ରାପ୍ତ ବୟସ୍କା ବାଳିକା ଉପରେ ହୋଇଥିବା ବଳାତ୍କାର ଘଟଣା ପରେ ସାରା ଦେଶରେ ମହିଳାମାନଙ୍କ ବିରୋଧରେ ହୋଇଥିବା ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ ଗଢ଼ି ଉଠିଥିଲା । ହାଇଦ୍ରାବାଦର କେତେକ ଅଗ୍ରଗାମୀ ମହିଳା ସଙ୍ଗଠନ ଦ୍ୱାରା ଯୌତୁକ ବିରୋଧରେ ସଂଘର୍ଷ ଆରମ୍ଭ ହୋଇଥିଲା । ୧୯୮୦ ମସିହାରେ ଯୌତୁକ ବିରୋଧୀ ଓ ବଳାତ୍କାର ବିରୋଧୀ ଆନ୍ଦୋଳନ ତେଜି ଉଠିଥିବା ବେଳେ ଚିପ୍‌କୋ ଆନ୍ଦୋଳନ ମଧ୍ୟ ହୋଇଥିଲା ।

ଏକ ସମ୍ପ୍ରଦାୟ, ଶ୍ରେଣୀ, ଜାତି ଓ ଧାର୍ମିକ ଗୋଷ୍ଠୀର ସଦସ୍ୟ ଭାବେ ନାରୀ ହେଉଛି ଅଭିନ୍ନ । ବର୍ଷ ବର୍ଷ ଧରି ରାଜରାସ୍ତାରେ ଆନ୍ଦୋଳନ, ଧର୍ମଘଟ କରିବା ପରେ ନାରୀ ଆନ୍ଦୋଳନ ଲୋକ ଲୋଚନକୁ ଆସି ପାରିଛି । ମାତ୍ର ଏହା ଯଥେଷ୍ଟ ନୁହେଁ । ସମଗ୍ର ନାରୀ ସମାଜର ଉନ୍ନତି ନିମନ୍ତେ ମହିଳାମାନଙ୍କୁ ସମାନ ଶିକ୍ଷା, ସମାନ ସୁଯୋଗ ଓ କ୍ଷମତା, ସ୍ୱାସ୍ଥ୍ୟସେବା, କର୍ମନିଯୋଜନରେ ନିଶ୍ଚିତତା, ଘରେ, ପରିବାର ଏବଂ ସମାଜରେ ସୁରକ୍ଷା, ଜୀବନଧାରଣ ନିମନ୍ତେ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଆବଶ୍ୟକତା ମେଣ୍ଟାଇବା ଆଦି ସରକାରଙ୍କର ମୁଖ୍ୟ କାର୍ଯ୍ୟ ହେବା ଆବଶ୍ୟକ । ନାରୀ ଆନ୍ଦୋଳନର ପରିସର ଆଜି ଖୁବ୍ ପ୍ରସାରିତ ହୋଇଛି ଏବଂ ଶକ୍ତିଶାଳୀ ହୋଇ ପାରିଛି । ନାରୀ ମୁକ୍ତି ଆନ୍ଦୋଳନର ୬ଟି ମୁଖ୍ୟ ଆଭିମୁଖ୍ୟ ଯଥା (୧) ନାରୀମାନଙ୍କୁ ପୁରୁଷମାନଙ୍କ ସହ ସମାନ ଦରମା ଦେବା (୨) ଅର୍ଥନୈତିକ କ୍ଷେତ୍ରରେ ନାରୀମାନଙ୍କୁ ଅଧିକ କ୍ଷମତାଶୀଳ କରିବା (୩) ନାରୀ ନିର୍ଯ୍ୟାତନା ନିରାକରଣ (୪) ନାରୀମାନଙ୍କୁ ସମାନ ସମ୍ପତ୍ତି

ଅଧିକାର ଦେବା (୫) ଯୌନଜୀବନ ଅଧିକାର ଓ ଗର୍ଭପାତ ପାଇଁ ନାରୀମାନଙ୍କ ସ୍ୱାଧୀନ ମତକୁ ଗୁରୁତ୍ୱ ଦେବା (୬) ସର୍ବୋପରି ନାରୀର ସାମାଜିକ ସ୍ଥିତିର ଉନ୍ନତି ପ୍ରଭୃତି ବିଷୟରେ ବିଶ୍ୱର ବିଭିନ୍ନ ଦେଶରେ ଆନ୍ଦୋଳନ ଚାଲିଛି। ଏ ଦିଗରେ ବିଭିନ୍ନ ଦେଶରେ ନାରୀ ମୁକ୍ତି ଆନ୍ଦୋଳନ ପାଇଁ ସାମାଜିକ ସଙ୍ଗଠନ ବ୍ୟତୀତ ବହୁ ପ୍ରତିଭାଶାଳୀ ନାରୀ ଲେଖିକାମାନେ ସେମାନଙ୍କର ଲେଖନୀ ଚାଳନା କରିଛନ୍ତି। ସେମାନଙ୍କ ଲେଖା ମଧ୍ୟରେ (୧) ଷ୍ଟିଭେନ୍ ଗୋଲ୍ଡବାର୍ଗଙ୍କ 'Male dominance, The inevitability of patriarchy, (୨) ସାଇମନ୍ ଦି ବିଓଭରଙ୍କ 'The Second Sex (୩) ବେଲ୍‌ଟି ଫ୍ରାଏଡନ୍‌ଙ୍କ 'The feminine Mystique' (୪) ଜନ୍ ରଲ୍‌ଙ୍କ 'The Cry for Justice' (୫) ଜୁଲିଏଟ୍ ମିଟ୍‌ଚେଲ୍ ଏବଂ ଆନ୍ ଓକ୍‌ଲେଙ୍କର 'The Rights and Wrongs of Women' (୬) ଏଲିଜାବେଥ୍ ବୁମିଲାରଙ୍କର 'May you be the Mother of hundred sons—A Journey among the Women of India ପ୍ରଭୃତି ପୁସ୍ତକ ସାମ୍ପ୍ରତିକ ଯୁଗରେ ନାରୀ ଆନ୍ଦୋଳନକୁ ଅଧିକ ସକ୍ରିୟ କରିବାରେ ବିଶିଷ୍ଟ ଭୂମିକା ଗ୍ରହଣ କରିଛି। ଏହି ନାରୀ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରତି ବର୍ଷ ମାର୍ଚ୍ଚ ୮ ତାରିଖ ଦିନକୁ ଆନ୍ତର୍ଜାତିକ ମହିଳା ଦିବସ ଭାବେ ପାଳନ କରା ଯାଉଛି। ବିଶ୍ୱର ସର୍ବାଙ୍ଗୀନ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ ନାରୀମାନଙ୍କୁ, ଶିକ୍ଷା, ସମାନ ଅଧିକାର ଓ ସେମାନଙ୍କର ସାମାଜିକ ସ୍ଥିତିର ବିକାଶ ଯେ ଅପରିହାର୍ଯ୍ୟ ତାହା ଆଜି ପ୍ରତ୍ୟେକ ଦେଶର ବୁଦ୍ଧିଜୀବୀ, ରାଜନୈତିକ ନେତୃବୃନ୍ଦ ଓ ସମାଜ ସଂସ୍କାରକମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି।

ସହକାରୀ ସୂଚନା ଅଧିକାରୀ,
ରାଜ୍ୟ ସୂଚନା କେନ୍ଦ୍ର, ସୂଚନା ଭବନ

## ବ୍ରିଟିଶ୍ ସହାୟତାରେ ସ୍ୱାସ୍ଥ୍ୟ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

*ବ୍ରିଟିଶ୍ ସହାୟତାରେ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି।*

*ଏ ଉପଲକ୍ଷେ ସଚିବାଳୟସ୍ଥ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ଏକ ଉଦ୍‌ଘାଟନୀ କର୍ମଶାଳାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ବ୍ରିଟିଶ୍ ସରକାରଙ୍କ ସହାୟତାରେ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ନୂତନ କୋଠାବାଡ଼ି, ଆବଶ୍ୟକୀୟ ଯନ୍ତ୍ରପାତି ଓ ସରଞ୍ଜାମ ଏବଂ ଗମନାଗମନର ସୁବିଧା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶିଶୁ ମୃତ୍ୟୁହାର କ୍ଷେତ୍ରରେ ଓଡ଼ିଶା ସବା ତଳେ ଥିଲେ ମଧ୍ୟ ଗତ ୩ ବର୍ଷର ଉଦ୍ୟମ ଫଳରେ ଏହି ହାର ଶତକଡ଼ା ୧୦ ଭାଗ କମିଯାଇଛି। ଆସନ୍ତା ୨୦୦୦ ମସିହା ସୁଦ୍ଧା ଏହି ବାବଦରେ ଅଧିକ ସଫଳତା ହାସଲ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।*

*ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାରଙ୍କ ଉଦ୍ୟମ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବାରେ ଓଡ଼ିଶା ସାରା ଭାରତରେ ସର୍ବପ୍ରଥମ ରାଜ୍ୟ। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ କେତେଗୁଡ଼ିଏ ସଂସ୍କାର ଅଣାଯାଇଛି। ସ୍ୱାସ୍ଥ୍ୟ ସେବା ପାଇଁ ରୋଗୀଙ୍କଠାରୁ ଦେୟ ଆଦାୟ କରାଯାଇ ଡାକ୍ତରଖାନାର ଉନ୍ନତିବିଧାନ ପାଇଁ ଖର୍ଚ୍ଚ କରାଯାଉଛି। ଆବଶ୍ୟକତା ମୁତାବକ ଜରୁରୀକାଳୀନ ଔଷଧ କିଣିବା ପାଇଁ ଓ [illegible] ଡାକ୍ତରମାନଙ୍କୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ କ୍ଷମତା ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜଧାନୀ ହସ୍‌ପିଟାଲ, କଟକ ଓ ବ୍ରହ୍ମପୁରସ୍ଥିତ ମେଡ଼ିକାଲ କଲେଜରେ ସଫେଇ କାର୍ଯ୍ୟର ଘରୋଇକରଣ କରାଯାଇ ଯୁବକ ଇଞ୍ଜିନିୟରମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଆଭ୍ୟନ୍ତରୀଣ ଆଦିବାସୀ ବହୁଳ ଅଞ୍ଚଳରେ କାର୍ଯ୍ୟ କରିବାକୁ ଡାକ୍ତରମାନେ ଅନାଗ୍ରହ ପ୍ରଦର୍ଶନ କରୁଥିବାରୁ ସେହି ସବୁ ଅଞ୍ଚଳରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସ୍ନାତକୋତ୍ତର ଡାକ୍ତରୀ ପଢ଼ିବା ପାଇଁ ସେମାନଙ୍କୁ ଅଗ୍ରାଧିକାର ଦେବା ସଙ୍ଗେ ସଙ୍ଗେ ଡାକ୍ତରମାନଙ୍କ ପାଇଁ ମଫସଲ ଅଞ୍ଚଳରେ ବାସଗୃହ ନିର୍ମାଣ କରିବାକୁ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ୩ ଗୋଟି ମେଡ଼ିକାଲ କଲେଜର ଶିକ୍ଷକମାନଙ୍କ ପାଇଁ ପୃଥକ ପୃଥକ କ୍ୟାଡ଼ର ପ୍ରବର୍ତ୍ତନ କରିବାକୁ ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବ୍ରିଟିଶ୍ ସରକାରଙ୍କ ସହାୟତାରେ ଓଡ଼ିଶାର ଗ୍ରାମାଞ୍ଚଳରେ ଉନ୍ନତ ମାନର ମୌଳିକ ସ୍ୱାସ୍ଥ୍ୟ ସୁଯୋଗ ପହଞ୍ଚା ଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।*

# ସ୍ୱାଧୀନତା ଆନ୍ଦୋଳନରେ ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା

ଶ୍ରୀ ଶାନ୍ତନୁ କୁମାର ଷଡ଼ଙ୍ଗୀ

ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର । ଏହି ସ୍ୱାଧୀନତାର ସ୍ୱାଦ ଚାଖିବା ଲାଗି ଯେଉଁ କେତେଜଣ ବୀର ଆଜି ଶହୀଦ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଅଦ୍ବିତୀୟ ସୁରେନ୍ଦ୍ର ସାଏ ଅନ୍ୟତମ । ନିଜର ଜୀବନକୁ ତିଳତିଳ ଦଗ୍ଧ କରି ଦେଶମାତୃକାକୁ ବର୍ବର ଇଂରେଜ ଜାତି କବଳରୁ ଉଦ୍ଧାର କରିବା ପାଇଁ ସେ ଦୃଢ଼ ସଙ୍କଳ୍ପ କରିଥିଲେ । ୧୮୦୯ ମସିହା ଜାନୁଆରୀ ୨୩ ତାରିଖ ଖିଣ୍ଡା ଗ୍ରାମରେ ଏଇ ଶହୀଦଙ୍କର ଜନ୍ମ ହୋଇଥିଲା । ସମ୍ବଲପୁରଠାରୁ ୪୦ କି.ମି. ଦୂରରେ ଏହି ଗ୍ରାମ ଅବସ୍ଥିତ । ତାଙ୍କର ପିତା ଶାନ୍ତ ପ୍ରକୃତିର ଓ ଧର୍ମ ପରାୟଣ ଥିଲେ । ପିତାଙ୍କର ଇଚ୍ଛା ଥିଲା ପୁଅ ସୁରେନ୍ଦ୍ର ଉଚ୍ଚଶିକ୍ଷା ଲାଭ କରିବ । କିନ୍ତୁ ଯେଉଁ ବୀର ମାତୃଭୂମିକୁ ରକ୍ଷା କରିବା ଲାଗି ଗଭୀର ଶପଥ ନେଇଛି ସେ କ'ଣ କେବେ ହେଲେ ପଞ୍ଜୁରୀ ଭିତରେ ଚୁପ୍ ହୋଇ ବସିପାରେ ? ନିଜର ସ୍ୱାର୍ଥକୁ ସେ ଜଳାଞ୍ଜଳି ଦେଇ ପାଲଟି ଗଲେ ଦୁର୍ଦ୍ଦମ୍ୟ ବୀର । ଶତଦଳରେ ପଦ୍ମ ଫୁଟିଲା ପରି ବାଲ୍ୟକାଳରୁ ବୀର ସୁରେନ୍ଦ୍ର ଘୋଡ଼ାଦୌଡ଼, ଶର ସନ୍ଧାନ, ତରବାରୀ ଚାଳନାରେ ମନୋନିବେଶ କଲେ । ସେତେବେଳେ ବର୍ବର ଇଂରେଜମାନେ ସମ୍ବଲପୁରକୁ ନିଜର ଅଧୀନରେ ରଖିବାକୁ ନାନା ପ୍ରକାର କୌଶଳମାନ ଅବଲମ୍ବନ କରିବା ଫଳରେ ରାଜ୍ୟରେ ଅଶାନ୍ତିର ବହ୍ନି ଜଳୁଥିଲା । ତେଣୁ ଇଂରେଜମାନେ ବାମଣ୍ଡାର ରାଜା ନାରାୟଣ ସିଂହକୁ ରାଜା କରାଇଲେ । ମାତ୍ର ଏ କଥାରେ ବୀର ସୁରେନ୍ଦ୍ର ସାଏ ଦୃଢ଼ ପ୍ରତିବାଦ କଲେ, କାରଣ ଯେହେତୁ ସେ ସାଏଙ୍କ ବଂଶଧର ସେହେତୁ ରାଜସିଂହାସନ ତାଙ୍କର ପ୍ରାପ୍ୟ ଅଟେ ମାତ୍ର ଇଂରେଜମାନେ ତାଙ୍କୁ ସେ ସୁବିଧାରୁ ବଞ୍ଚିତ କରିଥିଲେ । ସୁରେନ୍ଦ୍ର ସାଏଙ୍କୁ ସେତେବେଳେ ଏକୋଇଶ ବର୍ଷ । ତେଣୁ ତାଙ୍କର ଶିରା ପ୍ରଶିରାରେ ବୀରର ରକ୍ତ ପ୍ରବାହିତ । ଯିଏ ନିଜର ଜୀବନକୁ ଦେଶ ମାତୃକା ଲାଗି ସମର୍ପି ଦେଇଛି ସେ କ'ଣ କେବେ ଇଂରେଜ ଜାତିର ଗୁଳିଗୋଳା ଓ ଧମକକୁ ଖାତିରି କରିବ ? ଇଂରେଜମାନଙ୍କର ଦୃଢ଼ ମୁକାବିଲା କରିବା ପାଇଁ ସେ ମା ସମଲେଇଙ୍କ ନିକଟରେ ଦୃଢ଼ ସଙ୍କଳ୍ପ କଲେ । ବଣ ଜଙ୍ଗଲ ମଧ୍ୟରେ ଲୁଚି ରହି ସେ ଇଂରେଜମାନଙ୍କୁ ଅନ୍ତବ୍ୟସ୍ତ କରି ପକାଇଲେ । ଗୋପବନ୍ଧୁ କହିଥିଲେ–

"ପଞ୍ଜୁରୀ ନାହିଁ ବୀରର ଜାତକେ,
ନମରେ ସେ କେବେ ପରାଣ ଆତଙ୍କେ ?

ତେଣୁ ଯିଏ ସିଂହ ଶାବକ ସେ କ'ଣ କେବେ ଲୁଚି ଛପି ଯୁଦ୍ଧ କରିପାରେ ? ମୃତ୍ୟୁ ତେଣୁ ଜୀବନର ଚରମ ସାର୍ଥକତା । ଦେଶରକ୍ଷା ଯାହାର ପଣ ତା'ର ଗୁଳିଗୋଳା ପାଦର ଧୂଳି ସଦୃଶ୍ୟ । "ଇଂରେଜ ଜାତିର ପାଦଲେହନ କରିବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ବୋଲି ସୁରେନ୍ଦ୍ର ସାଏ ଧରି ନେଇ ଥିଲେ । ଯେ ପର୍ଯ୍ୟନ୍ତ ସେ ମା' ସମଲେଇଙ୍କୁ ବିଦେଶୀ କବଳରୁ ମୁକ୍ତ କରି ନାହାନ୍ତି ସେ ପର୍ଯ୍ୟନ୍ତ ସେ ଶୟନ କରିବେ ନାହିଁ ବୋଲି ପଣ କରିଥିଲେ । କେତେଜଣ ବନ୍ଧୁଙ୍କର ବିଶ୍ୱାସଘାତକତା ଯୋଗୁଁ ସେ ଧରାପଡ଼ି ହଜାରିବାଗ ଜେଲରେ କାରାବରଣ କଲେ । କିନ୍ତୁ ମୁହଁରେ ସେଇ ସ୍ୱାଧୀନତାର ଅଖଣ୍ଡ ଧ୍ୱନି "ସ୍ୱାଧୀନ ଭାରତ କି ଜୟ, ମା ସମଲେଇ କି ଜୟ ।" ମାତ୍ର ୧୮୫୭ ମସିହାରେ ସିପାହୀ ବିଦ୍ରୋହ ବେଳେ ବିଦ୍ରୋହୀମାନେ ହଜାରୀବାଗ ଜେଲ୍ ଭାଙ୍ଗି ସୁରେନ୍ଦ୍ର ସାଏଙ୍କୁ ମୁକ୍ତି ଦେଲେ । ମାତ୍ର ବୀର ସୁରେନ୍ଦ୍ର ସିଂହଭୂମ ଓ ଗାଙ୍ଗପୁର ଦୁର୍ଗମ ବଣଜଙ୍ଗଲ ମଧ୍ୟରେ ଯାଇ ସମ୍ବଲପୁରରେ ପହଞ୍ଚି ବିଦ୍ରୋହ ଆରମ୍ଭ କଲେ ।

ଇଂରେଜ ସାହେବ କମ୍ପଟଲେଜ ସୁରେନ୍ଦ୍ର ସାଏଙ୍କୁ ଡକାଇ ବନ୍ଦୀ କଲେ । ଦେଶଦ୍ରୋହ ଅପରାଧରେ ବୀର ସୁରେନ୍ଦ୍ର ସାଏ ଆଜୀବନ କାରାଦଣ୍ଡ ଭୋଗକଲେ ମାତ୍ର ଇଂରେଜ ଜାତି ନିକଟରେ ମୁଣ୍ଡ ନୁଆଁଇଲେ ନାହିଁ କି ସାଲିସ୍ ମଧ୍ୟ କଲେ ନାହିଁ । ମାତ୍ର ସେ ଜାଣି ଥିଲେ ଏଇ ବର୍ବର ଇଂରେଜ ଜାତି କେବଳ ସ୍ୱାର୍ଥ ସାଧନ ଲାଗି ଉଦ୍ଦିଷ୍ଟ । ତେଣୁ ବୀର ସୁରେନ୍ଦ୍ର ସାଏ ୧୮୮୪ ମସିହାରେ ଅସୁରଗଡ଼ ଦୁର୍ଗରେ ଶେଷ ନିଶ୍ୱାସ ତ୍ୟାଗ କଲେ କିନ୍ତୁ ଦିନେ ହେଲେ ସେ ଇଂରେଜ ଜାତି ନିକଟରେ ନିଜକୁ ଛାଡ଼ି ଦେବା ଲାଗି ହାତଯୋଡ଼ି କ୍ଷମା ପ୍ରାର୍ଥନା କରି ନ ଥିଲେ । ସେ ଜାଣିଥିଲେ "ଦେଶରୁ ଜଣେ ସୁରେନ୍ଦ୍ର ସାଏ ମୃତ୍ୟୁବରଣ କଲେ ମଧ୍ୟ ହଜାର ହଜାର ସୁରେନ୍ଦ୍ର ସାଏ ଦେଶମାତୃକାର ରକ୍ଷା ଲାଗି ଜୀବନ ଦେବାକୁ କେବେହେଲେ ପଶ୍ଚାତ୍‌ପଦ ହେବେନାହିଁ ।" ଜଣେ ଇଂରେଜୀ କବି କହିଥିଲେ "Cowards die many times before their death" ସୁରେନ୍ଦ୍ର ସାଏ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା, ଯାହାଙ୍କର ବୀରତ୍ୱର ପଟାନ୍ତର ନାହିଁ । ସ୍ୱାଧୀନତା ଆନ୍ଦୋଳନରେ ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା ଶୀର୍ଷ ସ୍ଥାନରେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ମରି ମଧ୍ୟ ଦେଶବାସୀଙ୍କ ନିକଟରେ ଚିରଦିନ ଅମର ହୋଇ ରହିବେ । ତାଙ୍କର ଦେଶପ୍ରୀତି ଓ ରଣକୌଶଳ ଅତୁଳନୀୟ । ତାଙ୍କର ନାମ ଇତିହାସରେ ଚିରଦିନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସା:ପୋ:–ମହିକୋ, ଭାୟା–କାନ୍ତୁଅପଡ଼ା,
ଜି:–ଜଗତସିଂହପୁର

# ସମ୍ବାଦ ପରିକ୍ରମା

## ଓଡ଼ିଶାର ବିଦ୍ୟୁତ୍ ପୁନର୍ଗଠନକୁ ଏସିଆନ୍ ଉନ୍ନୟନ ବ୍ୟାଙ୍କର ପ୍ରଶଂସା

ଶିଳ୍ପ କ୍ଷେତ୍ରରେ ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ପୁନର୍ଗଠନ ପ୍ରକ୍ରିୟାକୁ ଏସିଆନ୍ ଉନ୍ନୟନ ବ୍ୟାଙ୍କ୍ ଉଚ୍ଚ ପ୍ରଶଂସା କରିଛନ୍ତି । ଜେନେଭାଠାରେ ଅନୁଷ୍ଠିତ ବ୍ୟାଙ୍କ୍‌ର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥାପିତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱବ୍ୟାଙ୍କ୍ ସହାୟତାରେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ବିଦ୍ୟୁତ୍ ବିନିଯୋଗ ନିମନ୍ତେ ଏକ ସ୍ୱତନ୍ତ୍ର ନିୟନ୍ତ୍ରକ ସୃଷ୍ଟି ପାଇଁ ସକ୍ଷମ ହୋଇପାରିଛି । ଏହା ମଧ୍ୟ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ସଫଳତାର ସହିତ ପୃଥକ କରିପାରିଛି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ପୃଥକୀକରଣ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ଦ୍ୱାରା ସ୍ୱଚ୍ଛ ବିଦ୍ୟୁତ୍‌ଶକ୍ତି ବିନିଯୋଗ ତଥା ଯଥାର୍ଥ ବିଦ୍ୟୁତ୍ ଭଡ଼ା ଯୋଗୁଁ ସହଜ ହୋଇପାରିଛି ବୋଲି ବୈଠକରେ ଯୋଗ ଦେଇ ରାଜ୍ୟର ବରିଷ୍ଠ ସରକାରୀ କର୍ମକର୍ତ୍ତା ଶ୍ରୀ ଧୀରେନ୍ଦ୍ର ରାଏ ସୂଚନା ଦେଇଥିଲେ । ଏକ ଏସିଆନ୍ ଅର୍ଥନୈତିକ ମନିଟରିଂ ମେକାନିଜିମ୍ ପ୍ରସ୍ତୁତ କରି ଏହାକୁ ବୈଠକରେ ଯୋଗ ଦେଇଥିବା ଅର୍ଥମନ୍ତ୍ରୀମାନଙ୍କ ସ୍ୱାକ୍ଷର ପାଇଁ ବ୍ୟାଙ୍କ୍ ପକ୍ଷରୁ ଉପସ୍ଥାପନ କରାଯାଇଥିଲା । ଏହି ମେକାନିଜିମ୍ ନଅଗୋଟି ଏସିଆ ରାଷ୍ଟ୍ର ଓ ଦକ୍ଷିଣ କୋରିଆକୁ ପରସ୍ପରର ଆର୍ଥିକ ସ୍ଥିତି ମନିଟର କରିବା ସଙ୍ଗେ ସଙ୍ଗେ ଏ କ୍ଷେତ୍ରରେ ସମ୍ଭାବ୍ୟ ସଙ୍କଟ ସମ୍ପର୍କରେ ଆଗୁଆ ସତର୍କ କରାଇ ଦେବ ।

## ଧାମରା ବନ୍ଦର ବିକାଶ ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକ

ଧାମରା ବନ୍ଦର ବିକାଶ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ତାଙ୍କର ସଚିବାଳୟସ୍ଥ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଧାମରା ବନ୍ଦରର ସର୍ବାଙ୍ଗୀନ ବିକାଶ ତଥା ସ୍ଥାନୀୟ ଜନସାଧାରଣଙ୍କର ଉନ୍ନତି ଦିଗରେ ସଦାସର୍ବଦା ଚେଷ୍ଟା କରିଆସିଥିବା ପ୍ରକାଶ କରିଥିଲେ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ କହିବା ସହିତ ଏଦିଗରେ ଜନସାଧାରଣଙ୍କର ସହଯୋଗ ପୂର୍ଣ୍ଣମାତ୍ରାରେ ରହିଥିବା ପ୍ରକାଶ କରିଥିଲେ ।

ଇଣ୍ଟର ନ୍ୟାସନାଲ ସାମୁଦ୍ରିକ ବନ୍ଦର (ସିଃ ପୋର୍ଟ) ତରଫରୁ ଆର୍‌ଃ ରଙ୍ଗରାଜ ବନ୍ଦର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଆସନ୍ତା ଜୁନ୍ ମାସରୁ କାର୍ଯ୍ୟ ଆରମ୍ଭ ହୋଇ ଅଢ଼େଇ ବର୍ଷ ଭିତରେ ଭଦ୍ରକ–ଧାମରା ରେଳ ଲାଇନ୍ ଏବଂ ଜାତୀୟ ରାଜପଥ ତିଆରି କରାଯିବ ବୋଲି କହିଥିଲେ । ଧାମରାଠାରୁ ଶୁନ୍ଦବାଲି ଦେଇ ଯାଜପୁର ପର୍ଯ୍ୟନ୍ତ ନଦୀକୁ ଖୋଳାଇ ଜଳପଥରେ ପରିବହନ ବ୍ୟବସ୍ଥା କରିବା ପାଇଁ କମ୍ପାନୀ ବିଚାର କରୁଥିବା ପ୍ରକାଶ କରିଥିଲେ । ଧାମରା–ଶୁନ୍ଦବାଲି ଅଞ୍ଚଳରେ ଶିଳ୍ପ ପାର୍କ ପ୍ରତିଷ୍ଠା କରିବା ସହିତ ପରିବେଶ ସୁନ୍ଦର କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗର ସନ୍ତ୍ରାସବାଦ ବିରୋଧୀ ଦିବସ

ଗତ ମଇ ୨୧ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସନ୍ତ୍ରାସବାଦ ବିରୋଧୀ ଦିବସ ପାଳନ କରାଯାଇଛି । ଦେଶରୁ ବିଭେଦକାରୀ ଶକ୍ତିର ବିଲୋପ ତଥା ଶାନ୍ତି, ଅହିଂସା ଓ ସହନଶୀଳତା ସ୍ଥାପନର ଲକ୍ଷ୍ୟ ନେଇ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ର ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭାରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ୧୯୯୨ ମସିହାରୁ ଏହି ଦିବସଟିକୁ ସନ୍ତ୍ରାସବାଦ ବିରୋଧୀ ଦିବସ ଭାବରେ ଭାରତ ସରକାର ପାଳନ କରିବାକୁ ସ୍ଥିର କରିଥିଲେ । ତଦନୁଯାୟୀ ରାଜ୍ୟର ବିଭିନ୍ନ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏହି ଦିବସ ପାଳନ କରାଯାଉଅଛି । ଏହି ଉତ୍ସବରେ ନିମ୍ନୋକ୍ତ ଶପଥପାଠ କରାଯାଇଥିଲା ।

"ଆମେ ଭାରତୀୟ ନାଗରିକମାନେ ଆମ ଦେଶର ଅହିଂସା ଓ ସହନଶୀଳତାର ପରମ୍ପରା ଉପରେ ଦୃଢ଼ ବିଶ୍ୱାସ ରଖି ଏଥିସହିତ ନିଷ୍ଠାପୂର୍ବକ ଶପଥ ନେଉଅଛୁ ଯେ ଆମେ ଆମର ସମସ୍ତ ଶକ୍ତି ସହିତ ଆତଙ୍କବାଦ ଏବଂ ହିଂସାର ବିରୋଧ କରିବୁ । ଆମେମାନେ ସମାଜ ମଧ୍ୟରେ ସାମାଜିକ ସଦ୍‌ଭାବ ଏବଂ ବୁଝାମଣା ତଥା ଶାନ୍ତି ବଜାୟ ରଖିବା ପାଇଁ ଏବଂ ମାନବ ଜୀବନ ଓ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରୁଥିବା ବିଭେଦକାରୀ ଶକ୍ତିମାନଙ୍କ ସହ ସଂଗ୍ରାମ କରିବାକୁ ଶପଥ ନେଉଅଛୁ ।"

ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମେଘନାଦ ଷଡ଼ଙ୍ଗୀ, ଉପ ଶାସନ ସଚିବ

ଶ୍ରୀ ଜମିଲ ଅହମ୍ମଦ ଖାଁ, ଶ୍ରୀ ଅଭୟ ଚରଣ ମହାପାତ୍ର, ଶ୍ରୀ ତାରାକାନ୍ତ ମହାନ୍ତିଙ୍କ ସମେତ ସମସ୍ତ ଉଚ୍ଚ ବିଭାଗ ଅଧିକାରୀ ଓ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଓଡ଼ିଶାର ଶିଳ୍ପ ବିକାଶ ସମ୍ପର୍କରେ ଶିଳ୍ପମନ୍ତ୍ରୀଙ୍କ ସହିତ ଆମେରିକାର ରାଷ୍ଟ୍ରଦୂତଙ୍କ ଆଲୋଚନା

ଶକ୍ତି ସଂସ୍କାର କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକାକୁ ଆମେରିକାର ରାଷ୍ଟ୍ରଦୂତ ମି଼ ଫ୍ରିସ୍ବର୍ଡ଼ ଏସ୍‌଼ ସେଲେଷ୍ଟେ ଉଚ୍ଚ ପ୍ରଶଂସା କରିଛନ୍ତି । ଭୁବନେଶ୍ୱର ସଚିବାଳୟଠାରେ ଆମେରିକା ରାଷ୍ଟ୍ରଦୂତ ଫ୍ରିସ୍ବର୍ଡ଼ ଏସ୍‌଼ ସେଲେଷ୍ଟେ, ରାଜ୍ୟ ଶିଳ୍ପମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହିତ ରାଜ୍ୟର ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ବେଳେ କହିଲେ ଯେ, ଓଡ଼ିଶାର ଶକ୍ତି କ୍ଷେତ୍ରରେ ଆମେରିକା କମ୍ପାନୀ ଏ଼ ଇ଼ ଏସ୍‌଼ ପ୍ରବେଶ କରିବା ଫଳରେ ଓଡ଼ିଶାକୁ ଅଧିକରୁ ଅଧିକ ପୁଞ୍ଜି ଆସିପାରିବ । ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ନିମନ୍ତେ ରାଜ୍ୟ ସରକାର ଅନୁକୂଳ ପରିବେଶ ସୃଷ୍ଟି କରିଥିବାରୁ ସେଲେଷ୍ଟେ ଗଭୀର ଆନନ୍ଦ ପ୍ରକାଶ କରିଥିଲେ । ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବୈଦେଶିକ ପୁଞ୍ଜି ବିନିଯୋଗର ସମ୍ଭାବନା ଅଧିକ ଥିବାରୁ ଏହାର ବିକାଶ ପାଇଁ ରାଜ୍ୟ ସରକାର ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ ।

ରାଷ୍ଟ୍ରଦୂତ କହିଲେ ଯେ ରାଜ୍ୟର ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଅଧିକ ସମ୍ଭାବନା ଥିବାରୁ ଏଥିପାଇଁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ସହ ବୈଦେଶିକ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ଆବଶ୍ୟକ । ଶିଳ୍ପମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଷ୍ଟ୍ରଦୂତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ରାଜ୍ୟର ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ପୁଞ୍ଜି ବିନିଯୋଗର ସୁବିଧା ରହିଥିବା ଓ ଏ ସମ୍ପର୍କୀୟ ଏକ ପ୍ରସ୍ତାବ ସମ୍ପର୍କରେ ଏକ ସବିଶେଷ ରିପୋର୍ଟ ପ୍ରଦାନ କରିଥିଲେ । ଉଲ୍ଲେଖ ଯୋଗ୍ୟ ଯେ ଇ଼ଏସ୍‌଼ଆର଼ଇ଼ ରିପୋର୍ଟ ଅନୁଯାୟୀ ବୈଦେଶିକ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି ।

## ରାଜଧାନୀ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ରାଜଧାନୀ ଭୁବନେଶ୍ୱର ସହରର ପ୍ରତିଷ୍ଠା ଦିବସ ଗତ ଏପ୍ରିଲ ୧୩ ତାରିଖରେ ଏଠାରେ ଉତ୍ସାହ ଉଦ୍ଦୀପନା ସହିତ ସମ୍ପନ୍ନ ହୋଇଛି । ରାଜଧାନୀ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପଲକ୍ଷେ ଏକାଧିକ ଉତ୍ସବାନୁଷ୍ଠାନ ଆୟୋଜିତ ହେବା ସଙ୍ଗେ ସଙ୍ଗେ ନୂତନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ଏହାଛଡ଼ା କେତେକ କଲ୍ୟାଣମୂଳକ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରାଯାଇଛି ।

ରାଜଧାନୀ ପ୍ରତିଷ୍ଠା ଉତ୍ସବ କମିଟି ଆନୁକୂଲ୍ୟରେ ସ୍ଥାନୀୟ ପି଼ଏମ଼ଜି଼ ଛକ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ ନିକଟରେ ଆୟୋଜିତ ଏକ ବେସାମରିକ ପ୍ୟାରେଡ୍‌ରେ ରାଜଧାନୀର ପ୍ରାୟ ୫୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ୧୯୪୮ ମସିହା ଅପ୍ରେଲ ୧୩ ତାରିଖରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହି ସହର ନିମନ୍ତେ ଶିଳାନ୍ୟାସ କରିଥିଲେ । ଏହି ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ଚିନ୍ତାମଣି ଧ୍ୟାନସାମନ୍ତରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅଭିବାଦନ ଗ୍ରହଣ କରି କହିଥିଲେ ଯେ, ଭୁବନେଶ୍ୱର ସହରର ଉନ୍ନତି ସହିତ ପରିଷ୍କାର ପରିଚ୍ଛନ୍ନତା ରକ୍ଷା ଏକାନ୍ତ ଆବଶ୍ୟକ । ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ସେ କହିଲେ ଯେ, ବର୍ତ୍ତମାନରେ ବହୁ ସଂଖ୍ୟାରେ ବୃକ୍ଷରୋପଣ କରାଯାଇଛି । ରାଜଧାନୀରୁ ଯେଉଁ ବସ୍ତିବାସିନ୍ଦାମାନଙ୍କୁ ଉଚ୍ଛେଦ କରାଯାଉଛି, ସେମାନଙ୍କ ଥଇଥାନ ପାଇଁ ଅଗ୍ରାଧିକାର ଭିତ୍ତିରେ ଉଦ୍ୟମ ହେବା ଆବଶ୍ୟକ ବୋଲି ବାଚସ୍ପତି ମତବ୍ୟକ୍ତ କରିଥିଲେ ।

ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି ବିଗତ ୫୦ ବର୍ଷ କାର୍ଯ୍ୟାବଳୀ ସମ୍ପର୍କରେ ଆତ୍ମସମୀକ୍ଷା କରିବା ସହିତ ଏହାର ବିକାଶ ନିମନ୍ତେ ସଂକଳ୍ପବଦ୍ଧ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ ।

ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଜୟଦେବ ଜେନା କହିଲେ ଯେ, କୌଣସି ରାଜ୍ୟର ସ୍ୱାଭିମାନର ପରିପ୍ରକାଶ ସେହି ରାଜ୍ୟର ରାଜଧାନୀର ବିକାଶରୁ ହିଁ ପ୍ରତୀୟମାନ ହୋଇଥାଏ ।

ଭୁବନେଶ୍ୱର ସାଂସଦ ଡ଼ଃ ପ୍ରସନ୍ନ କୁମାର ପାଟଶାଣୀ ରାଜଧାନୀର ବସ୍ତିବାସିନ୍ଦାଙ୍କ ଥଇଥାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ସ୍ୱର୍ଗତ ଜବାହରଲାଲ ନେହେରୁ ଓ ଡ଼ଃ ହରେକୃଷ୍ଣ ମହତାବଙ୍କ ମୂର୍ତ୍ତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷ ଡାକ୍ତର ଜଗନ୍ନାଥ ମହାପାତ୍ର ରାଜଧାନୀକୁ ଏକ ଆଦର୍ଶ ସହର ରୂପେ ଗଢ଼ି–ତୋଳିବାକୁ ଆହ୍ୱାନ ଦେଇଥିବାବେଳେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଅମରନାଥ ପ୍ରଧାନ ସୁବର୍ଣ୍ଣ ଜୟନ୍ତୀ ଅବସରରେ ରାଜଧାନୀ ବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ଶ୍ରୀ ସନତ ମିଶ୍ର ବିବରଣୀ

ପାଠ କରିଥିଲେ । ରାଜଧାନୀ ଦିବସ ଉପଲକ୍ଷେ ସୁରେନ୍ଦ୍ର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ 'କ୍ୟାପିଟାଲ ପୋଷ୍ଟର'ର ବିଶେଷ ସଂଖ୍ୟାକୁ ବାଚସ୍ପତି ଉନ୍ମୋଚନ କରିଥିଲେ ।

ବେସାମରିକ ପ୍ୟାରେଡ୍ ଉତ୍ସବ ପରେ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ରାସ୍ତା ଉପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ନଗରପାଳ ଶ୍ରୀ ଗୁଣନିଧି ମହାପାତ୍ର, ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସର ଚିଫ୍ କମିଶନର ଶ୍ରୀ କାଳି ପ୍ରସାଦ ମିଶ୍ର ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ । କମିଟିର ଉପ ସଭାପତି ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସାମ୍ବାଦିକ ଶ୍ରୀ ପ୍ରସନ୍ନ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ ।

## ଭାରତ ରତ୍ନ ଡଃ ବି: ଆର୍: ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଗତ ଏପ୍ରିଲ ୧୪ ତାରିଖରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଡଃ ଆମ୍ବେଦକର, ଜୟନ୍ତୀ କମିଟି ଏବଂ ଓଡ଼ିଶା ଆଦିବାସୀ, ହରିଜନ ବିଧାୟକ ପରିଷଦର ମିଳିତ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡଃ ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ୧୦୭ ତମ ଜୟନ୍ତୀ ସମାରୋହ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ଆଦିବାସୀ, ହରିଜନ ବିଧାୟକ ପରିଷଦ ଏବଂ ଅନ୍ୟାନ୍ୟ ଆଦିବାସୀ, ହରିଜନ କଲ୍ୟାଣ ପରିଷଦର ମିଳିତ ଉଦ୍ୟମରେ ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳୀ ଏ: ଜି: ଛକଠାରେ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଡଃ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉନ୍ମୋଚନ କରିଥିଲେ ।

ପରେ ଏହି ଉପଲକ୍ଷେ ସ୍ଥାନୀୟ ପି: ଏମ୍: ଜି ଛକଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡଃ ଆମ୍ବେଦକରଙ୍କ ଅମ୍ଳାନ ସ୍ମୃତି ସ୍ମରଣ ପୂର୍ବକ କହିଲେ ଯେ ଦଳିତ, ନିପୀଡ଼ିତ ଜନତାଙ୍କ ମୁକ୍ତି ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ମୁଖ୍ୟମନ୍ତ୍ରୀ ତାଙ୍କୁ ମହାଭାରତ ପୁରାଣର କର୍ଣ୍ଣଙ୍କ ସହିତ ତୁଳନା କରି କହିଲେ ଯେ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ସ୍ୱାର୍ଥରକ୍ଷା ନିମନ୍ତେ ସମ୍ବିଧାନରେ ଯେଉଁ ବ୍ୟବସ୍ଥା କରିଯାଇଛନ୍ତି, ସେଥିପାଇଁ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏହି ଅବସରରେ କେନ୍ଦ୍ରୀୟ ସ୍ତରରେ ରାଜ୍ୟର ଆଦିବାସୀ ଓ ହରିଜନ ସ୍ୱାର୍ଥରକ୍ଷା ପାଇଁ ଏକ କମିଶନ୍ ଗଠନ କରାଯିବ ଏବଂ ଭୁବନେଶ୍ୱରଠାରେ ଆମ୍ବେଦକର ଭବନ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଉତ୍ସବରେ ଡଃ ରାମକୃଷ୍ଣ ମହାନନ୍ଦଙ୍କ ଦ୍ୱାରା ରଚିତ ପୁସ୍ତକ 'ଯୁଗସ୍ରଷ୍ଟା ଆମ୍ବେଦକର'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବା ସହିତ ଡଃ ଆମ୍ବେଦକର ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ ଶ୍ରୀ ଦାମୋଦର ରଣାଙ୍କୁ ଉପାୟନ ପ୍ରଦାନ କରି ସମ୍ମାନିତ କରିଥିଲେ ।

ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ସଭାପତିତ୍ୱ କରି କହିଲେ ଯେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡଃ ଆମ୍ବେଦକର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଥିବା ବୈଷମ୍ୟ ଦୂର କରି ସମତାଭିତ୍ତିକ ସମାଜ ଗଠନ ପାଇଁ ଯେଉଁ ସାମ୍ବିଧାନିକ ବ୍ୟବସ୍ଥା କରିଯାଇଛନ୍ତି, ଦଳିତ ବର୍ଗ ଶିକ୍ଷିତ ଓ ସଙ୍ଗଠିତ ହୋଇ ସେହି ସାମ୍ବିଧାନିକ ଅଧିକାରକୁ ହାସଲ କରିବା ଦିଗରେ ବ୍ରତୀ ହେବା ଉଚିତ । ମୁଖ୍ୟମନ୍ତ୍ରୀ ଡଃ ଆମ୍ବେଦକରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନପାଇଁ ରାଜଧାନୀର ପ୍ରମୁଖ ସ୍ଥାନ ଏ: ଜି ଛକରେ ଜାଗା ଦେଇଥିବାରୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ତାଙ୍କୁ ବଧେଇ ଜଣାଇଥିଲେ ।

ଏହି ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସ୍ୱାଗତ ଭାଷଣ ଦେଇ ଡଃ ଆମ୍ବେଦକରଙ୍କ ଜୀବନୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କହିଲେ ଯେ ଯେଉଁମାନେ ସମାଜର ତଳେ ପଡ଼ି ରହିଛନ୍ତି, ସାମାଜିକ ନିର୍ଯ୍ୟାତନା ଭୋଗୁଛନ୍ତି ଓ ଯେଉଁମାନଙ୍କର ଅର୍ଥନୈତିକ ବିକାଶ ହୋଇନାହିଁ, ସେମାନଙ୍କୁ ଉଦ୍ଧାର କରିବା ହିଁ ଆଜିର ମହାନ୍ କର୍ତ୍ତବ୍ୟ ।

ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଯେଉଁ ଆଦିବାସୀ, ହରିଜନମାନେ ମୂଲ ଲାଗୁଛନ୍ତି, ଭବିଷ୍ୟତରେ ସେମାନଙ୍କ ପିଲାମାନେ ଯେପରି ମୂଲ ନଲାଗନ୍ତି, ସେଥିପ୍ରତି ସେମାନେ ସଚେତନ ହେବା ଉଚିତ । ରାଜ୍ୟ ସରକାର ସେମାନଙ୍କର ଅର୍ଥନୈତିକ ବିକାଶ ନିମନ୍ତେ ଅଙ୍ଗୀକାରବଦ୍ଧ ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗିରିଧର ବେହେରା ଓ ଗଣଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟଦେବ ଜେନା ଡଃ ଅମ୍ବେଦକରଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ହରିଜନ, ଆଦିବାସୀ ବିଧାୟକ ପରିଷଦର ସମ୍ପାଦକ ଶ୍ରୀ ସୁର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମରିକ ଓ ବେସାମରିକ ପ୍ରଶାସନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ସାମରିକ ଓ ବେସାମରିକ ପ୍ରଶାସନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଲୋଡ଼ା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି ।

ଭୁବନେଶ୍ୱର ନାଲ୍‌କୋ ଭବନଠାରେ ଅନୁଷ୍ଠିତ ସାମରିକ-ବେସାମରିକ ସମନ୍ୱୟ ସମ୍ମିଳନୀ ଉଦ୍‌ଘାଟନ କରି

ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମ ରାଜ୍ୟରେ ଦରକାର ସମୟରେ, ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ବେଳେ, ସାମରିକ କର୍ମଚାରୀମାନଙ୍କ ସେବା ଓ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ । କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର ଓ ତ୍ରାଣ କାର୍ଯ୍ୟରେ ସେମାନଙ୍କର ସହଯୋଗ ଲୋକମାନଙ୍କ ମନୋବଳକୁ ଅତୁଟ ରଖିଥାଏ ।

ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଶୃଙ୍ଖଳିତ ସେନାବାହିନୀର ବଳିଷ୍ଠ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଜାମ୍ମୁ ଓ କାଶ୍ମୀର ସୀମାନ୍ତରେ ଆମ ରାଜ୍ୟର ତାଲିମପ୍ରାପ୍ତ ସୈନିକମାନେ ସେମାନଙ୍କର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି ।

ପ୍ରତିରକ୍ଷା ବିଭାଗର ବିଭିନ୍ନ ଶାଖାରେ ଓଡ଼ିଶାର ଯୁବକମାନଙ୍କୁ ଅଧିକ ସଂଖ୍ୟାରେ ନେବାପାଇଁ ସେ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଷ୍ଟ୍ରର ଅଗ୍ରଗତି ପାଇଁ ରାଜନୈତିକ ସ୍ଥିରତା ଓ ଅର୍ଥନୈତିକ ଦୃଢ଼ତା ଏକାନ୍ତ ଆବଶ୍ୟକ । ସାମରିକ ଓ ବେସାମରିକ ପ୍ରଶାସନ ମଧ୍ୟରେ ଖୋଲା ଭାବ ବିନିମୟ ହେବ ଓ ଅଧିକ ସମନ୍ୱୟ ପ୍ରତିଷ୍ଠିତ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ ।

ଲେଫଟନାଣ୍ଟ ଜେନେରାଲ ଶ୍ରୀ ସୁରଜିତ ସାଙ୍ଗ୍ରା ପୂର୍ବତନ ସାମରିକ କର୍ମଚାରୀମାନଙ୍କର ସେବାକୁ ଠିକ ଭାବରେ ଉପଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ ।

## କୃଷି କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଓଡ଼ିଶାରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ କୃଷିକ୍ଷେତ୍ରରେ ଏକ ବିପ୍ଳବ ଆଣିବା ଏକାନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଧୁପୁର ଗ୍ରାମରେ ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ କୃଷକ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟ ସରକାରଙ୍କ ପ୍ରବର୍ତ୍ତିତ ନୂତନ କୃଷିନୀତିରେ ଗରିବ ଓ ମଧ୍ୟବିତ୍ତ ଚାଷୀମାନଙ୍କ ପାଇଁ ବିପୁଳ ସୁବିଧାସୁଯୋଗ ରଖାଯାଇଛି । ରାଜ୍ୟର ଯୁବକମାନଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ନେବାପାଇଁ ଆହ୍ୱାନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମ ରାଜ୍ୟର ଯୁବକ ଚାକିରି ପଛରେ ନଗୋଡ଼ାଇ ସ୍ୱାବଲମ୍ବୀ ହେବାପାଇଁ କୃଷିକ୍ଷେତ୍ରରେ ମନୋନିବେଶ କରିବା ଉଚିତ । ଏଥିପାଇଁ କୃଷିଭିତ୍ତିକ କଳକାରଖାନା ଓ ଶୀତଳ ଭଣ୍ଡାର ବସାଇବା ପାଇଁ ୫୦ ହଜାର ଟଙ୍କାରୁ ୭୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା କୃଷିନୀତିରେ ରଖାଯାଇଛି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶା ଏକ ଦରିଦ୍ର ରାଜ୍ୟରେ ପରିଣତ ହୋଇଛି, କାରଣ ଓଡ଼ିଶାର ଚାଷୀମାନେ ଉନ୍ନତ ଉତ୍କୃଷ୍ଟ ବିହନ, ସାର, ଜୈବିକ ସାର, କୃଷି ଯନ୍ତ୍ରପାତି, ସରକାରୀ ସାହାଯ୍ୟ ଓ ଜଳସେଚନର ପ୍ରୟୋଗ ନେଇ ଚାଷୀମାନେ ଗୋଟିଏ ଫସଲ ଯାଗାରେ ୨–୩ଟି ଫସଲ ଆଦାୟ କରିବେ ଓ ଉତ୍ପାଦନ ୩–୪ ଗୁଣ ବଢ଼ିପାରିବ । ଫଳରେ ଆମର ଗରିବ ଅବସ୍ଥା ଦୂର ହୋଇପାରିବ ।

ଆଧୁନିକ କୃଷିପ୍ରଣାଳୀ ଅବଲମ୍ବନ କରିବା ପାଇଁ ରାଜ୍ୟରେ ୫ ଲକ୍ଷ ଚାଷୀଙ୍କୁ ସଚେତନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ସମସ୍ତ ପଞ୍ଚାୟତରେ କୃଷି ପ୍ରଦର୍ଶନୀ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । କୃଷି ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ କହିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ କୃଷିନୀତି ସାରା ଭାରତରେ ଅଦ୍ୱିତୀୟ । ୩ ବର୍ଷ ତଳେ ଆମ ରାଜ୍ୟରେ ୮୦ ହଜାର କ୍ୱିଣ୍ଟାଲ ଧାନବିହନ ଉତ୍ପାଦନ ହେଉଥିବାବେଳେ ତାହା ବର୍ତ୍ତମାନ ଅଢ଼େଇ ଲକ୍ଷ କ୍ୱିଣ୍ଟାଲରେ ପହଞ୍ଚିପାରିଛି । ସେହିପରି ବର୍ଷ ଧରି ସାର ପ୍ରୟୋଗର ମାତ୍ରା ଏକର ପିଛା ୨୦ କିଲୋଗ୍ରାମ ଥିଲାବେଳେ ଚଳିତ ବର୍ଷ ତାହା ୭୦ କେ.ଜି. କୁ ବୃଦ୍ଧି ପାଇଛି । ଗବେଷଣା ଲବ୍ଧ ବୈଷୟିକ ଜ୍ଞାନ ସିଧାସଳଖ ଚାଷୀପାଖରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଏହି ସଭାରେ କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସାଂସଦ ଶ୍ରୀ ରାମଚନ୍ଦ୍ର ମଲ୍ଲିକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଅନିଳବାଳା ଦାସ ସେମାନଙ୍କ ଭାଷଣରେ ଆଞ୍ଚଳିକ ସମସ୍ୟା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଅଗଭୀର ନଳକୂପ ଦ୍ୱାରା ଜଳସେଚନ କରି ସଫଳତା ହାସଲ କରିଥିବା ୨ ଜଣ ଚାଷୀ ଶ୍ରୀ ନୀଳମାଧବ ନାୟକ ଓ ଶ୍ରୀ କୈଳାସ ଚନ୍ଦ୍ର ପ୍ରଧାନ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଗ୍ରାମରେ ଅଗଭୀର ନଳକୂପ ଦ୍ୱାରା ଜଳସେଚନ କରାଯାଇ ପ୍ରାୟ ପାଞ୍ଚଶହ ଏକର ଜମିରେ କରାଯାଇଥିବା ଡାଲୁଅ ଧାନଫସଲ ପରିଦର୍ଶନ କରିଥିଲେ ଏବଂ କୃଷି ଯନ୍ତ୍ରପାତି, ସାର ବିହନର ଏକ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

ଅକ୍ଷୟ ତୃତୀୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଅକ୍ଷିମୁଠି ଅନୁକୂଳ କରିଥିଲେ ।


OGP—MP—PTS (I. & P. R.) 4—5,000—7-9-1994



ଭୁବନେଶ୍ୱର ବିମାନଘାଟୀଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି (୧୭–୪–୧୯୯୮)।



କଳିଙ୍ଗ ଷ୍ଟାଡିୟମ୍‌ଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ଏକ ସର୍ବଧର୍ମ ପ୍ରାର୍ଥନା ସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ (୧୭–୪–୧୯୯୮)।



ଭୁବନେଶ୍ୱର ଏ. ଜି. ଛକଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଡକ୍ଟର ଆମ୍ବେଦକରଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି (୧୪-୪-୧୯୮୭)।



ରବିବାଳୟ ସମ୍ମିଳନୀ ଗୃହରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି (୮-୪-୧୯୮୭)।




ରାଜ୍ୟ ଅଭିଲେଖାଗାରଠାରେ ବୃହତ୍ତର ଓଡ଼ିଶା ଗଠନ ସମ୍ପର୍କରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି (୧-୪-୧୯୯୮)।



ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ ଲକ୍ଷ ଟଙ୍କାର ଏକ      ଚେକ୍ ପ୍ରଦାନ କରାଯାଉଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ, ଶାସନ ସଚିବ ତଥା ନିଗମର ଅଧ୍ୟକ୍ଷ ଶ୍ରୀ ପ୍ରସନ୍ନ କୁମାର      ଦୋରା ଓ ନିଗମର ନିର୍ଦ୍ଦେଶକ ଶ୍ରୀ      ଅମୃତଲିଙ୍ଗମ୍ ଉପସ୍ଥିତ ଅଛନ୍ତି (୨୦-୨-୧୯୯୮)।



କଟକ ମହାନଗର ନିଗମ ଆନୁକୂଲ୍ୟରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ 'ଶ୍ରୀବାଟିକା ପ୍ରକଳ୍ପ'ର ଶିଳାନ୍ୟାସ କରୁଛନ୍ତି (୧-୪-୧୯୯୮)।



କଟକ ରିଜର୍ଭ ପୋଲିସ୍ ପଡ଼ିଆରେ ଓଡ଼ିଶା ଆରକ୍ଷୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି ।




ରଘୁନାଥପୁରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବ୍ୟବସାୟ ପ୍ରଶାସନ ଓ ତାଲିମ (ଇବାଟ) ଅନୁଷ୍ଠାନର ଶିଳାନ୍ୟାସ କରୁଛନ୍ତି (୧୫-୪-୧୯୯୮)



ସୂଚନା ଭବନଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ୫୪ତମ ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳନ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ, ଗିରାବିତ୍ ଡକ୍ଟର ଜଗନ୍ନାଥ ପଟ୍ଟନାୟକ, ବିଧାୟକ ଗୁପ୍ତ ପ୍ରସାଦ ଦାସ, ସୂଚନା ଓ ଲୋକ ସମ୍ପର୍କ ପ୍ରମୁଖ ଶାସନ ସଚିବ ଶ୍ରୀ ରାଜୀବ ଲୋଚନ ହୋତା ଓ ନିର୍ଦ୍ଦେଶକ ଶ୍ରୀ ଏସ୍. ଏନ୍. ତ୍ରିପାଠୀ (୨୯-୩-୧୯୯୭) ।



ଶ୍ରୀଜଗନ୍ନାଥ ଗବେଷଣା ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରସିଦ୍ଧ ଜର୍ମାନ ଗବେଷକ ପ୍ରଫେସର ହରମାନ୍ କୁଲ୍‌କେଙ୍କୁ ନବକଳେବର ପୁରସ୍କାର-୧୯୯୭ ପ୍ରଦାନ କରୁଛନ୍ତି (୨୪-୩-୧୯୯୮)।



ଧାମରା ବନ୍ଦରର ସମ୍ପ୍ରସାରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆନ୍ତର୍ଜାତିକ ସାମୁଦ୍ରିକ ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ। ଆମେରିକାର ରାଷ୍ଟ୍ରଦୂତ ଶ୍ରୀ ରିଚାର୍ଡ ଏଫ୍. ସିଲେଷ୍ଟ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଶ୍ରୀ ହେମାନନ୍ଦ ବିଶ୍ୱାଳ, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଅଛନ୍ତି (୭-୪-୧୯୯୮)।



ଆଜି ରେ: ପାର୍ଟୀ ସ୍ମୃତି ଭବନରେ ଆୟୋଜିତ ୪୬ତମ ବରିଷ୍ଠ ପୋଲିସ୍ ଅଧିକାରୀମାନଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି (୮-୪-୧୯୯୮)।





ନୂଆପଡ଼ା ଜିଲ୍ଲାରେ ଉତ୍କଳ ଦିବସ ପାଳନ ଉପଲକ୍ଷେ ଭାରତୀୟ ବେତାର ସଂସ୍ଥା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳ ଦିବସ ଉତ୍ସବରେ ରାଜ୍ୟ କୃଷି ମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ର ଭାଷଣ ଦେଉଛନ୍ତି (୧-୪-୧୯୯୮)।




ଭୁବନେଶ୍ୱର ସିଭିଲ୍ କୋର୍ଟ ପରିସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ଏନ୍. ଫୁକନ୍ ନୂତନ କୋର୍ଟ ଗୃହର ଶିଳାନ୍ୟାସ କରୁଛନ୍ତି । ମାନ୍ୟବର ଜଷ୍ଟିସ୍ ଅରିଜିତ୍ ପଶାୟତ ଉପସ୍ଥିତ ଅଛନ୍ତି (୨୩-୩-୧୯୯୮) ।





ସୂଚନା ଭବନଠାରେ ଶହୀଦ୍ ରଘୁ ଦିବାକର ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, କୃଷି ମନ୍ତ୍ରୀ ଶ୍ରୀ ରମାକାନ୍ତ ମିଶ୍ର ଓ ଅବକାରୀ ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ (୪-୪-୧୯୯୮)



ଭୁବନେଶ୍ୱର ଆଦିବାସୀ ପଡ଼ିଆଠାରେ ସପ୍ତାହ ବ୍ୟାପୀ ଆୟୋଜିତ ଆଦିବାସୀ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି (୨-୪-୧୯୯୮) ।



ସଚିବାଳୟ ସମ୍ମିଳନୀ ଗୃହରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭାଷଣ ଦେଉଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଉପସ୍ଥିତ ଅଛନ୍ତି (୮-୪-୧୯୯୮) ।





INDO-AMERICAN CHAMBER OF COMMERCE

Licence No. C.R.N.P. 5—Licensed to post without Pre-payment




ଭୁବନେଶ୍ୱରଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଉଦ୍‌ଘାଟନ କରୁଛନ୍ତି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ଅନନ୍ତ କୁମାର, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ମାନ୍ୟବର ରାଜ୍ୟପାଳ ଶ୍ରୀ କେ. ଭି. ରଘୁନାଥ ରେଡ୍ଡୀ, କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କୋଇଲା ମନ୍ତ୍ରୀ ଶ୍ରୀ ଦିଲୀପ ରାୟ, ଭୂପୃଷ୍ଠ ପରିବହନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରସନ୍ନ ପାଟଶାଣୀ ଉପସ୍ଥିତ ଅଛନ୍ତି (୧୭-୪-୧୯୯୮) ।



ରାଜଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଭେଟି ଆଲୋଚନା କରୁଛନ୍ତି (୧୭-୪-୧୯୯୮) ।

# ଉତ୍କଳ ପ୍ରସଙ୍ଗ

ରଥଯାତ୍ରା ବିଶେଷାଙ୍କ

ଜୁନ-୯୮

